

‘ରାକ୍ଷସ’ରେ ରଣବୀର

▶ପୃଷ୍ଠା ୧୪ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-307 ◆BHUBANESWAR ◆SATURDAY ◆4 MAY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୦୭ ◆ଭୁବନେଶ୍ୱର ◆ଶନିବାର ◆୪ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦







## ଆସ୍କା ଓ କନ୍ଧମାଳ ଲୋକସଭା କ୍ଷେତ୍ରରେ ପାଣ୍ଡିଆନଙ୍କ ପ୍ରଚାର

# ଓଡ଼ିଶାର ବିକାଶ ବିରୋଧୀଙ୍କ ଆଖିରେ କଣ୍ଟା

■ **ଭୁବନେଶ୍ୱର, ୩।୫ (ସମିସ):** ସେମାନେ ଶାସକ ଦଳକୁ ବିରୋଧ କରୁ ନାହାନ୍ତି; ବରଂ ବିକାଶକୁ ବିରୋଧ କରୁଛନ୍ତି। ଓଡିଶାର ସବୁ ବିକାଶ କାମକୁ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି ବନ୍ଦ କରିବାକୁ ବିଧିବଦ୍ଧ ଯୋଜନା ଚଳାଇଛନ୍ତି। କିଛିଦିନ ପୂର୍ବରୁ ମା'ମାନଙ୍କ ଦୁବାଇ ଯିବା ବନ୍ଦ କରିଛନ୍ତି। ବିରୋଧୀଙ୍କୁ ମୁଁ ଆହ୍ୱାନ କରୁଛି, ସେମାନେ ଆସନ୍ତୁ; ଦେଖନ୍ତୁ ନବୀନ ବାବୁଙ୍କ ପ୍ରତି କିପରି ରହିଛି ଜନ ସମର୍ଥନ, କିପରି ଅଛି ଭଲ ପାଇବା। ଏତେ ଖରାରେ ମଧ୍ୟ ଏ ବିଶାଳ ଜନସମୁଦ୍ର ଦେଖିଲେ ସେମାନେ ଠିକ୍ ବୁଝିପାରିବେ ବୋଲି କହିଛନ୍ତି ବିଜେଡିର ବରିଷ୍ଠ ନେତା ତଥା ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। କନ୍ଧମାଳ ସଂସଦୀୟ କ୍ଷେତ୍ରର ଭଞ୍ଜନଗର, ଆସ୍କାରେ ଶୁକ୍ରବାର ଶ୍ରୀ ପାଣ୍ଡିଆନ ଦଳୀୟ ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ ଓ ବିକ୍ରମ କେଶରୀ ଆରୁଖଙ୍କ ପାଇଁ ଏବଂ ଆସ୍କା ଲୋକସଭା ପ୍ରାର୍ଥୀ ରଞ୍ଜିତା ସାହୁ, ସାନଖେମୁଣ୍ଡି ବିଧାୟକ ପ୍ରାର୍ଥୀ ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ, ପୋଲସରା ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ଓ ସୋରଡା ବିଧାୟକ ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁଙ୍କ ସପକ୍ଷରେ ଡବଲ ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ନିଜ ଭାଷଣରେ ବିରୋଧୀଙ୍କୁ ତୀବ୍ର ସମାଲୋଚନା କରି ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ନବୀନ ସରକାର ହେଉଛି ସାଢେ ଚାରି କୋଟି ଓଡିଆଙ୍କ ସରକାର। ଲୋକେ ଯାହା କହୁଛନ୍ତି ମୁଖ୍ୟମନ୍ତ୍ରୀ ତାହା କରୁଛନ୍ତି। ଦେଶରେ ଏପରି କୌଣସି ରାଜ୍ୟରେ ଲୋକତନ୍ତ୍ରର ଏପରି ଅନନ୍ୟ ପରିଭାଷା ଦେଖାଯାଏ ନାହିଁ। ▶ପୃଷ୍ଠା-୯



**ଚଳାଇଛନ୍ତି ବିଏସ୍‌କେୱାଇ, ମିଶନ୍ ଶକ୍ତିକୁ ବନ୍ଦ ଷଡ଼ଯନ୍ତ୍ର**

**ବିରୋଧୀଙ୍କ ନିଦ ହଜେଇ ଦେଇଛି ବିଶାଳ ଜନସମୁଦ୍ର**



**ତଥାପି ଡରାଉଛି ତାତି**

# ବୌଦ୍ଧ @୪୪.୬ ସବୁଠୁ ଉତ୍ତପ୍ତ

■ **ଭୁବନେଶ୍ୱର, ୩।୫ (ସମିସ):** ରାଜ୍ୟରେ ଧୀରେ ଧୀରେ ତଳକୁ ଖସୁଛି ତାପମାତ୍ରା। ଦୁଇ ଦିନ ହେବ ତାପମାତ୍ରାରେ ସାମାନ୍ୟ ହ୍ରାସ ଘଟିଥିବା ବେଳେ ୬ ତାରିଖରୁ ରାଜ୍ୟରୁ ଗ୍ରୀଷ୍ମ ଲହରୀ ନେଇ ଜାରି ହୋଇଥିବା ଆଲର୍ଟ ଅପସାରଣ ହୋଇଯିବାର ସମ୍ଭାବନା ରହିଛି। ଅନ୍ୟପଟେ ଯଦିଓ ରାଜ୍ୟରେ ତାପମାତ୍ରା ପୂର୍ବାପେକ୍ଷା ହ୍ରାସ ହୋଇଛି ହେଲେ ଏବେ ବି ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବା ସହ ପ୍ରବଳ ତାତି ଅନୁଭୂତ ହେଉଛି। ବିଶେଷ କରି ଉପକୂଳରେ ସାମାନ୍ୟ ତାପାତ୍ରାରେ ହ୍ରାସ ହୋଇଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ ଏବେ ବି ତାତି ଜାରି ରହିଛି। ଶୁକ୍ରବାର ରାଜ୍ୟର ୨୬ ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ୪୪.୬ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ସାଜିଛି। ସେହିପରି ୭ସହରରେ ଦିନ ତାପମାତ୍ରା ୪୩ ଡିଗ୍ରୀ କିମ୍ବା ଅଧିକ ରେକର୍ଡ ହୋଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ବର୍ତ୍ତମାନ ଧୀରେ ଧୀରେ କାଳବୈଶାଖୀ ଜନିତ ବର୍ଷା ହେବ। ଏହା ଦ୍ୱାରା ତାପମାତ୍ରାରେ ହ୍ରାସ ଘଟିବ। ତେବେ ୬ ତାରିଖରୁ କାଳବୈଶାଖୀର ପ୍ରକୋପ ଅଧିକ ବଢ଼ିବା ସହ ପରବର୍ତ୍ତୀ ଦୁଇ ଦିନ ବିଭିନ୍ନ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ୪୦-୫୦ କିମି ବେଗରେ ପବନ ବହିବ। ଏହାଦ୍ୱାରା ହିଟ୍‌ୱେଭ୍‌ରୁ ମୁକ୍ତି ମିଳିବ। ଅନ୍ୟପଟେ ଶନିବାର ରାଜ୍ୟର କିଛି ସ୍ଥାନରେ ଗ୍ରୀଷ୍ମ ଲହରୀ ସ୍ଥିତି ଦେଖାଯିବା ନେଇ ପାଣିପାଗ କେନ୍ଦ୍ର କହିଛି। ବିଶେଷକରି ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, ▶ପୃଷ୍ଠା-୯

**୪୦ ଡିଗ୍ରୀ ଉପରେ ୨୬ ସହରର ପାରଦ**

**୬ରୁ ବଢ଼ିବ କାଳବୈଶାଖୀ, କମିବ ତାପମାତ୍ରା**

**ସାରା ରାଜ୍ୟରେ ଧୀରେ ଧୀରେ ଖସିବ ପାରଦ**

# କେନ୍ଦ୍ରମନ୍ତ୍ରୀଙ୍କୁ ବିଜେଡିର ‘ଅସ୍ମିତା’ ବାଣ

## ଧର୍ମେନ୍ଦ୍ରଙ୍କର ନାହିଁ ଓଡ଼ିଆ ‘ଅସ୍ମିତା’ କଥା କହିବାର ଅଧିକାର: ସଞ୍ଜୟ



- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବନ୍ଦ ପାଇଁ କରିଥିଲେ ଷଡ଼ଯନ୍ତ୍ର
- ପରିକ୍ରମା ପ୍ରକଳ୍ପ ଉତ୍ସବରେ ଜାଣିଶୁଣି ରହିଥିଲେ ଅନୁପସ୍ଥିତ
- ପୁରୀଗସ୍ତରେ ଥିବା ମୁଖ୍ୟମନ୍ତ୍ରୀଙ୍କୁ ଅଣ୍ଡାମାଡ଼ ପାଇଁ ଦେଇଥିଲେ ନିର୍ଦ୍ଦେଶ
- ଓଡ଼ିଆ ଭାଷା ସଂସ୍କୃତିର ବିକାଶ ପାଇଁ କେନ୍ଦ୍ରରୁ ଟଙ୍କାଟିଏ ଆଣିପାରି ନାହାନ୍ତି
- ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ସମ୍ମାନ ଦେଇପାରି ନାହାନ୍ତି
- ବିଜେପିର ନାଟକ ଦେଖୁଥିବା ଓଡ଼ିଶାବାସୀ ଉଚିତ୍ ଜବାବ ଦେବେ

■ **ଭୁବନେଶ୍ୱର, ୩।୫ (ସମିସ):** ଓଡ଼ିଆ ଅସ୍ମିତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରୁ ଆରମ୍ଭ ହୁଏ। ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଶାର ହୃଦସ୍ପନ୍ଦନ, ପ୍ରତ୍ୟେକ ଓଡ଼ିଆର ଆରାଧ୍ୟ। ଓଡ଼ିଆ ଜାତିର ପରିଚୟ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବା ସହ ଏହି କାର୍ଯ୍ୟକୁ ସୁରୁଖୁରୁରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଦାୟିତ୍ୱ ଦେଇଥିଲେ। ଶ୍ରୀ ପାଣ୍ଡିଆନ୍ ଏହି ପ୍ରକଳ୍ପରେ ନିଜର ହୃଦୟ ଓ ଆତ୍ମା ଲଗାଇ ବାରମ୍ବାର ପୁରୀ ଗସ୍ତ କରି ଏହି କାର୍ଯ୍ୟକୁ ସୁରୁଖୁରୁରେ ଚାଲିବା ପାଇଁ ସୁନିଶ୍ଚିତ କରିଥିଲେ। ଶ୍ରୀ ପାଣ୍ଡିଆନଙ୍କ ଅକ୍ଳାନ୍ତ ପ୍ରୟାସ ଓ ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ପ୍ରତ୍ୟେକ ଓଡ଼ିଆଙ୍କ ଏହି ସ୍ୱପ୍ନର ପ୍ରକଳ୍ପ ପ୍ରତି ତାଙ୍କର ସମର୍ପଣର ସାକ୍ଷୀ ହୋଇଛନ୍ତି ଓ ଏହି ଦିବ୍ୟ ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ମାତ୍ର ବିଜେପିର ଘୋଷା ଶୁଆଙ୍କ ସମେତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବେ ଓଡ଼ିଆ ଅସ୍ମିତା ଶବ୍ଦକୁ ଘୋଷି ହେଉଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଯେପରି ନ ହୁଏ ସେଥିପାଇଁ ସେ ସବୁ ଫୋରମକୁ ଯାଇ ବିଫଳ ହୋଇଛନ୍ତି। ଧର୍ମେନ୍ଦ୍ରଙ୍କ ସବୁ ଅପଚେଷ୍ଟା ଫସର ଫାଟିବା ସହ ମହାପ୍ରଭୁଙ୍କ ଇଚ୍ଛାରେ ଏହି ପ୍ରକଳ୍ପ ସଫଳ ହୋଇଛି ବୋଲି ସଞ୍ଜୟ ଦାସବର୍ମା କହିଛନ୍ତି।

ଶୁକ୍ରବାର ଶ୍ରୀ ଦାସବର୍ମା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଓଡ଼ିଆ ଅସ୍ମିତା କଥା ଧର୍ମେନ୍ଦ୍ର ଓ ତାଙ୍କ ଦଳର ଲୋକଙ୍କ ମୁହଁରେ ଶୋଭାପାଏ ନାହିଁ। ଓଡ଼ିଶାର ଗୌରବ ଓ ସଫଳତାକୁ ନିରନ୍ତର ହାନି କରିବା, ରାଜ୍ୟକୁ ଦେଶରେ ନିୟମିତ ନିନ୍ଦିତ କରିବାକୁ ଉଦ୍ୟମ କରୁଥିବା ଲୋକମାନେ କେଉଁ ମୁହଁରେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି ? ପରିକ୍ରମା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଏକ ଭାବପ୍ରବଣ ମୁହୂର୍ତ୍ତ ଥିଲା, କିନ୍ତୁ ଏହି କାର୍ଯ୍ୟକ୍ରମକୁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନିମନ୍ତ୍ରଣ କରାଯାଇଥିବା ସତ୍ତ୍ୱେ ଏହି ଉତ୍ସବରେ ସେ ଯୋଗ ଦେଇନଥିଲେ। ବିଡ଼ମ୍ବନା ହେଉଛି ଏହି ଉତ୍ସବ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ ▶ପୃଷ୍ଠା-୯






## ଲୋକକଥା



ଫୁଲ ପୁଣି ଏବେ ଗାଦି ପାଇବାକୁ
ପାଣିରେ ପକାଏ ସର,
ହେଲେ କିନ୍ତୁ ଦେଖ ଭିତରେ ଭିତରେ
କାଟେ ଗରିବଙ୍କ ଚେର !
ଏଣେ, ଚାଷୀର ଭାସେ ସଂସାର,
ଉତ୍ପାଦ ଦ୍ରବ୍ୟର ମୂଲ ପାଏନାହିଁ
ଧନ୍ୟରେ ପଦ୍ମ ସର୍କାର !!

# ଗୋପାଳପୁରରେ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଆମୋନିଆ କାରଖାନା

## ଟାଟା ଷ୍ଟିଲ୍-ହାଇଜେନ୍‌କୋ ଏମ୍‌ଓୟୁ

**ବାର୍ଷିକ ୧ ନିୟୁତ ଟନ୍‌ର ଗ୍ରୀନ୍ ହାଇଡ୍ରୋଜେନ୍, ଆମୋନିଆ ଉତ୍ପାଦନ ଲକ୍ଷ୍ୟ**

**ନିବେଶ ହେବ ୮୩୦୦ କୋଟିରୁ ଅଧିକ**

**ସୃଷ୍ଟି ହେବ ୭ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ**




■ **ଭୁବନେଶ୍ୱର, ୩।୫ (ସମିସ):** ଶିଳ୍ପାୟନ ପଥରେ ଅଗ୍ରସର ହେଉଛି ଓଡ଼ିଶା। ଟାଟା ଷ୍ଟିଲ୍‌ର ଗୋପାଳପୁର ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ ଲିମିଟେଡ୍(ଟିଏସ୍‌ଏସ୍‌ଇଜେଡ୍‌ଏଲ୍) ଏବେ ଦେଶର ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ହବ୍‌ରେ ପରିଣତ ହେବାକୁ ଯାଉଛି। କାରଣ ଏଚ୍‌ଏଚ୍‌ପି ଫାଇଭ୍ ପ୍ରାଇଭେଟ୍ ଲିମିଟେଡ୍ (ହାଇଜେନ୍‌କୋ) ଗଞ୍ଜାମ ଜିଲ୍ଲାର ଗୋପାଳପୁର ଶିଳ୍ପ ପାର୍କ (ଜିଆଇପି)ରେ ଏହାର ଗ୍ରିନ୍ ହାଇଡ୍ରୋଜେନ, ଗ୍ରୀନ୍ ଆମୋନିଆ ଏବଂ ଡେରିଭେଟିଭ୍ ୟୁନିଟ୍ ପ୍ରତିଷ୍ଠା ▶ପୃଷ୍ଠା-୯





## ଜିଏସ୍‌ଟି ଆଇନ ଅଧୀନରେ ନୋଟିସ୍-ଗିରଫର ସୂଚନା ମାଗିଲେ ସୁପ୍ରିମକୋର୍ଟ

# ଲୋକଙ୍କୁ ଉତ୍ପୀଡ଼ନର ଶିକାର ହେବାକୁ ଦେବୁନାହିଁ

ନୂଆଦିଲ୍ଲୀ, ୩।୫ (ଏଜେନ୍ସି)

ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଆଇନ ଅଧିନରେ ୧ରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ଖିଲାପକାରୀଙ୍କୁ ଜାରି କରାଯାଇଥିବା ନୋଟିସ୍ ଏବଂ ଗିରଫର ସୂଚନା ଦେବାକୁ କହିଛନ୍ତି। ଜଷ୍ଟିସ ସଞ୍ଜୀବ ଖନ୍ନା, ଜଷ୍ଟିସ ଏମଏମ ସୁନ୍ଦରେଶ ଏବଂ ଜଷ୍ଟିସ ବେଲା ଏମ ତ୍ରିବେଦୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ବେଳେ ବେଳେ ଗିରଫ କରାଯାଇ ନ ଥାଏ। କିନ୍ତୁ ଲୋକଙ୍କୁ ନୋଟିସ ଜାରି କରାଯାଇଥାଏ। ଏହା ମାଧ୍ୟମରେ ଗିରଫର ଧମକ ଦେଇ ହଇରାଣ କରାଯାଇଥାଏ। ନାଗରିକଙ୍କ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିବାରୁ ସୁରକ୍ଷା ଦେବା ପାଇଁ କୋର୍ଟ ଏ ନେଇ ମାର୍ଗଦର୍ଶିକା ଧାର୍ଯ୍ୟ କରିପାରନ୍ତି। ଯଦି ନିୟମରେ କିଛି ଅସ୍ପଷ୍ଟ ରହିଛି ତେବେ ତାହାକୁ ଠିକ୍ କରାଯାଇପାରିବ। ମାତ୍ର ଲୋକଙ୍କୁ ଉତ୍ପୀଡ଼ନର ଶିକାର ହେବାକୁ ଦିଆଯିବ ନାହିଁ। ଜିଏସ୍‌ଟି ଆଇନ, କଷ୍ଟମ ଆଇନ ଏବଂ ପିଏମଏଲଏ ଆଇନ ବିରୋଧରେ ଦାଏର ୨୮୧ ଆବେଦନର

■ ଧମକ ଦେଇ ଲୋକଙ୍କୁ ହଇରାଣ କରାଯାଉଛି



ଶୁଣାଣି କରି ଖଣ୍ଡପୀଠ ଗୁରୁବାର ଏହି ଟିପ୍ପଣୀ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ସିଦ୍ଧାର୍ଥ ଲୁଥରା କହିଥିଲେ ଯେ ଜିଏସ୍‌ଟି ଆଇନ ଅନୁଯାୟୀ ଅଧିକାରୀ ନିଜ କ୍ଷମତାର ଅପବ୍ୟବହାର କରୁଛନ୍ତି। ଗିରଫ କରାଯାଉନାହିଁ, ମାତ୍ର ନୋଟିସ ଜାରି କରି ଗିରଫର ଧମକ ଦିଆଯାଉଛି। ଏହା ଲୋକଙ୍କ ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରୁଛି। ଏହା ଉପରେ କେନ୍ଦ୍ର ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁ କହିଥିଲେ ଯେ ସବୁ ମାମଲାରେ




ଲୋକଙ୍କୁ ଜେଲ୍‌ରେ ଭର୍ତ୍ତି କରିପାରିବୁ ନାହିଁ। ମାତ୍ର ଖଣ୍ଡପୀଠ କହିଥିଲେ ଯେ ଠକେଇ ମାମଲା ଏବଂ ଅଜାଣତରେ ହୋଇଥିବା ତ୍ରୁଟି ମାମଲାରେ ପାର୍ଥକ୍ୟ ରହିବା ଉଚିତ। ଜିଏସ୍‌ଟି ଆଇନର ଧାରା ୬୯ରେ ଗିରଫ କ୍ଷମତାକୁ ନେଇ ସ୍ଥିତି ସ୍ପଷ୍ଟ ହୋଇ ନ ଥିବାରୁ କୋର୍ଟ ଚିନ୍ତାପ୍ରକଟ କରିଥିଲେ। ଜିଏସ୍‌ଟି ଆଇନ ଅଧିନରେ ଜାରି ନୋଟିସ ଏବଂ ଗିରଫ ସମ୍ବନ୍ଧିତ ତଥ୍ୟ ସଂଗ୍ରହ କରିବେ ବୋଲି ଏସ୍‌ଭି ରାଜୁ କହିଥିଲେ। ତେବେ ରାଜ୍ୟ ସମ୍ବନ୍ଧିତ ତଥ୍ୟ ସଂଗ୍ରହ କରିବା କଠିନ ବୋଲି କହିଥିଲେ। ସେ ଆଗାମୀ ଶୁଣାଣିରେ ପ୍ରଶ୍ନର ଜବାବ ଦେବାକୁ ପ୍ରୟାସ କରିବେ ବୋଲି ଉଲ୍ଲେଖ କରିଥିଲେ। ୯ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## କେଜ୍ରିୱାଲଙ୍କ ଜାମିନ ଉପରେ ୭ରେ ଶୁଣାଣି



ନୂଆଦିଲ୍ଲୀ, ୩।୫ (ଏଜେନ୍ସି): ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫ ଏବଂ ରିମାଣ୍ଡ ଉପରେ ଶୁକ୍ରବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଏବଂ ପ୍ରଚାରରେ ସାମିଲ ହେବା ପାଇଁ କେଜ୍ରିୱାଲଙ୍କ ଅନ୍ତରୀଣ ଜାମିନ ଉପରେ ବିଚାର କରାଯାଇପାରେ ବୋଲି ଜଷ୍ଟିସ ସଞ୍ଜୀବ ଖନ୍ନା ଏବଂ ଜଷ୍ଟିସ ଦୀପାଙ୍କର ଗୁପ୍ତାଙ୍କ ଖଣ୍ଡପୀଠ କହିଛନ୍ତି। ତେବେ ଗିରଫ ଏବଂ ରିମାଣ୍ଡ ବିରୋଧରେ ଆଗତ ମୁଖ୍ୟ ମାମଲାର ଶୁଣାଣି ଉପରେ ସମୟ ଲାଗିପାରେ। ଏହା ସହିତ କୋର୍ଟ ଆଗାମୀ ଶୁଣାଣିରେ ଅନ୍ତରୀଣ ଜାମିନର ସର୍ତ୍ତ ବିଷୟରେ ସୂଚନା ଦେବାକୁ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି। ୭ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି। ଏହି ଦିନ ଜାମିନ ଦିଆଯିବ କି ନାହିଁ ତାହା ଉପରେ କୋର୍ଟ ନିଷ୍ପତ୍ତି ନେବେ। ଶୁଣାଣି ସମୟରେ କେଜ୍ରିୱାଲଙ୍କ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭୀ ଗିରଫକୁ ବେଆଇନ ଦର୍ଶାଇ ଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କୌଣସି ପ୍ରମାଣ ନାହିଁ ବୋଲି କହିଥିଲେ। ସେହିପରି ଇଡି ପକ୍ଷରୁ ଏଏସଜି ଏସ୍‌ଭି ରାଜୁ କହିଥିଲେ ଯେ କେଜ୍ରିୱାଲଙ୍କ ଗିରଫର ନିଷ୍ପତ୍ତି କେବଳ ଯାଞ୍ଚ ଅଧିକାରୀ ନୁହଁନ୍ତି, ବରଂ ଜଣେ ସ୍ୱତନ୍ତ୍ର ବିଚାରପତି ମଧ୍ୟ ନେଇ ଥିଲେ। କାଗଜପତ୍ର ଦେଖିବା ପରେ ହାଇକୋର୍ଟ ମଧ୍ୟ ଗିରଫରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ।

## ହେମନ୍ତ ସୋରେନଙ୍କୁ ଝଟ୍‌କା



ରାଞ୍ଚି, ୩।୫ (ଏଜେନ୍ସି): ଜମି ଦୁର୍ନୀତି ଏବଂ ମନି ଲଣ୍ଡରିଂ ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଝଟ୍‌କା ଲାଗିଛି। ଇଡିର ଗିରଫ ଏବଂ ରିମାଣ୍ଡ ବିରୋଧରେ ସେ କରିଥିବା ଆବେଦନକୁ ଝାଡ଼ଖଣ୍ଡ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଶୁଣାଣି ସମୟରେ ସୋରେନଙ୍କ ଓକିଲ କପିଲ ସିବଲ କହିଥିଲେ ଯେ ମାମଲାରେ ଲାଗିଥିବା ଧାରା ଅପରାଧର ନୁହେଁ। ଏଥିପାଇଁ ହେମନ୍ତଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ହେଉନାହିଁ। ଏହା ପରେ କାର୍ଯ୍ୟନିର୍ବାହୀ ମୁଖ୍ୟ ବିଚାରପତି ଏସ୍ ଚନ୍ଦ୍ରଶେଖର ଏବଂ ଜଷ୍ଟିସ ନବନୀତ କୁମାରଙ୍କ ଖଣ୍ଡପୀଠ ଫେବୃଆରୀ ୨୮ରେ ରାୟକୁ ସଂରକ୍ଷିତ ରଖିଥିଲେ। ଅନ୍ୟପକ୍ଷରେ ଦାଦାଙ୍କ ଶ୍ରାଦ୍ଧରେ ଯୋଗଦେବାକୁ ହାଇକୋର୍ଟ ହେମନ୍ତଙ୍କୁ ଅନୁମତି ଦେଇଛନ୍ତି। ମାତ୍ର ସାମୟିକ ସମୟ ପାଇଁ ଜାମିନ ଦେବାକୁ ମନା କରିଦେଇଛନ୍ତି। ତାଙ୍କୁ ପୁଲିସ ହେପାଜତରେ କିଛି ଘଣ୍ଟା ପାଇଁ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଅନୁମତି ମିଳିଛି। ତେବେ ଏହି ସମୟରେ ସେ ଗଣମାଧ୍ୟମ ସହ ଆଲୋଚନା କରିପାରିବେ ନାହିଁ। ଏହା ପୂର୍ବରୁ ଗିରଫ ଏବଂ ରିମାଣ୍ଡ ମାମଲାରେ ହାଇକୋର୍ଟଙ୍କ ରାୟ ଆସିବାରେ ବିଳମ୍ବ ହେବାରୁ ସୋରେନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ଏହା ଉପରେ ଇଡିଠାରୁ ଜବାବ ମାଗିଥିଲେ।

● ସିସୋଦିଆଙ୍କ ଜାମିନ ଆବେଦନ

## ଇଡି-ସିବିଆଇକୁ ହାଇକୋର୍ଟ ନୋଟିସ

ନୂଆଦିଲ୍ଲୀ, ୩।୫ (ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ନେତା ତଥା ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ଜାମିନ ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ



ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇକୁ ନୋଟିସ ଜାରି କରିଛନ୍ତି। ୫ ଦିନ ମଧ୍ୟରେ ଜବାବ ଦେବାକୁ କହିଛନ୍ତି। ଏହା ସହିତ ରୋଗୀଣା ପତ୍ନୀଙ୍କୁ ଭେଟିବା ପାଇଁ କୋର୍ଟ ସିସୋଦିଆଙ୍କୁ ଅନୁମତି ଦେଇଛନ୍ତି। ୮ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଟ୍ରାଏଲ କୋର୍ଟରେ ଜାମିନ ଆବେଦନ ଖାରଜ ହେବା ପରେ ସେ ଗତ ୩୦ ତାରିଖରେ କାର୍ଯ୍ୟନିର୍ବାହୀ ମୁଖ୍ୟ ବିଚାରପତି ମନମୋହନ ଏବଂ ଜଷ୍ଟିସ ମନମିତ ପ୍ରୀତମ ସିଂହଙ୍କ ଆରୋରାଙ୍କ ଖଣ୍ଡପୀଠଙ୍କ ନିକଟରେ ୨ଟି ଆବେଦନ ଦାଏର କରିଥିଲେ। ଇଡିର ମନି ଲଣ୍ଡରିଂ ଏବଂ ସିବିଆଇର ଦୁର୍ନୀତି ମାମଲା ଉପରେ ସେ ଏହି ଆବେଦନ ଦାଏର କରିଥିଲେ। ଏହା ପୂର୍ବରୁ ନିମ୍ନ କୋର୍ଟଙ୍କଠାରୁ ନେଇ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ସମସ୍ତେ ସିସୋଦିଆଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

## ସଡ଼କ ଦୁର୍ଘଟଣାରେ ୨୦ ମୃତ

ଇସଲାମାବାଦ, ୩।୫ (ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ର ଗିଲଗିଟ ବାଲଟିସ୍ତାନରେ ଶୁକ୍ରବାର ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। କାରାକୋରମ ହାଇୱେର ଏକ ସଂକୀର୍ଣ୍ଣ ପଥରେ ଯାତ୍ରୀବାହୀ ବସ୍ ନିୟନ୍ତ୍ରଣ ହରାଇ ଖାଇକୁ ଖସିପଡିଛି। ଏଥିରେ ଅତିକମରେ ୨୦ ଜଣଙ୍କ ମୃତ୍ୟୁ ହୋଇଛି। ୨୧ ଜଣ ମଧ୍ୟ ଆହତ ହୋଇଛନ୍ତି। ଏହି ବସ୍‌ରେ ମୋଟ ୪୦ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ଏହାର ସୂଚନା ମିଳିବା ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା।

## କଏଦୀଙ୍କ ପେଟରୁ ବାହାରିଲା ମୋବାଇଲ

ବେଙ୍ଗାଲୁରୁ, ୩।୫ (ଏଜେନ୍ସି): କର୍ଣ୍ଣାଟକ ଶିବମୋଗା ଜେଲ୍‌ରେ ଆଜୀବନ କାରାଦଣ୍ଡାଦେଶ ଭୋଗ କରୁଥିବା କଏଦୀ ପର୍ଶୁରାମ (୨୮)ଙ୍କ ପେଟରୁ ମୋବାଇଲ ଫୋନ୍ ଜବତ କରାଯାଇଛି। ସିମ୍ କାର୍ଡ ମଧ୍ୟ ମିଳିଛି। ଏହି ମୋବାଇଲ ୨୦ ଦିନ ହେଲା ତାଙ୍କ ପେଟରେ ଥିଲା। ସୂଚନା ଅନୁଯାୟୀ ପେଟ ଦରଜ ହେବାରୁ ପର୍ଶୁରାମଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅଲ୍‌ଟ୍ରାସାଉଣ୍ଡ କରିବା ପରେ ତାଙ୍କ ପେଟରେ ଅନେକ ସାମଗ୍ରୀ ଥିବା ଜଣାପଡ଼ିଥିଲା। ପରେ ଗତ ୨୫ ତାରିଖରେ ତାଙ୍କ ପେଟ ଅସ୍ତ୍ରୋପଚାର କରି ଏହି ସବୁ ସାମଗ୍ରୀ ବାହାର କରାଯାଇଥିଲା। ପର୍ଶୁରାମ କହିଛନ୍ତି



ଯେ ପୁଲିସ ତଲାସୀ ସମୟରେ ଧରାପଡ଼ିବା ଭୟରେ ସେ ଫୋନ୍ ଏବଂ ସିମ୍‌କାର୍ଡ ଗିଳି ଦେଇଥିଲେ। ଡାକ୍ତର ସୂଚନା ଅନୁଯାୟୀ ମୋବାଇଲ ବହୁତ ଛୋଟ ଥିଲା। ତେଣୁ ସେ ଏହାକୁ ସହଜରେ ଗିଳି ଦେଇଥିଲେ। ମାତ୍ର ଏହା ଖାଦ୍ୟ ନଳୀରୁ ବାହାରି କ୍ଷୁଦ୍ରାନ୍ତରେ ଫସି ରହିଥିଲା। ଏହା ଝାଡ଼ାବାଟେ ବାହାରି ଯିବ ବୋଲି ପର୍ଶୁରାମ ଭାବିଥିଲେ। କିନ୍ତୁ ଏପରି ହୋଇ ନ ଥିଲା। ଧିରେ ଧିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଥିଲା।

## ଶିବସେନା ନେତ୍ରୀଙ୍କ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ



ମୁମ୍ବାଇ, ୩।୫ (ଏଜେନ୍ସି): ମହାରାଷ୍ଟ୍ର ମହାଡ଼ରେ ଶୁକ୍ରବାର ସକାଳ ୯ଟା୩୦ରେ ଶିବସେନା (ଉଦ୍ଧବ ଗୋଷ୍ଠୀ) ନେତ୍ରୀ ସୁଷମା ଅନ୍ଧାରେଙ୍କ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ସମୟରେ ସୁଷମା ବାରାମତୀରେ ଅନୁଷ୍ଠିତ ମହିଳା ମେଳାରେ ସାମିଲ ହେବାକୁ ଯାଉଥିଲେ। ତେବେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେ ଚଢ଼ିବା ପୂର୍ବରୁ ହେଲିକପ୍ଟର ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରୁଥିଲା। ଏହି ସମୟରେ ନିୟନ୍ତ୍ରଣ ବିଗିଡ଼ି ଯିବାରୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇ ଖସି ପଡ଼ିଥିଲା। ଏଥିରେ କେହି ପ୍ରାଣ ହରାଇ ନାହାନ୍ତି। ମାତ୍ର ପାଇଲଟ ସାମାନ୍ୟ ଆହତ ହୋଇଛନ୍ତି। ଏଥିରେ ହେଲିକପ୍ଟର ରୋଟର ବ୍ଲେଡ ଭାଙ୍ଗି ଯାଇଛି। ପୁଲିସ ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ମାମଲାର ତଦନ୍ତ ଜାରି ରହିଛି।

## ସିପିଆଇ ନେତା ଅତୁଲ କୁମାରଙ୍କ ଦେହାନ୍ତ

ଲକ୍ଷ୍ନୌ, ୩।୫ (ଏଜେନ୍ସି): କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ସିପିଆଇ) ର ସାଧାରଣ ସମ୍ପାଦକ ଅତୁଲ କୁମାର ଅଞ୍ଜାନ (୬୯)ଙ୍କ ଦେହାନ୍ତ ହୋଇଛି। ଲକ୍ଷ୍ନୌର ଏକ ଘରୋଇ ଡାକ୍ତରଘାନାରେ ଶୁକ୍ରବାର ସକାଳେ ସେ ପ୍ରାଣ ହରାଇଛନ୍ତି। ସେ ଦୀର୍ଘ ଦିନ ହେଲା କର୍କଟରେ ପୀଡ଼ିତ ଥିଲେ। ଗତ ମାସରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନରେ ଲକ୍ଷ୍ନୌର ଭାଇସା କୁଣ୍ଡରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## ୨୫ ବର୍ଷ ପରେ ଆମେଥିରୁ ଅଣ-ଗାନ୍ଧୀଙ୍କୁ ଟିକଟ

ନୂଆଦିଲ୍ଲୀ, ୩।୫(ଏଜେନ୍ସି): ଆମେଥି ଲୋକସଭା ଆସନର କଂଗ୍ରେସ ପ୍ରାର୍ଥୀଙ୍କୁ ନେଇ ଯେଉଁ କଳ୍ପନାଜଳ୍ପନା ଜାରି ରହିଥିଲା ସେଥିରେ ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି। ଦୀର୍ଘ ୨୫ ବର୍ଷପରେ ପ୍ରଥମ ଥର ପାଇଁ ଅଣ-ଗାନ୍ଧୀ ପରିବାରର କିଶୋରୀ ଲାଲ ଶର୍ମାଙ୍କୁ କଂଗ୍ରେସ ଆମେଥି ଟିକଟ ଦେଇଛି। ୧୯୬୭ରେ ଆମେଥି ଲୋକସଭା ଆସନ ଗଠନ ହେବାପରଠାରୁ ସାଧାରଣତଃ ଗାନ୍ଧୀ ପରିବାରର କୌଣସି ସଦସ୍ୟ ଏଠାରୁ ନିର୍ବାଚନ ଲଢ଼ିଥାନ୍ତି। ୧୯୬୭ରୁ ୨୦୧୯ ମସିହା ମଧ୍ୟରେ ଆମେଥିରେ ୧୧ଥର ଲୋକସଭା ନିର୍ବାଚନ ହୋଇଛି।



ଏହା ମଧ୍ୟରୁ ୩ ଥର ଅଣ ଗାନ୍ଧୀ ପରିବାରର ସଦସ୍ୟ ନିର୍ବାଚନ ଲଢି ବିଜୟୀ ହୋଇଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ଆମେଥିରେ କଂଗ୍ରେସ ପ୍ରାର୍ଥୀ ରାହୁଲ ଗାନ୍ଧୀଙ୍କୁ ବିଜେପି ନେତ୍ରୀ ସ୍ମୃତି ଇରାନୀ ୫୫ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଥିଲେ। ରାହୁଲ କ୍ରମାଗତ ତିନିଥର ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ରାହୁଲ ଆମେଥିର ସାଂସଦ ହୋଇଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ରାହୁଲ ବିଜେପି ନେତ୍ରୀ ସ୍ମୃତି ଇରାନୀଙ୍କୁ ୧ ଲକ୍ଷରୁ ଅଧିକ ଭୋଟରେ ପରାସ୍ତ କରିଥିଲେ। ମାତ୍ର ଚଳିତ ଥର ଏହି ଆସନରୁ ରାହୁଲ କିମ୍ବା ତାଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଲଢ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। କିନ୍ତୁ ଶେଷ ପର୍ଯ୍ୟାରେ କଂଗ୍ରେସ କିଶୋରୀ ଲାଲ ଶର୍ମାଙ୍କୁ ପ୍ରାର୍ଥୀ କରିଛି।

## ଭାରତର ପ୍ରଥମ ସ୍ୱଦେଶୀ ବୋମାବର୍ଷୀ ଡ୍ରୋନ୍

ବେଙ୍ଗାଲୁରୁ, ୩।୫(ଏଜେନ୍ସି)




ଭାରତୀୟ ପ୍ରତିରକ୍ଷା ଓ ଏରୋସ୍ପେସ କମ୍ପାନୀ 'ଫ୍ଲାଇଂ ୱେଜ ଡିଫେନ୍ସ ଓ ଏରୋସ୍ପେସ ଟେକ୍ନୋଲୋଜି'କୁ ବଡ଼ ସଫଳତା ମିଳିଛି। ଏହି କମ୍ପାନୀ ଭାରତର ପ୍ରଥମ ସ୍ୱଦେଶୀ ବୋମାବର୍ଷୀ ମାନବ ବିହୀନ ଡ୍ରୋନ (ୟୁଏଫ) 'ଏଫଡବ୍ଲ୍ୟୁଡି-୨୦୦ବି' ବନାଇ ମାଇଲ ଖୁଣ୍ଟ ପ୍ରତିଷ୍ଠା କରିଛି। ଶୁକ୍ରବାର ବେଙ୍ଗାଲୁରୁରେ ଏହାକୁ ଉନ୍ମୋଚନ କରାଯାଇଛି। ଅଧିକ ସମୟ ପର୍ଯ୍ୟନ୍ତ ଉଡ଼ାଣ କରିପାରୁଥିବା ଏହି ଡ୍ରୋନକୁ ଭାରତରେ ଡିଜାଇନ ଏବଂ ନିର୍ମାଣ କରାଯାଇଛି। ଏହା ୧୦୦ କିଲୋଗ୍ରାମର ପେଲୋଡ ନେଇପାରିବ। ଏହା ଏୟାର ଷ୍ଟ୍ରାଇକ ସହିତ ପର୍ଯ୍ୟବେକ୍ଷଣ ମଧ୍ୟ କରିପାରିବ। ଏହା ସୀମା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିପାରିବ। ଏହି ଯାନ ଘଣ୍ଟା ପ୍ରତି ୩୭୦ କିମି ବେଗରେ ଉଡ଼ାଣ କରିବାକୁ ସକ୍ଷମ। ଭୂପୃଷ୍ଠରୁ ୨୦୦ କିମି ପରିସର ଭିତରେ ଏହି ଯାନକୁ ନିୟନ୍ତ୍ରଣ କରିହେବ। ଉନ୍ମୋଚନ ସମାରୋହରେ କମ୍ପାନୀର ପ୍ରତିଷ୍ଠାତା ସୁହାସ ତେଜସକାଣ୍ଡ କହିଛନ୍ତି, ଭାରତ ଦୀର୍ଘ ଦିନ ହେଲା ମାନବ ବିହୀନ ବୋମା ବର୍ଷୀ ଡ୍ରୋନ ତିଆରି କରିବା ପ୍ରୟାସ କରି ଆସିଥିଲା। ଆଜି ତାହା ପୂରଣ ହୋଇଛି। ବୋମା ବର୍ଷୀ ପ୍ରିଡିଏଟର ଡ୍ରୋନ ପାଇଁ ଆମେରିକାକୁ ୨୫୦ କୋଟି ଟଙ୍କା ଦେବାକୁ ପଡୁଛି। ଏବେ ଏହାଠୁ ବହୁତ କମ୍ ଦାମରେ ମାତ୍ର ୨୫ କୋଟି ଟଙ୍କାରେ ଏଫଡବ୍ଲ୍ୟୁଡି-୨୦୦ ଉପଲବ୍ଧ ହେବ। ଭାରତକୁ ପ୍ରତିରକ୍ଷା ଦିଗରେ ଆତ୍ମନିର୍ଭର କରିବା ପାଇଁ ଏବଂ କମ୍ ମୂଲ୍ୟରେ ପ୍ରତିରକ୍ଷା ଉତ୍ପାଦନ ନିର୍ମାଣ ଲାଗି କମ୍ପାନୀ ପ୍ରତିବଦ୍ଧ ବୋଲି ସେ କହିଛନ୍ତି।

## ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପ୍ରତି ବିପଦ ଥିବା ଦର୍ଶାଇଥିଲା ଇସ୍ରାଏଲ

# ରାଜୀବ ଗାନ୍ଧିଙ୍କ ହତ୍ୟା ସମ୍ବନ୍ଧିତ ଗୁଇନ୍ଦା ତଥ୍ୟ ଗାଏବ

ନୂଆଦିଲ୍ଲୀ, ୩।୫ (ଏଜେନ୍ସି)

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ଜୀବନ ପ୍ରତି ବିପଦ ଥିଲା। ଏନେଇ ଇସ୍ରାଏଲ ପକ୍ଷରୁ ଭାରତକୁ ଗୁଇନ୍ଦା ସୂଚନା ପ୍ରଦାନ କରାଯାଇଥିଲା। ୧୯୯୧ରେ ରାଜୀବ ଗାନ୍ଧୀ ହତ୍ୟା ହେବା ପରେ ଏହାର ନକଲ ଗାଏବ ହୋଇଯାଇଛି। ସୁରକ୍ଷା ବିଶେଷଜ୍ଞ ନମିତ ବର୍ମା ଏହି ଦାବି କରିଛନ୍ତି। ସେ କହିଛନ୍ତି ଯେ ଗତ ତିନି-ଚାରି ଦଶନ୍ଧି ହେଲା ଇସ୍ରାଏଲ ଭାରତକୁ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛି। ଏଥିରେ ରାଜୀବ ଗାନ୍ଧୀଙ୍କ ଜୀବନ ପ୍ରତି ବିପଦ ଥିବା ତଥ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହା ସମ୍ଭାବନା ମଧ୍ୟ ସତ୍ୟ ସାବ୍ୟସ୍ତ ହୋଇଥିଲା। ତାଙ୍କ ହତ୍ୟା ପରେ ଦେଶର ରାଜନୈତିକ ଅବସ୍ଥା ବହୁତ ଅଲଗା ହୋଇ ଯାଇଥିଲା। ଇସ୍ରାଏଲ ଦେଇଥିବା ଗୁଇନ୍ଦା ସୂଚନାରେ ସ୍ପଷ୍ଟ କରିଦିଆଯାଇଥିଲା ଯେ ହତ୍ୟା ପାଇଁ ଗଡ୍‌ମ୍ୟାନ ପକ୍ଷରୁ ଅର୍ଥ ପୈଠ



କରିଦିଆଯାଇଛି। ଏ ସମ୍ବନ୍ଧିତ ସମସ୍ତ ତଥ୍ୟ ସଂଗ୍ରହ କରାଯାଇଥିଲା। ଏ ସମ୍ବନ୍ଧରେ ଭାରତୀୟ ଗୁଇନ୍ଦା ଏଜେନ୍ସି ମଧ୍ୟ ଅବଗତ ଥିଲା। ସୁରକ୍ଷା ପ୍ରଦାନ କରିବା ପାଇଁ ମଧ୍ୟ ପଚରା ଯାଇଥିଲା। କିନ୍ତୁ ସେତେବେଳର ସରକାର ସୁରକ୍ଷା ଦେଇ ନ ଥିଲେ।

ସୂଚନା ଅନୁଯାୟୀ ଉସାନାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନମିତ ଏହି ମନ୍ତବ୍ୟ ଦେଇଛନ୍ତି। ସେ ସୁରକ୍ଷା ମାମଲା ସହିତ ବିଶ୍ୱର ଭୂରାଜନୈତିକ ବିଶେଷଜ୍ଞ ଭାବେ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ସେ ସୁରକ୍ଷା ଏବଂ ବିଦେଶୀ ନୀତିର ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାରେ ବିଭିନ୍ନ ସରକାରଙ୍କ ସହ କାର୍ଯ୍ୟ କରିଛନ୍ତି। ନାମିତ କହିଛନ୍ତି ଯେ ରାଜୀଙ୍କ ହତ୍ୟା ପରେ ଇସ୍ରାଏଲକୁ ଗୁଇନ୍ଦା ସୂଚନାର ଆଉ ଏକ ନକଲ ମଗା ଯାଇଥିଲା। ମାତ୍ର ଇସ୍ରାଏଲ କେବେ ଏହା ଦେଇ ନ ଥିଲା। ଦୁଇ ଦେଶ ମଧ୍ୟରେ ଗୁଇନ୍ଦା ସୂଚନା ସେୟାର କରିବା ପାଇଁ କିଭଳି ରାଜନୀତି ହେଉଛି ଏହା ତାର ପ୍ରକୃଷ୍ଟ ଉଦାହରଣ।

## ମାଆଙ୍କ ଉପସ୍ଥିତିରେ ପ୍ରାର୍ଥିପତ୍ର ଦାଖଲ

# ରାଏବରେଲୀରୁ ଲଢିବେ ରାହୁଲ

ରାଏବରେଲୀ, ୩।୫ (ଏଜେନ୍ସି)

ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟିଛି। କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଦ୍ୱିତୀୟ ଆସନ ଭାବେ ରାଏବରେଲୀରୁ ମୈଦାନକୁ ଓହ୍ଲାଇଛନ୍ତି। ସେ ଶୁକ୍ରବାର ମାଆ ସୋନିଆ ଗାନ୍ଧୀ, ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଭିଣୋଇ ରବର୍ଟ ଭଦ୍ରାଙ୍କ ଉପସ୍ଥିତିରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ସମୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ମଧ୍ୟ ଉପସ୍ଥିତ ଥିଲେ। ସେହିପରି କଂଗ୍ରେସର ଆମେଥି ପ୍ରାର୍ଥୀ କିଶୋରୀ ଲାଲ ଶର୍ମା ମଧ୍ୟ ନାମାଙ୍କନ ଦାଖଲ କରିଛନ୍ତି। ସୂଚନା ଅନୁଯାୟୀ ରାଏବରେଲୀ ଲୋକସଭା ଆସନରେ ୨୦ ତାରିଖରେ ପଞ୍ଚମ ପର୍ଯ୍ୟାରେ ମତଦାନ ହେବ। ଏଠାରେ ରାହୁଲ ଏବଂ ବିଜେପି ନେତା ଦିନେଶ ପ୍ରତାପ ସିଂଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ରାଏବରେଲୀ କଂଗ୍ରେସର ଦୁର୍ଗ ରହିଆସିଛି। ୧୯୫୧ ମସିହାରେ ପ୍ରଥମେ ଜବହାରଲାଲ ନେହରୁ, ପରେ ଇନ୍ଦିରା ଗାନ୍ଧୀ ଏବଂ ତାଙ୍କ ସ୍ୱାମୀ



ଫିରୋଜ ଗାନ୍ଧୀ ଏହି ଆସନରୁ ନିର୍ବାଚନ ଲଢ଼ିଥିଲେ। ଏବେ ପାରିବାରିକ ଆସନ ବଜାୟରଖିବା ପାଇଁ ରାହୁଲ ରାଏବରେଲୀରୁ ଲଢୁଥିବା କୁହାଯାଉଥିବାବେଳେ ବିରୋଧୀ ଭିନ୍ନ ମତ ଦେଉଛନ୍ତି। ଆମେଥିରୁ ପରାଜୟ ନିଶ୍ଚିତ ଜାଣି ରାହୁଲ ରାଏବରେଲୀରୁ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

ପ୍ରାର୍ଥିପତ୍ର ଦାଖଲ କରିବା ପରେ ରାହୁଲ କହିଛନ୍ତି ଯେ ଏହା ତାଙ୍କ ପାଇଁ ଭାବପ୍ରବଣତାର ମୁହୂର୍ତ୍ତ ଥିଲା। ମାଆ ଭରସା କରି ତାଙ୍କୁ ପରିବାରର କର୍ମଭୂମୀ ପ୍ରଦାନ କରିଛନ୍ତି। ଏହାର ସେବା କରିବାକୁ ସୁଯୋଗ ଦେଇଛନ୍ତି। ଆମେଥି ଏବଂ ରାଏବରେଲୀ ତାଙ୍କ ପାଇଁ ଅଲଗା ଅଲଗା ନୁହେଁ। ଉଭୟ ତାଙ୍କ ପରିବାର ବୋଲି ରାହୁଲ କହିଛନ୍ତି। ସେ ଆମେଥିରେ ପାର୍ଥୀଙ୍କ ବିଷୟରେ ସୂଚନା ଦେଇ କହିଛନ୍ତି ଯେ ୪୦ ବର୍ଷ କ୍ଷେତ୍ରର ସେବା କରିବା ପରେ କିଶୋରୀ ଲାଲ ଆମେଥିରୁ ପ୍ରତିନିଧିତ୍ୱ କରିବେ। ଅନ୍ୟାୟ ବିରୋଧରେ ଚାଲିଥିବା ନ୍ୟାୟର ଲଢ଼େଇରେ ସେ ଭଲପାଇବା ଏବଂ ଆଶୀର୍ବାଦ ମାଗିଛନ୍ତି। ସମ୍ବିଧାନ ଏବଂ ଗଣତନ୍ତ୍ରକୁ ବଞ୍ଚାଇବାର ଏହି ଲଢ଼େଇରେ ସମସ୍ତେ ସହଯୋଗ କରିବେ ବୋଲି ଆଶା କରିଛନ୍ତି।

ସୂଚନା ଅନୁଯାୟୀ ଆଜି ପ୍ରାର୍ଥିପତ୍ର ଦାଖଲ କରିବାର ଶେଷ ଦିନ ଥିଲା। ସକାଳ ୭ଟା୩୦ରେ କଂଗ୍ରେସ ରାହୁଲ ଏବଂ କିଶୋରୀଙ୍କ ନାମ ଘୋଷଣା କରିଥିଲା। କିଶୋରୀଙ୍କୁ ସୋନିଆଙ୍କ ବିଶ୍ୱସ୍ତ ଭାବେ ଦେଖାଯାଉଛି। ସକାଳ ୯ଟାରେ ରାହୁଲ ପରିବାର ସହିତ ଦିଲ୍ଲୀରୁ ରାଏବରେଲୀ ଅଭିମୁଖେ ବାହାରି ଫୁରସତଗଞ୍ଜ ବିମାନବନ୍ଦରରେ ଓହ୍ଲାଇ ଥିଲେ। ପରେ ରୋଡ୍ ଶୋ'ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ଦାଖଲ କରିଥିଲେ।

**ଭବାନୀପାଟଣାରେ ପାଣ୍ଡିଆନଙ୍କ ବିଶାଳ ରୋଡ୍ ଶୋ'**

# ଦୀର୍ଘ ୪ କିଲୋମିଟର ରାସ୍ତା ଜନସମୁଦ୍ର





ଭବାନୀପାଟଣା, ୩।୫(ସମିସ): ଗ୍ରୀଷ୍ମ ତାତି ସହ ତାଳ ଦେଇ ବଢ଼ି ଚାଲିଛି ନିର୍ବାଚନ ପ୍ରଚାର ତାତି। ଶୁକ୍ରବାର ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କଳାହାଣ୍ଡି ଲୋକସଭା ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ଭବାନୀପାଟଣା ବିଧାନସଭା ପ୍ରାର୍ଥୀ ଲଳିତା ନାଏକଙ୍କ ନିମନ୍ତେ ଭୋଟ ପ୍ରାର୍ଥନା କରିବା ସହ ଭବାନୀପାଟଣାଠାରେ ବିଶାଳ ରୋଡ୍ ଶୋ' କରିଛନ୍ତି। ଶ୍ରୀ ପାଣ୍ଡିଆନ ସ୍ଥାନୀୟ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରୁ ବିରାଟ ପଟୁଆରରେ ହଜାର ହଜାର ସମର୍ଥକଙ୍କ ମଧ୍ୟରେ କଲେଜ ଛକ, ଇରିଗେସନ କଲୋନୀ ଛକ, ଷ୍ଟାଚ୍ୟୁ ଛକ, ଘୋଡ଼ାଘାଟ ଛକ, ଜେଲ ଛକ ଓ ନାକଟିଗୁଡ଼ା ଛକ ଦେଇ ରୋଡ୍ ଶୋ' କରିଥିଲେ। ଏହି ସମସ୍ତ ଛକରେ ଅପେକ୍ଷା କରିଥିବା ହଜାର ହଜାର ମହିଳା, ପୁରୁଷ ଓ ଯୁବକଯୁବତୀ ପାଣ୍ଡିଆନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।

ଏହି ଅବସରରେ ପାଣ୍ଡିଆନ ବିଜେପି ସାଂସଦ ବସନ୍ତ ପଣ୍ଡାଙ୍କ ନାମ ଉଲ୍ଲେଖ ନ କରି କଟୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଜାତୀୟ ରାଜପଥର ଉନ୍ନତି ହୋଇନି କି ମୋବାଇଲ ନେଟୱର୍କ ନାହିଁ। ତେଣୁ ଆପଣଙ୍କ ସାଂସଦ ଗତ ୫ ବର୍ଷରେ କରୁଥିଲେ କ'ଣ ? ମା'ମାନଙ୍କୁ ଲକ୍ଷ୍ୟ କରି ସେ କହିଥିଲେ ଯେ ବିରୋଧୀଙ୍କ ମିଠା କଥାର ମାୟାଜାଲରୁ ଦୂରରେ ରୁହନ୍ତୁ। ସେମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ମିଶନଶକ୍ତି ବନ୍ଦ କରିବାକୁ ଚକ୍ରାନ୍ତ ଚଳାଇଛନ୍ତି। ଭୋଟ ନେଲା ପରେ ସେମାନେ ଆପଣଙ୍କୁ ଦେଖାଦେବେ ନାହିଁ। ଖୋଜିଲେ ବି ମିଳିବେ ନାହିଁ।

**ଜନସମାବେଶ ଦେଖି ବିରୋଧୀ ଛାନିଆ**

**ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ନିବେଦନ**

ମୁଖ୍ୟମନ୍ତ୍ରୀ ହେଉଛନ୍ତି ଓଡ଼ିଶା ପରିବାରର ମୁଖିଆ। ପରିବାରର ମୁଖିଆ ଭାବରେ ସେ ଆପଣମାନଙ୍କ ସମସ୍ତ ଦାୟିତ୍ୱ ନେଇଛନ୍ତି। ନବୀନ ସରକାର ଲୋକଙ୍କ ସରକାର। ଲୋକଙ୍କ ଦାବି ପୂରଣ ହେଲେ ସେ ସବୁଠୁ ବେଶୀ ଖୁସି ହୁଅନ୍ତି। ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ବିକାଶ ପାଇଁ କାମ କରନ୍ତି। ମିଶନ ଶକ୍ତି ମା'ମାନଙ୍କୁ ସମ୍ମାନ ଦେଇଛି। ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲୋକଙ୍କ ଚିନ୍ତା ଦୂର କରିଛି। ସେମାନଙ୍କୁ ସାହସ ମିଳିଛି। ସେହିପରି ୫-ଟି ସ୍କୁଲ ରୂପାନ୍ତରଣ ପିଲାଙ୍କ ସ୍ୱପ୍ନରେ ଡେଣା ଲଗାଇଛି, ଉଚ୍ଚ ହେବାର ସ୍ୱପ୍ନ ଦୃଢ଼ କରିଛି। ଜନଜାତିଙ୍କ ବିରୋଧରେ ରହିଥିବା ୫୦ ହଜାର ମାମଲା ରଦ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଆପଣଙ୍କ ଭାଷା, ସଂସ୍କୃତି, ପୂଜାସ୍ଥଳୀର ଉନ୍ନତି ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି। ଆପଣଙ୍କ ଦରଖାସ୍ତ ଉପରେ କ'ଣ କାମ ହୋଇଛି ସେ ହିସାବ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଆସନ୍ତା ୧୩ ତାରିଖ ଯୋଡ଼ିଶଙ୍ଖରେ ବଟନ ଦବାଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ସହ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ପାଣ୍ଡିଆନ ଆହ୍ୱାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି କଳାହାଣ୍ଡି ପ୍ରଭାରୀ ପ୍ରଣବ ବଳବନ୍ତରାୟ, ଜିଲ୍ଲା ସଭାପତି ତଥା ଧର୍ମଗଡ଼ ବିଧାନସଭା ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ, ଲାଞ୍ଜିଗଡ଼ ପ୍ରାର୍ଥୀ ପ୍ରଦୀପ ଦିଶାରୀ, ଜୁନାଗଡ଼ ପ୍ରାର୍ଥୀ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଧର୍ମେନ୍ଦ୍ରଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହୋଇଥିବା କଳାକାରଙ୍କ ମୃତ୍ୟୁ



ସମ୍ବଲପୁର, ୩।୫(ସମିସ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମାଙ୍କନପତ୍ର ଦାଖଲ ଶୋଭାଯାତ୍ରାରେ ସାମିଲ ହେବାକୁ ସମ୍ବଲପୁର ଆସିଥିଲେ; ହେଲେ ଘରକୁ ଫେରିପାରିଲେନି। ଶୋଭାଯାତ୍ରା ଚାଲିଥିବା ସମୟରେ ଟଳିପଡ଼ିଲେ କଳାକାର। ମୃତ କଳାକାର ଜଣକ ହେଲେ ବାମରା ବ୍ଲକ ପିଣ୍ଡାପଥର ଗାଁ ବାଘପଡ଼ା ଅଞ୍ଚଳର କୁମର ମାଝୀ। ତେବେ ନିଜ ପ୍ରଚାର ପାଇଁ ଡାକିଥିବା କଳାକାରଙ୍କୁ ଶେଷ ସମ୍ମାନ ଦେବାକୁ ମଧ୍ୟ ଉଚିତ ମଣିଲେନି ଧର୍ମେନ୍ଦ୍ର।

ନାମାନଙ୍କପତ୍ର ଦାଖଲ କାର୍ଯ୍ୟକ୍ରମରେ ଭିଡ଼ ଦେଖାଇବାକୁ ବିଜେପି ଦୂରଦୂରାନ୍ତରୁ ଲୋକଙ୍କୁ ଡାକି ଠୁଳ କରିଥିଲା। ଏପରିକି ଅନେକ କଳାକାରଙ୍କୁ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଡକାଯାଇଥିଲା। ପିଣ୍ଡାପଥର ଗାଁ ବାଘପଡ଼ାରୁ ଆସିଥିବା ବାଜାଦଳ ସହିତ କୁମର ମାଝୀ ଆସିଥିଲେ। ନାମାଙ୍କନ କାର୍ଯ୍ୟକ୍ରମକୁ ଡାକି ଧର୍ମେନ୍ଦ୍ରଙ୍କ ସମେତ ଅନ୍ୟ ବିଜେପି ନେତାମାନେ ପ୍ରଚାରରେ ମାତିଥିଲେ। ଅନ୍ୟପଟେ ମୁଣ୍ଡଫଟା ଖରାରେ ଲୋକେ ଡହଳବିକଳ ହେଉଥିଲେ। ଲୋକଙ୍କୁ ପାଣି ଟିକିଏ ପଚାରିବାକୁ ମଧ୍ୟ ବିଜେପି ନେତାଙ୍କ ପାଖରେ ସମୟ ନ ଥିଲା। ଫଳରେ ଦୀର୍ଘ ସମୟ ଧରି ବାଜା ବଜାଉଥିବା କୁମରଙ୍କ ଅବସ୍ଥା ବିଗିଡ଼ିବାରେ ଲାଗିଥିଲା। ଶୋଭାଯାତ୍ରା ଚାଲିଥିବାବେଳେ ହଠାତ୍ ସେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଏତେ ଘଟଣା ହେଲା ପରେ ମଧ୍ୟ ବିଜେପି ନେତାଙ୍କୁ କିଛି ଦିଶିଲାନି। ସେମାନେ କିଛି ଜାଣିବାକୁ ଚେଷ୍ଟା କଲେନି। ଶେଷରେ ସେହି କଳାକାରମାନେ ହିଁ କୁମରଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ କୁମରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିଛନ୍ତି। କିନ୍ତୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିମ୍ବା ବିଜେପିର କୌଣସି ନେତାଙ୍କ ଦେଖାଦର୍ଶନ ନାହିଁ। ଏହା ହେଉଛି ବିଜେପି ନେତାଙ୍କ ଅସଲ ଚେହେରା। କ୍ଷମତା ପାଇଁ ଜନତାଙ୍କୁ ବ୍ୟବହାର କରିବା ଜାଣିଛନ୍ତି। କିନ୍ତୁ ସେହି ଜନତାର କିଛି ହେଲେ ତା' ସାଙ୍ଗରେ ଛିଡ଼ା ହେବା ପାଇଁ ସମୟ ନାହିଁ। ସବୁବେଳେ ଆପଣଙ୍କ ସାଙ୍ଗରେ ରହିବୁ ବୋଲି ମିଛ ଭାଷଣ ମାରୁଥିବା ଧର୍ମେନ୍ଦ୍ର ପ୍ରଧାନ, ଜୟନାରାୟଣ ମିଶ୍ରଙ୍କ ମଣିଷପଣିଆ କୁଆଡ଼େ ଗଲା? ଆଗାମୀ ଦିନରେ ଜନତା ଏହାର କଡ଼ା ଜବାବ ଦେବେ ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି ଏକ ପ୍ରେସ ବିବୃତି ଜରିଆରେ କହିଛନ୍ତି।

**ମୃତକଙ୍କୁ ଦେଖିବା ପାଇଁ ଧର୍ମେନ୍ଦ୍ର, ଜୟନାରାୟଣଙ୍କ ପାଖରେ ସମୟ ନାହିଁ**

**ସବୁବେଳେ ଆପଣଙ୍କ ସାଥୀରେ ରହିବୁ ବୋଲି ମିଛ ଭାଷଣ ମାରୁଛନ୍ତି ବିଜେପି ନେତା**

**ବିଜେପି ନେତାଙ୍କ ଅସଲ ଚେହେରା ଲୋକେ ଦେଖନ୍ତୁ: ଲେନିନ୍ ମହାନ୍ତି**

**ଆଇଏଫ୍‌ଏସ୍ ବିନୟ ଶ୍ରୀକାନ୍ତ ପ୍ରଧାନଙ୍କ ବିରୋଧରେ ଗୁରୁତର ଅଭିଯୋଗ**

# ନ୍ୟୁୟର୍କ ଦୂତାବାସରେ ଚାକିରି, ସମ୍ବଲପୁରରେ ଧର୍ମେନ୍ଦ୍ରଙ୍କ ପାଇଁ ନିର୍ବାଚନ ପରିଚାଳନା

ଭୁବନେଶ୍ୱର, ୩।୫(ସମିସ): ସେ ହେଉଛନ୍ତି ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ଅଧିକାରୀ। ଭାରତ ସରକାରଙ୍କ ପକ୍ଷରୁ ଆମେରିକାରେ କାମ କରୁଛନ୍ତି। ମାତ୍ର କାମ ଛାଡ଼ି ଏବେ ସିଏ ସମ୍ବଲପୁର ସଂସଦୀୟ କ୍ଷେତ୍ରର ବିଜେପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ରାଜନୈତିକ ପ୍ରଚାରରେ ସକ୍ରିୟ ଅଂଶଗ୍ରହଣରେ ବ୍ୟସ୍ତ ଅଛନ୍ତି। ଏତେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥାଇ ସୁଦ୍ଧା ସେ ସରକାରୀ ଆଚରଣ ବିଧିର ଘୋର ଉଲ୍ଲଙ୍ଘନ କରିଛନ୍ତି। ଆଇଏଫ୍‌ଏସ୍ ବିନୟ ଶ୍ରୀକାନ୍ତ ପ୍ରଧାନଙ୍କ ବିରୋଧରେ ଏପରି ସଙ୍ଗୀନ ଅଭିଯୋଗ ଆଣିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ବିଜେଡି ରାଜ୍ୟସଭା ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ଼ ସସ୍ମିତ ପାତ୍ର କହିଛନ୍ତି ଯେ ଆମେରିକାର ନ୍ୟୁୟର୍କସ୍ଥିତ ଭାରତୀୟ କନ୍‌ସୁଲେଟ୍ ଜେନେରାଲ ଭାବେ ଆଇଏଫ୍‌ଏସ୍ ଅଧିକାରୀ ବିନୟ ଶ୍ରୀକାନ୍ତ ପ୍ରଧାନ ଅବସ୍ଥାପିତ। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଶ୍ରୀ ପ୍ରଧାନ ସମ୍ବଲପୁର ସଂସଦୀୟ କ୍ଷେତ୍ରର ସୀମା ମଧ୍ୟରେ ରହି କେନ୍ଦ୍ରମନ୍ତ୍ରୀ ତଥା ଓଡ଼ିଶା ବିଜେପିର ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିବାଚନ ପ୍ରଚାର ପରିଚାଳନା କରୁଛନ୍ତି। ଜଣେ ରାଜନୈତିକ ଦଳର ସଦସ୍ୟ ଭାବେ ସେ ଆଚରଣ ପ୍ରଦର୍ଶନ କରୁଛନ୍ତି। କନସୁଲ ଜେନେରାଲ ପାହ୍ୟାରେ ଥିବା ଜଣେ ବରିଷ୍ଠ ଅଧିକାରୀଙ୍କ ଏଭଳି କାର୍ଯ୍ୟ ଅଶୋଭନୀୟ ଏବଂ ଜନପ୍ରତିନିଧି ଆଇନ, ୧୯୫୧ର ବିଭିନ୍ନ ଧାରାର ଉଲ୍ଲଂଘନ କରୁଛି। ଏ ନେଇ ୨୦୨୪ ଏପ୍ରିଲ ୨୪ତାରିଖରେ ଭାରତର ମୁଖ୍ୟ ନିର୍ବାଚନ କମିଶନର, ନିର୍ବାଚନ କମିଶନର ଏବଂ ଭାରତ ସରକାରଙ୍କ କ୍ୟାବିନେଟ୍ ସଚିବ ଏବଂ ବୈଦେଶିକ ସଚିବଙ୍କୁ ଅବଗତ କରାଯାଇଛି।



**ବିଦେଶ ମନ୍ତ୍ରାଳୟ ଓ ନିର୍ବାଚନ କମିସନଙ୍କ ହସ୍ତକ୍ଷେପ ଲୋଡ଼ିଛି ବିଜେଡି**

**ଅବାଧ ନିର୍ବାଚନ ପରିଳନା ପାଇଁ ତୁରନ୍ତ ହଟାଯାଉ, କାର୍ଯ୍ୟାନୁଷ୍ଠାନ ହେଉ**

ଡ଼ ପାତ୍ର କହିଛନ୍ତି, ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଥିବା ବେଳେ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଫ୍ ଅଫ୍ ଷ୍ଟାଫ୍ (ଓଏସଡି/ବ୍ୟକ୍ତିଗତ ସଚିବ) ଭାବେ କାର୍ଯ୍ୟ କରୁଥିବା ବିନୟ ଶ୍ରୀକାନ୍ତ ପ୍ରଧାନ ଏବେ ବି ତାଙ୍କ ସହ ଘନିଷ୍ଠ ସମ୍ପର୍କ ବଜାୟ ରଖି ନିର୍ବାଚନ ପ୍ରଚାରରେ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି। ଆଇଏଫ୍‌ଏସ୍ ବିନୟ ଶ୍ରୀକାନ୍ତ ପ୍ରଧାନ ବାରମ୍ବାର ସରକାରୀ ଓ ବେସରକାରୀ କ୍ଷେତ୍ରରେ ନିଜର ବୃତ୍ତିଗତ ଓ ବ୍ୟକ୍ତିଗତ ସମ୍ପର୍କ ରଖୁଛନ୍ତି। କନସୁଲ ଜେନେରାଲ ପାହ୍ୟାରେ ଥିବା ଜଣେ ବରିଷ୍ଠ ଅଧିକାରୀଙ୍କ ଏଭଳି କାର୍ଯ୍ୟ ଅଶୋଭନୀୟ ଏବଂ ଜନପ୍ରତିନିଧି ଆଇନ ୧୯୫୧ର ବିଭିନ୍ନ ଧାରାର ଉଲ୍ଲଂଘନ କରୁଛି।

ଡ଼ ପାତ୍ର କହିଛନ୍ତି ଭାରତର ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରାଯାଇଥିଲା ଯେ ଭାରତୀୟ ଜନତା ପାର୍ଟିର ସମ୍ବଲପୁର ଲୋକସଭା ପ୍ରାର୍ଥୀ ଶ୍ରୀ ପ୍ରଧାନଙ୍କ ସହ ପ୍ରାୟ ଏକ ମାସ ଛୁଟିରେ ଥିବା ଏବଂ ଓଡ଼ିଶାର ସମ୍ବଲପୁର ଅଞ୍ଚଳରେ ଉପସ୍ଥିତ ଥିବା ଭାରତର ନ୍ୟୁୟର୍କରେ ଭାରତର କନସୁଲ ଜେନେରାଲଙ୍କ ଅନୁପସ୍ଥିତିର ତଦନ୍ତ ଆରମ୍ଭ କରାଯାଉ। ଦୁଇ ସପ୍ତାହ ଧରି ସମ୍ବଲପୁର ସଂସଦୀୟ ନିର୍ବାଚନ ମଣ୍ଡଳୀ ପରିସରରେ ଆଇଏଫ୍‌ଏସ୍ ବିନୟ ଶ୍ରୀକାନ୍ତ ପ୍ରଧାନ କେଉଁ ବ୍ୟକ୍ତିଙ୍କ ସହ ଯୋଗାଯୋଗରେ ଅଛନ୍ତି, ସେ ସମ୍ପର୍କରେ ତଦନ୍ତ କରାଯିବା ଜରୁରୀ। ଆଇଏଫ୍‌ଏସ୍ ଶ୍ରୀ ପ୍ରଧାନ ଦୋଷୀ ସାବ୍ୟସ୍ତ ହେଲେ ଜନପ୍ରତିନିଧି ଆଇନର ଧାରା ୧୯୫୧ର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ତାଙ୍କ ବିରୋଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ସମ୍ବଲପୁର ଓ ଓଡ଼ିଶାରେ ଅବାଧ ଓ ନିରପେକ୍ଷ ଭାବେ ର୍ନିବାଚନ କରାଇବା ପାଇଁ ବିନୟ ଶ୍ରୀକାନ୍ତ ପ୍ରଧାନ ତୁରନ୍ତ କାର୍ଯ୍ୟରେ ଯୋଗ ଦେବା/ ତାଙ୍କୁ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ହଟାଇବାକୁ ନିର୍ଦ୍ଦେଶ ଦେବାକୁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ଏହି ଚିଠିର ଆଉ କୌଣସି ଫଳାଫଳ ନ ମିଳିବାରୁ ୨୦୨୪ ଏପ୍ରିଲ ୨୬ ତାରିଖରେ ପୁଣି ଥରେ କେନ୍ଦ୍ର ସରକାରଙ୍କ ମୁଖ୍ୟ ନିର୍ବାଚନ କମିଶନରଙ୍କ ଉଦ୍ଦେଶ୍ୟରେ ବିଜେଡି ପକ୍ଷରୁ ଆଇଏଫ୍‌ଏଏସ୍ ଅଧିକାରୀ ଶ୍ରୀ ପ୍ରଧାନଙ୍କ ଆଇନ୍ ଉଲ୍ଲଙ୍ଘନ ପ୍ରସଙ୍ଗରେ ଆଉ ଏକ ଚିଠି ପଠାଯାଇଥିଲା। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ସିଇସିଙ୍କୁ ଅନୁରୋଧ କରାଯାଇଥିଲା। ୨୦୨୪ ଏପ୍ରିଲ ୨୪ତାରିଖର ଆବେଦନର ନକଲ ମୁଖ୍ୟ ର୍ନିବାଚନ କମିଶନରଙ୍କ ନିକଟରେ ଇ-ମେଲ୍ ଜରିଆରେ ଦାଖଲ କରାଯିବା ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇଥିଲା। ର୍ନିବାଚନ ଆୟୋଗ ଏ ଦିଗରେ ଦୃଢ଼ ଓ କଠୋର ପଦକ୍ଷେପ ନେବେ ବୋଲି ଡ. ପାତ୍ର ଆଶାବ୍ୟକ୍ତ କରିଛନ୍ତି।

■ **ଧର୍ମେନ୍ଦ୍ରଙ୍କ ଉପରେ ବର୍ଷିଲେ ପ୍ରଣବ**

# ନିର୍ବାଚନ ଲଢ଼ିବା ନିଷ୍ପତ୍ତି ନେଉ ନେଉ ମା'ମାନଙ୍କ ଦୁବାଇ ଗସ୍ତ ବନ୍ଦ କଲେ

ଭୁବନେଶ୍ୱର, ୩।୫(ସମିସ): ଓଡ଼ିଶାର ବିକାଶ, ଓଡ଼ିଶାବାସୀଙ୍କ ଉନ୍ନତିକୁ ସହିପାରୁ ନାହାନ୍ତି। ରାଜନୀତି ପଶାପାଲିରେ ମା' ମାନଙ୍କ ସ୍ୱାଭିମାନକୁ ତଳିତଳାନ୍ତ କରିବାକୁ ପଛାଉ ନାହାନ୍ତି। ଓଡ଼ିଶାର ଲକ୍ଷ ଲକ୍ଷ ମା'ମାନଙ୍କ ଆତ୍ମବିଶ୍ୱାସର ପ୍ରତୀକ ପାଲଟିଥିବା ମିଶନ୍ ଶକ୍ତି ବିରୋଧରେ ଷଡ଼ଯନ୍ତ୍ର କରିଛନ୍ତି। ଏପରିକି ଷଡ଼ଯନ୍ତ୍ର କରି କେନ୍ଦ୍ରାପଡ଼ାର ଝିଅ ସୁଜାତା ରାଉତଙ୍କୁ ତାଙ୍କ କାର୍ଯ୍ୟରୁ ଅନ୍ତର କରିବାରେ ସଫଳ ହୋଇଛନ୍ତି। ଏପରି ଲୋକଙ୍କୁ ଓଡ଼ିଶାର ମା' ମାନେ ଜବାବ୍ ଦେବେ ବୋଲି କହିଛନ୍ତି ବିଜେଡି ସମ୍ବଲପୁର ଲୋକସଭା ପ୍ରାର୍ଥୀ ତଥା ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ଆଜି ଟୁଇଟ୍ କରି ଶ୍ରୀ ଦାସ ଏହା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମହିଳା ବିରୋଧୀ ମନୋଭାବକୁ ତୀବ୍ର ସମାଲୋଚନା କରିଛନ୍ତି।



**ନାମାଙ୍କନ ଦାଖଲ ପରେ ଓଡ଼ିଆ ଝିଅ ସୁଜାତା ରାଉତଙ୍କୁ କାର୍ଯ୍ୟରୁ ଅନ୍ତର କଲେ**

**ନିର୍ବାଚନ ଜିତିଲେ ମିଶନ୍ ଶକ୍ତି ବନ୍ଦ କରିଦେବେ**

**ଲକ୍ଷ ଲକ୍ଷ ମା' ଦେବେ କୁକର୍ମର ଜବାବ୍**

ଶ୍ରୀ ଦାସ କହିଛନ୍ତି ଯେ ଯେତେବେଳେ ଶ୍ରୀ ପ୍ରଧାନ ନିର୍ବାଚନ ଲଢ଼ିବା ପାଇଁ ସ୍ଥିର କଲେ ସେତେବେଳେ ଚକ୍ରାନ୍ତ କରି ମିଶନ୍ ଶକ୍ତି ମା' ମାନଙ୍କ ଦୁବାଇ ଗସ୍ତ ବନ୍ଦ କରିଦେଲେ। ଆଉ ଯେବେ ସେ ନାମାଙ୍କନ ଦାଖଲ କଲେ ସେତେବେଳେ ଲକ୍ଷ ଲକ୍ଷ ମା' ମାନଙ୍କ କଲ୍ୟାଣ ପାଇଁ ଦିନ ରାତି କାମ କରୁଥିବା କେନ୍ଦ୍ରାପଡ଼ାର ଝିଅ ସୁଜାତା ରାଉତଙ୍କୁ ବିଦା କରିଦେଲେ। ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ସେ ଯଦି ନିର୍ବାଚନ ଜିତନ୍ତି ତା ହେଲେ ମିଶନ୍ ଶକ୍ତି କାର୍ଯ୍ୟକ୍ରମକୁ ପୂରା ବନ୍ଦ କରିଦେବେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଏହି କାର୍ଯ୍ୟ ଓଡ଼ିଶାର ଲକ୍ଷ ଲକ୍ଷ ମା' ମାନଙ୍କୁ ଅସମ୍ମାନିତ ଓ ଅପମାନିତ କରିଛି। ସେମାନଙ୍କ ପ୍ରଗତିରେ ବାଧା ସୃଷ୍ଟି କରିଛି। ଆସନ୍ତା ନିର୍ବାଚନରେ ସେହି ମା'ମାନେ ତାଙ୍କୁ ଏହି ଅପକର୍ମର ଉଚିତ ଜବାବ୍ ଦେବେ ବୋଲି ବିଜେଡି ସଂଗଠନ ସମ୍ପାଦକ କହିଛନ୍ତି।

ମିଶନ୍ ଶକ୍ତି ଗୋଷ୍ଠୀ ଦିନକୁ ଦିନ ପ୍ରଗତି କରୁଥିବା ବେଳେ ପ୍ରତି ଏସ୍‌ଏଚ୍‌ଜିକୁ ଏସ୍‌ଏମ୍‌ଇରେ ପରିଣତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ମା' ମାନଙ୍କ ବ୍ୟବସାୟ ବଢ଼ିବ, ଦେଶ ବିଦେଶରେ ସେମାନଙ୍କ ଉତ୍ପାଦ ପହଞ୍ଚିବ। ସେଥିପାଇଁ ରାଜ୍ୟ ସରକାର ମିଶନ୍ ଶକ୍ତିର ସଦସ୍ୟାମାନଙ୍କୁ ଦୁବାଇ ଗସ୍ତରେ ନେଇ ସେମାନଙ୍କ ବାଣିଜ୍ୟିକ ଅଭିଜ୍ଞତା ବୃଦ୍ଧି କରୁଥିଲେ। ଦୁବାଇରୁ ଫେରିବା ପରେ ସେଠାରୁ ଅର୍ଜିତ ଅଭିଜ୍ଞତାକୁ ପାଥେୟ କରି ସେମାନେ ନିଜ କାରବାର ବୃଦ୍ଧି କରୁଥିଲେ। ବ୍ୟବସାୟରେ ପରିବର୍ତ୍ତନ ଆଣୁଥିଲେ, ସୁଧାର ଆଣିବା ପାଇଁ ବାଟ ପାଉଥିଲେ। କିନ୍ତୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନିର୍ବାଚନ ଲଢ଼ିବା ବେଳକୁ ମିଶନଶକ୍ତି ବିରୋଧରେ ଷଡ଼ଯନ୍ତ୍ର କର ସମ୍ପୃକ୍ତ ମହିଳାମାନଙ୍କ ଦୁବାଇ ଗସ୍ତ ବନ୍ଦ କରିଥିଲେ। ଏବେ ମିଶନ୍ ଶକ୍ତି ମା' ମାନଙ୍କ ବିକାଶ ପାଇଁ କାମ କରୁଥିବା ଆଇଏଏସ୍ ଅଧିକାରୀ ସୁଜାତା ରାଉତଙ୍କୁ ମଧ୍ୟ ତାଙ୍କ କାର୍ଯ୍ୟରୁ ଅନ୍ତର ଷଡଯନ୍ତ୍ରରେ କେନ୍ଦ୍ରମନ୍ତ୍ରୀ ସଫଳ ହୋଇଛନ୍ତି। ଏହା ତାଙ୍କ ପାଇଁ ବୁମେରାଂ ସାବ୍ୟସ୍ତ ହେବ ବୋଲି ବିଜେଡି କହିଛି।

**ସୁଜାତା କାର୍ତ୍ତିକେୟନ ଅର୍ଥ ବିଭାଗ ସ୍ୱତନ୍ତ୍ର ସଚିବ**

## ମିଶନ ଶକ୍ତି ବିଭାଗ ଅତିରିକ୍ତ ଦାୟିତ୍ୱରେ ଶାଳିନୀ ପଣ୍ଡିତ

ଭୁବନେଶ୍ୱର, ୩।୫(ସମିସ): ୨୦୦୦ ବ୍ୟାଚ୍ ଆଇଏଏସ୍ ଅଫିସର ସୁଜାତା ରାଉତ କାର୍ତ୍ତିକେୟନଙ୍କୁ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ଅବସ୍ଥାପିତ କରାଯାଇଛି। ଶ୍ରୀମତୀ କାର୍ତ୍ତିକେୟନ ମିଶନଶକ୍ତି ବିଭାଗ ସହିତ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ଦାୟିତ୍ୱ ତୁଲାଉଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଥିବା ୨୦୦୧ ବ୍ୟାଚ୍ ଆଇଏଏସ୍ ଅଫିସର ଶାଳିନୀ ପଣ୍ଡିତଙ୍କୁ ରାଜ୍ୟ ସରକାର ମିଶନ ଶକ୍ତି ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏଥିସହିତ ଶ୍ରୀମତୀ ପଣ୍ଡିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଭାବେ ଦାୟିତ୍ୱ ତୁଲାଇବେ ବୋଲି ଶୁକ୍ରବାର ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

**ବିଜେପିରେ ବିଦ୍ରୋହ**

# ଖାରବେଳଙ୍କ ଯୁଦ୍ଧଂ ଦେହି ଡାକରା

ବାଲେଶ୍ୱର, ୩।୫(ସମିସ): ବାଲେଶ୍ୱର ବିଜେପିରେ ଜଳୁଛି ଅସନ୍ତୋଷ ନିଆଁ। ଦଳୀୟ ପ୍ରାର୍ଥୀ ମନୋନୟନକୁ ନେଇ କର୍ମୀ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ଏବେ ବିଦ୍ରୋହ ରୂପ ନେଇଛି। ଖୋଦ୍ ପ୍ରତାପଙ୍କ ବିରୋଧରେ ସ୍ୱାଧୀନ ପ୍ରାର୍ଥୀ ହେବାକୁ ଦଳର ବରିଷ୍ଠ ନେତା ଖାରବେଳ ସ୍ୱାଇଁ ଘୋଷଣା କରିଛନ୍ତି। ଅନୁରୂପ ଭାବରେ ନୀଳଗିରି, ଭୋଗରାଇରେ ମଧ୍ୟ ପ୍ରାର୍ଥୀ ମନୋନୟନକୁ ନେଇ ସୃଷ୍ଟି ହୋଇଛି ବିଦ୍ରୋହ। ଭୋଗରାଇରେ ଦଳୀୟ ପ୍ରାର୍ଥୀଙ୍କୁ ୨୪ ଘଣ୍ଟା ମଧ୍ୟରେ ପରିବର୍ତ୍ତନ ନ କଲେ ଦଳର ନେତାମାନେ ବିକଳ୍ପ ଚିନ୍ତା କରିବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି

ବାଲେଶ୍ୱର ଲୋକସଭାରୁ ତିନି ଥରର ବିଜେପି ସାଂସଦ ଖାରବେଳ ସ୍ୱାଇଁ ଦଳୀୟ ନିଷ୍ପତ୍ତିକୁ ବିରୋଧ କରି ଆଜି ପୁଣି ଅସନ୍ତୋଷ ପ୍ରକଟ କରିଛନ୍ତି। ବାଲେଶ୍ୱର ଲୋକସଭାରୁ ପ୍ରାର୍ଥୀ ହେବା ନେଇ ଆଶାୟୀ ଥିବା ଶ୍ରୀ ସ୍ୱାଇଁ ସ୍ୱାଧୀନରେ ଲଢ଼ିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବାଲେଶ୍ୱର ଲୋକସଭା ବିଜେପି ପ୍ରାର୍ଥୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରାର୍ଥିତ୍ୱ ଉପରେ ପ୍ରଶ୍ନବାଚୀ ଉଠାଇଛନ୍ତି। ପୂର୍ବରୁ ବିଜେପିରୁ ଖାରବେଳ ସ୍ୱାଇଁ ବାଲେଶ୍ୱରରୁ ଲୋକସଭା ପ୍ରାର୍ଥୀ ହେବା ନେଇ ଦଳୀୟ ସଂଗଠନ ନିକଟରେ ପ୍ରସ୍ତାବ ରଖିବା ସହିତ ପ୍ରତାପ ଷଡ଼ଙ୍ଗୀଙ୍କୁ ନୀଳଗିରି ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପ୍ରସ୍ତାବ ରଖିଥିଲେ। କିନ୍ତୁ ନୀଳଗିରିରୁ ଆଜି ବିଜେପିରୁ ସନ୍ତୋଷ ଖଟୁଆଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିବା ପରେ ଖାରବେଳ ମୁହଁ ଖୋଲିଛନ୍ତି। ସେ କେବଳ ପ୍ରତାପ ଷଡ଼ଙ୍ଗୀ ନୁହେଁ, ଦଳୀୟ ନେତୃତ୍ୱ ଓ ସଂଗଠନକୁ ମଧ୍ୟ କାଠଗଡ଼ାରେ ଠିଆ କରାଇଛନ୍ତି। କେଉଁ ସିଟ୍ ସଂରକ୍ଷିତ ରହିଛି, ସେ ସମ୍ପର୍କରେ ଦଳୀୟ ସାଂସଦମାନଙ୍କର ଧାରଣା ନାହିଁ। ଦଳର ସଙ୍ଗଠନ ସମ୍ପାଦକ ବି.ଏଲ୍.ସନ୍ତୋଷଙ୍କୁ ରାଜ୍ୟ ସମ୍ପର୍କରେ କିଛି ଜଣା ନାହିଁ ବୋଲି ମଧ୍ୟ ଖାରବେଳ କହିଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ଖାରବେଳ ଦଳୀୟ ନେତୃତ୍ୱ ଓ ପ୍ରାର୍ଥୀଙ୍କ ବିରୋଧରେ ଯୁଦ୍ଧଂ ଦେହି ଆହ୍ୱାନ ଦେଇଛନ୍ତି। ପ୍ରାର୍ଥିତ୍ୱ ପରିବର୍ତ୍ତନ ନେଇ କୌଣସି ସମ୍ଭାବନା ନଥିବା ଦେଖି ଆଜି ଖାରବେଳ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ ଖାରବେଳ ସ୍ୱାଇଁ ବିଜେପିର କ୍ରୀତଦାସ ନୁହେଁ, ଯେଉଁ ନିଷ୍ପତ୍ତି ନେବେ ମୁଁ ମୁଣ୍ଡପାତି ସହିଯିବି। ଖାରବେଳ ସ୍ୱାଇଁ ନିଜେ ଗୋଟିଏ ବ୍ରାଣ୍ଡ। ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦିତା କରି ବାଲେଶ୍ୱର ଲୋକସଭା ଆସନରୁ ଚାରି ଲକ୍ଷ ଭୋଟ ବ୍ୟବଧାନରେ ଜିତିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଖାରବେଳ। ଅନ୍ୟପଟେ ସେ ପ୍ରତାପଙ୍କ କାର୍ଯ୍ୟଦକ୍ଷତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସମସ୍ତ କେନ୍ଦ୍ର ସରକାରଙ୍କ କାର୍ଯ୍ୟ ଓ ପ୍ରକଳ୍ପକୁ ନିଜର ରିପୋର୍ଟ କାର୍ଡରେ ଦର୍ଶାଇ ପ୍ରତାପ ଷଡ଼ଙ୍ଗୀ ବାହାବା ନେଉଛନ୍ତି। ଆଉ କିଛି ଦିନ ପରେ ତାଙ୍କ କାର୍ଯ୍ୟକାଳ ସମୟରେ ଚନ୍ଦ୍ରଯାନ ପଠାଯାଇଥିଲା, ସେଇଟା ବି ସେ କରିଛନ୍ତି ବୋଲି ପ୍ରତାପ ଷଡ଼ଙ୍ଗୀ କହିବେ ବୋଲି ଖାରବେଳ କଟାକ୍ଷ କରିଛନ୍ତି। ତାଙ୍କର ଅପାରଗତା ପାଇଁ ପ୍ରତାପ ଷଡ଼ଙ୍ଗୀଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇଥିଲା। ପ୍ରତାପଙ୍କ କାର୍ଯ୍ୟଦକ୍ଷତା ଉପରେ ବାଲେଶ୍ୱରବାସୀଙ୍କ ଆଉ ବିଶ୍ୱାସ ନାହିଁ। ତେଣୁ ତାଙ୍କର ଜିତିବାର ସମ୍ଭାବନା ନାହିଁ। ଦଳ ତାଙ୍କୁ ପ୍ରାର୍ଥୀ ନ କଲେ ବି ସେ ଦଳ ଆଖିରେ ଆଙ୍ଗୁଳି ଗେଞ୍ଜି ଜିତିବେ ବୋଲି ଖାରବେଳ କହିଛନ୍ତି। ଦଳୀୟ ସଂଗଠନ ତାଙ୍କୁ ଗତ ୨୦ଦିନ କାଳ ଅପେକ୍ଷା କରାଇ ଆଜି ନିରାଶ କରିଛି। ତେଣୁ ସ୍ୱାଧୀନ ଭାବେ ଲଢ଼ି ଦଳକୁ ଗୋଟିଏ ଶିକ୍ଷା ଦେବେ ବୋଲି ପୂର୍ବତନ ସାଂସଦ ଶ୍ରୀ ସ୍ୱାଇଁ କହିଛନ୍ତି। ବିଜେପିର ରାଜ୍ୟ ସଂଗଠନ ଦାୟିତ୍ୱରେ ଥିବା ଭୂପେନ୍ଦ୍ର ଯାଦବଙ୍କୁ ଖାରବେଳ ଭେଟି ବାଲେଶ୍ୱରରୁ ଲଢ଼ିବା ନେଇ ପ୍ରସ୍ତାବ ଦେଇ ଆସିଥିଲେ। ଦଳର ସଂଗଠନ ସମ୍ପାଦକ ବିଏଲ୍ ସନ୍ତୋଷ ପ୍ରତାପଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିବା ସହ ଆଉ ପ୍ରାର୍ଥିତ୍ୱ ପରିବର୍ତ୍ତନ ହେବ ନାହିଁ ବୋଲି ଶୁଣାଇଥିଲେ ବୋଲି ଖାରବେଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବାଲେଶ୍ୱରରୁ ଖାରବେଳ ସ୍ୱାଧୀନ ଭାବେ ଆଗାମୀ ନିର୍ବାଚନକୁ ଓହ୍ଲାଇବା ସହ ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହେବେ ବୋଲି ସୂଚନା ଦେଇଛନ୍ତି।



**ବାଲେଶ୍ୱରରୁ ସ୍ୱାଧୀନ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଘୋଷଣା**

**ତୃତୀୟ ସ୍ଥାନରେ ରହିବେ ବିଜେପି ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ**

**କାମ କରି ନ ଥିବାରୁ ମନ୍ତ୍ରୀ ପଦରୁ ବାଦ୍ ପଡ଼ିଥିଲେ ପ୍ରତାପ**

# ନର୍ଲା: ବ୍ୟାକ୍‌ଫୁଟ୍‌ରେ କଂଗ୍ରେସ

## ପଳାତକଙ୍କୁ ସ୍ୱାଗତ, ଭକ୍ତଙ୍କ ଏକଛତ୍ରବାଦ ଯୋଗୁଁ ଦଳ ଛାଡୁଛନ୍ତି ବରିଷ୍ଠ

ନର୍ଲା, ୩।୫(ସମିସ): ଭୁଶୁଡୁଛି ନର୍ଲାରେ କଂଗ୍ରେସର ଦୁର୍ଗ। 'ମୁଁ ହିଁ ସର୍ବେସର୍ବା' ବୋଲି ପ୍ରଚାର କରୁଥିବା ନେତା ନିଜ ଦଳୀୟ ନେତାଙ୍କ ପାଖରେ ଗ୍ରହଣୀୟ ହେଉନାହାନ୍ତି। ଚଳିତ ନିର୍ବାଚନରେ ନର୍ଲା ବିଧାନସଭା ଆସନରେ ଚର୍ଚ୍ଚିତ ପ୍ରତିଦ୍ୱନ୍ଦ୍ୱିତା ହେବା ନେଇ ଲୋକେ ଆଶା କରୁଛନ୍ତି। ନାମାଙ୍କନ ପ୍ରକ୍ରିୟା ପରେ ମୋଟ୍ ୧୨ଜଣ ବିଧାୟକ ପ୍ରାର୍ଥୀ ମଇଦାନରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୯ଜଣ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବେଳେ ୩ଜଣ ସ୍ୱାଧୀନ ଲଢ଼ିବେ। ହେଲେ ପ୍ରତିଥର ବିଜେଡି ପଛକୁ ବିଜେପି ଗୋଡ଼ାଉଥିବା ଦେଖାଯାଉଥିଲା। ବର୍ତ୍ତମାନ କଂଗ୍ରେସର ପୁରୁଖା ଓ ଅନୁଭବୀ ନେତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସଙ୍କ ଆଗମନ ପରେ ବିଜେପି ବହୁ ପଛରେ ରହିଯାଇଛି। ସ୍ଥାନୀୟ ପ୍ରାର୍ଥିତ୍ୱକୁ ଗୁରୁତ୍ୱ ନଦେଇ ଏଥର ମଧ୍ୟ ବିଜେପି ଗତ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଥିବା ଅନିରୁଦ୍ଧ ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ଦଳୀୟ ନିଷ୍ପତ୍ତିକୁ ବିରୋଧ କରି ସ୍ଥାନୀୟ ବରିଷ୍ଠ ବିଜେପି ନେତା ପ୍ରଦୀପ ନାୟକ ସ୍ୱାଧୀନ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଯାହା ଶ୍ରୀ ପଧାନଙ୍କୁ ବହୁ ପଛକୁ ଠେଲି ଦେଇଛି।

ଅନ୍ୟପକ୍ଷରେ ଅନୁଭବୀ, ବରିଷ୍ଠ ଓ ଅଭିଜ୍ଞ ରାଜନେତା ହେଲେ ମଧ୍ୟ କଂଗ୍ରେସ ପ୍ରାର୍ଥୀ ଭକ୍ତଙ୍କ ପ୍ରତି ମଧ୍ୟ ସ୍ଥାନୀୟ ପ୍ରାର୍ଥିତ୍ୱର ପ୍ରସଙ୍ଗ କଂଗ୍ରେସ କର୍ମୀଙ୍କୁ ଅଡୁଆରେ ପକାଉଛି। ଏଥର ସମସ୍ତଙ୍କ ଆଶା ଥିଲା ଓ ଦଳମତ ନିର୍ବିଶେଷରେ ଅଞ୍ଚଳବାସୀ ମଧ୍ୟ ଯେଉଁ ଦଳ ସ୍ଥାନୀୟ ପ୍ରାର୍ଥୀ ଦେବ, ତାହାକୁ ଗ୍ରହଣ କରିବେ ବୋଲି ଜଣା ପଡୁଥିଲା। ସେହି ଆଶାରେ ନର୍ଲା ବ୍ଲକ କଂଗ୍ରେସ ସଭାପତି ସମୀର ଚାନ୍ଦ, ମଦନପୁର ରାମପୁର ବ୍ଲକ ସଭାପତି ବିଭୂତି ଭୂଷଣ ପ୍ରହରାଜ ଓ ଅନେକ ନେତା ବର୍ଷ ବର୍ଷ ଧରି ସଙ୍ଗଠନ ରକ୍ଷା କରିବା ସହ ନିଜ ନିଜର ପତିଆରା ସୃଷ୍ଟି କରିଥିଲେ। ଶେଷ ମୁହୂର୍ତ୍ତରେ ଖୋଦ୍ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ନର୍ଲାରେ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବି ବୋଲି ଘୋଷଣା କରିବା ସମସ୍ତଙ୍କୁ ନିରାଶା ମଧ୍ୟକୁ ଠେଲି ଦେଇଛି।

ଆଶା ଓ ନିରାଶା ମଧ୍ୟରେ ଗତି କରୁଥିବା ନର୍ଲା କଂଗ୍ରେସ ସଙ୍ଗଠନକୁ ତାହାଠାରୁ ମଧ୍ୟ ବଡ଼ ଝଟକା ଲାଗିଲା। ୨୦୧୯ ନିର୍ବାଚନର କଂଗ୍ରେସ ପ୍ରାର୍ଥୀ ଚିତ୍ତରଞ୍ଜନ ମଣ୍ଡଳ ଦଳ ଛାଡ଼ି ବିଜେଡିକୁ ଯିବା ପରେ ବିଜେଡି ଟିକଟ ନ ପାଇ ପୁଣି କଂଗ୍ରେସକୁ ଫେରିଛନ୍ତି। ଭକ୍ତ ବାବୁ ସମସ୍ତଙ୍କୁ ଅଣଦେଖା କରି ଶ୍ରୀ ମଣ୍ଡଳଙ୍କୁ ଗୁରୁତ୍ୱ ଦେବା ଅନ୍ୟମାନଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଦୀର୍ଘ ୪୦ ବର୍ଷ ଧରି କଂଗ୍ରେସ ଦଳ ପ୍ରତି ସମର୍ପିତ ଭାବେ କାର୍ଯ୍ୟ କରି ଆସୁଥିବା ନର୍ଲା ବ୍ଲକ କଂଗ୍ରେସର ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଭକ୍ତବାବୁଙ୍କ ଏକାନ୍ତ ଅନୁଗତ ଦେବୀଦେବ ଶର୍ମା, ବର୍ଷିଆନ କଂଗ୍ରେସ ନେତା ପର୍ଶୁରାମ ପାଢ଼ୀ, ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚ ସାହୁ, ଚନ୍ଦ୍ରଧ୍ୱଜ ବିଶ୍ୱାଳ, ସୁଧୀର ନାୟକଙ୍କ ସମେତ ନର୍ଲା, ମଦନପୁର ରାମପୁର, କର୍ଲାମୁଣ୍ଡା ଓ କେଶିଙ୍ଗାର ଶତାଧିକ କଂଗ୍ରେସ ନେତା ଓ କର୍ମୀମାନେ ଭକ୍ତଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣୁଛନ୍ତି। ଭକ୍ତବାବୁ କ୍ଷମତା ଓ ପରିବାର ମୋହରେ ସମସ୍ତଙ୍କୁ ଅଣଦେଖା କରୁଛନ୍ତି ବୋଲି ସେମାନେ ଅଭିଯୋଗ କରୁଛନ୍ତି। 'କାମ କରିବା ପାଇଁ କର୍ମୀ, ନେତା ହେବା ପାଇଁ ନୁହେଁ' ବୋଲି ଭକ୍ତ କହୁଥିବାରୁ ଅନେକ ନେତା କଂଗ୍ରେସ ତ୍ୟାଗ କରି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ପଳାତକ ଓ ସୁବିଧାବାଦୀ ନେତାଙ୍କ ପ୍ରତି ଭକ୍ତ ଦାସଙ୍କ ସାନ୍ନିଧ୍ୟ, ତାଙ୍କର ଏକଛତ୍ରବାଦ ଯୋଗୁଁ ବହୁ କର୍ମୀ ଦଳ ଛାଡ଼ି ବିଜେଡିକୁ ସମର୍ଥନ କରିବା ସହ ସ୍ଥାନୀୟ ପ୍ରାର୍ଥୀ ତଥା ଅଞ୍ଚଳର ବୋହୂ ବିଜୁ ଜନତା ଦଳର ପ୍ରାର୍ଥୀ ମନୋରମା ମହାନ୍ତିଙ୍କୁ ସମର୍ଥନ କରିବା ପାଇଁ ଘୋଷଣା କରିଛନ୍ତି। ଏହି ଘଟଣା ପରେ ପଳାତକଙ୍କୁ ସ୍ୱାଗତ ଓ ସ୍ଥାନୀୟ ପ୍ରସଙ୍ଗକୁ ଅଣଦେଖା ଭକ୍ତଙ୍କ ରାଜନୈତିକ ଜୀବନ ପାଇଁ ଅଗ୍ନିପରୀକ୍ଷା ହେବ ବୋଲି ଚର୍ଚ୍ଚା ହେଉଛି।



# କାକଟପୁର ଦେଖିବ ବିଜେଡି-କଂଗ୍ରେସ ଲଢ଼େଇ

ପୁରୀ/ଅସ୍ତରଙ୍ଗ, ୩।୫ (ସମିସ): ପୁରୀ ଜିଲ୍ଲାର କାକଟପୁର ନିର୍ବାଚନମଣ୍ଡଳୀ ଜଗତ୍‌ସିଂହପୁର ଲୋକସଭା କ୍ଷେତ୍ର ଅଧୀନରେ ରହିଛି। ୨୦୦୯ରେ ଏହି ନିର୍ବାଚନମଣ୍ଡଳୀକୁ ସଂରକ୍ଷିତ କରାଯାଇଥିଲା। ଫଳରେ ୨୦୦୦ ଏବଂ ୨୦୦୪ରେ ଲଗାତାର ବିଜେଡିରୁ ଜିତିଥିବା ସୁରେନ୍ଦ୍ରନାଥ ନାୟକଙ୍କ ଲମ୍ବା ରାଜନୈତିକ କ୍ୟାରିୟର ଉପରେ ଏକପ୍ରକାର ଛକି ଟାଣି ହୋଇଗଲା। କିନ୍ତୁ ବିଜେଡି ବିଜୟରେ ବ୍ରେକ୍ ଲାଗି ନ ଥିଲା। ୨୦୦୯, ୨୦୧୪ ଏବଂ ୨୦୧୯ରେ ବିଜେଡି ପ୍ରାର୍ଥୀ ହିଁ ଏଠାରୁ ବିଜୟୀ ହୋଇଆସୁଛନ୍ତି। ମୋଟାମୋଟି କହିବାକୁ ଗଲେ, ବିଜେଡି ଗଠନ ହେବା ପରଠାରୁ ଏହି ନିର୍ବାଚନମଣ୍ଡଳୀକୁ ନିଜ ଅକ୍ତିଆରରେ ରଖି ଆସିଛି। କାକଟପୁର ନିର୍ବାଚନମଣ୍ଡଳୀରେ ବିଜେଡି ଏବଂ କଂଗ୍ରେସ ମଧ୍ୟରେ ସିଧାସଳଖ ଲଢ଼େଇ ହୋଇଥାଏ। ଏଥର ବି ସମାନ ସ୍ଥିତି ଅର୍ଥାତ୍ ବିଜେଡି ଏବଂ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି ଚର୍ଚ୍ଚା ହେଉଛି। ଏହାରି ଭିତରେ ବିଜେଡି ଲଗାତାର ଷଷ୍ଠଥର ପାଇଁ ବିଜୟ ବାନା ଉଡ଼ାଇବାକୁ ଯୋଜନା କରୁଥିବା ବେଳେ ୧୯୯୫ ପରଠାରୁ କ୍ଷମତାକୁ ଫେରି ନଥିବା କଂଗ୍ରେସ କିଛି ଚମତ୍କାରିତା ଦେଖାଇବାର ଆଶା ରଖିଛି। ହେଲେ ବିଜେପି ଏ ପର୍ଯ୍ୟନ୍ତ କାକଟପୁରରେ ନିଜ ଆସନ ସ୍ଥିର କରିପାରିନି। କାରଣ ଏବେ ବି ଦଳୀୟ ପ୍ରାର୍ଥୀଙ୍କୁ ନେଇ ବିରୋଧ ଥମିନାହିଁ।

କାକଟପୁର ବ୍ଲକର ୧୬ଟି ପଞ୍ଚାୟତ, ଅସ୍ତରଙ୍ଗ ବ୍ଲକ ୧୫ଟି ପଞ୍ଚାୟତ, ଗୋପ ବ୍ଲକର ୧୪ଟି ପଞ୍ଚାୟତ ଏବଂ କୋଣାର୍କ ଏନ୍‌ଏସିର ୧୩ଟି ୱାର୍ଡକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ନିର୍ବାଚନମଣ୍ଡଳୀର ମୋଟ ଜନସଂଖ୍ୟା ୩, ୨୪, ୬୮୭। ୨୦୨୪ ଭୋଟର ତାଲିକା ଅନୁଯାୟୀ, ମୋଟ ମତଦାତାଙ୍କ ସଂଖ୍ୟା ୨, ୪୦, ୬୩୧। ଏମାନେ ୨୮୦ ବୁଥ୍‌ରେ ମତଦାନ କରିବେ। ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ତୁଷାରକାନ୍ତି ବେହେରା ୪୫, ୬୯୧ ଭୋଟ ବ୍ୟବଧାନରେ

### ବିଜେପି ପ୍ରାର୍ଥୀଙ୍କୁ ବିରୋଧ ଥମିନି

### ବିଜେଡି ସପକ୍ଷରେ ବିଜୟ ରେକର୍ଡ







ବିଜୟୀ ହୋଇଥିଲେ। ତୁଷାର ମୋଟ ୯୧, ୮୯୭ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ବିଶ୍ୱଭୂଷଣ ଦାସ ୪୬, ୨୦୬ ଖଣ୍ଡ ଭୋଟ ପାଇଥିଲେ। ବିଜେପି ପ୍ରାର୍ଥୀ ରବି ମଲ୍ଲିକ ୩୦, ୭୭୧ ଖଣ୍ଡ ଭୋଟ ପାଇଥିଲେ। ତେବେ ଏହି ଆସନରେ ବିଜେପି ପ୍ରାର୍ଥୀ କେବେ ବି ଦ୍ୱିତୀୟ ସ୍ଥାନକୁ ଆସିନାହିଁ।

ଏଥର ପ୍ରମୁଖ ୩ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ବିଜେପି ସେମାନଙ୍କ ପ୍ରାର୍ଥୀଙ୍କ ନାଁ ସ୍ପଷ୍ଟ କରିସାରିଛି। ବିଜେଡି ପୁଣି ତୁଷାରକାନ୍ତି ବେହେରାଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସରୁ ପୁନର୍ବାର ପ୍ରାର୍ଥୀ ହୋଇଛନ୍ତି ବିଶ୍ୱଭୂଷଣ ଦାସ। ତେବେ ବିଶ୍ୱଭୂଷଣଙ୍କ ପ୍ରାର୍ଥିତ୍ୱ ବେଶ୍ ଚର୍ଚ୍ଚାରେ ରହିଥିଲା। ନିକଟରେ ବିଶ୍ୱଭୂଷଣ କଂଗ୍ରେସରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଥିଲେ। ତାଙ୍କୁ କାକଟପୁରରୁ ପ୍ରାର୍ଥୀ କରାଯିବ ବୋଲି ବିଜେପି କଥା ଦେଇଥିଲା। ହେଲେ ବିଜେପି ବାଇଧର ମଲ୍ଲିକଙ୍କୁ ପ୍ରାର୍ଥୀ କରିବା ପରେ କ୍ଷୁବ୍ଧ ହୋଇଥିଲେ ବିଶ୍ୱଭୂଷଣ ଏବଂ ତାଙ୍କ ସମର୍ଥକ। ଅସନ୍ତୋଷ କେବଳ କାକଟପୁର ନୁହେଁ, ରାଜଧାନୀରେ ବି ଦେଖିବାକୁ ମିଳିଥିଲା। ବିଶ୍ୱଭୂଷଣଙ୍କୁ ପ୍ରାର୍ଥୀ କରିବା ଲାଗି ତାଙ୍କ ସମର୍ଥକମାନେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ହଙ୍ଗାମା କରିଥିଲେ। ହେଲେ ଫଳ କିଛି ହୋଇ ନଥିଲା। ଦଳ ବାଇଧରଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ବିଜେପିରୁ ମୁହଁ ଫେରାଇଥିଲେ ବିଶ୍ୱଭୂଷଣ। ମାତ୍ର ୧୫ ଦିନ ପରେ ପୁନଶ୍ଚ ବିଜେପିରୁ ଇସ୍ତଫା ଦେଇଥିଲେ ବିଶ୍ୱଭୂଷଣ। ବିଜେପି ରାଜ୍ୟ ସଭାପତିଙ୍କ ନାଁରେ ସାଂଘାତିକ ଅଭିଯୋଗ କରିଥିଲେ।

ଅପରପକ୍ଷେ ବାଇଧରଙ୍କୁ ବିଜେପି ପ୍ରାର୍ଥୀ କରିବା ପରେ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରାଜ୍ୟ କାର୍ଯ୍ୟାଳୟରେ ହଙ୍ଗାମାଠାରୁ ଆରମ୍ଭ କରି ନିର୍ବାଚନମଣ୍ଡଳୀରେ ବିଦ୍ରୋହ ଲାଗି ରହିଛି। ବାଇଧରଙ୍କୁ ପରିବର୍ତ୍ତନ କରି କାକଟପୁର ଅଞ୍ଚଳରୁ ଜଣଙ୍କୁ ପ୍ରାର୍ଥୀ କରିବାକୁ ଅସନ୍ତୁଷ୍ଟ କର୍ମୀମାନେ ଦାବି କରି ଆସୁଛନ୍ତି। ନିକଟରେ ଯୋଗେଶ୍ୱରପୁର ମହାବୀର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା ବିଜେପିର ବୁଥ୍‌ସ୍ତରୀୟ ବୈଠକ। ଏଥିରେ ୮ଟି ମଣ୍ଡଳର କର୍ମକର୍ତ୍ତାଙ୍କ ସମେତ ଦଳୀୟ କର୍ମୀ ବି ଯୋଗ ଦେଇଥିଲେ। ଖୋଦ୍ ବିଧାୟକ ପ୍ରାର୍ଥୀ ଶ୍ରୀ ମଲ୍ଲିକଙ୍କ ସମେତ ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି ଏବଂ ଦଳର ଅନ୍ୟ ବ୍ଲକସ୍ତରୀୟ ନେତୃବୃନ୍ଦ ଯୋଗ ଦେଇଥିଲେ। ହଠାତ୍ ବିଜେପିର କିଛି ଅସନ୍ତୁଷ୍ଟ କର୍ମୀ ପହଞ୍ଚି ବାଇଧରଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ନାରାବାଜି ଦେଇଥିଲେ। ଫଳରେ ବାଇଧରଙ୍କ ସମର୍ଥକ ଏବଂ ଅସନ୍ତୁଷ୍ଟ ବିଜେପି କର୍ମୀଙ୍କ ମଧ୍ୟରେ କଥା କଟାକଟି ଏବଂ ଠେଲାପେଲା ହୋଇଥିଲା। ବିଜେପି ପ୍ରାର୍ଥୀଙ୍କୁ ନେଇ ଏଠାରେ ଅସ୍ଥିରତା ଲାଗି ରହିଥିବା ବେଳେ ବାଇଧର ଲୋକସଭା ପ୍ରାର୍ଥୀ ବିଭୂପ୍ରସାଦ ତରାଇଙ୍କୁ ଧରି ବିଭିନ୍ନ ସ୍ଥାନରେ ପ୍ରଚାର କରିବା ସହ କର୍ମୀ ସମ୍ମିଳନୀ କରିଛନ୍ତି। ବିଜେଡି-କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେବ ବୋଲି ଚର୍ଚ୍ଚା ହେଉଛି।





ବିଜେଡିର ବ୍ରହ୍ମଗିରି ବିଧାୟକ ପ୍ରାର୍ଥୀ ଉମା ସାମନ୍ତରାୟ ଓ ପିପିଲି ପ୍ରାର୍ଥୀ ରୁଦ୍ର ମହାରଥୀଙ୍କ ପ୍ରାର୍ଥୀପତ୍ର ଦାଖଲ

# କୁହୁଳି କୁହୁଳି ଜଳୁଛି ବିଜେପିରେ ବିଦ୍ରୋହର ନିଆଁ

## ୨୪ ଘଣ୍ଟା ନ ପୂରୁଣୁ ଭୋଗରାଇ ବିଜେପିରେ ବିଦ୍ରୋହ

### ୨୪ଘଣ୍ଟାରେ ପ୍ରାର୍ଥୀ ପରିବର୍ତ୍ତନ ନକଲେ ସ୍ୱାଧୀନ ଲଢ଼ିବେ ଆଶାୟୀ

ଭୋଗରାଇ, ୩।୫ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବିଧାନସଭା ଆସନ ପାଇଁ ବିଜେପି ବିଧାୟକ ପ୍ରାର୍ଥୀ ଭାବେ ଆଶିଷ ପାତ୍ରଙ୍କ ନାମ ଘୋଷଣା କରିଛି। ନିକଟ ଅତୀତରେ ଆଶିଷ କଂଗ୍ରେସର ହାତ ଛାଡ଼ି ପଦ୍ମ ପୋଖରୀରେ ବୁଡ଼ ପକାଇଥିଲେ। ସେ ଭୋଗରାଇ ବ୍ଲକ୍ କଂଗ୍ରେସ ସଭାପତି ତଥା କୁମ୍ଭାରମୂଳି ପଞ୍ଚାୟତ ସମିତି ସଦସ୍ୟ। ତେବେ ତାଙ୍କ ନାମ ଘୋଷଣାକୁ ୨୪ ଘଣ୍ଟା ନ ପୂରୁଣୁ ଭୋଗରାଇ ବିଜେପିରେ ବିଦ୍ରୋହ ଆରମ୍ଭ ହୋଇଯାଇଛି।

ଦଳର ଅଧିକାଂଶ ନେତା, କର୍ମୀ ଓ ଆଶାୟୀମାନେ ଆଶିଷଙ୍କୁ ଖୋଲାଖୋଲି ବିରୋଧ ପ୍ରଦର୍ଶନ କରିବା ଆରମ୍ଭ କରିବା ସହ ପ୍ରାର୍ଥୀ ପରିବର୍ତ୍ତନ କରିବା ପାଇଁ ଦାବି କରିଛନ୍ତି। ଏପରିକି, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟ ସଭାପତି ଏଠାରୁ ପ୍ରାର୍ଥୀ ପରିବର୍ତ୍ତନ ନକଲେ, ସେମାନେ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଖାଲି ସେତିକି ନୁହେଁ, ବିଜେପି ଜିଲ୍ଲା ସଭାପତି ଭୋଗରାଇ ସମେତ ବାଲେଶ୍ୱର ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ରରେ ଦଳୀୟ ଟିକଟ ବିକ୍ରି କରିଥିବା ନେଇ ସେମାନେ ଗୁରୁତର ଅଭିଯୋଗ ଆଣିଛନ୍ତି। ଅପରପକ୍ଷେ, ୨୦୦୬ ମସିହାରେ ଚୌକୀ ୟୁକୋ ବ୍ୟାଙ୍କ ଲୁଟ୍ ମାମଲାରେ ଶ୍ରୀ ପାତ୍ର ଅନ୍ୟତମ ଅଭିଯୁକ୍ତ ଥିବା ନେଇ ସମ୍ପୃକ୍ତ ପୁଲିସ ଦସ୍ତାବିଜ୍ ଏବେ ସୋସିଆଲ ମିଡିଆରେ ବହୁଳ ଭାବେ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି।

୨୦୧୭ ମସିହାଠାରୁ ଯୁବ ବ୍ୟବସାୟୀ ଅଂଶୁମାନ ମହାନ୍ତିଙ୍କୁ ଭୋଗରାଇ ନିର୍ବାଚନମଣ୍ଡଳୀରେ ବିଜେପି ଦଳୀୟ ନେତୃତ୍ୱ ଦେବାକୁ ନେଇ ଦଳ ମଧ୍ୟରେ ଚାଲି ଆସିଥିବା ଝଡ଼ ଏପର୍ଯ୍ୟନ୍ତ ପ୍ରଶମିତ ହୋଇନାହିଁ। ଦଳୀୟ ନେତୃତ୍ୱ ପରିବର୍ତ୍ତନ ପାଇଁ ଦଳର ଶୀର୍ଷ ନେତାଙ୍କ ପାଖରେ ଭୋଗରାଇର ପ୍ରବୀଣ ନେତା ଓ କର୍ମୀଙ୍କ ପକ୍ଷରୁ ବାରମ୍ବାର ଦାବି ଦଳକୁ ପ୍ରଭାବିତ କରିଆସୁଥିଲା। ଫଳରେ ଗତ ଜାନୁୟାରୀରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଭୋଗରାଇ ବ୍ଲକରେ ଅଂଶୁମାନ ମହାନ୍ତିଙ୍କ ପରିବର୍ତ୍ତେ ସିଆଁରୁଇ ପଞ୍ଚାୟତ ସମିତି ସଦସ୍ୟ ତଥା ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଆଶିଷ କୁମାର ମହାନ୍ତିଙ୍କୁ ସାଂସଦ ପ୍ରତିନିଧି ଭାବେ ଅବସ୍ଥାପିତ କରିଥିଲେ। କିନ୍ତୁ ଏବେ ଦଳଡିଆଁ ନେତା ଆଶିଷ ପାତ୍ରଙ୍କୁ ଦଳୀୟ ଟିକଟ ଦିଆଯିବା ଫଳରେ ଦୀର୍ଘ ବର୍ଷ ଦଳ ପାଇଁ ସେବା ଦେଇ ଆସିଥିବା ନେତାମାନଙ୍କ ମଧ୍ୟରେ ଅସନ୍ତୋଷ ବହ୍ନି ପ୍ରଜ୍ୱଳିତ ହୋଇଛି।

ଚଳିତ ବିଧାନସଭା ନିର୍ବାଚନରେ ଲଢ଼ିବା ଉଦ୍ଦେଶ୍ୟରେ ଦଳର ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଆସିଥିବା ଆଶାୟୀମାନଙ୍କ ମଧ୍ୟରେ ୨୦୧୪ ନିର୍ବାଚନରେ ଦଳୀୟ ଟିକଟରେ ବିଧାୟକ ପ୍ରାର୍ଥୀ ଭାବେ ୧୪ ହଜାରରୁ ଅଧିକ ଭୋଟ ପାଇଥିବା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପରେଶ କୁମାର ନାୟକ, ସାଂସଦ ପ୍ରତିନିଧି ଆଶିଷ କୁମାର ମହାନ୍ତି, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ସଞ୍ଜୀବ କୁମାର ସାହୁ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶକ୍ତିପଦ ପାଣ୍ଡେ, ଅଖଣ୍ଡ ଭାରତ ହିନ୍ଦୁ ମହାସଭା ରାଜ୍ୟ ସଭାପତି କୌଶିକ ଚାନ୍ଦ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ସୁନୀଲ କୁମାର କର, ୨୦୧୯ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଭାବେ ୨୪ହଜାରରୁ ଅଧିକ ଭୋଟ ପାଇଥିବା ଅଂଶୁମାନ ମହାନ୍ତି, ୨୦୧୯ ନିର୍ବାଚନରେ ପ୍ରଥମେ ଦଳୀୟ ଟିକଟ ପାଇଥିବା ଏବଂ ୨୪ଘଣ୍ଟା ମଧ୍ୟରେ ଟିକଟ ପ୍ରତ୍ୟାହାରର ଶିକାର ହୋଇଥିବା ଯୁବନେତା ମାନସ ରଞ୍ଜନ ମହାନ୍ତି, ଚଳଚ୍ଚିତ୍ର ନାୟିକା ଜିନା ସାମଲ (ସ୍ୱାତୀ) ପ୍ରମୁଖଙ୍କୁ ନିରାଶ ହେବାକୁ ପଡ଼ିଛି।

ଦଳର ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର କେବଳ ଭୋଗରାଇ ନୁହେଁ, ବାଲେଶ୍ୱର ଜିଲ୍ଲାର ପାଞ୍ଚଟି ବିଧାନସଭା କ୍ଷେତ୍ରରେ ଦଳଡିଆଁ ନେତାଙ୍କୁ ଦଳୀୟ ଟିକଟ ବିକ୍ରି କରିଥିବା ନେଇ ଆଶାୟୀମାନେ ଖୋଲାଖୋଲି ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅନ୍ୟତମ ଆଶାୟୀ ସେଲିବ୍ରିଟି ଜିନା ସାମଲ (ସ୍ୱାତୀ) ଶୁକ୍ରବାର ଦଳର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ଦଳୀୟ ଟିକଟ ପରିବର୍ତ୍ତନ ନହେଲେ, ଆଶାୟୀମାନଙ୍କ ମଧ୍ୟରୁ ଜଣକୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷରେ କିଛି ଆଶାୟୀ ନିଜ ସମର୍ଥକଙ୍କ ସହ ଦଳର ଜିଲ୍ଲା କାର୍ଯ୍ୟାଳୟରେ ପହଞ୍ଚି ହଙ୍ଗାମା କରିଥିବା ଜଣାପଡ଼ିଛି।

### ଚେତାବନୀ ଦେଲେ ଅଧିକାଂଶ ଆଶାୟୀ

### ବିଜେପିରୁ ଇସ୍ତଫା ଦେଇ ବିଜେଡିରେ ମିଶିଲେ ସେଲିବ୍ରିଟି ଜିନା ସାମଲ



## ବାଙ୍ଗିରିପୋଷି ପ୍ରାର୍ଥୀଙ୍କ ବିରୋଧରେ ଅସନ୍ତୁଷ୍ଟଙ୍କ ମେଳି

ବାରିପଦା, ୩।୫(ସମିସ): ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ବିଜେପି ବିଧାୟିକା ପ୍ରାର୍ଥିନୀ ସଞ୍ଜଲି ମୁର୍ମୁଙ୍କ ବିରୋଧରେ ଦଳ ମଧ୍ୟରେ ଅସନ୍ତୋଷର ନିଆଁ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଜେପି ପକ୍ଷରୁ ଜଣେ ଅନୁପଯୁକ୍ତ ଓ ଅନଭିଜ୍ଞଙ୍କୁ ବିଧାୟିକା ପ୍ରାର୍ଥିନୀ କରାଯାଇଛି। ତେଣୁ ତାଙ୍କୁ ପରିବର୍ତ୍ତନ କରି ଦଳରେ ଥିବା ଉପଯୁକ୍ତଙ୍କୁ ପ୍ରାର୍ଥୀ କରିବା ପାଇଁ ବିଜେପି କର୍ମୀମାନେ ଶୁକ୍ରବାର ପୁଣି ମେଳି ବାନ୍ଧି ଦାବି କରିଛନ୍ତି। ପୂର୍ବରୁ ବାରିପଦାଠାରେ କର୍ମୀ ସମ୍ମିଳନୀରେ ସମସ୍ତେ ବିଷୋଦ୍‌ଗାର କରି ଭୁବନେଶ୍ୱରଠାରେ ରାଜ୍ୟ ସଭାପତିଙ୍କୁ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ଦାବି କରିଥିଲେ। ପୁନଶ୍ଚ କୁଳିଅଣା ମଣ୍ଡଳର କର୍ମୀମାନଙ୍କ ଦ୍ୱାରା କୁଚେଇଠାରେ କର୍ମୀ ସମ୍ମିଳନୀ କରି ତୀବ୍ର ବିରୋଧ ପ୍ରଦର୍ଶନ କରାଯାଇଛି। ବିଜେପି ବିଧାୟିକା ପ୍ରାର୍ଥିନୀ ସଞ୍ଜଲି ମୁର୍ମୁଙ୍କୁ ନେଇ ବିଜେପିର କର୍ମୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯେପର୍ଯ୍ୟନ୍ତ ପରିବର୍ତ୍ତନ କରା ନଯାଇଛି, ସେ ପର୍ଯ୍ୟନ୍ତ ଏହି କର୍ମୀ ଓ କର୍ମକର୍ତ୍ତା ବିଜେପିକୁ ସମର୍ଥନ ନକରି ନିର୍ବାଚନରେ ବିରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାନୁଯାୟୀ, ପୂର୍ବତନ ବିଧାୟକ ପ୍ରାର୍ଥୀ ସୁଗଦା ମୁର୍ମୁଙ୍କ ଝିଅ ସଞ୍ଜଲିଙ୍କୁ ବିଜେପି ପକ୍ଷରୁ ପ୍ରାର୍ଥୀ କରିବା ପରେ ଏହି ଅସନ୍ତୋଷ ଆରମ୍ଭ ହୋଇଛି। ନିର୍ବାଚନମଣ୍ଡଳୀରେ ବହୁ ପୁରୁଖା ନେତା ଥିବା ବେଳେ ଜଣେ ଅନଭିଜ୍ଞ ପ୍ରାର୍ଥୀଙ୍କୁ ଦଳ ପ୍ରାର୍ଥୀ କରିଛି ବୋଲି ତୀବ୍ର ବିରୋଧ କରାଯାଇଛି। ଏପରିକି, ଗତ ୨୦୧୯ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ସୁଗଦା ମୁର୍ମୁ ନିର୍ବାଚନ ସମୟରେ କେଉଁଆଡ଼େ ଉଭାନ ହୋଇଯାଇଥିବା ବେଳେ ନିର୍ବାଚନ ଦଳୀୟ ଖର୍ଚ୍ଚ ଟଙ୍କାରେ ପଥର ଖାଦାନ କିଣିବା, ଗାଡ଼ି କିଣିବା ଭଳି ଜଘନ୍ୟ କାଣ୍ଡ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଦଳରେ ପୂର୍ବତନ ସାଂସଦ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭଳି ଅଭିଜ୍ଞ ପ୍ରାର୍ଥୀ ଥିବା ବେଳେ ଜଣେ ନିର୍ବାଚନରେ ଅନଭିଜ୍ଞଙ୍କୁ ଦଳ କିଭଳି ପ୍ରାର୍ଥୀ କଲା ବୋଲି ବିଜେପି ନେତାମାନେ ପ୍ରଶ୍ନ ଉଠାଇଛନ୍ତି। ଶୀର୍ଷ ନେତୃବୃନ୍ଦ ଏହି ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କୁ ତୁରନ୍ତ ବଦଳ ନ କଲେ ନେତା ଓ କର୍ମୀ ବିକଳ୍ପ ପନ୍ଥା ଗ୍ରହଣ କରିବେ ବୋଲି ବିଜେପି ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି ଫାଗୁ ହାଁସଦା ମଧ୍ୟ ଚେତାବନୀ ଦେଇଛନ୍ତି।

ଗତ ୨୦୧୯ର ପ୍ରାର୍ଥୀ ସୁଗୁଦା ବହୁ ପୁରୁଣା କାର୍ଯ୍ୟକର୍ତ୍ତାମାନଙ୍କୁ ଉପେକ୍ଷା କରିବା ସହ ଆର୍ଥିକ ଅନିୟମିତତା କରିଛନ୍ତି। ଏହାଦ୍ୱାରା ବିଜେପି ଅଳ୍ପ ଭୋଟ ବ୍ୟବଧାନରେ ହାରିଥିଲା ବୋଲି ଅଭିଯୋଗ କରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ସୁଗୁଦା ମୁର୍ମୁ, ତାଙ୍କ ସ୍ତ୍ରୀ ଓ ବର୍ତ୍ତମାନର ପ୍ରାର୍ଥୀ ସଞ୍ଜଲି ମୁର୍ମୁ ସମିତି ସଭ୍ୟା ଲଢ଼ିଥିଲେ। କିନ୍ତୁ ୩ଜଣ ଯାକ ଅମାନତ ହରାଇଥିଲେ। ପରବର୍ତ୍ତୀ ସମୟରେ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର ସାଂଗଠନିକ ଦାୟିତ୍ୱ ଦିଆଯାଇଥିବା କହି ଏକତରଫା ସଂଗଠନ କରିବା ସହ ଦଳୀୟ ବଳିଷ୍ଠ, ଦକ୍ଷ ଓ ଯୋଗ୍ୟ କର୍ମକର୍ତ୍ତାଙ୍କୁ ଅଣଦେଖା କରି ଚାଲିଛନ୍ତି। ଫଳସ୍ୱରୂପ, ଗତ ଜିଲ୍ଲା ପରିଷଦ ନିର୍ବାଚନରେ ୭ଟି ଯାକ ଜିଲ୍ଲା ପରିଷଦ ଆସନ ବିଜେପି ହାରିଯାଇଛି। ବେପାର ଉଦ୍ଦେଶ୍ୟରେ ଟିକଟ ହାତେଇଥିବାରୁ ଏହାର ଦୃଢ଼ ବିରୋଧ କରିଛନ୍ତି। ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ପ୍ରକୃତରେ ରାଜନୈତିକ ଲଢ଼େଇର ମୈଦାନ ଅଟେ। ଯେଉଁଠାରେ କି ମନ୍ତ୍ରୀ ସୁଦାମ ମାରାଣ୍ଡି ବାରମ୍ବାର ପ୍ରତିଦ୍ୱନ୍ଦ୍ୱିତା କରି ଜିତି ଆସୁଛନ୍ତି। ଚଳିତଥର ତାଙ୍କ ପତ୍ନୀ ରଞ୍ଜିତା ମାରାଣ୍ଡି ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି। ତେଣୁ ବିଜେପି ପକ୍ଷରୁ ପୁନଃବିଚାର ବିଚାରବିମର୍ଶ କରି ଉଚିତ ପ୍ରାର୍ଥୀ ଦେବାକୁ ଦାବି ହୋଇଛି। ବୈଠକରେ ପୂର୍ବତନ ସାଂସଦ ଲକ୍ଷ୍ମଣ ଟୁଡୁ, ଦଳର ଆଦିବାସୀ ମୋର୍ଚ୍ଚା ଉପସଭାପତି ଫାଗୁ ହାଁସଦା, ନାରୀନେତ୍ରୀ ବାସନ୍ତୀ ଟୁଡୁ, ମକରଧ୍ୱଜ ମୁର୍ମୁ, ଭୀମ ସୋରେନ, ଗୀତା ହେମ୍ବ୍ରମ, କାହ୍ନୁ ସିଂ, ସଞ୍ଜୟ ଅଗ୍ରୱାଲ ଓ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### 'ଅନୁପଯୁକ୍ତ ଓ ଅନଭିଜ୍ଞ ପ୍ରାର୍ଥିନୀଙ୍କ ହଟାଅ'

### ପ୍ରାର୍ଥୀ ପରିବର୍ତ୍ତନ ପାଇଁ କର୍ମୀଙ୍କ ଦାବି ପୁଣି ଜୋର୍ ଧରିଲା



## ପାଟଣା ବିଜେପି ଫାଳଫାଳ

# ଇସ୍ତଫା ଦେଲେ ସତ୍ୟବ୍ରତ

**ତୁରୁମୁଙ୍ଗା, ୩।୫ (ସମିସ):** ନିର୍ବାଚନ ଯେତିକି ପାଖଉଛି କେନ୍ଦୁଝର ଜିଲ୍ଲା ପାଟଣା ବିଜେପିରେ ଅସନ୍ତୋଷ ସେତିକି ବୃଦ୍ଧି ପାଉଛି। ଆଜି ପାଟଣା ବିଜେପି ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ ପ୍ରାର୍ଥୀପତ୍ର ଦାଖଲ କରିବାର କିଛି ସମୟ ପରେ ବିଜେପି କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ



ସଦସ୍ୟ ସତ୍ୟବ୍ରତ ନାଏକ ବିଜେପିରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ଦଳ ତାଙ୍କୁ କୌଣସି ସାଂଗଠନିକ ଦାୟୀତ୍ୱ ଦେଉ ନଥିବା ସହ ଅଣଦେଖା କରୁଥିବା ଦର୍ଶାଇ ତାଙ୍କ ଇସ୍ତଫାପତ୍ର ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନିକଟକୁ ପଠାଇଛନ୍ତି। ସତ୍ୟବ୍ରତ ୨୦୦୪ ମସିହା ନିର୍ବାଚନରେ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ହୋଇଥିବା ବେଳେ ୩୮ ହଜାର ଭୋଟ ପାଇଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ସେ ୨୧ ନମ୍ବର ଯୋନରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇ ନିକଟତମ ପ୍ରତିଦ୍ୱନ୍ଦୀ ପ୍ରଫୁଲ୍ଲ ଚନ୍ଦ୍ର ନାଏକଙ୍କ ଠାରୁ ପରାସ୍ତ ହୋଇଥିଲେ। ସତ୍ୟବ୍ରତ ପୂର୍ବତନ ବିଧାୟକ କାହ୍ନୁଚରଣ ନାଏକ ଏବଂ ବର୍ତ୍ତମାନର ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକଙ୍କ ବଡ଼ଭାଇ। ତେବେ ସେ ତାଙ୍କ ଇସ୍ତଫା ଦେବାର କିଛି ସମୟ ପରେ ଭାଇ ଜଗନ୍ନାଥଙ୍କ ସହ ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି।

## ପ୍ରଶାନ୍ତଙ୍କୁ କାଲୁଙ୍କ ଆହ୍ୱାନ

# ଆସ ସ୍ୱାଧୀନ ଲଢ଼ିବା, କିଏ ନେତା ଭୋଟର କହିବେ

**ଖୋର୍ଦ୍ଧା, ୩।୫(ସମିସ):** ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ବିଜେପି ଦଳଡିଆଁ ନେତା ପ୍ରଶାନ୍ତ ଜଗଦେବଙ୍କୁ ପ୍ରାର୍ଥୀ କରିବା ପରଠାରୁ ଗୋଟିଏ ପରେ ଗୋଟିଏ ଘଟଣା ଖୋର୍ଦ୍ଧା ରାଜନୀତିକୁ ରୋଚକ ଏବଂ ଉଷ୍ମ କରିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଏବେ ସ୍ୱାଧୀନ ଭାବେ ଲଢ଼ିବା ପାଇଁ ପ୍ରଶାନ୍ତଙ୍କୁ ବିଜେପି ଅସନ୍ତୁଷ୍ଟ କାଲୁ ଖଣ୍ଡେଇତରାୟ ଆହ୍ୱାନ କରିବା ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନାଯୋଗ୍ୟ, କାଲୁ ବିଜେପି ଛାଡ଼ି ସ୍ୱାଧୀନ ଲଢ଼ିବାକୁ ଘୋଷଣା କରିବା ପରେ ପ୍ରଶାନ୍ତ ପରିହାସ କରିଥିଲେ। କାଲୁ ବିଧାୟକ ପ୍ରାର୍ଥୀ ନୁହେଁ; ବରଂ ସରପଞ୍ଚ ପାଇଁ ଯୋଗ୍ୟ କହି କଟାକ୍ଷ କରିଥିଲେ। କାଲୁ ମାତ୍ର ୫ ହଜାର ଭୋଟ ପାଇବେ ବୋଲି ପ୍ରଶାନ୍ତ କହିଥିଲେ। ଆଜି କାଲୁ ଏହାର ଜବାବ ଦେଇଛନ୍ତି। ପ୍ରଶାନ୍ତଙ୍କୁ ଆହ୍ୱାନ ଦେଇ କାଲୁ ଆହ୍ୱାନ ଦେଇ କହିଛନ୍ତି ଯେ ବିଜେପି ଛାଡ଼ି ସ୍ୱାଧୀନ ଲଢ଼; କିଏ ନେତା ଭୋଟର୍ କହିବେ।

ଏକ ସାମ୍ବାଦିକ ସମ୍ମିଳନୀରେ କାଲୁ କହିଛନ୍ତି ଯେ ସେ ପ୍ରଥମେ ୱାର୍ଡମେମ୍ବର, ପରେ ସମିତିସଭ୍ୟ ଓ ସରପଞ୍ଚ ହୋଇଥିଲି। ତୃଣମୂଳସ୍ତରରେ ସାଧାରଣ ଲୋକଙ୍କ ସୁଖ



ପ୍ରଶାନ୍ତ ଜଣେ ଅଭ୍ୟାସଗତ ଅପରାଧୀ; ତେଣୁ ଦଳରୁ ତଡ଼ା ଖାଇଥିଲେ

ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ପାଇଁ ସେ ଜିତୁଥିଲେ

ଲୋକଙ୍କ ପାଖରେ ତାଙ୍କର ନିଜସ୍ୱ ପରିଚୟ ନାହିଁ

ବିଜେପିରେ ଆଉ ନୀତି ଆଦର୍ଶ ନାହିଁ

ଦୁଃଖରେ ରହି ଏ ପଦପଦବୀ ପାଇଛନ୍ତି। ଯିଏ କହୁଛନ୍ତି ମୁଁ ୫ ହଜାର ଭୋଟ ପାଇବି, ସେ ଯଦି ପ୍ରକୃତରେ ନେତା ହୋଇଥା'ନ୍ତେ, ତେବେ ତୃଣମୂଳସ୍ତରକୁ ଆସି ଦେଖିଲେ ପ୍ରକୃତ ତଥ୍ୟ ଜାଣିଯିବେ। ପ୍ରଶାନ୍ତଙ୍କ ବିରୋଧରେ ବିଷୋଦ୍‌ଗାର କରି କାଲୁ କହିଛନ୍ତି ଯେ ବେଗୁନିଆ, ଚିଲିକା ଓ ଆଜି ଆଉ ଏକ ଦଳକୁ ଡିଆଁମାରି ଆସି ଖୋର୍ଦ୍ଧାରୁ ଠିଆ ହୋଇଛନ୍ତି। ଯଦି ଦମ୍ ଅଛି ତେବେ ଦଳ ଛାଡ଼। ଯଦି ନେତା ତେବେ ସ୍ୱାଧୀନ ଭାବେ ଆସି ମୋ ସହ ଲଢ଼େଇ କର। ତେମେ କେତେ ଭୋଟ ପାଉଛ ଏବଂ ମୁଁ କେତେ ଭୋଟ ପାଉଛି, ତାହା ଦେଖିବା। ସେ ଜଣେ ରିଜେକ୍ଟ ପର୍ସନ ବୋଲି ବିଜୁ ଜନତା ଦଳ ତାଙ୍କୁ ଦଳରୁ କାଢ଼ିଲା। ସେ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ବଳରେ ଜିତି ଆସୁଥିଲେ। ଲୋକଙ୍କ ନିକଟରେ ତାଙ୍କ ନିଜର କୌଣସି ପରିଚୟ ନାହିଁ। ୨୫ବର୍ଷ ରାଜ୍ୟରେ ଶାସନ କରୁଥିବା ଏକ ଦଳ ପ୍ରଶାନ୍ତଙ୍କୁ ବହିଷ୍କାର କରୁଛି ମାନେ ସେ କି ନେତା ବୋଲି କାଲୁ ପ୍ରଶ୍ନ କରିଛନ୍ତି। ପ୍ରଶାନ୍ତ ଯେଉଁଠିକୁ ଯାଉଛନ୍ତି ସେଠାରେ ଗଣ୍ଡଗୋଳ। ସେ ଜଣେ ଅଭ୍ୟାସଗତ ଅପରାଧୀ। ଗୁରୁବାର ଦିନ ସାଂସଦଙ୍କ ନାମାଙ୍କନ ଶୋଭାଯାତ୍ରାରେ ପ୍ରଶାନ୍ତ ଲୋକଙ୍କୁ ଖଣ୍ଡା ଦେଖାଇବା ଏବଂ ନିଶାସକ୍ତ ପାଗଳଙ୍କ ପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାରାବାଜି କରିବା ଘଟଣାରୁ ଏହା ସ୍ପଷ୍ଟ ଯେ ସେ ଜଣେ ଉତ୍ତମ ନେତା ନୁହେଁ।

ମୁଁ ତାଙ୍କ ପରି ନେତା ହୋଇ ଏଭଳି କଦର୍ଯ୍ୟ ବ୍ୟବହାର ଲୋକଙ୍କୁ କରିପାରିବିନି କି ଲୋକଙ୍କଠାରୁ ମାଡ଼ଖାଇ ମେଡିକାଲରେ ପଡ଼ିବିନି। ବିଜେପିରେ ମୁଁ ୧୦ବର୍ଷ କାମ କରିଛି। ୨୦୧୯ରେ ୭୪ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିଲି। ମାତ୍ର ମୋ ଭଳି ଜଣେ ପ୍ରାର୍ଥୀକୁ ପ୍ରତ୍ୟାଖାନ କରି ଜଣେ ଦଳଡିଆଁକୁ ପ୍ରାର୍ଥୀ କରିବା ଘଟଣା ଟିକଟ ପ୍ରଦାନରେ ଟଙ୍କା କାରବାର ହୋଇଥିବା ସ୍ପଷ୍ଟ କରୁଛି। ବିଜେପିରେ ଆଉ ସେ ନିତି ଆଦର୍ଶ ନାହିଁ।

କାଲୁ ସାମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଆହୁରି କହିଥିଲେ ଯେ ପ୍ରଶାନ୍ତ ଜଗଦେବ ଭାଇ ଡାକି ଭିତରେ ଭିତରେ ଚେର କାଟନ୍ତି। ତାଙ୍କର ଆଚରଣ ଉଚ୍ଚାରଣ ରେ ଭୋଟର୍‌ମାନେ ସମ୍ପୂର୍ଣ୍ଣ ଭୟଭୀତ ହେଲେଣି।

### 'ଅପରାଜିତା ପଇସା ଖାଇବାରେ ମାହିର୍'

ଏହି ସାମ୍ବାଦିକ ସମ୍ମିଳନୀରେ କାଲୁ ପୁଣି ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ବିରୋଧରେ ଭୀଷଣ ବର୍ଷିଛନ୍ତି। ସେ କହିଛନ୍ତି ଯେ ମୋ ଟିକଟ କଟିବା ପଛରେ ଅପରାଜିତା ମୁଖ୍ୟ ଷଡ଼୍‌ଯନ୍ତ୍ରକାରୀ। ତାଙ୍କ ଚକ୍ରାନ୍ତର ମୁଁ ଶିକାର ହୋଇଛି। ସେ ପଇସା ଖାଇବାରେ ମାହିର୍। ଜିଲ୍ଲାପାଳ ଥିବା ସମୟରେ ସେ ଏଆର୍‌ଏସ୍‌ଏସ୍ କମ୍ପାନୀର ଏକ କାର୍ଯ୍ୟ କରିବାକୁ ୧୦ ହଜାର ଲାଞ୍ଚ ନେଇଥିଲେ ବୋଲି କାଲୁ ଅଭିଯୋଗ କରିଛନ୍ତି। ଆଗାମୀ ୬ ତାରିଖରେ କାଲୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଖୋର୍ଦ୍ଧା ବିଧାନସଭା କ୍ଷେତ୍ରରୁ ନାମାଙ୍କନ ଭରିବେ ବୋଲି ଘୋଷଣା କରିଛନ୍ତି।

## ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀ / ୩ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର୍

**ପାରଳାଖେମୁଣ୍ଡି, ୩।୫(ସମିସ):** ଗଜପତି ଜିଲ୍ଲାର ୨ଟି ବିଧାନସଭା ଆସନ ମଧ୍ୟରୁ ପାରଳାଖେମୁଣ୍ଡି ବିଧାନସଭା କ୍ଷେତ୍ରରେ ଚଳିତ ନିର୍ବାଚନରେ ତ୍ରିମୁଖୀ ଲଢ଼େଇ ହେବା ନେଇ ସ୍ପଷ୍ଟ ବାରି ହେଉଛି। ୩ବ୍ଲକ କାଶୀନଗର, ଗୁମ୍ମା ଓ ଗୋଷାଣି ସହ ପାରଳା ପୌରପରିଷଦ ଏବଂ କାଶୀନଗର ଏନ୍‌ଏସିକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀ ପାଇଁ ମୋଟ ୧୦ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ରହିଥିଲେ ହେଁ ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଟକ୍କର୍ ହେବ ବୋଲି କୁହାଯାଉଛି।

ଏକଦା କଂଗ୍ରେସର ଗଡ଼ ଥିବା ଏହି ବିଧାନସଭା ଆସନରେ ବିଜେଡି କାୟାବିସ୍ତାର କରି ଚାଲିଛି ବୋଲି ରାଜନୈତିକ ବିଶାରଦମାନେ ମତ ଦେଇଛନ୍ତି। ୨୦୦୯ ନିର୍ବାଚନରେ ଦଳ ପ୍ରଥମଥର ଏଠାରୁ ବିଜୟର ସ୍ୱାଦ ଚାଖିଥିଲା। ୨୦୧୪ ଓ ୨୦୧୯ରେ ବିଜେଡି ସଂଘର୍ଷ କରି ହାରିଥିଲା। ଗତ ୨୦୨୨ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ଭୋଟ ହାର ଅଧିକ ରହିଥିବାରୁ ଆସନ୍ତା ବିଧାନସଭା ନିର୍ବାଚନରେ ଦଳ ସେଥିରୁ ଫାଇଦା ପାଇପାରେ ବୋଲି ସେମାନଙ୍କ କହିବା କଥା।

ଏହି ଆସନରେ ବିଜେଡି ନୂଆ ମୁହଁ ଭାବେ ଇଂ. ରୂପେଶ କୁମାର ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଛି। ବିଜେପିରୁ ବିଧାୟକ କେ. ନାରାୟଣ ରାଓ ପୁଣି ପ୍ରାର୍ଥୀ ହୋଇଛନ୍ତି। ହେଲେ ବିଜେଡି ତୃଣମୂଳସ୍ତରରେ ମଜଭୁତ ହେବା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଏବଂ ଗତ ୫ ବର୍ଷର ବିଜେଡି ସରକାରର ବିଭିନ୍ନ ଆଖିଦୃଶିଆ ଉନ୍ନତିମୂଳକ କାମ ବିଜେଡି ପ୍ରାର୍ଥୀଙ୍କୁ ଫାଇଦା ଦେଇପାରେ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନାଗୁଡିକ





ଇଂ. ରୂପେଶ କୁମାର ପାଣିଗ୍ରାହୀ



କେ. ନାରାୟଣ ରାଓ



ବିଜୟ କୁମାର ପଟ୍ଟନାୟକ

ଗଜପତି ଜିଲ୍ଲାର ବିକାଶ ତଥା ପାରଳା ନିର୍ବାଚନମଣ୍ଡଳୀରେ ବେଶ୍ ଆଦୃତ ହୋଇପାରିଛି। ତେଣୁ ଏଥର ନିର୍ବାଚନରେ ଏଠାରେ ବିଜେଡିର ଭୋଟ ବୃଦ୍ଧି ପାଇବ ରାଜନୈତିକ ମହଲ ଆକଳନ କରୁଛନ୍ତି।

ଅପରପକ୍ଷେ, ୨୦୧୯ରେ ନିର୍ବାଚନ ଜିତିଥିବା କେ. ନାରାୟଣ ରାଓ ନିଜ ସଂଗଠନ ମଜଭୁତ ରଖିଥିଲେ ହେଁ ଗତ ୫ ବର୍ଷରେ ଆଖିଦୃଶିଆ ଉନ୍ନୟନ କାମ କରିପାରିନାହାନ୍ତି। ଏହି ପାଞ୍ଚବର୍ଷ ସେ ଲୋକଙ୍କ ନିକଟକୁ ଯାଇନଥିବାରୁ ଏହାକୁ ଭୋଟର୍ ଗୁରୁତ୍ୱର ସହ ନେଉଥିବା ଦେଖାଯାଉଛି। ସେହିପରି କଂଗ୍ରେସ ପ୍ରାର୍ଥୀ ବିଜୟ କୁମାର ପଟ୍ଟନାୟକ ରାଜନୀତିରେ ନବାଗତ ହେଲେ ମଧ୍ୟ ବରିଷ୍ଠ ପ୍ରଶାସକ ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ଏକଦା କଂଗ୍ରେସର ଗଡ଼ ଥିବା ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସର ସାଂଗଠନିକ ଦୁର୍ବଳତା ଯୋଗୁଁ ପ୍ରାୟ ଲୁପ୍ତ ହେବାକୁ ବସିଥିବା ବେଳେ ଶ୍ରୀ ପଟ୍ଟନାୟକଙ୍କ ପ୍ରାର୍ଥିତ୍ୱ ପରେ କଂଗ୍ରେସ ଟିକିଏ ଅମ୍ଳଜାନ ପାଇଥିବା ଲକ୍ଷ୍ୟ କରାଯାଇଛି। ଦୀର୍ଘବର୍ଷ ପରେ ପୁଣି ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ପତାକା ଉଡୁଥିବାର ଦେଖିବାକୁ ମିଳୁଛି। ଏପରି ପରିସ୍ଥିତିରେ ପାରଳା ବିଧାନସଭା ନିର୍ବାଚନ ମଣ୍ଡଳୀରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଆକଳନ କରାଯାଉଛି। ତେବେ ଭୋଟରଙ୍କ ମୁଡ୍ ଉପରେ ସମସ୍ତଙ୍କ ନଜର ରହିଛି। କାହାକୁ ସେମାନେ ବିଜୟ ମୁକୁଟ ପିନ୍ଧାଇବେ ଜୁନ୍ ୪ତାରିଖରେ ତାହା ଜଣାପଡ଼ିବ।

## କଟକ ଲୋକସଭା ଆସନ ପାଇଁ ସଂତୃପ୍ତଙ୍କ ସମେତ ୩ଜଣଙ୍କ ନାମାଙ୍କନ

# ୬ବିଧାନସଭା କ୍ଷେତ୍ରରେ ୧୪ଜଣଙ୍କ ପ୍ରାର୍ଥିପତ୍ର ଦାଖଲ



**କଟକ, ୩।୫(ସମିସ):** କଟକ ଲୋକସଭା ନିର୍ବାଚନମଣ୍ଡଳୀ ସମେତ ଏହା ଅନ୍ତର୍ଗତ ବିଧାନସଭା କ୍ଷେତ୍ର ପାଇଁ ନାମାଙ୍କନ ପ୍ରକ୍ରିୟା ଜାରି ରହିଥିବା ବେଳେ ଶୁକ୍ରବାର ଦିନ ମୋଟ ୧୭ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। କଟକ ଲୋକସଭା ପାଇଁ ୩ଜଣ ଓ ୬ ବିଧାନସଭା ଆସନ ପାଇଁ ୧୪ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କଟକ ଲୋକସଭା ଆସନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ସଂତୃପ୍ତ ମିଶ୍ର ଏକ ବିଶାଳ ଶୋଭାଯାତ୍ରାରେ ଆସି ନାମାଙ୍କନ କରିଛନ୍ତି। ସେହିପରି ଭାରତୀୟ ଜନତା ପାର୍ଟି ପକ୍ଷରୁ ଭର୍ତ୍ତୃହରି ମହତାବ ଓ ସମୃଦ୍ଧ ଓଡ଼ିଶା ପକ୍ଷରୁ ମିନତି ପଟ୍ଟନାୟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ବିଜୁ ଜନତା ଦଳ ପକ୍ଷରୁ ଚନ୍ଦ୍ର ସାରଥୀ ବେହେରା ଏବଂ ଭାରତୀୟ ଜନତା ପାର୍ଟି ପକ୍ଷରୁ ପ୍ରକାଶ ଚନ୍ଦ୍ର ସେଠୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ଚୌଦ୍ୱାର-କଟକ ବିଧାନସଭା ଆସନ ନିମନ୍ତେ ବିଜୁ ଜନତା ଦଳ ପକ୍ଷରୁ ସୌଭିକ ବିଶ୍ୱାଳ, ଭାରତୀୟ ଜନତା ପାର୍ଟି ପକ୍ଷରୁ ନୟନ କିଶୋର ମହାନ୍ତି, କଂଗ୍ରେସ ପକ୍ଷରୁ ମୀରା ମଲ୍ଲିକ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ରଣଜିତ୍ ମଲ୍ଲିକ ଓ ସୁରେଶ ଚନ୍ଦ୍ର ମହାନ୍ତି ଆଜି ସଦର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

ସେହିପରି ବାରବାଟୀ-କଟକ ବିଧାନସଭା ଆସନ ନିମନ୍ତେ କଂଗ୍ରେସ ପକ୍ଷରୁ ସୋଫିଆ ଫିରଦୋସ୍ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଆରିଫ ଖାନ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆଠଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର କୁମାର ମହାନ୍ତି ଓ ବିଜେପି ପକ୍ଷରୁ ଅଭୟ କୁମାର ବାରିକ ଏବଂ ବଡ଼ମ୍ବା ନିର୍ବାଚନମଣ୍ଡଳୀ ନିମନ୍ତେ ବିଜେପି ପକ୍ଷରୁ ସମ୍ବିତ ତ୍ରିପାଠୀ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ବିଜୁ ଜନତା ଦଳ ପକ୍ଷରୁ ଦେବୀ ରଞ୍ଜନ ତ୍ରିପାଠୀ ଓ ମାନସ ଲୋକଶକ୍ତି ଦଳ ପକ୍ଷରୁ ମମତା ଜେନା ନାମାଙ୍କନପତ୍ର ଦାଖଲ କରିଛନ୍ତି।

## ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ

# ବଳଭଦ୍ରଙ୍କୁ ବୁମେରାଂ ହେବନି ତ କ୍ଷମତା ଲୋଭ?

**ଭବାନୀପାଟଣା, ୩।୫(ସମିସ):** ୨୦୨୪ ସାଧାରଣ ନିର୍ବାଚନ ପାଇଁ ମାତ୍ର ଆଉ କିଛି ଦିନର ଅପେକ୍ଷା। ଚଳିତ ନିର୍ବାଚନ ତାରିଖ ଘୋଷଣା ପରେ ପରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆଗୁଆ ପ୍ରାର୍ଥୀ ଘୋଷଣା ଫଳରେ ପ୍ରାର୍ଥୀ ଓ କର୍ମୀଙ୍କୁ ପ୍ରଚାର ପାଇଁ ଅଧିକ ସମୟ ଓ ସୁଯୋଗ ମିଳିଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀରେ ଚଳିତ ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ବିଧାୟକ ପ୍ରଦୀପ ଦିଶାରୀ, ବିଜେପି ପକ୍ଷରୁ ରମେଶ ଚନ୍ଦ୍ର ମାଝୀଙ୍କୁ ପୁଣିଥରେ ଟିକଟ ଦିଆଯାଇ ଥିବା ବେଳେ କଂଗ୍ରେସ ପକ୍ଷରୁ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ ପ୍ରାର୍ଥୀ ହୋଇଛନ୍ତି। ନାମ ଘୋଷଣା ପରେ ବିଜେଡି ଓ ବିଜେପି ପ୍ରାର୍ଥୀ ନିର୍ବାଚନ ମଣ୍ଡଳୀର ଲାଞ୍ଜିଗଡ଼, ଥୁଆମୂଳ ରାମପୁର, ଜୟପାଟଣା ଓ ସଦର ବ୍ଲକ ଅଞ୍ଚଳରେ ପ୍ରଚାର କରିବା ସହ ବିଭିନ୍ନ ସ୍ଥାନରେ କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ, ସଂକଳ୍ପ ସମାବେଶ ଆଦି ଜାରି ରଖିଛନ୍ତି।

ନାମାଙ୍କନପତ୍ର ଦାଖଲ ପୂର୍ବରୁ ହିଁ ବିଜେଡି ଓ ବିଜେପି ନିଜ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ବିଜେଡି ଛାଡ଼ି କଂଗ୍ରେସକୁ ଯାଇଥିବା ବଳଭଦ୍ର ନିଜ ଚିରାଚରିତ ଢଙ୍ଗରେ ପ୍ରଚାର ଚଳାଇଛନ୍ତି। ଯେଉଁ ଦଳର ଆଶୀର୍ବାଦ ଏବଂ ସହଯୋଗରେ ଦୀର୍ଘ ୨୫ ବର୍ଷ ନିଜ ପ୍ରତିଷ୍ଠା ଓ ପତିଆରା ସୃଷ୍ଟି କରିବା ସହ ପରିବାରବାଦ ରାଜନୀତି କରି ବେଶ୍ ଫାଇଦା ଉଠାଇଥିଲେ, ଏବେ କଂଗ୍ରେସକୁ ଡିଆଁ ମାରିବା ଘଟଣାକୁ ସ୍ଥାନୀୟ ଲୋକେ ହଜମ କରିପାରୁନାହାନ୍ତି। ବଳଭଦ୍ର ବିଜେଡି ଛାଡ଼ି କଂଗ୍ରେସ ଶିବିରକୁ ଯିବା ପରେ ବର୍ତ୍ତମାନ ଜଣକ ପରେ ଜଣେ କଂଗ୍ରେସ କର୍ମୀ ଦଳ ଛାଡ଼ି ବିଜେଡିରେ ସାମିଲ ହେଉଥିବା ଦେଖିବାକୁ ମିଳୁଛି। ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ଏହା କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଯାହାର ପ୍ରଭାବ ଆଗାମୀ ନିର୍ବାଚନରେ ଦଳ ଉପରେ ପଡ଼ିବ ବୋଲି ରାଜନୈତିକ ମହଲ ଆକଳନ କରୁଛନ୍ତି।

ବିଜେଡି ପ୍ରାର୍ଥୀ ଗତ ପାଞ୍ଚବର୍ଷ ବିଧାୟକ ଭାବେ କ୍ଷମତାରେ ରହି ଯେଉଁସବୁ ଉନ୍ନୟନ କାର୍ଯ୍ୟ କରିଛନ୍ତି, ସେ ତୁଳନାରେ କଂଗ୍ରେସ ପ୍ରାର୍ଥୀ ଲମ୍ବା ରାଜନୀତି କରିଥିଲେ ସୁଦ୍ଧା ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ ଏକ ଅବିକଶିତ ଅଞ୍ଚଳ ପାଲଟିଥିଲା। ସାରା ରାଜ୍ୟରେ ନବୀନ ଲହର, ବିକାଶର ରଥ ଗଡୁଥିବା ବେଳେ ଏହି ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ବଳଭଦ୍ର ପାରିବାରିକ ରାଜନୀତିକୁ ଅଗ୍ରାଧିକାର ଦେଇଥିଲେ। ଜଣେ ସୁବିଧାବାଦୀ ନେତା ଭାବେ ଭରପୂର ଫାଇଦା ନେବା ତାଙ୍କୁ ମହଙ୍ଗା ପଡ଼ିପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି।

ବଳଭଦ୍ର ୧୯୯୦ରୁ ୨୦୦୯ ପର୍ଯ୍ୟନ୍ତ ଲଗାତର ୪ଥର ନର୍ଲା ସଂରକ୍ଷଣ ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଜେଡିର କଳାହାଣ୍ଡି ଜିଲ୍ଲା ସଭାପତି ମଧ୍ୟ ଥିଲେ। ନବୀନ ପଟ୍ଟନାୟକ



ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଦୁଇଦୁଇ ଥର ମନ୍ତ୍ରୀ ମଧ୍ୟ ହୋଇଥିଲେ। ୨୦୦୯ରେ ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ ନୂତନ ଭାବେ ସୃଷ୍ଟି ହୋଇଥିବା ବେଳେ ସେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଶିବାଜୀ ମାଝୀଙ୍କଠାରୁ ପରାଜିତ ହୋଇଥିଲେ। ତେବେ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ବିଧାୟକ ହୋଇଥିଲେ ବଳଭଦ୍ର। ବିଜେଡି ସରକାରରେ ଥାଇ ନିଜ କ୍ଷମତା ବଳରେ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଚାପ ପ୍ରୟୋଗ କରିବା ଅଭିଯୋଗ ଉଠୁଥିଲା। ନିର୍ବାଚନମଣ୍ଡଳୀ ଅଞ୍ଚଳରେ ବିକାଶ ପ୍ରତି ଗୁରୁତ୍ୱ ନ ଦେବା ଓ କିଛି ସଙ୍ଗୀନ ଘଟଣାରେ ବଳଭଦ୍ରଙ୍କ ନାମରେ ଯୋଡ଼ା ଯାଇଥିଲା। ତେଣୁ ତାଙ୍କୁ ୨୦୧୯ରେ ବିଜେଡି ଟିକଟ ଦେଇନଥିବା ଆଲୋଚନା ହୋଇଥିଲା। ସେହିଦିନଠାରୁ ଦଳରେ କୋଣଠେସା ହୋଇ ବଳଭଦ୍ରଙ୍କୁ ରହିବାକୁ ପଡ଼ିଲା।

**କ୍ଷମତାରେ ପ୍ରଦୀପ ପାଞ୍ଚ ବର୍ଷ: ବଳଭଦ୍ର ପଚିଶ ବର୍ଷ**

**ପାରିବାରିକ ରାଜନୀତି ସହିତ ୫ ଥର ବିଧାୟକ ଓ ୨ ଥର ମନ୍ତ୍ରୀ**

**୨୫ ବର୍ଷରେ ବିକାଶମୂଳକ କାର୍ଯ୍ୟ ଶୂନ**

୫ ଥର ବିଧାୟକ ଓ ୨ ଥର ମନ୍ତ୍ରୀ ହୋଇ ମଧ୍ୟ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୫ଶହରୁ ଊର୍ଦ୍ଧ୍ୱ ଗ୍ରାମକୁ ଭଲ ରାସ୍ତା ନ ଥିବା ବେଳେ ଅଧିକାଂଶ ଗାଁ ଲୋକେ ଝରଣା ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଥିଲେ। ଏବେ ବି କିଛି ଗାଁ ରହିଛି ଯେଉଁଠି ଲୋକେ ଡିବିରି ଆଲୁଅରେ ରାତି କାଟୁଛନ୍ତି। ସନ୍ଧ୍ୟାହେଲେ ସେଠି ତାଟିକବାଟ ପଡ଼ିଯାଏ। ନିର୍ବାଚନମଣ୍ଡଳୀ ଅଧୀନରେ ନିଜ ପାଇଁ ଭୋଟ୍ ଭିକ୍ଷା କରୁଥିବା ବେଳେ ୨୫ବର୍ଷର ହିସାବ, ଅଞ୍ଚଳରେ ବିକାଶକୁ ନେଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ବଳଭଦ୍ର ମାଝୀଙ୍କୁ ଘାଇଲା କରୁଛି ଜନତାଙ୍କ ପ୍ରଶ୍ନ।

ପାରିବାରିକ ରାଜନୀତି ମଧ୍ୟରେ ଲାଞ୍ଜିଗଡ଼ ବ୍ଲକକୁ ସମ୍ପୂର୍ଣ୍ଣ ଭାବେ ନିଜ କବ୍‌ଜାରେ ରଖି ତାଙ୍କ ସ୍ତ୍ରୀ ଶ୍ରୀମତୀ ମାଝୀ ୨ଥର ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଥରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷା ପଦରେ ରହିଥିଲେ। ସେହିପରି ତାଙ୍କ ଝିଆରୀ ସସ୍ମିତା ମାଝୀ ଓ ପୁତୁରା ଫକୀରମୋହନ ମାଝୀ ଥରେ ଲେଖାଏଁ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦରେ ରହିଥିଲେ। କିନ୍ତୁ ୨୦୨୨ ପଞ୍ଚାୟତ ନିର୍ବାଚନରେ ସର୍ବଦଳୀୟ ସହମତିକ୍ରମେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାବେ କମଳା ପାତ୍ରଙ୍କୁ ଚୟନ କରିଥିଲେ। ବଳଭଦ୍ରଙ୍କ ଏହି ପାରିବାରିକ ରାଜନୀତି ଯୋଗୁଁ ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ଜନତାଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳୁଥିଲା, ଏବେ ତାହା ବିସ୍ଫୋରକ ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି।

ବିଜେଡିରୁ କୋଣଠେସା ହୋଇ ରହିଥିବା ବଳଭଦ୍ର ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀରେ ପୁଣି ଲୋଭ ସମ୍ବରଣ କରି ନ ପାରି ନୂଆ କରି କଂଗ୍ରେସ ଶିବିରରେ ଆଶ୍ରୟ ନେଇଛନ୍ତି। କଂଗ୍ରେସର ବିଧାୟକ ପାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଲେ। ସୂଚନାଯୋଗ୍ୟ ଯେ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ମୋଟ ଭୋଟର ସଂଖ୍ୟା ୨୨୯୪୧୮ ଏଥିରେ ପୁରୁଷ ୧୧୧୮୯୯ ଏବଂ ମହିଳା ଭୋଟର୍ ସଂଖ୍ୟା ୧୧୭୪୯୯ ରହିଛନ୍ତି।୨୯୬ ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ କରାଯିବ। ତିନି ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଏବଂ ବିଜେପି ବ୍ୟତୀତ ୨୦୨୪ର ଏହି ନିର୍ବାଚନରେ ବହୁଜନ ସମାଜ ପାର୍ଟି ପକ୍ଷରୁ ମୋହନସିଂ ମାଝୀ, ଏଆଇଏଫବି ଦଳରୁ ଉଦ୍ଧବ ନାୟକ, ସମାଜବାଦୀ ପାର୍ଟିରୁ ରାକ୍ଷୀ ନାୟକ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ସୁରେଶ ମାଝୀ ଏବଂ ଫୁଲମାଏ ମାଝୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ହେଲେ ଏହି ନିର୍ବାଚନରେ ବଳଭଦ୍ରଙ୍କୁ କାଳ ହେବେ ସ୍ୱାଧୀନ ପ୍ରାର୍ଥୀ ଫୁଲମାଏ ମାଝୀ। ଯୁଆଡ଼େ ପ୍ରଚାରରେ ଗଲେ ଫୁଲମାଏଙ୍କ ଗୋଟିଏ ପ୍ରଶ୍ନ ଯେ ବଳଭଦ୍ର କାହିଁକି ଚୁପ୍ ରହିଲେ ୨୫ ବର୍ଷ? ଫୁଲମାଏଙ୍କ ଜୀବନ ସଂଘର୍ଷ ଯେଉଁମାନଙ୍କୁ ନେଇ ଆରମ୍ଭ କରିଛନ୍ତି ସେମାନେ ଗଭୀର ବିଶ୍ୱାସ ରଖି ତାଙ୍କ ପ୍ରତି ସମର୍ଥନ ଜଣାଇ ପ୍ରଚାରରେ ବୁଲୁଛନ୍ତି। ବର୍ତ୍ତମାନ ୧୦୦୦ରୁ ଊର୍ଦ୍ଧ୍ୱ ଲୋକ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ବେଳେ କଂଗ୍ରେସ ବର୍ତ୍ତମାନ ସ୍ୱଳ୍ପ କର୍ମୀଙ୍କୁ ନେଇ ନିର୍ବାଚନ ପ୍ରଚାର ଜାରି ରଖିଛି। ବିଜେପି ପ୍ରାର୍ଥୀ ରମେଶ ମାଝୀ ଇତିମଧ୍ୟରେ ପ୍ରଚାରକୁ ଗତିଶୀଳ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ବଳଭଦ୍ରଙ୍କୁ ଚାରିପଟୁ ବିରୋଧୀ ଘେରିଥିଲା ବେଳେ ସେ କି ପ୍ରକାର କୌଶଳ ପ୍ରୟୋଗ କରିବେ ତାହା ଆଗକୁ ସ୍ପଷ୍ଟ ହେବ।

## ୨୦ ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ଗହଣରେ ପ୍ରାର୍ଥିପତ୍ର ଦାଖଲ

# ବିଜେଡି ବିଧାୟକ ପ୍ରାର୍ଥୀ ମୁକେଶ ପାଲ ଦେଖାଇଲେ ଦମ୍





**ପାଲଲହଡ଼ା, ୩।୫(ସମିସ)**

ସାଧାରଣ ନିର୍ବାଚନ ପାଇଁ ଶୁକ୍ରବାର ଅନୁଗୋଳ ଜିଲ୍ଲା ପାଲଲହଡ଼ା ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ମୁକେଶ ପାଲ ନାମାଙ୍କପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ଶ୍ୟାମେଶ୍ୱର ଶିବ ମନ୍ଦିରରେ ଶ୍ରୀ ପାଲ ପୂଜାର୍ଚ୍ଚନା କରି ଏକ ବିରାଟ ଶୋଭାଯାତ୍ରାରେ ପାଲଲହଡ଼ା ସହର ପରିକ୍ରମା କରି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିର୍ବାଚନ ଅଧିକାରୀଙ୍କ ପାଖରେ ଦଳୀୟ ଟିକେଟ ଦେଇ ନାମାଙ୍କପତ୍ର ଦାଖଲ କରିଥିଲେ। ନିଜ ନେତାଙ୍କ ମନୋବଳ ବଢାଇବା ପାଇଁ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ୨୦ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଯୋଗ ଦେଇଥିଲେ। ସାରା ପାଲଲହଡ଼ା ସହର ଶଙ୍ଖମୟ ଲାଗୁଥିଲା। ହଜାର ହଜାର ଜନସାଧାରଣ ସାଙ୍ଗକୁ ସଦର ମହକୁମା ନିଜିଗଡ଼ ପଞ୍ଚାୟତ ବାସିନ୍ଦା ଉତ୍ସାହର ସହିତ ବିଧାୟକ ପ୍ରାର୍ଥୀଙ୍କୁ ସ୍ୱାଗତ କରିଥିଲେ। ବାଣ ବାଜା ରୋଷଣୀ ସାଙ୍ଗକୁ ଯୋଡ଼ିଶଙ୍ଖ ବାଦ୍ୟ ପରିବେଶକୁ ଶଙ୍ଖମୟ କରିଥିଲା। ପ୍ରବଳ ଗରମ ସତ୍ତ୍ୱେ ନିଜ ନେତାଙ୍କ ନାମାଙ୍କନ ପତ୍ର ଦାଖଲ କରାଇବା ପାଇଁ ଜନତାଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ଦଳ ପକ୍ଷରୁ ବିଭିନ୍ନ ଛକ ଜାଗାରେ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା। ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ପତି, ବିଡିଓ ଦିଲୀପ କୁମାର ବାଡ଼ାଙ୍କ ସମେତ ସମସ୍ତ ଅଧିକାରୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ନାମାଙ୍କନପତ୍ର ଦାଖଲର ତଦାରଖ କରିଥିଲେ। ଏହି ଅବସରରେ ଅନୁଗୋଳ ଜିଲ୍ଲା ବିଜେଡି ସହ ପର୍ଯ୍ୟବେକ୍ଷକ କୁନ ବିହାରି ଦାଶ, କଣିହା ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ଅନୁଗୋଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠି, ସମସ୍ତ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା, କଣିହାଁ ଓ ପାଲଲହଡ଼ା ବିଜେଡି ବ୍ଲକ ସଭାପତିଙ୍କ ସମେତ ସମସ୍ତ ବରିଷ୍ଠ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ଆଠମଲ୍ଲିକରେ ବିଜେଡିର ଶୋଭାଯାତ୍ରା

# ନଳିନୀକାନ୍ତ ପ୍ରଧାନଙ୍କ ପ୍ରାର୍ଥିପତ୍ର ଦାଖଲ



**ଆଠମଲ୍ଲିକ, ୩।୫(ସମିସ):** ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଛି। ବିଜୁ ଜନତା ଦଳର ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ଇଂ ନଳିନୀକାନ୍ତ ପ୍ରଧାନ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସମର୍ଥକଙ୍କ ଗହଣରେ ଆସି ଆଠମଲ୍ଲିକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେ ପହଞ୍ଚିଥିଲେ। ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ଇଂ ନଳିନୀକାନ୍ତ ରିଟର୍ଣ୍ଣିଂ ଅଫିସର ତଥା ଆଠମଲ୍ଲିକ ଉପଜିଲ୍ଲାପାଳ ଜିତେନ୍ଦ୍ର କୁମାର ପାତ୍ରଙ୍କ ନିକଟରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ଶୋଭାଯାତ୍ରାରେ ବିଜେଡି ନେତା ଭାଗିରଥି ପ୍ରଧାନ, ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଯୁବନେତା ମହେନ୍ଦ୍ର କୁମାର ସାହୁ, ଆଇନଜୀବୀ ସନ୍ତୋଷ କୁମାର ତ୍ରିପାଠୀ, ମହେଶ୍ୱର ଦେହୁରୀ, ଚିତ୍ତରଞ୍ଜନ କର୍ଣ୍ଣ, ସନ୍ତୋଷ ପ୍ରଧାନଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷାକରିବା ନିମନ୍ତେ ଆଠମଲ୍ଲିକ ପୁଲିସ ବାହିନୀ ଉପସ୍ଥିତ ଥିଲେ।

## ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ

# ସୁଶାନ୍ତ ବେହେରାଙ୍କ ନାମାଙ୍କନ ଦାଖଲ







**ଅନୁଗୋଳ, ୩।୫(ସମିସ):** ଶୁକ୍ରବାର ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଅନୁଗୋଳ ଉପ ଜିଲ୍ଲାପାଳଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତୃତୀୟ ଥର ପାଇଁ ବିଜୁ ଜନତା ଦଳ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ଶ୍ରୀ ବେହେରା ଆଜି ସକାଳୁ କୋଶଳା ଗ୍ରାମର ଅଧୀଷ୍ଠାତ୍ରୀ ଦେବୀ ମା’ ରାମଚଣ୍ଡୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ପହଞ୍ଚିଥିଲେ ମା’ ବୁଢୀ ଠାକୁରାଣୀଙ୍କ ନିକଟରେ। ସେଠାରେ ପୂଜାର୍ଚ୍ଚନା ସାରିବା ପରେ ୩୦ ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହିତ ବିଶାଳ ଶୋଭାଯାତ୍ରାରେ ଆସି ଅନୁଗୋଳ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ ନିକଟରେ ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ। ଶ୍ରୀ ବେହେରା ୨ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ସେଥିରେ ପ୍ରଦୀପ କୁମାର ସାହୁ ପ୍ରସ୍ତାବକ ଥିବା ଜଣାପଡ଼ିଛି। ଏହି ଶୋଭାଯାତ୍ରାରେ ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ସାହୁ, ଛେଣ୍ଡିପଦା ବ୍ଲକ ବିଜୁ ଜନତା ଦଳର ସଭାପତି ଶରତ ଗଡ଼ନାୟକ, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସଞ୍ଜୟ ଅଗ୍ରୱାଲ, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ନେପୁ ଦାସ, ରୋଶନା ସାହୁ, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲ୍ଲା ପରିଷଦ ଭାନୁପ୍ରିୟା ପ୍ରଧାନ, ମହିଳା ବ୍ଲକ ସଭାପତି ତୃପ୍ତିମଞ୍ଜରୀ ଗଡ଼ନାୟକ, ବ୍ଲକ ଉପାଧ୍ୟକ୍ଷା ଝରଣା ସ୍ୱାଇଁ, ଜୋନ ପର୍ଯ୍ୟବେକ୍ଷ ସନ୍ତୋଷ ସାହୁ, ଟାଙ୍ଗୀର ସରପଞ୍ଚ ଅମରେଶ ନାଥ, ଜନ୍ମେଜୟ ମାଝୀ, ବାବୁଲି ପ୍ରଧାନ, ରାମଚନ୍ଦ୍ର ବେହେରା, ଲୋସନ କୁମାର ସାହୁ, ମାନସ ରଞ୍ଜନ ସାହୁ, ଜେନାମଣି ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବିଜେଡି କର୍ମୀମାନେ ସହଯୋଗ କରିଥିଲେ।

## ଅନୁଗୋଳ ବିଧାନସଭା

# କଂଗ୍ରେସରୁ ଅମ୍ବିକା ପ୍ରସାଦ ଭଞ୍ଜଙ୍କ ନାମାଙ୍କନ ଦାଖଲ



**ଅନୁଗୋଳ, ୩।୫(ସମିସ):** ଶୁକ୍ରବାର ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କଂଗ୍ରେସ ପକ୍ଷରୁ ଇଂ ଅମ୍ବିକା ପ୍ରସାଦ ଭଞ୍ଜ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କଂଗ୍ରେସର ବିଧାୟକ ପ୍ରାର୍ଥୀ ଶ୍ରୀ ଭଞ୍ଜ ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା’ ବୁଢ଼ୀ ଠାକୁରାଣୀଙ୍କ ଦର୍ଶନ ପରେ ବଜାର ଛକଠାରୁ ନିଜର ଶତାଧିକ ସମର୍ଥକଙ୍କ ଗହଣରେ ଅନୁଗୋଳ ବଜାର ପରିକ୍ରମା କରି ରିଟର୍ଣ୍ଣିଂ ଅଫିସର ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସେଠାରେ ନିଜର ନାମାଙ୍କନପତ୍ର ଦାଖଲ କରିଥିଲେ। ଶ୍ରୀ ଭଞ୍ଜଙ୍କ ନାମାଙ୍କନ ପତ୍ର ଦାଖଲ ସମୟରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ସଭାପତି ସଂଗ୍ରାମ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ବେଣୁଧର ସାହୁ, ଗୋପାଳ ନାଥ, ରାକେଶ ମିଶ୍ର ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ତାଳଚେର ବିଧାନସଭା

# ପ୍ରାର୍ଥିପତ୍ର ଦାଖଲକଲେ କାଳନ୍ଦୀ ସାମଲ



**ତାଳଚେର ସଦର ୩।୫(ସମିସ):** ତାଳଚେରରେ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ବ୍ରଜକିଶୋର ପ୍ରଧାନ ହଜାର ହଜାର ସଂଖ୍ୟାର ସମର୍ଥକଙ୍କ ଗହଣରେ ବିରାଟ ଶୋଭାଯାତ୍ରାରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଥିଲା ବେଳେ ଗତକାଲି କଂଗ୍ରେସ ପକ୍ଷରୁ ହାତ ଗଣତି ସମର୍ଥକଙ୍କୁ ନେଇ କଂଗ୍ରେସ ପ୍ରାର୍ଥୀ ପ୍ରଫୁଲ୍ଲ ଦାସ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଆଜି ବିଜେପି ବିଧାୟକ ପ୍ରାର୍ଥୀ କାଳନ୍ଦୀ ସାମଲ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତାଳଚେର ଅଧିଷ୍ଠାତ୍ରୀ ଦେବୀ ମା’ ହିଙ୍ଗୁଳାଙ୍କ ଦର୍ଶନ ପରେ ତାଳଚେର ହାଟତୋଟା ସ୍ଥିତ ହନୁମାନ ମନ୍ଦିରଠାରୁ ନିଜର ସମର୍ଥକଙ୍କ ସହିତ ଆସି ତରବରିଆ ଭାବେ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟଳୟ ପରିସରରେ ସହିଦ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଶ୍ରୀ ସାମଲ ପ୍ରାର୍ଥିପତ୍ର ଦାଖଲ କରିଥିଲେ।

# ମା’ ହିଙ୍ଗୁଳାଙ୍କ ହୁଣ୍ଡିରୁ ମିଳିଲା ୬ ଲକ୍ଷ ୯୦ ହଜାର ଟଙ୍କା



**ତାଳଚେର, ୩।୫(ସମିସ):** ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା ’ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଥିବା ସମସ୍ତ ହୁଣ୍ଡିଗୁଡିକୁ ଆଜି ଖୋଲାଯାଇଥିଲା। ସହକାରୀ ଜିଲ୍ଲାପାଳ ନାରାୟଣ ସେଠି, ଟ୍ରଷ୍ଟ ସଦସ୍ୟ ଅରୁଣ କୁମାର ପ୍ରଧାନ, ରାଜେନ୍ଦ୍ର ସିଂହ, ଗଗନ ବିହାରୀ ସାହୁ, ବରିଷ୍ଠ ରାଜସ୍ୱ ସହାୟକ ଧୂଳେଶ୍ୱର ବେହେରା, ନିରାକାର ରାଉଳ, ବିଭୁ ସ୍ୱାଇଁ, ବିନୟ ମହାନ୍ତିଙ୍କ ଉପସ୍ଥିତିରେ ମନ୍ଦିର ପରିସରରେ ଥିବା ସମସ୍ତ ହୁଣ୍ଡି ଖୋଲାଯାଇଥିଲା। ଏଥିରୁ ମୋଟ ଛଅ ଲକ୍ଷ ଅଣାନବେ ହଜାର ଛଅ ଶହ ତିରିଶ ଟଙ୍କା (୬, ୮୯, ୬୩୦ ଟଙ୍କା) ସଂଗୃହୀତ ହୋଇଥିଲା। ପ୍ରଶାନ୍ତ କୁମାର ବେହେରା, ରଞ୍ଜିତ ବେହେରା, ବାବୁଲା ବେହେରା, ହରେକୃଷ୍ଣ ଦେହୁରୀ, ଚରଣ ବେହେରା, ବିକାଶ ଦେହୁରୀ, ରଘୁନାଥ ବାରିହା, ଟିକନ ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବଢୁଛି ତାପମାତ୍ରା ସହ ପାଣି ବେପାର

# ଯାଞ୍ଚ୍ ହେଉନି କମ୍ପାନି ପାଣିର ମାନ

**ତାଳଚେର ସଦର, ୩।୫(ସମିସ)**

ତାଳଚେର ସହରରେ ଛତୁ ଫୁଟିବା ଭଳି ପାଣି କମ୍ପାନି ଖୋଲିବାରେ ଲାଗିଛି। ଏବେ ପ୍ରବଳ ଖରା ଲୋକଙ୍କୁ କଲବଲ କରୁଥିବା ବେଳେ ଦୋକାନ, ହୋଟେଲ, ଫାଷ୍ଟ ଫୁଡ୍ ଦୋକାନରେ ଗ୍ରାହକଙ୍କୁ ଥଣ୍ଡା ପାନୀୟଜଳ ଦିଆଯାଉଛି। ଏହି ପାଣି କେତେଦୂର ବିଶୁଦ୍ଧ, ତାହା ନିୟମିତ ଯାଞ୍ଚ କରାଯାଉନାହିଁ। ସୂଚନା ମୁତାବକ, ତାଳଚେର ସହରର ଭୌଗୋଳିକ କଳେବର ଓ ଜନସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗ୍ରାମାଞ୍ଚଳରୁ ଶହ ଶହ ଲୋକ ପ୍ରତିଦିନ ଏଠାକୁ ଆସୁଛନ୍ତି। ଏବେ ପ୍ରବଳ ଖରା ହେଉଥିବା ବେଳେ ପାନୀୟ ଜଳର ଚାହିଦା ବୃଦ୍ଧି ପାଇଛି। ଏହି ସୁଯୋଗରେ ସହରରେ ଗଣ୍ଡା ଗଣ୍ଡା ପାଣି କମ୍ପାନି ଖୋଲିବାରେ ଲାଗିଛି। କେଉଁଭଳି ପରିବେଶରେ ପାଣି ପ୍ରସ୍ତୁତ କରାଯାଉଛି, ସ୍ୱାସ୍ଥ୍ୟ ପାଇଁ ତାହା ଉପଯୁକ୍ତ କି ନୁହେଁ ; ତାହା ଯାଞ୍ଚ କରାଯାଉନାହିଁ। ବିଭିନ୍ନ କମ୍ପାନି ଜାରରେ ୧୫ ଓ ୩୦ ଲିଟର ପାଣି ବିକ୍ରି କରୁଛନ୍ତି। ସେହି ଜାରର ପାଣି ଥରେ ବ୍ୟବହାର ପରେ ସେଥିରେ ପୁଣି ଥରେ ପାଣି ଭର୍ତ୍ତି କରାଯାଉଛି। କିନ୍ତୁ କେତେକ ଫାକ୍ଟ୍ରିରେ ଏହି ସମୟରେ ପାଣି ଜାରଗୁଡ଼ିକୁ ବିଶୋଧନ କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। ଏହି ପାଣିକୁ ଗ୍ରାହକମାନେ ନିଶ୍ଚିନ୍ତରେ ପିଉଛନ୍ତି। ଏହି ପାଣି କେତେ ଶୁଦ୍ଧ, ଗ୍ରାହକ ତାହା ଜାଣିପାରୁନାହାନ୍ତି। ସହରରେ ଏବେ ୧୦ରୁ ଅଧିକ ପାଣି ଫାକ୍ଟ୍ରି ଥିବାବେଳେ ତା’ମଧ୍ୟରୁ କେତେକ ଫାକ୍ଟ୍ରିରେ କିଭଳି ପାଣି ପ୍ରସ୍ତୁତ କରାଯାଉଛି, ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଠୁଛି ପ୍ରଶ୍ନ। ଖଣି ଖାଦାନ ଓ କଳକାରଖାନା ପାଇଁ ତାଳଚେର ଅଞ୍ଚଳରେ ତାପମାତ୍ରା ୪୫ଡିଗ୍ରୀ ଉପରେ ରହୁଥିବା ବେଳେ ଏହି ଉହଡ଼ହ ଖରାରେ କିଣା ପାଣିର ଚାହିଦା ବଢୁଥିବାରୁ ଏହାକୁ ଲୋକେ ନିଶ୍ଚିନ୍ତରେ ପିଉଛନ୍ତି। ତେଣୁ ସ୍ଥାନୀୟ ପ୍ରଶାସନ ଓ ଖାଦ୍ୟ ନିରାପତ୍ତା ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉ ନଥିବାରୁ ଏହି ପାଣି କମ୍ପାନୀ ମାଲିକ ଖୁଲମଖୁଲା ବ୍ୟବସାୟ ଚଲାଇଛନ୍ତି। ତେବେ ଏହାକୁ ବିଧିବଦ୍ଧ ଭାବେ ତଦନ୍ତ କରି ବେନାମୀ ପାଣି କମ୍ପାନୀ ଉପରେ ରୋକ ଲାଗିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।



# ବ୍ୟାଙ୍କର ପ୍ରବେଶ ଦ୍ୱାରରେ ଲାଗିଥିବା ହୋର୍ଡିଂ ବିପର୍ଯ୍ୟସ୍ତ



**ରାଜକନିକା,୩।୫(ସମିସ):** କଥାରେ ଅଛି ଗାଁ ପରିମଳ ଧୋବା ତୁଠରୁ ଜଣା ପଡିବା ନ୍ୟାୟରେ ଜୟନଗରରେ ଅବସ୍ଥିତ ୟୁନିୟନ ବ୍ୟାଙ୍କର ପରିମଳ ଓ ସେବା କେମିତି ହୋଇଥିବ ତାର ପ୍ରବେଶ ପଥରେ ସ୍ୱାଗତ କରୁଥିବା ତୋରଣରୁ ସ୍ପଷ୍ଟ ହୋଇଛି ।ଯେଉଁ ବ୍ୟାଙ୍କ ନିଜ ସାମ୍ନା ପଟରେ ଲଗାଇଥିବା ହୋର୍ଡିଂ କୁ ସଠିକ ନ୍ୟାୟ ଦେଇ ପାରିନି, ସେହି ବ୍ୟାଙ୍କର ବ୍ୟବସାୟ କେମିତି ହେଉଥିବ, ତାହା ସହଜରେ ଅନୁମାନ କରାଯାଇ ପାରିବ। ମୁଖ୍ୟ ଦ୍ୱାରରେ ଲଗା ଯାଇଥିବା ହୋର୍ଡିଂ ଗୋଟେ ପଟକୁ ଓହଳି ଦୀର୍ଘଦିନ ହେବ ଲୋକଙ୍କ ମୁଣ୍ଡରେ ବାଜି ଚାଲିଛି । ଫଳରେ ଲୋକେ ନୁଆଁଣିଆ ଚାଳ ଘରକୁ ଯିବା ଭଳି ଜୟନଗର ବ୍ୟାଙ୍କର ମୁଖ୍ୟ ଦ୍ୱାରରେ ନଇଁ କି ଯିବା ଆସିବା କରୁଛନ୍ତି ।ଏଭଳି ଦୃଶ୍ୟ ଦେଖି ଜଣେ ବ୍ୟାଙ୍କର କର୍ମଚାରୀଙ୍କୁ ପଚାରିବାରୁ ସେଥିରେ କଣ ଅସୁବିଧା ହେଉଛି ବୋଲି କହିଥିଲେ। ଏ ସମ୍ପର୍କରେ ଶାଖା ପରିଚାଳକଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରାଗଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ । ଜୟନଗରଠାରେ ଅବସ୍ଥିତ ୟୁନିୟନ ବ୍ୟାଙ୍କରେ ଦୈନିକ ଶହ ଶହ ଗ୍ରାହକଙ୍କ ଅସମ୍ଭବ ଭିଡ଼ ହେଉଥିବା ବେଳେ ମୁଖ୍ୟ ଫାଟକରେ ଓହଳି ଥିବା ହୋର୍ଡିଂକୁ ବ୍ୟବସ୍ଥିତ କରିବାକୁ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବୀ ହୋଇଛି ।

## ଭିଜିଲାନ୍ସ ହାତରେ ଧରାପଡ଼ିଲେ ଅତିରିକ୍ତ ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟର କିରାଣି

# ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଗିରଫ

**କେନ୍ଦ୍ରାପଡ଼ା, ୩।୫(ସମିସ)**



ଏକ ଜମି ପଟ୍ଟାରେ ନାମ ପରିବର୍ତ୍ତନ କରିବା ପାଇଁ ୧୦ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ କେନ୍ଦ୍ରାପଡ଼ା ଅତିରିକ୍ତ ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣୀ ଜିତେନ୍ଦ୍ର କୁମାର ସେନାପତିକୁ ଗିରଫ କରିଛି ଭିଜିଲାନ୍ସ ବିଭାଗ। ଅଭିଯୋଗ ଅନୁଯାୟୀ ଗାୟତ୍ରୀ ମିଶ୍ର ନାମକ ଜନୈକ ମହିଳା ଡେରାବିଶ ତହସିଲ ଅନ୍ତର୍ଗତ ଗୁଆଳସିଂ ମୌଜାରେ ଏକ ଏ.୦୫ଡେସିମିଲ ପରିମିତ ସ୍ଥିତିବାନ ଜମି ଗତ ୧୯ ୯୧ମସିହାରେ କ୍ରୟ କରିଥିଲେ। କିନ୍ତୁ କାର୍ଯ୍ୟବ୍ୟସ୍ତତା ହେତୁ ସେହି ଜମିକୁ ନିଜ ନାମରେ ରେକର୍ଡ କରାଇ ପାରିନଥିଲେ। ଗତ ପ୍ରାୟ ଏକବର୍ଷ ହେବ ସେ ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ଅସଫଳ ହେବା ପରେ ଏକ ଆର.ପି. କେଶ ଅତିରିକ୍ତ ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟରେ ଦାୟର କରିଥିଲେ। ସେହି କେଶରେ ଅତିରିକ୍ତ ଚକବନ୍ଦୀ କମିଶନରଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣୀ ଶ୍ରୀ ସେନାପତି ୧୦ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଗାୟତ୍ରୀ ଏ ସମ୍ପର୍କରେ କଟକସ୍ଥିତ ଭିଜିଲାନ୍ସ ଏସପିଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିବା ପରେ କଟକ ଭିଜିଲାନ୍ସ କେଶ ନମ୍ବର ୧୦/୨୦୨୪ରେ ଏକ ମାମଲା ରୁଜୁ କରାଯାଇ ଆଜି କଟକରୁ ଏକ ଭିଜିଲାନ୍ସ ଟିମ କେନ୍ଦ୍ରାପଡ଼ାକୁ ଆସି ଚକବନ୍ଦୀ କାର୍ଯ୍ୟାଳୟ ନିକଟରେ ଲୁଚି ରହିଥିଲେ। ଜିତେନ୍ଦ୍ର ଗାୟତ୍ରୀଙ୍କ ହାତରୁ ରାସାୟନିକ ଦ୍ରବ୍ୟ ବୋଳା ହୋଇଥିବା ୧୦ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ବେଳେ ଜିତେନ୍ଦ୍ରଙ୍କୁ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ଟିମ ଧରି ନେଇଥିଲା। ତାଙ୍କ ହାତ ପାଣିରେ ଧୋଇବା ପରେ ସେଥିରୁ ଲାଲ ରଙ୍ଗର ପାଣି ବାହାରିଥିଲା। ଏଥିସହିତ ୧୦ହଜାର ଲାଞ୍ଚ ଟଙ୍କା ଜିତେନ୍ଦ୍ରଙ୍କ ଠାରୁ ଜବତ କରାଯିବା ସହ ଭିଜିଲାନ୍ସ ଟିମ ଜିତେନ୍ଦ୍ରଙ୍କୁ ଗିରଫ କରି କଟକ ଭିଜିଲାନ୍ସ ଏସପିଙ୍କ କାର୍ଯ୍ୟାଳୟକୁ ନେଇଯାଇଥିବା ଜଣାପଡ଼ିଛି। ଏଥିସହିତ ରାଜେନ୍ଦ୍ରଙ୍କ ପୈତୃକ ଘର ମାର୍ଶାଘାଇ ଥାନା ଅନ୍ତର୍ଗତ ଖମଗାଁବିନ୍ଧାରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ ଜାରିରହିଛି।

# କେନାଲ୍ ବନ୍ଧତାଡ଼ି ୪୦୦ ଟ୍ରିପ୍ ମାଟି ଲୁଟିଲେ ଠିକାଦାର



- ଲୁଣାନଦୀ ସେତୁକୁ ସଂଯୋଗୀକରଣ ସ୍ଥାନରେ ପଡ଼ିଲା ଘଳିଆ
- ମନୁଷ୍ୟକୃତ ବନ୍ୟା ଆଶଙ୍କାରେ ଅଞ୍ଚଳବାସୀ ଆତଙ୍କିତ

**ଡେରାବିଶ, ୩।୫ (ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ଲୁଣାନଦୀର ଦାନପୁର ସେତୁକୁ ସଂଯୋଗୀକରଣ ରାସ୍ତା ନିର୍ମାଣ କାର୍ଯ୍ୟର ଢ଼ଙ୍ଗ ଅଦ୍ୟାବଧି ପ୍ରସ୍ତୁତ ହୋଇନଥିଲା ବେଳେ ଟେଣ୍ଡର ନେଇଥିବା ଠିକାଦାର ଜଣକ ନିର୍ମାଣ ସ୍ଥଳ ସଫେଇ ଆଳରେ କେନ୍ଦ୍ରାପଡ଼ା କେନାଲ୍ ବନ୍ଧକୁ ତାଡ଼ି ୪୦୦ରୁ ଊର୍ଦ୍ଧ୍ୱ ଟ୍ରିପ ମାଟି ବିକ୍ରି କରିଦେଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯାହାର କୁପରିଣାମ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳବାସୀ ଭୋଗିବାକୁ ଯାଉଛନ୍ତି। ଖରାଦିନେ କେନ୍ଦ୍ରାପଡ଼ା କେନାଲ୍‌ରେ ପାଣି ଆସିବା ଦ୍ୱାରା ବ୍ରିଟିଶ ଅମଳର କମ୍ପାକ୍ଟ କେନାଲ ବନ୍ଧକୁ ବେନିୟମ ଭାବେ ତଡ଼ାଯାଇଥିବା ସ୍ଥାନରେ ଏବେ ବଡ଼ ବଡ଼ ଘଳିଆ ପଡ଼ିଛି। ଯାହାକି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଆସନ୍ନ ମନୁଷ୍ୟକୃତ ବନ୍ୟାର ଭୟ ଘାରିଛି। କିଛି ଦିନ ପୂର୍ବରୁ ଏହି ସ୍ଥାନର ୫୦ ମିଟର ଉପରକୁ କେନାଲ୍ ତଥା ନଦୀ ବନ୍ଧର ଦୁର୍ବଳ ସ୍ଥାନ ଚିହ୍ନଟ ପାଇଁ ଜଳସେଚନ ବିଭାଗ ଅଧିକାରୀ ଓ ତହସିଲ ପ୍ରଶାସନ ପକ୍ଷରୁ ଏକ ଯୁଗ୍ମ କମିଟି ବନ୍ଧ ତଦାରଖ କରିଥିଲା ବେଳେ କେନାଲ୍ ବନ୍ଧକୁ ତାଡ଼ି ଆରଆଣ୍ଡବିର ଠିକାଦାର ମାଟି ଲୁଟ କରିଥିବା ଘଟଣା କିପରି ତାଙ୍କ ନଜରକୁ ଆସିଲା ନାହିଁ ତାହା ଅଞ୍ଚଳବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପାଇଁ କେନାଲ୍‌ରେ ଅଳ୍ପ ପାଣି ଛଡ଼ାଯାଇଥିବା ବେଳେ ବନ୍ଧର ଏଭଳି ଅବସ୍ଥା ଘଟିଲାଣି। ଆଗକୁ ଖରିଫ୍ ଚାଷ ପାଇଁ କେନାଲ୍‌ରେ ପାଣି ଆସିଲେ ଏହି ସ୍ଥାନରେ ବନ୍ଧ ନିଶ୍ଚୟ ଭାଙ୍ଗି ଅଞ୍ଚଳରେ ବନ୍ୟା ସୃଷ୍ଟି କରିବା ସହ ଜନସାଧାରଣଙ୍କୁ ବହୁ ଅସୁବିଧାରେ ପକାଇବ ଓ କେନାଲର ତଳମୁଣ୍ଡକୁ ପାଣି ବନ୍ଦ ହୋଇଯିବା ଯୋଗୁ ତଳମୁଣ୍ଡର ଚାଷୀମାନେ ମରୁଡ଼ି ଭୋଗିବେ ବୋଲି ଅଞ୍ଚଳର ଜନସାଧାରଣ ପ୍ରକାଶ କରିଛନ୍ତି। ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହେବାର ୬ ମାସ ମଧ୍ୟରେ ଏହା ଶେଷ କରିବା ପାଇଁ ସରକାରଙ୍କ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ଇତିମଧ୍ୟରେ ଚାରିମାସ ବିତିଗଲାଣି ହେଲେ ଆରଆଣ୍ଡବି ବିଭାଗ ପକ୍ଷରୁ ଏହାର ନିର୍ମାଣ ନିମନ୍ତେ ଢ଼ଙ୍ଗ ଆସିପାରୁନାହିଁ ତେଣୁ ଖରିଫ୍ ଋତୁ ପୂର୍ବରୁ ଏହି କାର୍ଯ୍ୟ ଆରମ୍ଭ ହେବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ। ତେବେ ଏ ସମ୍ପର୍କରେ ଆଜି ସକାଳେ ଛତାସ୍ଥିତ ଜଳସେଚନ ବିଭାଗର ଉପଖଣ୍ଡ ଅଧିକାରୀ ଇଂ ପ୍ରମୋଦ କୁମାର ରାୟଙ୍କୁ ପଚାରିବାରୁ ସେ କହିଲେ ଖବର ପାଇ କେନାଲ୍‌ର ପାଣି କମାଇ ଦେବା ସହ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ପାଇଁ କହିଛନ୍ତି। ଅପର ପକ୍ଷରେ ଆରଆଣ୍ଡବି ବିଭାଗର କନିଷ୍ଠ ଯନ୍ତ୍ରୀ ଇଂ ବିକ୍ରମ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସେ ଆପ୍ରୋଚ ରୋଡ୍ ନିମନ୍ତେ ଉକ୍ତ ସ୍ଥାନର ସଫେଇର ଆବଶ୍ୟକତା ଥିବାରୁ ଓ ଠିକାଦାରଙ୍କୁ ସଫେଇ କରିବା ପାଇଁ କୁହାଯାଇଥିଲା, କିନ୍ତୁ କେନାଲ୍ ବନ୍ଧ ତଡ଼ାଯାଇଥିବା ଘଟଣା ସମ୍ପର୍କରେ ସେ ଜାଣିନାହାଁନ୍ତି ବୋଲି କହିଛନ୍ତି। ଏହି ଘଟଣା ସମ୍ପର୍କରେ ଜାଣିବା ପରେ ତଡ଼ା ଯାଇଥିବା ସ୍ଥାନକୁ ତୁରନ୍ତ ପୋତି କମ୍ପାକ୍ଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଚାଳ ପାଣି ପଡ଼ିବାକୁ କେନ୍ଦ୍ର କରି ଘରେ ନିଆଁ ଲଗାଇଦେଲେ

**ରାଜନଗର, ୩।୫(ସମିସ):** ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ପଞ୍ଚାୟତ ଅନ୍ତର୍ଗତ ପଞ୍ଚୁପଲ୍ଲୀ ଗାଁରେ ପୁରୁଣା ବିବାଦକୁ କେନ୍ଦ୍ର କରି ରହୁଥିବା ଘରେ ନିଆଁ ଅପରପକ୍ଷ ନିଆଁ ଲଗାଇ ଦେଇଥିବା ନେଇ ରାଜନଗର ଥାନାରେ ମାମଲା ରୁଜୁ ହୋଇଛି। ସେହି ଗାଁର ବାସନ୍ତୀ ନାଥଙ୍କ ଅଭିଯୋଗ ମୁତାବକ ଦୁଇ ଘର ଭିତରେ ଚାଳପାଣି ନିଷ୍କାସନକୁ ନେଇ ବିବାଦ ଥିଲା। ଗତ ୧ ତାରିଖ ଦିନ ରାତି ପ୍ରାୟ ୧୦ ଘଟିକା ସମୟରେ ପ୍ରଦୀପ ନାଥଙ୍କ ପତ୍ନୀ ବିଷ୍ଣୁପ୍ରିୟା ନାଥ ଆମ ପିଲା ପରିବାର ନେଇ ରହୁଥିବା ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଆମ ପରିବାର ସଦସ୍ୟ ବାହାରେ ବସି ଖାଉଥିବା ବେଳେ ଓ ଆମ ଦୁଇ ପିଲା ଘରେ ଶୋଇଥିବା ବେଳେ ଘରେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣା ଘଟିବା ସମୟରେ ରୁଲିରାମ ନାଥ, ଛବିରାଣୀ ପ୍ରଧାନ ପ୍ରମୁଖ ଏହାକୁ ଦେଖିଥିବା ନେଇ ଅଭିଯୋଗକାରୀ ଏତଲାରେ ଦର୍ଶାଇଛନ୍ତି। ରାଜନଗର ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଛି।

# ବିଜୁ ଜନତା ଦଳର ମିଶ୍ରଣ ପର୍ବ



**ରାଜନଗର, ୩।୫(ସମିସ):** ରାଜନଗର ବ୍ଲକ କେରେଡାଗଡ଼ଠାରେ ବିଜୁ ଜନତା ଦଳ ପକ୍ଷରୁ ପଞ୍ଚାୟତ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ପଞ୍ଚାୟତର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଜେପି ଦଳ ଛାଡି ଗୟାଧର ମଳିକ, ବାବାଜୀ ମଳିକ, ବାପିନା ମଳିକ, ଲିଲୁଆ ମଳିକ, ରତ୍ନାକର ମଳିକ, ସୁବାଷ ମଳିକ ଓ କଂଗ୍ରେସ ଦଳ ଛାଡି ୱାର୍ଡସଭ୍ୟ ବଳରାମ ମଳିକ, କୃପାସିନ୍ଧୁ ବାରିକ, ଶରତ ମଳିକ ପ୍ରମୁଖ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଦଳରେ ଯୋଗ ଦେଇଥିବା ନୂତନ ସଦସ୍ୟମାନଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏଥିସହ ରାଜନଗରରେ ଗତ ୫ ବର୍ଷରେ ହୋଇଥିବା ବିକାଶ ସମ୍ପର୍କରେ କହିବା ସହ ଆଗାମୀ ନିର୍ବାଚନରେ କିପରି ସମସ୍ତେ ଡବଲ ଶଙ୍ଖରେ ଭୋଟ ଦେବେ ସେ ନେଇ କର୍ମୀ ମାନଙ୍କୁ ନିବେଦନ କରିଥିଲେ। ଏହି ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ବରିଷ୍ଠ ନେତା ଅରୁଣ କୁମାର ସାହୁ, ଆମ୍ବ୍ରାର ଅଧକ୍ଷ ଗୋବର୍ଦ୍ଧନ ପ୍ରଧାନ, ଦଳର ମୁଖପାତ୍ର କୈଳାସ ଚନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ନରହରି ଜେନା, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ଦିଲ୍ଲୀପ ସିୟ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସେଠୀ, ରଞ୍ଜିତ କୁମାର ପତି, ଭାଗବତ ବେହେରା, ମନମୋହନ ବେହେରା, ରଞ୍ଜନ ନାୟକ, ରାଜକିଶୋର ମୁଦୁଲି, ସର୍ବେଶ୍ୱର ସାମଲ ପ୍ରମୁଖ ଯୋଗ ଦେଇଥିଲେ।

# ଓଳାଭର କଲେଜ ଫାଟକ ସାମ୍ନାରେ ନର୍ଦ୍ଦମା ସ୍ଥିତି ଅସମ୍ଭାଳ

**ରାଜକନିକା, ୩।୫(ସମିସ):** ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ବଜାର ପ୍ରବେଶ ପଥରେ ହିଁ ଶୋଭା ପାଉଛି ପଚା ନର୍ଦ୍ଦମାର ପୂତିଗନ୍ଧମୟ ଦୃଶ୍ୟ ।ଯିଏ କେହିବି ଗଲାବେଳେ ନାକରେ କପଡ଼ା ଦେଇ ଯାଉଛି ।ନର୍ଦ୍ଦମାର ଅବସ୍ଥା ଏଭଳି ହୋଇଛି ଯେ ତାହା ମଶାଙ୍କ ଏନ୍ତୁଡ଼ିଶାଳ ବୋଲି ମାନିବାକୁ ପଡ଼ିବ ।ଅଥଚ ଓଳାଭର କଲେଜ ମାଲିକାନାରେ ଥିବା ଏହି ସ୍ଥାନର ଅବସ୍ଥା ବଦଳିବାରେ ନାମ ନିଶାନ ନାହିଁ ବୋଲି ଅଭିଯୋଗ ହେଉଛି। ସୂଚନା ଅନୁସାରେ କଲେଜ ଫାଟକ ଭିତରକୁ ପଶୁ ପଶୁ ଏଭଳି ପଚା ଦୁର୍ଗନ୍ଧରେ ନାକ ଫାଟି ପଡୁଛି ।ଏଭଳି ସମସ୍ୟା ଆଜିର ନୁହେଁ ବରଂ ବର୍ଷ ବର୍ଷ ଧରି ଲାଗି ରହିଥିଲେ ବି ନିରାକରଣ ହେଉନାହିଁ। ଯେହେତୁ ଏବେ ଖରାଦିନ ହୋଇଥିବାରୁ ବଜାରର ନିଷ୍କାସନ ଜଳ ନ ଥିବା ସତ୍ତ୍ୱେ ବି ଏଠାରେ ପଚାପାଣି ଗଚ୍ଛିତ ରହିଛି ।ପାଖ ଜଳଖିଆ ଦୋକାନୀ ବେଆଇନ ଭାବେ ବର୍ଜ୍ୟବସ୍ତୁ ସହିତ ଅତ୍ୟଧିକ ମାତ୍ରାରେ ପାଣି ଢଳା ଯିବା କାରଣରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହେଉଛି। ଏହାପରେ ବି ଯେହେତୁ ପାଖରେ ମେଡିକାଲ ରହିଛି ଅନ୍ତତଃ ପକ୍ଷେ ପଦକ୍ଷେପ ନେବା ଜରୁରୀ ହୋଇ ପଡ଼ିଛି। ଓଳାଭର ଭଳି ଏକ ବ୍ୟସ୍ତ ବହୁଳ ବଜାରକୁ ପ୍ରତ୍ୟହ ହଜାର ହଜାର ସଂଖ୍ୟାର ଲୋକ ଆସିଥାନ୍ତି ।ଏଠାରେ ସ୍କୁଲକଲେଜ ଭଳି ଆହୁରି ବି ବହୁ ଶିକ୍ଷାନୁଷ୍ଠାନ ରହିଛି ।ସରକାରୀ ଆଉ ବେସରକାରୀ କାର୍ଯ୍ୟାଳୟ ବି ରହିଛି। ବହୁ ସଂଖ୍ୟାରେ ବସ୍ ଏଠାରୁ ରାଜ୍ୟ ଓ ରାଜ୍ୟ ବାହାରକୁ ଯାଉଛି। ଏଥିପାଇଁ ଏଠାରେ ପ୍ରବଳ ଲୋକ ସମାଗମ ହୋଇଥାଏ। ହେଲେ ବଜାର ପ୍ରବେଶ ପଥରେ ହିଁ ବଜାରର ପରିମଳ ଆଉ ସ୍ୱଚ୍ଛତା ଉପରେ ଆଗେ ପ୍ରଶ୍ନ ଉଠିବା ସ୍ୱାଭାବିକ ।ଏଭଳି ଖୋଲାମେଲା ଡ୍ରେନରେ ପାଣି ପଚିସଢି ପୋକ ସାଲୁବାଲୁ ହେଉଛନ୍ତି ।ମଶା ବି ବଂଶ ବଢ଼ାଇ ଚାଲିଛି। ଗନ୍ଧରେ ନାକ ଫାଟି ପଡୁଛି ।ଏହା ସହିତ ବଜାରର ସମସ୍ତ ବର୍ଜ୍ୟବସ୍ତୁ ବି ବଜାର ମୁହଁରେ ପାହାଡ଼ ଭଳି ଲଦି ହୋଇଥିବାର ଦେଖା ଯାଉଛି ।ଏଥିପାଇଁ ଦିନରେ ବି ଛିଡ଼ା ହେଲେ ମଶା କାମୁଡିବା ଆରମ୍ଭ ହୋଇ ଯାଉଛି। ତେଣୁ ଡେଙ୍ଗୁ, ମେଲେରିଆ, ଫାଇଲେରିଆ ଭଳି ମାରାତ୍ମକ ରୋଗ ହେବାକୁ ଆମନ୍ତ୍ରଣ କରୁଛି ।ଏଭଳି ଶୋଚନୀୟ ଅବସ୍ଥା ଉପରେ କାହାରି ନଜର ଆସୁନାହିଁ। ହେଲେ କଲେଜର ଫାଟକରେ ଏଭଳି ଅବସ୍ଥା ଦୀର୍ଘଦିନ ହେବ ଲାଗି ରହି ଥିଲେ ବି କଲେଜ କର୍ତ୍ତୃପକ୍ଷଙ୍କ ଏଥିନେଇ ସାମାନ୍ୟତମ ନିଘା ବି ରହୁନାହିଁ। ଜିଲ୍ଲା ସ୍ୱାସ୍ଥ୍ୟ ଉଚ୍ଚାଧିକାରୀ ଏଥିପ୍ରତି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

- ଗନ୍ଧରେ ନାକ ଫାଟି ପଡୁଛି

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ପଞ୍ଚୁପାଣ୍ଡବ ୩।୫ (ସମିସ):** ଡେରାବିଶ ବ୍ଲକ ଭଗବତୀ କ୍ଲଷ୍ଟର ରଘୁଦେଇପୁର ପଞ୍ଚାୟତର ଡେରାକେଶପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିନା ଶତପଥି ଓ ବେଣୀପୁର ପଞ୍ଚାୟତର ବଜାର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷିକେଶ ସ୍ୱାଇଁଙ୍କୁ ଦାମୋଦରଜୀଉ ବିଦ୍ୟାଳୟ ବଜାରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଗରୁଡ଼ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଈଶ୍ୱର ଚନ୍ଦ୍ର ପୃଷ୍ଟି, ସମ୍ମାନିତ ଅତିଥିଭାବେ ସିଆରସିସି ମାମୁନି ସିଂ, ସମର କେଶରୀ ସାମଲ, ପ୍ରଶାନ୍ତ କୁମାର ମଲ୍ଲିକ ଓ ସିଆରସିସି ଅଶୋକ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ହରେକୃଷ୍ଣ କର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ହୃଷିକେଶ ମହାରଣା, ଉମାକାନ୍ତ ସାହୁ, ଲିଲିମା ସାମଲ, ସଙ୍ଗ୍ରାମ କେଶରୀ ସାମଲ ଓ ଭଗବତୀ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଗୋବିନ୍ଦପୁର ୩।୫(ସମିସ):** ଆଳି ବ୍ଲକ ଅନ୍ତର୍ଗତ ପାଳିମୀ ଜନତା ଉଚ୍ଚ ବିଦ୍ୟାଳୟର ୧୯ ୯୨ ବ୍ୟାଚ ଛାତ୍ର ଛାତ୍ରୀଙ୍କ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୨ ବର୍ଷ ପରେ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ପରିସରରେ ଏକତ୍ରିତ ହୋଇ ପୁରୁଣା ସ୍ମୃତିକୁ ମନେପକାଇଥିଲେ। ଦିବଙ୍ଗତ ଶିକ୍ଷକ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ତ୍ରୈଲୋକ ନାଥ ପଣ୍ଡା, ଉପେନ୍ଦ୍ର ସୁତାର, ଖଗେଶ୍ୱର ରାଉତ, ପ୍ରଭାକର ପାତ୍ର, ନାରଣ ଚନ୍ଦ୍ର ସାମଲ, ରତ୍ନାକର ସାମଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ରକ୍ତ ସଙ୍କଟ ଦୂର କରିବାକୁ ପ୍ରୟାସ

# ୪୩ଜଣ ଛାତ୍ରଛାତ୍ରୀ ସାଜିଲେ 'ବିପଦର ବନ୍ଧୁ'

**କେନ୍ଦ୍ରାପଡ଼ା, ୩।୫(ସମିସ):**



କେନ୍ଦ୍ରାପଡ଼ା ଜିଲ୍ଲାରେ ରକ୍ତସଙ୍କଟ ଦୂର କରିବାକୁ ଛାତ୍ରଛାତ୍ରୀଙ୍କ ଏକ ନିଆରା ପ୍ରୟାସ ଆରମ୍ଭ କରାଯାଇଛି ।ଏନେଇ ଶୁକ୍ରବାର ପି ଏନ ଏସ ସ୍କୁଲ ଅଫ ଇଞ୍ଜିନିଅରିଂ ଆଣ୍ଡ ଟେକ୍ନୋଲୋଜିର ମେକାନିକାଲ ବିଭାଗର ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବିଦାୟକାଳୀନ ସମାରୋହ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ପିଏନଏସ ଏବଂ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ମିଳିତ ସହଯୋଗରେ ଏହି ଗ୍ରୀଷ୍ମ କାଳୀନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସଫଳତାର ସହ ସମାପନ ହୋଇଛି। ରକ୍ତର ବିକଳ୍ପ କେବଳ ରକ୍ତ ବୋଲି ଛାତ୍ରଛାତ୍ରୀମାନେ ପ୍ରତିକ୍ରିୟା ରଖିଥିଲେ ।ଏହି ଶିବିରରେ ରକ୍ତଦାନ କରିଥିବା ୪୩ ଜଣ ଛାତ୍ରଛାତ୍ରୀ ଜଣେ ଜଣେ ପ୍ରକୃତ 'ବିପଦର ବନ୍ଧୁ' ବୋଲି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି କହିଛନ୍ତି। ପିଏନଏସ ର ଅଧକ୍ଷ ଜ୍ଞାନ ରଞ୍ଜନ ନାୟକ ଏବଂ ମେକାନିକାଲ ଶାଖାର ମୁଖ୍ୟ ରମାକାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ଅଧ୍ୟାପିକା ଯଥା ସୁନାକାର ସିଂ, ଅମରେନ୍ଦ୍ର ସାହୁ, ଇତିଶ୍ରୀ ଜେନା, ସୋନାଲିଶା ନାୟକ, ଚାଚା ଅମିତାଭ ତ୍ରିପାଠୀ, ସନ୍ୟାସୀ ସ୍ୱାଇଁ, କ୍ଷିତୀଶ ସିଂ, ଅଞ୍ଜନା ତ୍ରିପାଠୀ, ବିଶ୍ୱରଞ୍ଜନ ସ୍ୱାଇଁ, ଜୟଶ୍ରୀ ବିଶୋଇ, ମାନସ ପଡ଼ିଆରୀ, ଅନ୍ତ ଚରଣ ସାମଲ, ଅକ୍ଷୟ କୁମାର ସ୍ୱାଇଁ, ତ୍ରିଲୋଚନ ରାଉତ ଏବଂ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସୂର୍ଯ୍ୟକାନ୍ତ ପରିଡ଼ା, ରଶ୍ମି ରଞ୍ଜନ ବାରିକ, ରମାକାନ୍ତ ଦାସ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ବିପଦର ବନ୍ଧୁ ସାଜି ସଂଗ୍ରାମ କେଶରୀ ନାୟକ, ମଣ୍ଟୁ ଚରଣ ବେହେରା, ସେକ ମୋଜାହିଦ, ବିବେକାନନ୍ଦ ରାଉତ, ସାଇ ସନ୍ତୋଷ ସ୍ୱାଇଁ, ବିଶ୍ୱଜିତ ମଲ୍ଲିକ, ରଞ୍ଜିତ କୁମାର ବେହେରା, ଏସ କେ ପଙ୍କଜ ଚୌଧୁରୀ, ଅନନ୍ତ ଗୋପାଳ ରାଉତ, ଉତ୍ତମ ସାହୁ, ଆନନ୍ଦ କୁମାର ମଲ୍ଲିକ, ସ୍ୱରାଜ ସେଠୀ, ରବୀନ୍ଦ୍ର ଦେହୁରୀ, ଲିଜା ଗୋଛାୟତ, ସୁମନ୍ତ ବେହେରା, ଲକ୍ଷ୍ମୀପ୍ରିୟା ନାୟକ, ସରୋଜ ବେହେରା, କିଶୋର କୁମାର ବେହେରା, ସରୋଜ କୁମାର ପଣ୍ଡା, ଅମିତ ବିଶ୍ୱାଳ, ଆଶିଷ କୁମାର ଦାସ, କରଣ କୁମାର ମହାରଣା, ଦୀପକ କୁମାର ସେଠୀ, ବିଶ୍ୱଜିତ ସେନାପତି, ଜ୍ୟୋତିରଞ୍ଜନ ସ୍ୱାଇଁ, ସୋମ୍ୟରଞ୍ଜନ ମହାରଣା, ବ୍ରଜବନ୍ଧୁ ସାହୁ, ରାଜନ ସାହୁ, ସୁମିତ କୁମାର ବେହୁରିଆ, ଅନନ୍ତ କିଶୋର ସ୍ୱାଇଁ, ବିଶ୍ୱଜିତ ବିଶ୍ୱାଳ, ଦେବାଶିଷ ସାହୁ, ସୋୟଂଶ୍ରୀୟା ପ୍ରିୟଦର୍ଶନୀ, ଜନ୍ମଞ୍ଜୟ ଦାସ, ଶୁଭକାନ୍ତ ଦାସ, ଶୁଭକାନ୍ତ ପଲାଇ, କଲ୍ୟାଣୀ ସାହୁ, ରୁଦ୍ରନାରାୟଣ ଜେନା, ଆକାଶ ଜେନା ପ୍ରମୁଖ ରକ୍ତଦାନ କରିଥିଲେ।

## ■ ଲାଇନ ନାହିଁ କି ପାଣି ନାହିଁ, ଅତି ନିମ୍ନମାନର କାମ.

# ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କୋଠା ଉଦ୍‌ଘାଟନର ମାସ କେଇଟାରେ ଭୂତକୋଠି



**ରାଜକନିକା,୩।୫(ସମିସ):** ସରକାର କା ମାଲ ଦରିଆ ମେଁ ଡାଲ ନୀତିରେ ଗତ ଚାରିମାସ ତଳେ ଉଦଘାଟନ ହୋଇଥିବା କନିକା ତହସିଲ ଅନ୍ତର୍ଗତ ଜୟନଗର ଆରଆଇ ଅଫିସର ନୂଆ କୋଠାଗୃହକୁ ଦେଖିଲେ ଏହି କଥା ଯେ କେହି ନିଃସନ୍ଦେହରେ କହିପାରିବ। କୋଡିଏ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଦୁଇ ମହଲା ଘର ତିଆରି ହୋଇଛି । ଘର ଭିତରେ ପାଇଖାନାଠୁ ଆରମ୍ଭ କରି ଇନଭର୍ଟର, ପଙ୍ଖା, ବିଜୁଳି ବଲ୍‌ବ ଲାଗିଛି ହେଲେ ଲାଇନ ନାହିଁ। ପଙ୍ଖା ଚାଲୁନି କି ଝରକା ଖୋଲୁନି ।ଏମିତି ଅବ୍ୟବସ୍ଥା ଭିତରେ ଚାଲିଛି ଆର ଆଇ ଅଫିସର କାର୍ଯ୍ୟ ।ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ବେଳେ ଖୋଦ ଆର ଆଇ ନିଜ ସିଟ୍‌ରେ ବସି ପାରୁ ନ ଥିବା ବେଳେ ଗରମରେ ଲୋକେ କାମ ପାଇଁ ଯାଇ ହିନସ୍ତା ହେଉଛନ୍ତି । କୋଠାଗୃହ ହସ୍ତାନ୍ତର ହେବାର ମାସ ଭିତରେ କାନ୍ଥରୁ ପ୍ଲାଷ୍ଟର ଖସୁଛି ।ନିମ୍ନମାନର କାମ ଯୋଗୁ ଝର ଝର ହୋଇ ପ୍ଲାଷ୍ଟର ବାହାରି ପଡୁଛି । ଦ୍ୱାର ଖୋଲୁନି କି ଝରକା ସବୁକୁ ଜବରଦସ୍ତ ଦଉଡା ବାନ୍ଧି ଅଟକ ଦିଆ ଯାଉଛି । ଏ ସମ୍ପର୍କରେ ଆରଆଇଙ୍କୁ ପଚାରିବାରୁ ଆମେ କଣ କରିବୁ, ସବୁ ତହସିଲଦାର ବୁଝିବେ ବୋଲି କହିଥିଲେ ।ହେଲେ ଏଠାରେ ପ୍ରଶ୍ନ ଉଠୁଛି ସରକାରଙ୍କ ଅର୍ଥରେ ନିର୍ମିତ ହେଉଥିବା ଏହି ସବୁ କୋଠାଗୃହ ନିର୍ମାଣ କରୁଥିବା ଠିକା ସଂସ୍ଥା ଏତେ ବେପରୁଆ ଭାବରେ ଅତ୍ୟନ୍ତ ନିମ୍ନମାନର କାମ କରି କେମିତି କୋଠାଗୃହକୁ ଅଧା ପନ୍ତରିଆ କରି ହସ୍ତାନ୍ତର କରିଦେଉଛି ।ଆଉ ଏହି ଅଧା ଘରକୁ ନେଇ ତହସିଲଦାର କେମିତି ଆରଆଇମାନଙ୍କୁ ସେଠି ଅଫିସ କରିବାକୁ କହୁଛନ୍ତି ।ତାହା ଅନେକ ଅନ୍ଧାରୀ ଦିଗକୁ ଆଙ୍ଗୁଳି ନିର୍ଦ୍ଦେଶ କରିଛି । କୋଡିଏ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କୋଠାଗୃହ ଯଦି ମୂଳରୁ ଏମିତି ଅବସ୍ଥା ତେବେ ଏଭଳି କାମ କରି ରାଜସ୍ୱ ଲୁଟି ଥିବା ଠିକାଦାର ଓ ଏହି କାମକୁ ସ୍ୱୀକୃତି ଦେଇଥିବା ତହସିଲ ପ୍ରଶାସନ ବିରୋଧରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବୀ ହୋଇଛି ।

ଜଳବାୟୁ ପରିବର୍ତ୍ତନ ଏକ ଗୁରୁତର ସମସ୍ୟା। ଅଗ୍ରାଧିକାର ଭିତ୍ତିରେ ଏହା ସମାଧାନ ହେବା ଆବଶ୍ୟକ। -ବିଲ୍ ଗେଟ୍ସ



ସକାଳ
THE SAKALA

# ପ୍ରେସ୍ ସ୍ୱାଧୀନତା ଓ ଜଳବାୟୁ ସଙ୍କଟ

ଜଳବାୟୁ ପରିବର୍ତ୍ତନ କାରଣରୁ ପୃଥିବୀର ଅବସ୍ଥା ଏବେ କ'ଣ ତାହାର ବିଶେଷ ଉଦାହରଣ ଅନାବଶ୍ୟକ। ସୁତରାଂ ପୃଥିବୀର ଏଭଳି ଘଡ଼ିସନ୍ଧି କାଳରେ ସାମ୍ବାଦିକତା ଓ ଗଣମାଧ୍ୟମର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ। ଏହା ଯେତେ ସ୍ୱାଧୀନ, ନିରପେକ୍ଷ ଓ ଦାୟିତ୍ୱବାନ ହେବ ଏବଂ ଅବାଧ ମତ ପ୍ରକାଶର ଅଧିକାରକୁ ସୁନିଶ୍ଚିତ କରିବ, ତାହା ପୃଥିବୀ ଓ ଏହାର ଜୀବଜଗତ ପାଇଁ ସେତେ ଗୁରୁତ୍ୱପୂର୍ଣ୍ଣ ହେବ। ପୃଥିବୀ ପାଇଁ ଦିନଟିଏ ଭାବିବା ଏବଂ ସେଥିପାଇଁ ନିଜର ଦାୟିତ୍ୱବୋଧକୁ ମନେ ପକାଇବା ସାମ୍ବାଦିକତା ପାଇଁ ନିଶ୍ଚୟ ଯଥେଷ୍ଟ ମହତ୍ତ୍ୱ ରଖେ। ତେଣୁ ୨୦୨୪ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସର ବାର୍ତ୍ତା ଥିଲା, 'ଆମ ଗ୍ରହ (ପୃଥିବୀ) ପାଇଁ ପ୍ରେସ୍: ପରିବେଶଗତ ସଂକଟ ପରିପ୍ରେକ୍ଷୀରେ ସାମ୍ବାଦିକତା(ଏ ପ୍ରେସ୍ ଫର ଆୱାର ପ୍ଲାନେଟ୍: ଜର୍ଣ୍ଣାଲିଜିମ୍ ଇନ୍ ଦ ଫେସ୍ ଅଫ୍ ଏନ୍‌ଭାଇରନମେଣ୍ଟାଲ୍ କ୍ରାଇସିସ୍)।

ଆମେ ଜଳବାୟୁ ପରିବର୍ତ୍ତନର ଭୟାବହତା ଦେଖିବାକୁ ବେଶୀ ଦୂର ଯିବା ଅନାବଶ୍ୟକ। ଚଳିତବର୍ଷ ଏପ୍ରିଲ୍ ଶେଷ ସପ୍ତାହରେ ଆମ ଓଡ଼ିଶାର ଦିନର ସର୍ବୋଚ୍ଚ ତାପମାତ୍ରା ବାରିପଦା ଓ ବାଲେଶ୍ୱରରେ ୪୬ ଡିଗ୍ରୀ ସେଲ୍‌ସିୟସ ଅତିକ୍ରମ କରିଥିଲା। ସେହିମାସରେ କ୍ରମାଗତ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିବା ସହିତ ତାପମାତ୍ରା ୪୨ ରୁ ୪୬ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରେକର୍ଡ କରାଯାଇଛି। ଆଉ ଟିକିଏ ଦୂରକୁ ଗଲେ ଗତ ମାସ ୧୬ ତାରିଖରେ ଦୁବାଇ ବର୍ଷା ବିପ୍ଳବ କଥା ମନକୁ ଆସେ। ମରୁଭୂମିରେ ୨୪ ଘଣ୍ଟା ମଧ୍ୟରେ ୨୫୯.୫ ମିଲିଲିଟର ବର୍ଷା ଓ ପବନ ହେବା ସହିତ ବିଶ୍ୱର ଅନ୍ୟତମ ଆର୍ଥିକ ରାଜଧାନୀ ଓ ଧନାଢ୍ୟ ତଥା ବିକଶିତ ସହରରେ ନାହିଁ ନଥିବା ଅବସ୍ଥା ସୃଷ୍ଟି ହୋଇଥିଲା। ପ୍ରାୟ ଦୁଇସପ୍ତାହର ଅନ୍ତରାଳ ପରେ ସଂଯୁକ୍ତ ଆରବ ଏମିରେଟ୍ସକୁ ପୁନର୍ବାର ପ୍ରଚଣ୍ଡ ବର୍ଷା ବିପ୍ଳବ ଲେଉଟିଛି। ସେପଟେ ଆଫ୍ରିକାର କେନିଆରେ ପ୍ରଳୟଙ୍କରୀ ବର୍ଷା ଯୋଗୁଁ ବିଶ୍ୱର ଖ୍ୟାତ ମାଶାଇ ମାରା ଜଙ୍ଗଲ ଓ ତା' ଭିତରେ ଥିବା ପ୍ରାକୃତିକ ପ୍ରାଣୀ ଉଦ୍ୟାନରେ ଅଭୂତପୂର୍ବ କ୍ଷତି ଘଟିଛି।

ଏଠି ପ୍ରଶ୍ନ ଉଠୁଛି ନିରପେକ୍ଷ ସାମ୍ବାଦିକତା ଓ ପ୍ରେସ୍ ସ୍ୱାଧୀନତା କ'ଣ ଜଳବାୟୁ ପରିବର୍ତ୍ତନକୁ ରୋକିପାରିବ? ଅନେକ ନୈରାଶ୍ୟବାଦୀ ଏଥିରେ ସ୍ୱର ମିଳାଇବେ। ତାହା କିନ୍ତୁ ଭୁଲ୍। ନିରପେକ୍ଷ, ସ୍ୱାଧୀନ ଓ ଦାୟିତ୍ୱବାନ ପ୍ରେସ୍ ଓ ସାମ୍ବାଦିକତା ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜନତା ଓ ସରକାରଙ୍କୁ ଦେଇଥା'ନ୍ତି। ତ୍ରୁଟି ବିଚ୍ୟୁତିକୁ ପଦାକୁ ଆଣି ପ୍ରତିକାର ନିମନ୍ତେ ବିଶେଷଜ୍ଞଙ୍କ ମତାମତ ଉପସ୍ଥାପନ କରିଥା'ନ୍ତି। ଉତ୍ତମଭାବେ ସୂଚିତ ଏବଂ ତଥ୍ୟପ୍ରାପ୍ତ ଏକ ପ୍ରେସ୍ / ଗଣମାଧ୍ୟମ ଦେଶର ଅଶେଷ କଲ୍ୟାଣ ସାଧନ କରିଥାଏ। କୁହାଯାଏ 'ପୃଥିବୀକୁ ବଦଳାଇବା ପାଇଁ ଯଦି କିଏ ଲକ୍ଷ୍ୟ ରଖି କାମ କରେ, ତା' ପାଇଁ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତା ଏକ ତତ୍କାଳ ସ୍ୱଳ୍ପକାଳୀନ ଅସ୍ତ୍ର'। ଏହା ନିଃସନ୍ଦେହରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭଳି କାମ କରେ। କେବଳ ଉତ୍ତମ ଗଣତନ୍ତ୍ର ହିଁ ଦାୟିତ୍ୱ ସମ୍ପନ୍ନ, ମୁକ୍ତ, ଅବାଧ ଓ ସ୍ୱାଧୀନ ଗଣମାଧ୍ୟମ ଏବଂ ସାମ୍ବାଦିକତା ଦେଇଥାଏ।

ଭାରତ ଓ ଓଡ଼ିଶା ପରିପ୍ରେକ୍ଷୀରେ ପ୍ରେସ୍ ସ୍ୱାଧୀନତାକୁ ଦେଖିଲେ ବିଶେଷ ଚିନ୍ତିତ ହେବାକୁ ପଡ଼େ ନାହିଁ। ବିଶ୍ୱ ପରିପ୍ରେକ୍ଷୀରେ ଗଣମାଧ୍ୟମର ସ୍ୱାଧୀନତା, ସ୍ୱାଧୀନ ମତପ୍ରକାଶ ଓ ଅବାଧ ସାମ୍ବାଦିକତାକୁ ଦେଖିଲେ ଯେକେହି ସ୍ୱୀକାର କରିବେ ଯେ ଏହା ଚାପଗ୍ରସ୍ତ ହୋଇଛି ଏବଂ ନୂଆ ଟେକ୍‌ନୋଲୋଜି ଏହାର ପରିଭାଷାକୁ ବଦଳାଇ ଦେଇଛି। ପ୍ରେସ୍ ସ୍ୱାଧୀନତା ଯେ କେତେକାଂଶରେ ଚାପଗ୍ରସ୍ତ ହୋଇଛି, ଏହାକୁ ଅସ୍ୱୀକାର କରିହେବ ନାହିଁ। ତଥାପି ଉଭୟ ସରକାରୀ ଓ ବେସରକାରୀ ଚାପ, ଉତ୍ପୀଡ଼ନ, ଭୟ ଓ ଧମକକୁ ଖାତିର ନ କରି ଗଣମାଧ୍ୟମ ତାହାର ଦାୟିତ୍ୱ ବଜାୟ ରଖିଛି। ଗଣମାଧ୍ୟମର କିଛି ବଦ୍‌ମାସୀ ଗୁଣ ବା ନୁଇସେନ୍ସ ଭ୍ୟାଲୁ ଥାଏ। ଏହାସତ୍ତ୍ୱେ ଏହା ନିଜର ଦାୟିତ୍ୱକୁ ଭୁଲି ନାହିଁ।

ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ତାଲିକାରେ ଭାରତର ସ୍ଥାନ ବହୁ ତଳେ। ଏ ତାଲିକା କିଏ ତିଆରି କରୁଛି ଓ ଏହାର ମାନଦଣ୍ଡ କ'ଣ ତାହା ମଧ୍ୟ ବିଚାରସାପେକ୍ଷ। ଆମେ ସ୍ୱୟଂ ଦେଖୁଛୁ ଭାରତରେ ଗଣମାଧ୍ୟମ କେତେ ସକ୍ରିୟ ଓ ମୁଖର। ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ନ୍ୟାୟପାଳିକା, ବିଧାନପାଳିକା କାହାରିକୁ ଏହା ଛାଡୁ ନାହିଁ। ଭାରତ ଭଳି ସ୍ୱଚ୍ଛଳ, ଜୀବନ୍ତ ଓ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ଗଣମାଧ୍ୟମର ସ୍ୱାଧୀନତା ଯେ ବିପନ୍ନ ସ୍ଥିତିରେ ଅଛି, ଏହା କହିବା ଠିକ୍ ହେବ ନାହିଁ। ଆମ ମତରେ ଆମ ମୁଖର ଗଣମାଧ୍ୟମ ଓ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତା ଆମ ଗଣତନ୍ତ୍ରକୁ ଅଧିକ ପୁଷ୍କଳ କରୁଛି। ତେଣୁ ଭାରତରେ ଗଣମାଧ୍ୟମର ସ୍ଥିତି ଉପରେ ବିଦେଶୀ ସଂସ୍ଥାଙ୍କ ଏକପାଖିଆ ରିପୋର୍ଟକୁ ନେଇ ଚିନ୍ତିତ ହେବାର କିଛି କାରଣ ନାହିଁ।

ଏବେ ପ୍ରଶ୍ନ ହେଉଛି ଜଳବାୟୁ ପରିବର୍ତ୍ତନର ମୁକାବିଲା ଏକ ସ୍ୱାଧୀନ ପ୍ରେସ୍ ଓ ସାମ୍ବାଦିକତା କ'ଣ କରିପାରିବ? ଲୋକଙ୍କୁ ଉପଯୁକ୍ତ ସୂଚନା ଦେବା, କାମରେ ଭୁଲ୍‌ଭଟକା ଉପରେ ଆଲୋକପାତ କରିବା ଏବଂ ପରିସ୍ଥିତି ପ୍ରତି ଜନତାଙ୍କୁ ସଚେତନ ରଖିବା ସ୍ୱାଧୀନ ଗଣମାଧ୍ୟମର ପ୍ରଥମ କାମ। ସାମ୍ପ୍ରତିକ ବସ୍ତୁବାଦୀ ସଂସ୍କୃତି, ଲଗାମହୀନ ସହରୀକରଣ, ଜଙ୍ଗଲକ୍ଷୟ, ଜଳଉତ୍ସର ଦୁରୁପଯୋଗ, ପରିବେଶ ପ୍ରଦୂଷଣ ଆଦି ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା କାମ ଗଣମାଧ୍ୟମର। ପ୍ରକୃତିଠାରୁ ବଞ୍ଚିବା ପାଇଁ ସର୍ବନିମ୍ନ ଆବଶ୍ୟକତାଠାରୁ ଅଧିକ ଆହରଣ କଲେ ପରିବେଶ ଭାରସାମ୍ୟ ବିଗିଡ଼ିବ। ଯେଉଁ ପ୍ରଭାବଶାଳୀ ଓ ଧନୀ ବ୍ୟକ୍ତିମାନେ ନିଜ ସ୍ୱାର୍ଥ ପାଇଁ ପୃଥିବୀକୁ ଲୁଣ୍ଠନ କରୁଛନ୍ତି, ସେମାନଙ୍କ ବିରୋଧରେ ପ୍ରେସ୍‌ର ସ୍ୱର ଉତ୍ତୋଳନ କରିବାର ସ୍ୱତନ୍ତ୍ର ଦାୟିତ୍ୱ ରହିଛି। ଆମେ ଦେଖୁଛୁ ଭାରତୀୟ ପ୍ରେସ୍ ତାହାର ଦାୟିତ୍ୱ ଭୁଲିନାହିଁ। ତେବେ ନିରପେକ୍ଷତା ନେଇ କେହି କେହି ପ୍ରଶ୍ନ ଉଠାଇ ପାରନ୍ତି। ସେମାନେ କିନ୍ତୁ ଜାଣିବା ଉଚିତ ଯେ ଏହି ନିରପେକ୍ଷତା ଏକ ଆପେକ୍ଷିକ ପ୍ରସଙ୍ଗ। ବିଶ୍ୱର କୌଣସି ଦେଶରେ ଗଣମାଧ୍ୟମ ଶତପ୍ରତିଶତ ନିରପେକ୍ଷ ନୁହେଁ, ଏହା ପକ୍ଷଭୁକ୍ତ ହେବାକୁ ବାଧ୍ୟ।

ପ୍ରାୟ ତିନି ଦଶନ୍ଧି ତଳେ ଆଫ୍ରିକାର ଉଇଣ୍ଡାହୋକ୍‌ଠାରେ (୧୯୯୧) ଆଫ୍ରିକୀୟ ସାମ୍ବାଦିକ ଓ ଗଣମାଧ୍ୟମର ସୁରକ୍ଷା ଓ ବିକାଶ ପାଇଁ ଉଦ୍ଦିଷ୍ଟ ଘୋଷଣାନାମାଟି କାଳକ୍ରମେ ତାହାର ଗୁରୁତ୍ୱ ଦୃଷ୍ଟିରୁ ୟୁନେସ୍କୋର ଦୃଷ୍ଟି ଆକର୍ଷଣ କରିଥିଲା। ଏହାପରେ ୟୁନେସ୍କୋ ସୁପାରିସରେ ମିଳିତ ଜାତିସଂଘର ସାଧାରଣ ପରିଷଦ ବୈଠକ ୧୯୯୩ରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ ପରିକଳ୍ପନା କରି ସେ ବର୍ଷ ଡିସେମ୍ବର ମାସରେ ଏକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହେଲା। ଏଥିସହିତ ପ୍ରତିବର୍ଷ ମଇ ୩କୁ 'ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ' ଭାବେ ସଭ୍ୟ ରାଷ୍ଟ୍ରମାନେ ପାଳନ କରି ଆସୁଛନ୍ତି। ଏହାର ମର୍ମ ହେଲା ଗଣମାଧ୍ୟମକୁ ମୁକ୍ତ, ଅବାଧ, ବହୁଳବାଦୀ ଓ ଜନବାଦୀ କରି ଗଢ଼ି ତୋଳିବା ଏବଂ ଗଣତନ୍ତ୍ରରେ ଏହାକୁ ଜାଗ୍ରତ ପ୍ରହରୀର ଦାୟିତ୍ୱ ନିର୍ବାହ ପାଇଁ ସୁଯୋଗ ଦେବା।

ବିଶ୍ୱ ରୂପାୟନ ଓ ଜଳବାୟୁ ପରିବର୍ତ୍ତନ ଏବେ ଜୀବଜଗତ ପାଇଁ ସବୁଠୁ ବଡ଼ ଆହ୍ୱାନ। ଏଥିପାଇଁ ଆନ୍ତର୍ଜାତିକ ସ୍ତରରେ ସରକାର ଓ ସଂଗଠନମାନେ ତ ନିଶ୍ଚୟ କାର୍ଯ୍ୟ କରିବେ। ତେବେ ଲୋକଙ୍କ ପାଖରେ ତଥ୍ୟ ପହଞ୍ଚାଇ ସେମାନଙ୍କୁ ସତର୍କ ଓ ସଚେତନ କରିବାର ଦାୟିତ୍ୱ ଗଣମାଧ୍ୟମର। ଏକ ସ୍ୱାଧୀନ ଓ ଲଗାମଛଡ଼ା ଗଣମାଧ୍ୟମଠାରୁ ଏକ ଦାୟିତ୍ୱସମ୍ପନ୍ନ ଓ ଆତ୍ମସଂଯମ ଗଣମାଧ୍ୟମ ଦେଶ ପାଇଁ, ବିଶ୍ୱ ପାଇଁ ଅଧିକ ଗ୍ରହଣୀୟ। ପ୍ରେସ୍ ସ୍ୱାଧୀନତା ଜିନ୍ଦାବାଦ୍।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଜଙ୍ଗଲ ସୁରକ୍ଷା ଆମ ସାମ୍ବିଧାନିକ ଦାୟିତ୍ୱ



ଡକ୍ଟର ସୁନ୍ଦର ନାରାୟଣ ପାତ୍ର
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ଧରିତ୍ରୀର ବୃହତ୍ ପରିବାରର ସଦସ୍ୟ ଭାବରେ ଏହାର ସୁରକ୍ଷା ଆମ ସମସ୍ତଙ୍କ ମୌଳିକ କର୍ତ୍ତବ୍ୟ। ସମ୍ପ୍ରତି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଓ ପୃଥିବୀ ଉପରେ ଏହାର କୁପ୍ରଭାବ ପୃଷ୍ଠଭୂମିରେ ପରିବେଶ, ବିଶେଷକରି ଜଙ୍ଗଲ ସମ୍ପଦର ସୁରକ୍ଷା ଆମର ଦାୟିତ୍ୱ ଓ ଅଧିକାରଭୁକ୍ତ। 'ଜଙ୍ଗଲ ସୁରକ୍ଷା ଅଧିକାର' ଅର୍ଥ ଆମେ ଆମ ସମ୍ପଦର ସୁରକ୍ଷା କରିବାରୁ କେହି ଆମକୁ ବାରଣ କରିପାରିବେ ନାହିଁ। କିନ୍ତୁ ଯଦି କେହି ଏହାକୁ 'ଜଙ୍ଗଲ ଉପରେ ଅଧିକାର' ଭାବରେ ତର୍ଜମା କରେ ଏବଂ ବ୍ୟକ୍ତିଗତ ସ୍ୱାର୍ଥସାଧନ ପାଇଁ ଅନୈତିକ ଭାବରେ ଜଙ୍ଗଲକୁ ବ୍ୟାବସାୟିକ କାର୍ଯ୍ୟରେ ବିନିଯୋଗ କରେ ତେବେ ଏହା ଉଭୟ ନୈତିକ ଓ ସାମ୍ବିଧାନିକ ଦୃଷ୍ଟିରୁ ଗର୍ହିତ। ଯେତେବେଳେ କୌଣସି ପ୍ରସଙ୍ଗରେ ସାମ୍ବିଧାନିକ ବିଧିବ୍ୟବସ୍ଥା, କର୍ତ୍ତବ୍ୟ, ଅଧିକାର ଆଦି ଯୁକ୍ତ ହୋଇଯାଉଛି ଏବଂ ତାହାର ଉଲ୍ଲଙ୍ଘନ ହେଉଛି ସେତେବେଳେ ତାହା କେବଳ ଗର୍ହିତ ଓ ଆପତ୍ତିଜନକ ନୁହେଁ, କଠୋର ଦଣ୍ଡନୀୟ। ଯଦି ଏଭଳି ଅନୈତିକ କାର୍ଯ୍ୟରେ ପ୍ରଶାସନର ଅସାଧୁ ଅଧିକାରୀ ଓ କର୍ମଚାରୀମାନେ ସମ୍ପୃକ୍ତ ରହୁଛନ୍ତି ତେବେ ମାମଲା ଅତ୍ୟନ୍ତ ଉଦ୍‌ବେଗଜନକ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ନିକଟରେ ଏଭଳି ଏକ ଗର୍ହିତ ଘଟଣା ଘଟିଛି, ଯାହାକୁ ନେଇ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

୧୯୮୦ ମସିହାରୁ ତେଲେଙ୍ଗାନାର ୱାରଙ୍ଗାଲ ଜିଲ୍ଲାର କମ୍ପାଲି ଗ୍ରାମରେ ଏକ ଜଙ୍ଗଲ ଜମି ମହମ୍ମଦ ଅବଦୁଲ କ୍ୱାସିମ ନାମକ ଜଣେ ବ୍ୟକ୍ତି ନିଜ ବ୍ୟକ୍ତିଗତ କାମରେ ବ୍ୟବହାର କରି ଆସୁଥିଲେ। ଏଥିରେ କିଛି ସରକାରୀ ଅଧିକାରୀଙ୍କ ଅସାଧୁ କାରବାର ରହିଥିବା ଅଭିଯୋଗ ହୋଇଥିଲା। ବିଭିନ୍ନ ଅଦାଲତ ଦେଇ ଏହି ମାମଲା ଶେଷରେ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ବିଚାରପତି ଜଷ୍ଟିସ ଏମ.ଏମ.ସୁନ୍ଦ୍ରେଶ ଓ ଏସ.ଭି. ଏନ୍ ଭଟ୍ଟିଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ମାମଲାର ବିଚାର କରି ସମ୍ପୃକ୍ତ ସରକାରୀ ଅଧିକାରୀଙ୍କୁ ଭର୍ତ୍ସନା କରିଛନ୍ତି। ମାମଲାରେ ଯାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତାହା ହେଲା - ସୁପ୍ରିମକୋର୍ଟ ଖଣ୍ଡପୀଠ ସରକାରଙ୍କ ଉଦ୍ଦେଶ୍ୟରେ ସ୍ପଷ୍ଟ ଭାବରେ କହିଛନ୍ତି ଯେ 'ସମ୍ବିଧାନର ଧାରା ୪୮ କ (୪୮ଇ) ପରିବେଶର ସଂରକ୍ଷଣ ତଥା ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ଏହା ମଧ୍ୟ ନାଗରିକଙ୍କ ଜୀବନ ଧାରଣ ଅଧିକାର ସହିତ ସିଧାସଳଖ ଜଡ଼ିତ। ଜଳବାୟୁ ପରିବର୍ତ୍ତନର କୁପ୍ରଭାବରୁ ଦେଶ ତଥା ବିଶ୍ୱକୁ ସୁରକ୍ଷିତ ରଖିବାକୁ ହେଲେ ଜଙ୍ଗଲ ସୁରକ୍ଷାକୁ ପ୍ରାଥମିକତା ଦେବା ଅପରିହାର୍ଯ୍ୟ।' ପରିବେଶ ସଂକ୍ରାନ୍ତୀୟ ଅନେକ ଅଦାଲତ ରାୟ ପୂର୍ବରୁ ଆସିଛି। କିନ୍ତୁ ସମ୍ପ୍ରତି ସୁପ୍ରିମକୋର୍ଟଙ୍କ ଉପରୋକ୍ତ ମନ୍ତବ୍ୟ ଐତିହାସିକ ବୋଲି ଏହି କାରଣରୁ କୁହାଯାଇପାରିବ ଯେ ଏହା ଭାରତୀୟ ସମ୍ବିଧାନର ମୂଳ ତତ୍ତ୍ୱକୁ ପ୍ରତିପାଦନ କରୁଛି। ସାମ୍ବିଧାନିକ ବିଧିବ୍ୟବସ୍ଥାରେ ପରିବେଶ କାହିଁକି ଓ କିପରି ଗୁରୁତ୍ୱପୂର୍ଣ୍ଣ ତାହା ଆଲୋଚନା କରିବା।

୧୯୭୨ ମସିହାରେ ଷ୍ଟକହୋମ (ସ୍ୱିଡେନର ରାଜଧାନୀ)ଠାରେ 'ମାନବୀୟ ପରିବେଶ' ବିଷୟ ଉପରେ ଆଧାରିତ ମିଳିତ ଜାତିସଂଘର ବିଶ୍ୱ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯାହା ପରିବେଶକୁ ପ୍ରଥମଥର ପାଇଁ ଏକ ପ୍ରମୁଖ ପ୍ରସଙ୍ଗ କରିଥିଲା। ବିଭିନ୍ନ ରାଷ୍ଟ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରି ଷ୍ଟକହୋମ ଘୋଷଣାନାମା ଏବଂ ମାନବୀୟ ପରିବେଶ ସମେତ ପରିବେଶର ଶୃଙ୍ଖଳିତ ପରିଚାଳନା ପାଇଁ ଅନେକ ନିଷ୍ପତ୍ତି ଗ୍ରହଣ କରିଥିଲେ। ଷ୍ଟକହୋମ ଘୋଷଣାନାମାରେ ୨୬ ଟି ନୀତି ରହିଥିଲା, ଯାହା



ପରିବେଶ ସମସ୍ୟାକୁ ଅନ୍ତର୍ଜାତୀୟ ଚିନ୍ତାଧାରାର ଶୀର୍ଷରେ ରଖିଥିଲା ଏବଂ ଅର୍ଥନୈତିକ ଅଭିବୃଦ୍ଧି, ଶିଳ୍ପାୟନ, ବାୟୁ ଜଳ, ମହାସାଗର ପ୍ରଦୂଷଣ ଇତ୍ୟାଦି ସମସ୍ୟାର ସମାଧାନ ପାଇଁ ବିକାଶଶୀଳ ଓ ବିକାଶୋନ୍ମୁଖୀ ଦେଶମାନଙ୍କ ମଧ୍ୟରେ ଆପୋସ କଥାବାର୍ତ୍ତା ପାଇଁ ଉଦ୍ୟମ ଆରମ୍ଭ କରିଥିଲା। ସମଗ୍ର ବିଶ୍ୱର ମାନବ ସମାଜର କଲ୍ୟାଣ ପାଇଁ ଏହି ସମ୍ମିଳନୀର ଉଦ୍ୟମ ଗଠନମୂଳକ ଏବଂ ପ୍ରଶଂସନୀୟ ଥିଲା।

ଉକ୍ତ ସମ୍ମିଳନୀ ପରେ ପରିବେଶ ସୁରକ୍ଷା ସହ ଜଡ଼ିତ ଅନେକ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହେଲା ଏବଂ ବୁଝାମଣା ଓ ଚୁକ୍ତିପତ୍ର ଆଦି ପ୍ରସ୍ତୁତ କରାଗଲା। ଭାରତୀୟ ସମ୍ବିଧାନର ଧାରା ୫୧(ଗ) ରେ ଉଲ୍ଲେଖ ଅଛି ଯେ ଭାରତ ଅନ୍ତର୍ଜାତୀୟ ନୀତି, ନିୟମ ତଥା ରାଜିନାମା, ଚୁକ୍ତିପତ୍ର ଆଦିକୁ ଭାରତ ସମ୍ମାନ ଜଣାଇବ। ଏହିସବୁ ଚୁକ୍ତିନାମାରେ ଏକ ଦସ୍ତଖତକାରୀ ଦେଶ ହିସାବରେ ଭାରତବର୍ଷ ନୈତିକତା ଦୃଷ୍ଟିରୁ ଏହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଯଥାସମ୍ଭବ ପଦକ୍ଷେପ ନେବ। ଫଳସ୍ୱରୂପ ଭାରତ ଅବିଳମ୍ବେ ବନ୍ୟଜନ୍ତୁ(ସୁରକ୍ଷା) ଅଧିନିୟମ-୧୯୭୨; ଜଳ(ପ୍ରଦୂଷଣ ନିରାକରଣ ଏବଂ ନିୟନ୍ତ୍ରଣ) ଅଧିନିୟମ-୧୯୭୪; ବାୟୁ (ପ୍ରଦୂଷଣ ନିରାକରଣ ଏବଂ ନିୟନ୍ତ୍ରଣ) ଅଧିନିୟମ-୧୯୮୧; ସୁବିସ୍ତୃତ ପରିବେଶ (ସୁରକ୍ଷା) ଅଧିନିୟମ-୧୯୮୬ ଇତ୍ୟାଦି ଆଇନ ପ୍ରଣୟନ କଲା। ୧୯୭୬ ମସିହାରେ ଏହି ମର୍ମରେ ସମ୍ବିଧାନରେ ସଂଶୋଧନ କରାଯାଇ ଧାରା ୪୮ ସହିତ ଧାରା (କ) (୪୮କ) ସଂଲଗ୍ନ କରାଯାଇଥିଲା, ଯେଉଁଥିରେ ଦର୍ଶାଯାଇଛି ଯେ 'ପରିବେଶର ସଂରକ୍ଷଣ ଓ ଉନ୍ନତି ତଥା ଦେଶର ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ରାଷ୍ଟ୍ର ଉଦ୍ୟମ କରିବ।' ସେହି ଆଇନଗତ ନିଷ୍ପତ୍ତି ବଳରେ ବନ୍ୟଜନ୍ତୁ ଏବଂ ଜଙ୍ଗଲର ଅଧିକାର ସତ୍ତ୍ୱକୁ ରାଜ୍ୟ ତାଲିକାରୁ ସମ୍ବିଧାନର ଏକକାଳୀନ ତାଲିକାକୁ ସ୍ଥାନାନ୍ତରିତ କରାଗଲା। ଅର୍ଥାତ୍ ଏହି କ୍ଷେତ୍ର ଉଭୟ କେନ୍ଦ୍ର ତଥା ରାଜ୍ୟର ଯୁଗ୍ମ ଅଧିକାର ଭୁକ୍ତ ହେଲା। ଏହାଦ୍ୱାରା କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଆବଶ୍ୟକ ସ୍ଥଳେ ରାଜ୍ୟ ସରକାରଙ୍କର ନିଷ୍ପତ୍ତିକୁ ଅଗ୍ରାହ୍ୟ କରିବାର କ୍ଷମତା ପ୍ରାପ୍ତ ହେଲା। ଏହିପରି ରାଜନୈତିକ ନିଷ୍ପତ୍ତି ଏବଂ ସାମ୍ବିଧାନିକ ପରିବର୍ତ୍ତନ ବଳରେ ୧୯୮୦ ରେ କେନ୍ଦ୍ର ପରିବେଶ ବିଭାଗ ସୃଷ୍ଟି ପାଇଁ ମୂଳଦୁଆ ପଡ଼ିଲା, ଯାହା ୧୯୮୫ ରେ 'ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟ'ରେ ପରିଣତ ହୋଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୪ ମସିହା ମେ' ମାସରେ ଏହାକୁ 'ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ' ଭାବରେ ନାମିତ କରାଗଲା।

ଏହି ମନ୍ତ୍ରଣାଳୟର ମୂଳ ଓ ପ୍ରଧାନ ଉଦ୍ଦେଶ୍ୟ ହେଉଛି ଉଦ୍ଭିଦ, ଜୀବଜନ୍ତୁ, ଜଙ୍ଗଲ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ଓ ସର୍ବେକ୍ଷଣ, ପ୍ରଦୂଷଣ ନିୟନ୍ତ୍ରଣ, ବୃକ୍ଷରୋପଣ ଏବଂ ଅଧଃପତିତ ବନାଞ୍ଚଳର ପୁନରୁତ୍ପତ୍ତି, ପରିବେଶ ସୁରକ୍ଷା ଓ ପଶୁମାନଙ୍କର କଲ୍ୟାଣ ନିଶ୍ଚିତ କରିବା। ପରିବେଶ ସୁରକ୍ଷା ଏବଂ ସଂରକ୍ଷଣ ପଦକ୍ଷେପକୁ ସୁଦୃଢ଼ କରିବା ଦିଗରେ ବିଧାନସଭା ତଥା ନିୟାମକ ପଦକ୍ଷେପଗୁଡ଼ିକର ବଳିଷ୍ଠ ସମର୍ଥନ ଯଥେଷ୍ଟ ସହାୟକ ହୋଇଛି। ବିଧାନସଭା ପଦକ୍ଷେପ ବ୍ୟତୀତ, ପରିବେଶ ଏବଂ ବିକାଶ ଉପରେ ଜାତୀୟ ସଂରକ୍ଷଣ କୌଶଳ ଏବଂ ନୀତି ବିବୃତି - ୧୯୯୨; ଜାତୀୟ ଜଙ୍ଗଲ ନୀତି - ୧୯୮୮; ପ୍ରଦୂଷଣ ହ୍ରାସ ଉପରେ ନୀତି ବିବୃତି - ୧୯୯୨ ଏବଂ ଜାତୀୟ ପରିବେଶ ନୀତି - ୨୦୦୬ ମଧ୍ୟ ମନ୍ତ୍ରଣାଳୟର କାର୍ଯ୍ୟକୁ ମାର୍ଗଦର୍ଶନ କରେ।

ଭାରତ ସମ୍ବିଧାନର ଧାରା ୪୮ ରେ କୁହାଯାଇଛି ଯେ 'ଆଧୁନିକ ତଥା ବୈଜ୍ଞାନିକ ପଦ୍ଧତିରେ କୃଷି ଏବଂ ପଶୁପାଳନ ପାଇଁ ରାଷ୍ଟ୍ର ଉଦ୍ୟମ କରିବ ଏବଂ ବିଶେଷ ଭାବରେ ବିଭିନ୍ନ ପ୍ରଜାତିର ପ୍ରାଣୀ ସଂରକ୍ଷଣ ତଥା ଉନ୍ନତି ପାଇଁ ପଦକ୍ଷେପମାନ ଗ୍ରହଣ କରିବ। ଖାଦ୍ୟ ପାଇଁ ଦୁଧିଆଳୀ ଗାଇ, ବାଛୁରୀ ତଥା ଗୋମହିଷାଦି ଗୃହପାଳିତ ପ୍ରାଣୀ ହତ୍ୟା କରିବା ନିଷେଧ ହେବ।' ଏଥିସହିତ ୪୮ (କ) ସଂଯୋଗ କରାଗଲା। ପରିବେଶ ସୁରକ୍ଷା ଆଧାରିତ ଥିବା ବେଳେ ଧାରା ୫୧ (କ), ୫୧-(ଇ) ଜୀବଜନ୍ତୁଙ୍କ ପ୍ରତି ଦୟା ଦେଖାଇବା ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ କର୍ତ୍ତବ୍ୟ ବୋଲି ଉଲ୍ଲେଖ ରହିଛି। ଅର୍ଥାତ୍ ଏଥିରେ ଜଙ୍ଗଲ, ହ୍ରଦ, ନଦୀ ଏବଂ ଅନ୍ୟତ୍ର ରହିଥିବା ସମସ୍ତ ବନ୍ୟଜନ୍ତୁଙ୍କ ସୁରକ୍ଷା ଅନ୍ତର୍ଭୁକ୍ତ। ସମୟକ୍ରମେ ପରିବେଶର ସୁରକ୍ଷା ଏବଂ ବିକାଶ ୧୯୭୬ର ସମ୍ବିଧାନ ଅଧିନିୟମ ଅନୁଯାୟୀ ସମସ୍ତଙ୍କର ଏକ ମୌଳିକ କର୍ତ୍ତବ୍ୟ ବୋଲି ସ୍ୱୀକୃତ ଓ ଗୃହୀତ ହେଲା। ଏହାର ତଦାରଖ କରିବା ପାଇଁ ଭାରତ ସରକାର ପରିବେଶ ଯୋଜନା ଏବଂ ସମନ୍ୱୟ ନାମରେ ଏକ ଜାତୀୟ କମିଟି ଗଠନ କରିଛନ୍ତି।

ସମ୍ବିଧାନର ଧାରା ୨୧ ବଞ୍ଚିବାର ମୌଳିକ ଅଧିକାର ପ୍ରଦାନ କରେ। ଏହାର ଅର୍ଥ ଏକ ସମ୍ମାନଜନକ ଜୀବନଧାରଣ କରିବାର ଅଧିକାର ଏବଂ ଏଥିପାଇଁ ଖାଦ୍ୟ, ଆଶ୍ରୟ, ବିଶୁଦ୍ଧ ଜଳ ଏବଂ ପୋଷାକ ପରି ଜୀବନର ସକଳ ପ୍ରକାର ଆବଶ୍ୟକତାର ଉପଲବ୍ଧତା ଅନ୍ତର୍ଭୁକ୍ତ। ବଞ୍ଚିବାର ଅଧିକାର ହେଉଛି ଏକ ସ୍ୱଚ୍ଛ ସୁନ୍ଦର ଏବଂ ପରିଷ୍କାର ପରିବେଶ, ଯେଉଁଠାରେ ବ୍ୟକ୍ତିମାନେ ସେମାନଙ୍କ ଜୀବନ ପ୍ରତି ବିନା କୌଣସି ବିପଦ ଆଶଙ୍କାରେ ବା ନିରାପଦରେ ବଞ୍ଚିପାରିବେ। ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ(ୟୁଏନ୍‌ଇପି) ମିଳିତ ଜାତିସଂଘର ପରିବେଶ ଏବଂ ବିକାଶ ସମ୍ମିଳନୀ(ୟୁଏନ୍‌ସିଇଡି), ନିରନ୍ତର ବିକାଶ ଆୟୋଗ(ସିଏସ୍‌ଡି), ଗ୍ଲୋବାଲ ଏନଭାର୍ୟନମେଣ୍ଟ ଫେସିଲିଟି(ଜିଇଏଫ୍) ପାଇଁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦେଶରେ ନୋଡାଲ ଏଜେନ୍ସି ଭାବରେ କାର୍ଯ୍ୟ କରେ। ତତ୍‌ସଙ୍ଗେସଙ୍ଗେ ପରିବେଶ ପ୍ରସଙ୍ଗରେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅର୍ଥନୈତିକ ଓ ସାମାଜିକ ପରିଷଦ(ଇଏସ୍‌ସିଏପି), ଦକ୍ଷିଣ ଏସୀୟ ଆସୋସିଏସନ୍ ଫର୍ ରିଜିଓନାଲ୍ କୋଅପରେସନ୍(ସାର୍କ) ପରି ଅନେକ ଆଞ୍ଚଳିକ ସଂସ୍ଥାର ସଂଯୋଜକ ଭାବରେ ମଧ୍ୟ ସମନ୍ୱୟ ରକ୍ଷା କରେ।

ଦେଶର ନାଗରିକଙ୍କ ଜୀବନଧାରଣର ମୌଳିକ ଅଧିକାରର ସୁରକ୍ଷା ଦୃଷ୍ଟିରୁ ପରିବେଶ ସୁରକ୍ଷା ଏକ ଜନମଙ୍ଗଳ ରାଷ୍ଟ୍ର ଓ ସରକାରର ପ୍ରଧାନ କର୍ତ୍ତବ୍ୟ ଏବଂ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଦେଶ ନିକଟରେ ଉତ୍ତରଦାୟୀ। ଦେଶର ନାଗରିକଙ୍କ କର୍ତ୍ତବ୍ୟ ଓ ଅଧିକାର ମଧ୍ୟ ଏ କ୍ଷେତ୍ରରେ ଗୌଣ ନୁହେଁ। ତେଣୁ ଆଜିର ସମୟର ଆହ୍ୱାନରେ ଉଭୟ ସରକାର ଓ ନାଗରିକ ମିଳିତ ଭାବେ ପରିବେଶର ସୁରକ୍ଷା ପାଇଁ ଯତ୍ନବାନ ହେବା ଅପରିହାର୍ଯ୍ୟ। ଏଥିରେ ଅବହେଳା, ସ୍ୱାର୍ଥାନ୍ୱେଷୀ ମାନସିକତା, ଅନୈତିକ କାର୍ଯ୍ୟକଳାପ ନିନ୍ଦନୀୟ ଓ ଦଣ୍ଡନୀୟ।

## ଲୋକମତ

### ଟ୍ରାଫିକ୍ ପୋଷ୍ଟରେ ଛାୟାପ୍ରଦାନ ବ୍ୟବସ୍ଥା

ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ଜାରି ରହିଛି। କେତେକ ସ୍ଥାନରେ ଦୀର୍ଘଦିନ ଧରି ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିବା ସହ ସ୍ଥାନେସ୍ଥାନେ ତାପମାତ୍ରା ୪୫ ଡିଗ୍ରୀ ମଧ୍ୟ ଟପିଲାଣି। ତଥ୍ୟ ଅନୁଯାୟୀ କିଛିଦିନ ତଳେ ବିଶ୍ୱର ପ୍ରଥମ ୧୦ଟି ଉତ୍ତପ୍ତ ସହର ମଧ୍ୟରେ ଆମ ରାଜ୍ୟର ତିନୋଟି ସହର ଥିଲା। ନିକଟରେ ଆମ ରାଜ୍ୟରେ ସମ୍ପୃକ୍ତ ଅଞ୍ଚଳର ତାପମାତ୍ରାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ପୁଲିସ୍‌ଙ୍କୁ ତାପ ନିୟନ୍ତ୍ରିତ ହେଲମେଟ୍ ଯୋଗାଇ ଦିଆଯାଇଛି। ଏତଦ୍‌ବ୍ୟତୀତ ଟ୍ରାଫିକ୍ ଜଙ୍କସନ୍‌ରେ ଟ୍ରାଫିକ୍ ସିଗନାଲ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନଙ୍କୁ, ବିଶେଷକରି ଦୁଇଚକିଆ ଚାଳକଙ୍କ ନିମନ୍ତେ, ଉତ୍ତାପରୁ ରକ୍ଷା କରିବା ତଥା ଯାତ୍ରୀମାନଙ୍କୁ କିଛିସମୟ ପାଇଁ ଆଶ୍ୱସ୍ତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ରାଜଧାନୀର କେତେକ ଟ୍ରାଫିକ୍ ଛକରେ ଅସ୍ଥାୟୀ ଆଶ୍ରୟସ୍ଥଳ ସ୍ଥାପନ କରିବାର ପ୍ରୟାସ ଜାରି ରଖିଛି। ରାଜଧାନୀର ପ୍ରମୁଖ ଟ୍ରାଫିକ୍ ଜଙ୍କସନ୍‌ଗୁଡ଼ିକରେ ଖୁବ୍‌ଶୀଘ୍ର ଏହିପରି ସେଡ୍ ଉପଲବ୍ଧ ହେବ ବୋଲି ବିଏମ୍‌ସି ଘୋଷଣା କରିଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ମହାନଗର ନିଗମ, ମ୍ୟୁନିସିପାଲିଟି ଓ ପୌର ପରିଷଦଗୁଡ଼ିକ ନିଜ ଅଞ୍ଚଳର ଟ୍ରାଫିକ୍ ଭିଡ଼ ଥିବା ସ୍ଥାନମାନଙ୍କରେ ଏହି ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କଲେ ଚାଳକ ଓ ପଥଚାରୀମାନଙ୍କୁ ଗ୍ରୀଷ୍ମର ପ୍ରତିକୂଳ ପ୍ରଭାବକୁ କିଛିମାତ୍ରାରେ ସୁରକ୍ଷା ଦିଆଯାଇପାରନ୍ତା। ଏଥିସହିତ ଭବିଷ୍ୟତରେ ଏହିପରି ଦୀର୍ଘ ଉତ୍ତାପ ତରଙ୍ଗର ପ୍ରତିକୂଳ ପରିସ୍ଥିତିକୁ ଦୂର କରିବା ପାଇଁ ଆମକୁ ରାସ୍ତାରେ ସବୁଜ ବଳୟ ସୃଷ୍ଟି କରିବାର ନିତାନ୍ତ ଆବଶ୍ୟକତା ଅଛି।

**ନବ୍‌ନିତ୍ ପାଣିଗ୍ରାହୀ**
**ରାୟଗଡ଼ା, ମୋ: ୯୮୬୧୩୮୮୩୬**

### ନନ୍ଦନକାନନ ଭୋଜନାଳୟର ସମ୍ପ୍ରସାରଣ

ଭୁବନେଶ୍ୱର ଉପକଣ୍ଠରେ ଥିବା ନନ୍ଦନକାନନ ଚିଡ଼ିଆଖାନାକୁ କେବଳ ଭାରତ କାହିଁକି ସମଗ୍ର ବିଶ୍ୱର ପର୍ଯ୍ୟଟକମାନେ କାହିଁ କେତେଦୂରରୁ ଧାଇଁ ଆସିଥା'ନ୍ତି। ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ସେଠାରେ ସରକାରଙ୍କ ତରଫରୁ ଅନେକ ବ୍ୟବସ୍ଥା କରାଯାଇଛି। ତେବେ ନନ୍ଦନକାନନ ପରିସରରେ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ ତରଫରୁ ଖୋଲା ଯାଇଥିବା ଭୋଜନାଳୟ ଅତ୍ୟନ୍ତ ସଂକୀର୍ଣ୍ଣ। ଖରାବେଳେ ଏଠାରେ ଏତେ ଭିଡ଼ ଜମିଥାଏ ଯେ ଖାଇବା ପାଇଁ ଟଙ୍କା ଦେଇ ଟୋକନ୍ ଧରି ପର୍ଯ୍ୟଟକମାନଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ। ଯାହାଫଳରେ ସେମାନେ ଯଥା ଶୀଘ୍ର ବୁଲାବୁଲି ସାରି ବାଧ୍ୟ ହୋଇ ବାହାରେ ଥିବା ହୋଟେଲମାନଙ୍କୁ ଯାଇଥା'ନ୍ତି। ଏହା ପର୍ଯ୍ୟଟନ ଶିଳ୍ପ ଉନ୍ନତିରେ ବାଧା ସୃଷ୍ଟି କରୁନାହିଁ କି? ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ସରକାର ଉକ୍ତ ଭୋଜନାଳୟର ସମ୍ପ୍ରସାରଣ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଅନୁରୋଧ।

**ସୀତାକାନ୍ତ ତ୍ରିପାଠୀ, ଭଦ୍ରକ**

### ପଶୁପକ୍ଷୀଙ୍କ କଥା ସମସ୍ତେ ଚିନ୍ତା କରନ୍ତୁ

ପ୍ରଚଣ୍ଡ ରୌଦ୍ରତାପରେ ପୃଥିବୀରେ ସନ୍ତୁଳିତ ହେବାରେ ଲାଗିଛି। ସମସ୍ତେ କେବଳ ଛାଇ ଟିକେ ଓ ପାଣି ମୁନ୍ଦିଏ ପାଇଁ ଉହକବିକଳ ହେଉଛନ୍ତି। ସଂସାରର ଶ୍ରେଷ୍ଠ ସୃଷ୍ଟି ମନୁଷ୍ୟ ନିଜ କର୍ମ ବଳରେ ନିଜକୁ ସୁରକ୍ଷିତ ରଖିବା ପାଇଁ ବହୁପ୍ରକାରର ଚେଷ୍ଟା କରୁଛି। କିନ୍ତୁ କଥା କହି ପାରୁନଥିବା ପଶୁପକ୍ଷୀମାନେ ବହୁ ସମସ୍ୟାରେ ଛନ୍ଦି ହେଉଛନ୍ତି। ନଦୀ, ନାଳ, ଗାଡ଼ିଆ ଶୁଖି ଯିବାରୁ ପାଣି ପାଇଁ ସେମାନେ ଛଟପଟ ହେଉଛନ୍ତି। ଏଣେ ଅବାଧ ଗଛକଟା ସେମାନଙ୍କ ପାଇଁ କାଳ ସାଜିଛି। ତେଣୁ ଆଜିର ଯୁବ ସମାଜକୁ ନିବେଦନ, ନିଜ ନିଜ ଘର ଉପରେ, ବାଡ଼ି ବଗିଚାରେ ମାଟି ପାତ୍ରରେ ପାଣି ରଖନ୍ତୁ। ପାଣି ତାତି ଗଲେ ତା'କୁ ପରିବର୍ତ୍ତନ କରନ୍ତୁ। କିଛି ଦାନା ବି ତା' ପାଖରେ ରଖନ୍ତୁ। ଅନେକ ସ୍ୱେଚ୍ଛାସେବୀ ସଂଗଠନ ଏହା କରୁଛନ୍ତି। କିନ୍ତୁ ଆମେ ସମସ୍ତେ ଏହା ପ୍ରତି ଧ୍ୟାନ ଦେବାକୁ ପଡ଼ିବ। କେବଳ ପକ୍ଷୀ ନୁହଁ, ସରୀସୃପମାନେ ମଧ୍ୟ ଏହାଦ୍ୱାରା ବଞ୍ଚି ପାରିବେ। ଆମେ ଓ ଆମର ପରିବେଶ ସୁନ୍ଦର ହୋଇ ପାରିବ।

**ବୈଷ୍ଣବ ଚରଣ ଦାଶ**
**ବୁଗୁଡ଼ା, ମୋ: ୯୭୭୬୫୩୪୯୩୦**

### ବ୍ୟାପକ ବନୀକରଣ ଆବଶ୍ୟକ

ଚଳିତ ଗ୍ରୀଷ୍ମ ଋତୁରେ ଖରା ସାଙ୍ଗକୁ ଗୁଲୁଗୁଲି ଅସ୍ୱାଭାବିକ ଅନୁଭୂତ ହେଉଛି। ସକାଳ ୯ ସୁଦ୍ଧା ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଛି। ଲୋକମାନେ ଏଭଳି ଖରାରେ ବାହାରକୁ ବାହାରିବା କାଠିକର ପାଠ ହୋଇଯାଉଛି। ଅନେକ ଲୋକ ଅଂଶୁଘାତରେ ଶିକାର ହେଉଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହେଉଛି। ସରକାର ବିଭିନ୍ନ ନଦୀକୂଳ, ରାସ୍ତାର ଉଭୟ ପାର୍ଶ୍ୱରେ ବନୀକରଣ ଯୋଜନା ହାତକୁ ନେଲେ ଅସ୍ୱାଭାବିକ ବଢ଼ୁଥିବା ତାପମାତ୍ରା ନିୟନ୍ତ୍ରିତ ହୋଇପାରିବା ସହ ରାସ୍ତାରେ ଯାଉଥିବା ପଥିକମାନେ ଛାଇରେ ବିଶ୍ରାମ ନେଇ ପାରିବ। ପ୍ରତ୍ୟେକ ବ୍ୟକ୍ତି ନିଜ ବାଡ଼ିରେ ଥିବା ଅଦରକାରୀ ଯାଗାରେ ଗଛ ଲଗାଇଲେ ଗଛ ବଢ଼ିବା ସହ ଏଭଳି ଗୁଲୁଗୁଲି ଓ ତାପମାତ୍ରାକୁ ମୁକାବିଲା କରାଯାଇପାରିବ। ଏଥିସହିତ ଲାଗିଥିବା ଗଛଲତାର ଯତ୍ନ ମଧ୍ୟ ନେବା ଆବଶ୍ୟକ। କାରଣ ଗଛ ବଞ୍ଚିଲେ ପୃଥିବୀ ବଞ୍ଚିବ ଓ ଆମେ ବଞ୍ଚିବା। ଯଥାସମ୍ଭବ ଗାଡ଼ିମୋଟର ବ୍ୟବହାର ଉପରେ ମଧ୍ୟ ନିୟନ୍ତ୍ରଣ କରିବାକୁ ପଡ଼ିବ।

**ଦେବାଶିଷ କର**
**ଭଦ୍ରକ, ମୋ: ୮୦୯୩୧୮୭୦୪୨**

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ଆଜି ପ୍ରଚାର ମଇଦାନକୁ ଓହ୍ଲାଇବେ ନବୀନ

**ଭୁବନେଶ୍ୱର,୩।୫(ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା କାଲି କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଏବଂ ଗଜପତି ଗସ୍ତରେ ଯାଇ ନିର୍ବାଚନ ପ୍ରଚାର କରିବେ। ସୂଚନା ଅନୁସାରେ ଶନିବାର ସକାଳେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ବିମାନ ଯୋଗେ ଭୁବନେଶ୍ୱରରୁ ବାହାରି ପୂର୍ବାହ୍ନ ୧୦ଟାରେ ଜୟପୁର ବିମାନବନ୍ଦରରେ ଅବତରଣ କରିବେ। ସେଠାରୁ ହେଲିକପ୍ଟରରେ ଯାଇ କୋରାପୁଟ ଓଏମ୍‌ପି ପଡିଆରେ ଅବତରଣ କରି ସଭାସ୍ଥଳ ଅଭିମୁଖେ ଯିବେ। ସେଠାରେ ଜନସଭାକୁ ସମ୍ବୋଧିତ କରିବା ପରେ ଶ୍ରୀ ପଟ୍ଟନାୟକ ନବରଙ୍ଗପୁରରେ ପହଞ୍ଚିବା ପରେ ଜନସଭାରେ ଦଳୀୟ ପ୍ରାର୍ଥୀମାନଙ୍କ ପାଇଁ ନିର୍ବାଚନ ପ୍ରଚାର କରିବେ। ନବରଙ୍ଗପୁରରେ ମଧ୍ୟାହ୍ନ ଭୋଜନ ଶେଷ କରି ରାୟଗଡ଼ାରେ ପହଞ୍ଚିବେ। ଟିକିରିର ମୁସୁରିପଲ୍ଲୀର ଠାରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଉଦବୋଧନ ଦେବା କାର୍ଯ୍ୟକମ ରହିଛି। ସେଠାରୁ ସଭା ଶେଷ କରି ପାରଳାଖେମୁଣ୍ଡି ଷ୍ଟାଡିୟମ୍‌ରେ ପହଞ୍ଚିବା ପରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧନ କରିବେ। କାର୍ଯ୍ୟକ୍ରମ ଶେଷ ପରେ ମୁଖ୍ୟମନ୍ତ୍ରୀ ସେଠାରୁ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ମୁଖ୍ୟମନ୍ତ୍ରୀଙ୍କ ସହିତ କାର୍ତ୍ତିକ ପାଣ୍ଡିଆନ୍ ଉପସ୍ଥିତ ରହିବେ ବୋଲି ଜଣାପଡିଛି।

### ବିଜେଡିର ଚାଳିଶି ତାରକା ପ୍ରଚାରକ

# ନବୀନ ସେନାର ଦୁଇ ସେନାପତି କାର୍ତ୍ତିକ-ପ୍ରଣବ

**ଭୁବନେଶ୍ୱର, ୩।୫(ସମିସ):** ଓଡ଼ିଶାରେ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ନିମନ୍ତେ ବିଜେଡି ପକ୍ଷରୁ ଘୋଷଣା ହୋଇଛି ୪୦ ଜଣିଆ ତାରକା ପ୍ରଚାରକ ସୂଚୀ। ଏହି ପ୍ରଚାରକ ସୂଚୀର ଶୀର୍ଷରେ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାମ ରହିଛି। ନବୀନ ସେନାର ଦୁଇ ସେନାପତି କାର୍ତ୍ତିକ ପାଣ୍ଡିଆନ ଓ ପ୍ରଣବ ପ୍ରକାଶ ଦାସଙ୍କ ନାମ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବାବେଳେ ଦଳର ବରିଷ୍ଠ ତଥା ଅଭିଜ୍ଞ ନେତାମାନେ ପ୍ରଚାର ନିମନ୍ତେ ମଇଦାନକୁ ଓହ୍ଲାଇବେ। ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଞ୍ଜନ ପୂଜାରୀ, ଅଶୋକ ଚନ୍ଦ୍ର ପଣ୍ଡା, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପ୍ରତାପ ଜେନା, ଡ. ଅରୁଣ କୁମାର ସାହୁ, ସଞ୍ଜୟ କୁମାର ଦାସବର୍ମା ପ୍ରମୁଖ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ପୂର୍ବତନ ସାଂସଦ ଏନ୍ ଭାସ୍କର ରାଓ, କଟକ ମେୟର ସୁବାସ ସିଂ, ସାଂସଦ ଡ. ସସ୍ମିତ୍ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ନିରଞ୍ଜନ ବିଶି, ମମତା ମହାନ୍ତ, ମୁଜିବୁଲ୍ଲା ଖାନ(ମୁନା), ସୁଲତା ଦେଓ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ସରୋଜିନୀ ହେମ୍ବ୍ରମ୍, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହ, ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ସହ ପ୍ରଣବ କୁମାର ବଳବନ୍ତରାୟ, ବରିଷ୍ଠ ନେତା ଚିରଞ୍ଜିବ ବିଶ୍ୱାଳ, ରମେଶ ଚନ୍ଦ୍ର ମାଝି, ସୁଧୀର କୁମାର ସାମଲ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ବିଜୟ ନାୟକ, ଶ୍ରୀମୟୀ ସ୍ୱେତାସ୍ମିଗ୍ଧା ମିଶ୍ର, ଏସ୍‌କେ ନିଜାମୁଦ୍ଦିନ୍, ଇଶ୍ୱର ପାଣିଗ୍ରାହୀ, ଅମରେଶ ଜେନା, ଏଲିନା ଦାଶ ମଧ୍ୟ ଏହି ସୂଚୀରେ ସାମିଲ ହୋଇଛନ୍ତି।

# ରାଜ୍ୟରେ ଆରମ୍ଭ ହେଲା ନିଜସ୍ୱ କଲରାପତରିଆ ବାଘ ଗଣନା

## ୪୦ ଦିନ ଧରି ଜାରି ରହିବ ପ୍ରକ୍ରିୟା, ଲାଗିବ ୩୩୧୨ କ୍ୟାମେରା

**ଭୁବନେଶ୍ୱର, ୩।୫(ସମିସ):** ରାଜ୍ୟ ସରକାର ରାଜ୍ୟରେ କଲରାପତରିଆ ବାଘ ଓ ହାତୀ ଗଣନା କରିବେ। ଏହି ନିଜସ୍ୱ ଗଣନା ପାଇଁ ରାଜ୍ୟ ବନ ବିଭାଗ ସମସ୍ତ ପ୍ରସ୍ତୁତି ଶେଷ କରିଛି। କଲରାପତରିଆ ବାଘ ଗଣନା ପାଇଁ ମେ' ପହିଲାରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୪୦ ଦିନ ଧରି ଏହି ଗଣନା ପ୍ରକ୍ରିୟା ଜାରି ରହିବ ବୋଲି ସୂଚନା ମିଳିଛି। ଏହି ଗଣନା ପ୍ରକ୍ରିୟା ପାଇଁ ୩ ହଜାର ୩୧୨ଟି ଟ୍ରାପ୍ କ୍ୟାମେରା ବ୍ୟବହାର କରାଯିବ। ରାଜ୍ୟର ୫୧ଟି ବନଖଣ୍ଡରେ ଏହି କ୍ୟାମେରା ଲଗାଯିବ। ରାଜ୍ୟର ବ୍ୟାଘ୍ର ପ୍ରକଳ୍ପଗୁଡ଼ିକରେ ଅଧିକ ସଂଖ୍ୟକ କଲରାପତରିଆ ବାଘ ରହୁଥିବାରୁ ଏଠାରେ ପ୍ରତି ୨ କିମି ବ୍ୟବଧାନରେ ୨ ଯୋଡ଼ି ଲେଖାଏଁ କ୍ୟାମେରା ଲଗାଯିବ। ତେବେ ବନ୍ୟପ୍ରାଣୀ ଅଭୟାରଣ୍ୟ ସହ ଅନ୍ୟ ଜଙ୍ଗଲଗୁଡ଼ିକରେ ପ୍ରତି ୨୫ବର୍ଗ କି.ମି ଅଞ୍ଚଳରେ ୫ ଯୋଡ଼ି କ୍ୟାମେରା ଲଗାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ରାଜ୍ୟର ନିଜସ୍ୱ ବାଘ ଗଣନା ସମୟରେ ଉତ୍ତୋଳନ ହୋଇଥିବା କଲରାପତରିଆ ବାଘ ଛବିକୁ ମଧ୍ୟ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

ସେହିପରି ରାଜ୍ୟରେ ନିଜସ୍ୱ ହାତୀ ଗଣନା କାରଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟର ମୋଟ୍ ୪୩ ବନଖଣ୍ଡରେ ହାତୀ ଗଣନା କରାଯିବ। ପ୍ରତକ୍ଷ୍ୟ ଭାବେ ହାତୀ ଗଣନା ପାଇଁ ଜଙ୍ଗଲରେ ମୋଟ୍ ୧୧୩୬ଟି ମଞ୍ଚା ନିର୍ମାଣ କରାଯିବ। ଏଥିରେ ବାରାକ୍ ଓ ୱାଚ୍ ଟାୱାରଗୁଡ଼ିକ ସାମିଲ ରହିବ ବୋଲି ଜଣାପଡ଼ିଛି। ଆସନ୍ତା ୧୫ତାରିଖ ସୁଦ୍ଧା ଗଣନାକାରୀମାନଙ୍କ ତାଲିମ ଶେଷ ହୋଇ ୨୧ ତାରିଖରୁ ଗଣନାକାରୀମାନେ ସେମାନଙ୍କ କିଟ୍ ସହ କ୍ଷେତ୍ରସ୍ତରକୁ ଓହ୍ଲାଇବେ ବୋଲି ବନ ବିଭାଗ ନିଷ୍ପତ୍ତି ନେଇଛି। ୩ଦିନ ଧରି ଅର୍ଥାତ ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଏହି ଗଣନା ପ୍ରକ୍ରିୟା ଜାରି ରହିବ ବୋଲି ନିଷ୍ପତ୍ତି ହୋଇଛି। ସଂଗୃହୀତ ତଥ୍ୟ ନିଜ ନିଜ ରେଞ୍ଜ, ଡିଭିଜନ୍ ଓ ସର୍କଲ ସ୍ତରରେ ତର୍ଜମା କରାଯିବା ପରେ ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟକୁ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

ସୂଚନା ଥାଉ କି କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ବାଘ ଗଣନା ରିପୋର୍ଟ ଉପରେ ଆପତ୍ତି ଉଠାଇ ରାଜ୍ୟ ସରକାର ନିଜସ୍ୱ ବାଘ ଗଣନା କରିଥିଲେ। ଯେଉଁଥିରେ ରାଜ୍ୟରେ ୨୦ଟି ବାଘ ଥିବା ନେଇ ଏନ୍‌ଟିସିଏ ଦେଇଥିବା ତଥ୍ୟକୁ ଭୁଲ୍ ପ୍ରମାଣିତ କରି ରାଜ୍ୟରେ ୩୦ଟି ବାଘ ଥିବା ନେଇ ରିପୋର୍ଟ ଆସିଥିଲା। ସେହିପରି ମାର୍ଚ୍ଚ ମାସରେ କେନ୍ଦ୍ର ସରକାର ଜାରି କରିଥିବା ରିପୋର୍ଟ ଅନୁଯାୟୀ ରାଜ୍ୟରେ ୫୬୮ଟି କଲରାପତରିଆ ବାଘ ରହିଛନ୍ତି। ଯାହାକୁ ଅଗ୍ରାହ୍ୟ କରିବା ସହ ରାଜ୍ୟ ସରକାର ନିଜସ୍ୱ ଭାବେ କଲରାପତରିଆ ଗଣିବାକୁ ନିଷ୍ପତ୍ତି ନେଇଛନ୍ତି। କଲରାପତରିଆ ବାଘଙ୍କ ସହ ହାତୀ ମଧ୍ୟ ଗଣନା କରାଯିବାକୁ ନିଷ୍ପତ୍ତି ହୋଇଛି।



**୨୨ରୁ ହାତୀ ଗଣନା**
**ନିର୍ମାଣ ହେବ ୧୧୩୬ ମଞ୍ଚା**

**ସୀମାନ୍ତରେ ମାଓବାଦୀଙ୍କ ବର୍ବର କାଣ୍ଡ**

# ପ୍ରଜାକୋର୍ଟରେ ଗଡ଼ିଲା ୨ ଗ୍ରାମବାସୀଙ୍କ ମୁଣ୍ଡ

**ମାଲକାନଗିରି, ୩।୫ (ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ମାଓବାଦୀଙ୍କ ବର୍ବର କାଣ୍ଡ ଦେଖିବାକୁ ମିଳିଛି। ପ୍ରଜା କୋର୍ଟ କରି ମାଓବାଦୀମାନେ ଦୁଇଜଣ ଗ୍ରାମବାସୀଙ୍କୁ ହତ୍ୟା କରି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛନ୍ତି।

ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର ତରେମ ପୁଲିସ ଷ୍ଟେସନ ଅଧୀନରେ ଥିବା ତୁଟୱାହି ଜଙ୍ଗଲରେ ମାଓବାଦୀମାନେ ମାଡଭି ଯୋଗା ଏବଂ ମାଡଭି ହୁଙ୍ଗା ନାମକ ଦୁଇଜଣ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ଉଭୟଙ୍କୁ ମାଓବାଦୀମାନେ ଗୋଟିଏ ଦିନ ପୂର୍ବରୁ ଅପହରଣ କରିବା ପରେ ପ୍ରଜାକୋର୍ଟରେ ଶହ ଶହ ଗ୍ରାମବାସୀଙ୍କ ଉପସ୍ଥିତିରେ ଗଳା କାଟି ହତ୍ୟା କରିଥିଲେ। ପରେ ମାଓବାଦୀମାନେ ମୃତଦେହଦ୍ୱୟକୁ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ମୃତକଙ୍କ ପରିବାର ସଦସ୍ୟ ଜଙ୍ଗଲ ମଧ୍ୟରୁ ଶବ ଉଦ୍ଧାର କରିଥିଲେ। ମୃତଦେହକୁ ଶୀଘ୍ର ଦାହ କରିବା ପାଇଁ ପରିବାରଲୋକଙ୍କୁ ମାଓବାଦୀମାନେ କହିବା ସହ ଏ ସଂପର୍କରେ ପୁଲିସକୁ ଅବଗତ ନ କରିବାକୁ ମଧ୍ୟ ଧମକ ଦିଆଯାଇଥିଲା। ତେବେ ଏନେଇ ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ବିଜାପୁର ଏସପି ଜିତେନ୍ଦ୍ର ଯାଦବ ଏ ସଂପର୍କରେ କହିଛନ୍ତି ଯେ ମାଓବାଦୀମାନେ କାହିଁକି ଉଭୟଙ୍କୁ ହତ୍ୟା କରିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ।

# ବିଜେଡିରେ ଯୋଗଦେଲେ ତିଳେଇବଣିର ବହୁ ନିର୍ବାଚିତ ପ୍ରତିନିଧି

**ଭୁବନେଶ୍ୱର ୩।୫(ସମିସ):** ଦେବଗଡ଼ ନିର୍ବାଚନମଣ୍ଡଳୀର ତିଳେଇବଣି ବ୍ଲକର ବହୁ ନିର୍ବାଚିତ ପ୍ରତିନିଧି ଆଜି ଭୁବନେଶ୍ୱରଠାରେ ବିଜେଡି ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ଆସନର ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଉଦିତ କୁମାର ନାୟକ, ଅମୂଲ୍ୟ ଧାରୁଆ, ସନ୍ତୋଷ କୁମାର ମାଝୀ, ସସ୍ମିତା ଭୋଇ ଓ ସସ୍ମିତା ଏକ୍କା ଆଦି ପ୍ରମୁଖ ଦଳରେ ସାମିଲ ହୋଇଛନ୍ତି। ଆଜି ଏହି ନିର୍ବାଚିତ ପ୍ରତିନିଧିମାନଙ୍କ ଯୋଗଦାନ ଫଳରେ ବିଶେଷକରି ଦେବଗଡ଼ ନିର୍ବାଚନମଣ୍ଡଳୀ ତଥା ସମ୍ବଲପୁର ସଂସଦୀୟ କ୍ଷେତ୍ରର ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ଦାସ କହିଛନ୍ତି।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ନିର୍ବାଚିତ ପ୍ରତିନିଧିମାନେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଲୋକଙ୍କ ସେବା କରିବା ଗୌରବର ବିଷୟ। ବିଜୁ ଜନତା ଦଳ ଏକ ଶୃଙ୍ଖଳିତ ଦଳ, ଏଠାରେ ସମସ୍ତଙ୍କ ପାଇଁ କାମ କରିବାର ସୁଯୋଗ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଉଛୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେମାନେ କହିଛନ୍ତି।



**ସଂଗଠନ ସମ୍ପାଦକ ଜଣାଇଲେ ସ୍ୱାଗତ**

# ଇଟାଭାଟି ଭୁଶୁଡ଼ି ୨ ଶ୍ରମିକ ମୃତ

**ସାନଖେମୁଣ୍ଡି, ୩।୫ (ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ତହସିଲ ପାଟପୁର ଥାନା ଅଧୀନ ନୂଆଗଡ଼ ଗ୍ରାମ ନିକଟରେ ଥିବା ଏସ୍‌ବିଆଇ ଚିମିଲି ଇଟା ଭାଟିରେ କାମ କରୁଥିବା ସମୟରେ ଇଟା ଅତଡ଼ା ଖସି ୨ ମହିଳା ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୩ରୁ ଊର୍ଦ୍ଧ୍ୱ ଶ୍ରମିକ ଆହତ ହୋଇଛନ୍ତି। ମୃତକ ହେଲେ, ପାଟପୁର ଥାନା ଖୋଲଡ଼ି ଗ୍ରାମର ଜେ. ସୁଲଭ ଦୋରା ଓ ବଳଧିଆ ଗ୍ରାମର ସରସ୍ୱତୀ ପ୍ରଧାନ।

ସୂଚନା ମୁତାବକ, ଶୁକ୍ରବାର କିଛି ଶ୍ରମିକ ଚିମିଲି ଇଟାଭାଟିରୁ ଇଟା ବାହାର କରୁଥିବା ସମୟରେ ହଠାତ୍ ଇଟା ଅତଡ଼ା ଖସି ଯାଇଥିଲା। ଫଳରେ ଇଟା ବାହାର କରୁଥିବା ଶ୍ରମିକମାନଙ୍କ ଉପରେ ଇଟା ଅତଡ଼ା ମାଡ଼ି ବସିଥିଲା। ଘଟଣାସ୍ଥଳରେ ଖୋଲଡ଼ି ଗ୍ରାମର ଜେ.ସୁଲଭ ଦୋରାଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଶ୍ରମିକ ଆହତ ହୋଇଥିଲେ। ଆହତ ଶ୍ରମିକମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣେ ମହିଳା ସରସ୍ୱତୀ ପ୍ରଧାନଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବର ପାଇ ଜିଲ୍ଲା ଶ୍ରମ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ, ପାଟପୁର ଥାନା ଅଧିକାରୀ ଇଟାଭାଟି ଓ ମୃତକଙ୍କ ପରିବାର ଘରକୁ ଯାଇ ତଦନ୍ତ କରିଥିବା ଜଣାପଡ଼ିଛି। ତେବେ ବର୍ତ୍ତମାନ ସୁଦ୍ଧା ଥାନାରେ କୌଣସି ଏତଲା ଦିଆଯାଇ ନାହିଁ।

# ଆଜି ଆସିବେ ଜୟଶଙ୍କର, ୫ରେ ନଡ୍ଡା, ୬ରେ ମୋଦୀ

**ଭୁବନେଶ୍ୱର, ୩।୫(ସମିସ):** ଶନିବାରଠାରୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ବୈଦେଶିକ ବ୍ୟପାର ମନ୍ତ୍ରୀ ଏସ୍ ଜୟଶଙ୍କର। କଟକ, ଭୁବନେଶ୍ୱର ଓ ସମ୍ବଲପୁରରେ ଆୟୋଜିତ ବିଭିନ୍ନ ସମାବଶେରେ ଶ୍ରୀ ଜୟଶଙ୍କର ଯୋଗ ଦେବେ। ଏହି ସମୟରେ ସେ ବୃଦ୍ଧିଜୀବୀମାନଙ୍କୁ ଭେଟିବେ। ଏହାସହ ଗଣମାଧ୍ୟମ ପ୍ରତିନିଧି ଓ ଖବରକାଗଜର ସମ୍ପାଦକମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୫ ତାରିଖରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ନଡ୍ଡା ତାଙ୍କର ଏହି ଗସ୍ତରେ କଟକରେ କାର୍ଯ୍ୟକର୍ତ୍ତାଙ୍କ ବୈଠକରେ ଯୋଗ ଦେବେ ଓ ଭୁବନେଶ୍ୱରରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ସେହିଭଳି ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି।

**AFFIDAVIT**

I, Dinesh Bhatra, S/o. Chaitanya Bhatra, resident of at Aunli, PO Maghidhanua, PS Kosagumuda Dist Nabarangpur, pin- 764058, Odisha declared by this affidavit No.353 dated-22/04/2024 that now onwards i shall be known As **Bharat Bhatra** For all future purposes.

**AFFIDAVIT**

I, Manas Panigrahi, S/o- Lalit Mohan Panigrahi, resident of At- Ward No-1, Gour-para, Sarbahal, PS/Dist- Jharsuguda, Odisha, father of Shreyash Panigrahi declare by this affidavit No.810, dated-20/04/2024, that now onwards I shall be known as **MANAS RANJAN PANIGRAHI** for all future purposes.

**AFFIDAVIT**

I, Firdus Anjum, W/o- Shaikh Sirajuddin, resident of Shaikh Mohalla, Charinangal, Jajpur, Pin-754292, Odisha declare by this affidavit No.830, dated-01/05/2024, that now onwards I shall be known as **FIRDOUSH ANJUM** for all future purposes.

**AFFIDAVIT**

I, Abhishek Das, S/o- Ajaya Dash, resident of At- Sector-1/126, Niladri Vihar, Near Tarini Mandira, Sailashree Vihar, Bhubaneswar, Dist-Khordha, Pin-751021, Odisha declare by this affidavit No.818, dated-30/04/2024, that now onwards I shall be known as **ABHISHEK DASH** for all future purposes.

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org
CAD-84

ପତ୍ର ସଂଖ୍ୟା- ୧୦୫ H-357/05 | **ବିଜ୍ଞାପନ** | ତା. ୦୧.୦୫.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ✓ ଗୋପାଳ କୃଷ୍ଣ ରାଉତ<br>ପିତା- ✓ ଶ୍ରୀବାସ ଚନ୍ଦ୍ର ରାଉତ<br>ସା- ସିଦ୍ଧିପୁର<br>ପୋ- କଣ୍ଟି ଗୋଡିଆ (Kantigadia)<br>ଥାନା- ଧର୍ମଶାଳା<br>ଜିଲ୍ଲା- ଯାଜପୁର | ଏମ୍‌ଆଇଜି-୨-୧୬୯<br>(MIG-II-169)<br>କାନନ ବିହାର<br>୨ୟ ପର୍ଯ୍ୟାୟ<br>ଏମ୍‌ଆଇଜି-୨<br>ହୁଡ୍‌କୋ ଫାଇନାନ୍ସ ସ୍କିମ୍<br>ପଟିଆ, ଭୁବନେଶ୍ୱର | ୧. ନମିତା ରାଉତ (ସ୍ତ୍ରୀ)<br>୨. ଲିମା ଦାସ (ବି. କନ୍ୟା)<br>୩. ସୀମା ଗୁଡ (ବି.କନ୍ୟା)<br>୪. ସୋନି ରାଉତ (ବି.କନ୍ୟା)<br>୫. ରିଶିକେଶ ରାଉତ (ପୁତ୍ର) |

ସା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0081/2425

**ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆମ ହସ୍‌ପିଟାଲ୍‌ର ରୋଗୀମାନଙ୍କର ଚିକିତ୍ସା ଜନିତ ନଥିପତ୍ର, ୦୧/୦୪/୨୦୧୫ ଠାରୁ ୩୧/୦୩/୨୦୧୯ ପର୍ଯ୍ୟନ୍ତ ନଷ୍ଟ କରି ଦିଆଯିବ। ଯେଉଁ ରୋଗୀମାନେ ଏହି ସମୟସୀମା ମଧ୍ୟରେ ହସ୍‌ପିଟାଲ୍‌କୁ ଚିକିତ୍ସା ପାଇଁ ଆସିଥିବେ, ସେମାନଙ୍କର ଯଦି କୌଣସି ଅଭିଯୋଗ ଥାଏ, ଏହି ବିଜ୍ଞାପନ ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ।

ପରବର୍ତ୍ତୀ ସମୟରେ ଉପରୋକ୍ତ ସମୟସୀମା ମଧ୍ୟରେ ନଥିପତ୍ର ପାଇଁ ହସ୍‌ପିଟାଲ୍ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିର୍ଦ୍ଦେଶକ
କର ଭିଜନ୍ ଚକ୍ଷୁ ଚିକିତ୍ସାଳୟ
୧୦, ଜନପଥ, ସତ୍ୟନଗର, ଭୁବନେଶ୍ୱର

# ଅବଶିଷ୍ଟାଂଶ...

## ଓଡ଼ିଶାର ବିକାଶ...

ସଭାରେ ଲୋକଙ୍କ ବିଶାଳ ଉପସ୍ଥିତିକୁ ଲକ୍ଷ୍ୟ କରି ସେ କରିଛନ୍ତି ଯେ, ନବୀନ ସରକାର ହେଉଛି ମା ମାନଙ୍କ ସରକାର, ଯୁବପିଢିର ସରକାର । ୫୦ ହଜାର ଅଧିକ ଭୋଟରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେ ଆହ୍ୱାନ କରିଛନ୍ତି। ନବୀନ ପଟ୍ଟନାୟକ ହେଉଛନ୍ତି ଦେଶର ଏକମାତ୍ର ମୁଖ୍ୟମନ୍ତ୍ରୀ ଯିଏକି ସବୁବେଳେ ଆମକୁ କାମର ହିସାବ ଦେବାକୁ ନିର୍ଦ୍ଦେଶ ଦେଇଥାନ୍ତି। ତାଙ୍କ ନିର୍ଦ୍ଦେଶରେ ମୁଁ ସବୁ ଜାଗାରେ କାର୍ଯ୍ୟର ହିସାବ ଦେଉଛି। ଆପଣମାନଙ୍କୁ ମଧ୍ୟ ହିସାବ ଦେବି; ନିର୍ବାଚନ ପରେ ମଧ୍ୟ ହିସାବ ଦେବି।

ମାତ୍ର ବିରୋଧୀମାନେ ପ୍ରତ୍ୟେକ କଥାରେ ଓଡିଶାକୁ ବିରୋଧ କରୁଛନ୍ତି। ସେମାନେ ବିକାଶର ବିରୋଧୀ। ଓଡିଶାର ବିକାଶ ସବୁ ଓଡିଶାବାସୀଙ୍କୁ ଦେଖାଯାଉଛି; କିନ୍ତୁ ବିରୋଧୀଙ୍କୁ କିଛି ଦେଖାଯାଉନାହିଁ। ବିରୋଧୀ ନେତାମାନେ ଓଡିଶାର ସବୁ ବିକାଶ କାମକୁ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମିଶନ ଶକ୍ତି ଆଦି ସବୁ ସଶକ୍ତିକରଣ ଯୋଜନାକୁ ବନ୍ଦ କରିବାକୁ ବିଧିବଦ୍ଧ ଯୋଜନା ଚଳାଇଛନ୍ତି। ମା ମାନେ ଦୁବାଇ ଯାଉଥିଲେ। ତାଙ୍କର କଣ ଅସୁବିଧା ହେଲା? ସେମାନଙ୍କ ଦୁବାଇ ଯିବା କାହିଁକି ବନ୍ଦ କଲେ ବୋଲି ପ୍ରଶ୍ନ କରିଛନ୍ତି ପାଣ୍ଡିଆନ

ଏହି ଅବସରରେ ଶ୍ରୀ ପାଣ୍ଡିଆନ ସ୍ଥାନୀୟ ଅଞ୍ଚଳରେ ଚାଲିଥିବା ବିକାଶମୂଳକ କାର୍ଯ୍ୟଗୁଡ଼ିକର ଗୋଟିଗୋଟି ହିସାବ ଦେଇଛନ୍ତି । ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ୬୦ କୋଟି ଟଙ୍କାର କାମ ଚାଲିଛି। ଋଷିକୂଲ୍ୟା ନଦୀର ନୂଆ ଗାଁ ଡିଷ୍ଟ୍ରିବ୍ୟୁଟାରି ପାଇଁ ୮୦ କୋଟି, ଢୋଲପିଟା ନଦୀଗର୍ଭ ଜଳାଶ୍ରୟ ପ୍ରକଳ୍ପ ପାଇଁ ୩୦.୬୦ କୋଟି, ଜଗନ୍ନାଥପ୍ରସାଦ ବ୍ଲକ୍‌ର ୪୬ଟି ଗ୍ରାମପଞ୍ଚାୟତକୁ ମେଗା ପାଇପ ଜଳଯୋଗାଣ ପାଇଁ ୨୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ସାନଖେମୁଣ୍ଡିରେ ୫୦ କୋଟି ଟଙ୍କାର କାମ ଚାଲିଛି। ଧରାକୋଟ ବ୍ଲକ୍‌ରେ ଜାନିଭିଲି ବ୍ୟାରେଜ ପାଇଁ ୧୨୦ କୋଟି ଟଙ୍କା ଦିଆଯାଇଛି। ଘୋଡାହାଡ ଡ୍ୟାମରୁ ସାନଖେମୁଣ୍ଡି ବ୍ଲକ୍‌କୁ ମେଗା ପାନୀୟ ଜଳ ଯୋଗାଣ ପାଇଁ ୧୯୬.୨୯ କୋଟି ଟଙ୍କାର କାମ ହେଉଛି। ଧରାକୋଟ ଜାନିଭିଲି ରାସ୍ତାରେ ଋଷିକୂଲ୍ୟା ନଦୀ ଉପରେ ହାଇଲେବୁଲ ସେତୁ ପାଇଁ ୨୬୨.୧୮ କୋଟି ଟଙ୍କା ଦିଆଯାଇଛି। ସେହିପରି ପୋଲସରା ନିର୍ବାଚନ ମଣ୍ଡଳୀରେ ୫୦ କୋଟି ଟଙ୍କାର କାମ ଚାଲିଥିବା ବେଳେ ଧନେଇ ନଦୀ ଉପରେ ନଦୀଗର୍ଭ ଜଳାଶୟ ପାଇଁ ୨୭.୨୦ କୋଟି ଟଙ୍କା ଏବଂ ମହାନଦୀରୁ ବୁଗୁଡା ଓ ପୋଲସରା ବ୍ଲକ୍‌କୁ ପାଇ ପାଣି ସପ୍ଲାଇ ପାଇଁ ୨୦୦୦ କୋଟି ଟଙ୍କା ଦିଆଯାଇଛି ଓ ଏହି ସବୁ କାମ ଆରମ୍ଭ ହୋଇଛି। ଅନୁରୂପ ଭାବରେ ସୋରଡା ନିର୍ବାଚନ ମଣ୍ଡଳୀ ପାଇଁ ୪୫ କୋଟି ଟଙ୍କାର କାମ ଚାଲିଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

## ବୌଦ୍ଧ @୪୪.୬...

ବୌଦ୍ଧ, ବଲାଙ୍ଗିର, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ାରେ ଗ୍ରୀଷ୍ମ ଲହରୀ ସୃଷ୍ଟି ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ସେହିପରି ଗଞ୍ଜାମ, ଗଜପତି, ରାୟଗଡ଼ା ଓ କୋରାପୁଟରେ କାଳବୈଶାଖୀ ଜନିତ ବର୍ଷା ଘଡ଼ଘଡ଼ି ହୋଇପାରେ ବୋଲି କେନ୍ଦ୍ର କହିଛି।

ସୂଚନାଥାଉ କି, ଗତ ୨୪ ଘଣ୍ଟାରେ ଟିଟିଲାଗଡ଼ରେ ୪୪ ଡିଗ୍ରୀ, ନୂଆପଡ଼ାରେ ୪୩.୯ ଡିଗ୍ରୀ, ବଲାଙ୍ଗିରରେ ୪୩.୪ ଡିଗ୍ରୀ, ମାଲକାନଗିରିରେ ୪୩.୩ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୩.୩ ଡିଗ୍ରୀ, ଭବାନୀପାଟଣାରେ ୪୩ ଡିଗ୍ରୀ, ବାରିପଦାରେ ୪୨.୮ ଡିଗ୍ରୀ, ସମ୍ବଲପୁରରେ ୪୨.୮ ଡିଗ୍ରୀ, ଅନୁଗୋଳରେ ୪୨.୭ ଡିଗ୍ରୀ, ହୀରାକୁଦରେ ୪୨.୩ ଡିଗ୍ରୀ, ତାଳଚେରରେ ୪୨.୨ ଡିଗ୍ରୀ, ଝାରସୁଗୁଡ଼ାରେ ୪୨.୧ ଡିଗ୍ରୀ, ସୋନପୁରରେ ୪୨.୧ ଡିଗ୍ରୀ ରେକର୍ଡ କରାଯାଇଛି।

## କେନ୍ଦ୍ରମନ୍ତ୍ରୀଙ୍କୁ ବିଜେଡିର...

ଉପରକୁ ଅଣ୍ଡା ଫିଙ୍ଗିବାକୁ ଧର୍ମେନ୍ଦ୍ର ପ୍ରଧାନ ହିଁ ତାଙ୍କ ଲୋକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ଓଡ଼ିଆ ଅସ୍ମିତାର ପରିଚୟ କି ? ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ବିଜୁ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ସ୍ଥାନ ରହିଛି; କିନ୍ତୁ ପ୍ରତିଦିନ ଓଡ଼ିଆ ଅସ୍ମିତା କଥା କହୁଥିବା ଏହି ଲୋକମାନେ ଭାରତ ରତ୍ନ ପାଇଁ ବିଜୁ ପଟ୍ଟନାୟକଙ୍କୁ ଉପେକ୍ଷା କରିଛନ୍ତି। ଆଧୁନିକ ଓଡ଼ିଶାର ଜନକ ତଥା ଓଡ଼ିଆ ଅସ୍ମିତାର ପ୍ରକୃତ ପ୍ରତୀକ ବିଜୁ ପଟ୍ଟନାୟକ ଭାରତ ରତ୍ନ ପାଇବାକୁ ଯୋଗ୍ୟ ବୋଲି ୧୦ ବର୍ଷ ମଧ୍ୟରେ ସେମାନଙ୍କ ମନରେ ଥରେ ବି ଏହି ଚିନ୍ତାଧାରା ଆସିନଥିଲା କି ବୋଲି ଶ୍ରୀ ଦାଶବର୍ମା ପ୍ରଶ୍ନ କରିଛନ୍ତି। ଏକ ଦଶନ୍ଧିର ବିଜେପି ଶାସନରେ ଜଣେ ବି ଓଡ଼ିଆଙ୍କୁ ଭାରତ ରତ୍ନ ମିଳିନାହିଁ। କ'ଣ ଓଡ଼ିଶାରୁ ଜଣେ ବି ବ୍ୟକ୍ତି ଭାରତ ରତ୍ନ ପାଇବାକୁ ଯୋଗ୍ୟ ନୁହଁନ୍ତି? ବିଦେଶର ବିଭିନ୍ନ ଦେଶର ସର୍ବୋଚ୍ଚ ସମ୍ମାନ ପାଇଥିବା ବିଜୁବାବୁଙ୍କୁ ଭାରତ ରତ୍ନ ସମ୍ମାନରୁ ବଞ୍ଚିତ କରିଥିବା ବିଜେପି ନେତା ଓ କେନ୍ଦ୍ରମନ୍ତ୍ରୀ କେଉଁ ମୁହଁରେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି? ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଅକ୍ଳାନ୍ତ ପ୍ରୟାସ ଯୋଗୁଁ ୨୦୧୪ରେ ୟୁପିଏ ସରକାର ସମୟରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ଏହା ସମଗ୍ର ଓଡ଼ିଆଙ୍କ ପାଇଁ ଗର୍ବର ମୁହୂର୍ତ୍ତ ଥିଲା। ମାତ୍ର ୧୦ ବର୍ଷର ବିଜେପି ଶାସନରେ ଶାସ୍ତ୍ରୀୟ ଭାଷା ଭାବେ ଓଡ଼ିଆ ପାଇଁ ଧର୍ମେନ୍ଦ୍ରଙ୍କ ଦଳ କେତେ ଟଙ୍କା ମଞ୍ଜୁର କରିଛନ୍ତି? ସଂସ୍କୃତ, ମାଲାୟଲମ୍, ତେଲୁଗୁ, ତାମିଲ ଓ କନ୍ନଡ଼ ଭାଷାକୁ ଯଥେଷ୍ଟ ଅର୍ଥ ମିଳିଥିବା ବେଳେ ଓଡ଼ିଆ ଅବହେଳିତ ହୋଇପଡ଼ିଛି। ଗତ ୧୦ ବର୍ଷର ବିଜେପି ଶାସନରେ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହି ଆସିଥିଲେ। ଓଡ଼ିଆ ଭାଷାର ଉନ୍ନତି ପାଇଁ ସେ କ'ଣ କରିଥିଲେ? ମାତ୍ର ଆଜି ଓଡ଼ିଆ ଅସ୍ମିତା ପାଇଁ କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି ଓ ବଡ଼ ପାଟିରେ ଚିତ୍କାର କରୁଛନ୍ତି। ଯେଉଁମାନେ ଏବେ ଓଡ଼ିଆ ଅସ୍ମିତାକୁ ସୁରକ୍ଷା ଦେବା କଥା କହୁଛନ୍ତି, ସେମାନେ ଦଶ ବର୍ଷର ବିଜେପି ଶାସନରେ ଓଡ଼ିଆ ଭାଷା ପାଇଁ ଭାରତ ସରକାରଙ୍କ ଠାରୁ ଗୋଟିଏ ଟଙ୍କା ବି ମଞ୍ଜୁର କରିବାରେ ବିଫଳ ହୋଇଛନ୍ତି ବୋଲି ଓଡ଼ିଶାବାସୀଙ୍କୁ କହୁନାହାନ୍ତି କାହିଁକି ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୟ।

ସେ କହିଛନ୍ତି ଯେ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ୨ ଥର କେନ୍ଦ୍ରକୁ ଚିଠି ଲେଖିଛନ୍ତି। କିନ୍ତୁ ବିଜେପି ନେତାମାନେ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଓଡିଆ ଅସ୍ମିତା କେବଳ ଗୋଟିଏ ଶବ୍ଦ ନୁହେଁ, ଏହା ଓଡ଼ିଶା ଓ ଏଠାକାର ଲୋକଙ୍କ ଆତ୍ମା। ବିଗତ ୧୦ ବର୍ଷ ଧରି ଧର୍ମେନ୍ଦ୍ର ପ୍ରଧାନ କ୍ୟାବିନେଟ୍ ମନ୍ତ୍ରୀ ରହିଛନ୍ତି; କିନ୍ତୁ ଏହି ସମୟରେ ସେ କ'ଣ କରିଛନ୍ତି ? ଓଡ଼ିଶାର ଉନ୍ନତି ପରିବର୍ତ୍ତେ ଏହାର ବିକାଶରେ ବାଧା ସୃଷ୍ଟି କରିବାକୁ ସେ ସଂକଳ୍ପବଦ୍ଧ ଥିବା ଜଣାପଡିଛି। ତାଙ୍କ ସମୟରେ ସେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିବା ଭଳି ଅପଚେଷ୍ଟା ହୋଇଛି । ଉଦ୍ଦେଶ୍ୟମୂଳକ ଭାବେ ସେ ଉପକୂଳ ରାଜପଥ ପ୍ରକଳ୍ପକୁ ବିଳମ୍ବ କରିଛନ୍ତି । ଏପରିକି ସମ୍ବଲପୁରରେ ମା' ସମଲେଇ ମନ୍ଦିରର କାମ ଅଟକାଇ ରଖିଥିଲେ। ନିଜ ଅପକର୍ମ ପାଇଁ ସେ ଓଡ଼ିଶାବାସୀଙ୍କ ନିକଟରେ ଉତ୍ତରଦାୟୀ । ରାଜ୍ୟରେ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ନାହିଁ, ଆଧୁନିକ ଦକ୍ଷତା ବିକାଶ କେନ୍ଦ୍ର ନାହିଁ । ମାତ୍ର ଆଜି ଚିତ୍ରକୋଣ୍ଡା ଓ ମାଲକାନଗିରି ସରକାରୀ ହାଇସ୍କୁଲଗୁଡ଼ିକ ଭୁବନେଶ୍ୱରର କେନ୍ଦ୍ରୀୟ ବିଦ୍ୟାଳୟ ତୁଳନାରେ ଅଧିକ ସୁସଜ୍ଜିତ। ଓଡ଼ିଶାରେ ପିଲାଙ୍କ ପାଠପଢ଼ାକୁ ଆଗକୁ ବଢ଼ାଇବା ପାଇଁ ସେ ଏତେ କିଛି କରିପାରିଥାନ୍ତେ, କିନ୍ତୁ ଦୁଃଖର ବିଷୟ ଯେ ସେ ନିଜ ପାଇଁ ମୁଖ୍ୟମନ୍ତ୍ରୀ ପଦ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ କଳୁଷିତ ରାଜନୀତିରେ ନିୟୋଜିତ ହୋଇ ରହିଛନ୍ତି। ଓଡ଼ିଶାବାସୀଙ୍କ ଉନ୍ନତି ପାଇଁ ସାରା ଜୀବନ ଉତ୍ସର୍ଗ କରିଥିବା ନବୀନ ପଟ୍ଟନାୟକଙ୍କ ତୁଳନାରେ ଓଡ଼ିଆ ଅସ୍ମିତା ପାଇଁ ବିଜେପି ଯାହା କରିଛି, ସେଥିରେ କେତେ ଫରକ ରହିଛି ତାହା ସମସ୍ତଙ୍କ ପାଇଁ ଦୃଶ୍ୟମାନ ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

## ଗୋପାଳପୁରରେ ଗ୍ରୀନ୍...

କରିବ। ୮୩୦୦ କୋଟିରୁ ଅଧିକ ନିବେଶରେ ଏହି ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ଏହି କାରଖାନାରୁ ବାର୍ଷିକ ୧ ନିୟୁତ ଟନ୍‌ର ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଆମୋନିଆ ଉତ୍ପାଦନ କରାଯିବ। ଏଥିପାଇଁ ଟିଏସ୍‌ଏସ୍‌ଇଜେଡ୍‌ଏଲ୍ ଏବଂ ହାଇଜେନ୍‌କୋ ମଧ୍ୟରେ ଶୁକ୍ରବାର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ସର୍ବନିମ୍ନ ଗ୍ରୀନ ହାଇଡ୍ରୋଜେନ ଉତ୍ପାଦନରେ ଅଗ୍ରଣୀ ଥିବା ହାଇଜେନ୍‌କୋ ପର୍ଯ୍ୟାୟକ୍ରମେ ବାର୍ଷିକ ଏକ ନିୟୁତ ଟନ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀ ଡିସେମ୍ବର ୨୦୨୬ ସୁଦ୍ଧା ପ୍ରକଳ୍ପର ପ୍ରାରମ୍ଭିକ ପର୍ଯ୍ୟାୟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଟିଏସ୍‌ଏସ୍‌ଇଜେଡ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାୟକ କହିଛନ୍ତି ଯେ, ଏହି ବୁଝାମଣାପତ୍ର ସ୍ୱାକ୍ଷର ପରେ ଶିଳ୍ପ ପାର୍କରେ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ଉତ୍ପାଦନର ସମୁଦାୟ କ୍ଷମତା ଏବେ ବାର୍ଷିକ ପ୍ରାୟ ୨.୬ ନିୟୁତ ଟନ୍‌ରେ ପହଞ୍ଚିଛି। ଏହା ଆମ ଶିଳ୍ପ ପାର୍କକୁ ଭାରତରେ ଏକ ଗ୍ରୀନ୍ ହାଇଡ୍ରୋଜେନ ଏବଂ ଆମୋନିଆ ହବ୍ ଭାବରେ ସୁଦୃଢ଼ କରିଛି। ଆମର ପ୍ରୟାସ ହେଉଛି ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଯେଉଁଠାରେ ନିବେଶକମାନେ ସେମାନଙ୍କ ବ୍ୟବସାୟ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ପାଇପାରିବେ। ଆସନ୍ତା ୩ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ସମୟ ମଧ୍ୟରେ ପ୍ରକଳ୍ପରେ ୭ ହଜାରରୁ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।

ଏହା ଉପରେ ମତ ରଖି ହାଇଜେନ୍‌କୋର ପ୍ରତିଷ୍ଠାତା ତଥା ସିଇଓ ଅମିତ ବଂଶଲ କହିଛନ୍ତି ଯେ, ଆମେ ଏହି ପ୍ରକଳ୍ପରେ ଆମର ଉନ୍ନତ ଜ୍ଞାନକୌଶଳର ପ୍ରୟୋଗକୁ ବିସ୍ତାର କରିବୁ। ଏହାଦ୍ୱାରା ଆମର ଗ୍ରାହକଙ୍କ ପାଇଁ ସର୍ବନିମ୍ନ ମୂଲ୍ୟର ଗ୍ରୀନ୍ ଆମୋନିଆ ଉପଲବ୍ଧ ହେବ। ଏହି କାରଖାନାରେ ଉତ୍ପାଦିତ ଗ୍ରୀନ୍ ଆମୋନିଆ ଗୋପାଳପୁର ଶିଳ୍ପ ପାର୍କ (ଜିଆଇପି) ନିକଟରେ ଥିବା ବର୍ତ୍ତମାନର ଗୋପାଳପୁର ବନ୍ଦର ମାଧ୍ୟମରେ ରପ୍ତାନି କରାଯିବ। ଗୋପାଳପୁର ଶିଳ୍ପ ପାର୍କ (ଜିଆଇପି) ଏବଂ ଗୋପାଳପୁର ବନ୍ଦର ମଧ୍ୟରେ ନିର୍ମାଣାଧୀନ ୟୁଟିଲିଟି କରିଡର ପ୍ରକଳ୍ପ ପାଇଁ ଲଜିଷ୍ଟିକ୍ସ ଏବଂ ପାଇପଲାଇନ ସଂଯୋଗକୁ ଆହୁରି ସୁଦୃଢ଼ କରିବ। ହାଇଜେନ୍‌କୋର ସହପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଆଶିଷ ଗୁପ୍ତା ଏବଂ ଟାଟା ଷ୍ଟିଲ୍ ଏସ୍‌ଇଜେଡ୍‌ର ମଣିକାନ୍ତ ନାୟକଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ହସ୍ତାନ୍ତର ହୋଇଥିଲା। ଏଥିରେ ଟାଟା ଷ୍ଟିଲ୍ ଏସ୍‌ଇଜେଡ୍‌ର ସିଏଫ୍‌ଓ ମାନସ ବନ୍ଦୋପାଧ୍ୟାୟ ଓ ହାଇଜେନ୍‌କୋର ସିଓଓ ଶଶାଙ୍କ ଅଧିକାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ବେଧଡ଼କ ଚାଲିଛି ବେଆଇନ ଇଟାଭାଟି; ନଷ୍ଟ ହେଉଛି ପରିବେଶ



**ଏରସମା,୩।୫(ସମିସ):** ବେଧଡକ ବଢ଼ିଚାଲିଛି ଇଟା ଭାଟି। ଏଥିଯୋଗୁ ପରିବେଶ ନଷ୍ଟ ହେବା ସହ ଅଞ୍ଚଳରେ ଥିବା ନଦୀ ପଠାରୁ ବ୍ୟାପକ ମାଟି ଖୋଳା ଚାଲିଛି। ଯାହାକୁ ନେଇ ସାଧାରଣରେ ମଧ ଅସନ୍ତୋଷ ବଢିବାରେ ଲାଗିଛି। ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ଦୃଶ୍ୟ ଦେଖିବାକୁ ମିଳିଛି। ଏମିତି କି ପୋଖରୀଆପଡା ଗ୍ରାମର ମୁଖ୍ୟ ରାସ୍ତା କଡ଼ରେ ବେଧଡ଼କ ଇଟା ତିଆରି ଚାଲିଛି ତାହା ସହିତ ଇଡ଼ରିସଂ, ସୋମପୁର,ଜାନକାଦେଇପୁର, ପଦ୍ମପୁର, ଗଡହରିଷପୁର, ଆମ୍ବିକି ,ଗଡବିଷ୍ଣୁପୁର ଆଦି ବଜାର ନିକଟରେ ପୋଡା ଚାଲିଛି। ଦିନକୁ ଦିନ ଏହାର ପରିସୀମା ବୃଦ୍ଧି ପାଇବାରେ ଲାଗିଛି। ଜନସଂଖ୍ୟା ବୃଦ୍ଧି ସହ ତାଳଦେଇ ଗୃହ ନିର୍ମାଣ ବଢିବାରେ ଲାଗିଛି। ପ୍ରତିଦିନ ପ୍ରାୟ ୫୦ ହଜାରରୁ ଅଧିକ ଇଟା ଆବଶ୍ୟକ ପଡୁଛି। ଯାହାର ଫାଇଦା ନେଉଛନ୍ତି ବେଆଇନ ମାଟି ଇଟା ବେପାରୀ। ଏରସମା ଅଞ୍ଚଳରେ ଏକାଧିକ ବେଆଇନ ଇଟା ଭାଟି ଚାଲୁଥିବା ବେଳେ ପ୍ରତିଦିନ ଲକ୍ଷଲକ୍ଷ ଇଟା ପୋଡ଼ାଯାଉଛି। ଏହି ଇଟା ସବୁ ଏରସମା , ବାଲିକୁଦା, ତିର୍ତ୍ତୋଲ ଅଞ୍ଚଳରେ ଲକ୍ଷାଧିକ ମୂଲ୍ୟରେ ବିକ୍ରୟ ହେଉଛି। ରାସ୍ତା ଘାଟ ଭାଟିଭାଟି ଯୋଗୁଁ ନଷ୍ଟ ହେଉଯାଉଛି। ଡହ ଡ଼ହ ଖରା ଉତ୍ତାପରେ ସାଧାରଣ ଲୋକ ହନ୍ତସନ୍ତ ହୋଇଗଲେଣି । ତାହା ପୁଣି ସେପଟେ ଇଟାଭାଟିର ଉତ୍ତାପ ମାତ୍ରା ବଢ଼ିବାରେ ଲାଗିଛି। ଏମିତି କି ମାଫିଆମାନଙ୍କ କବଜାରେ ନଦୀ ଶଯ୍ୟା ଓ ପଠାରୁ ଖୁଲମଖୁଲା ଭାବରେ ଟ୍ରାକ୍ଟର ସାହାଯ୍ୟରେ ମାଟି ବୁହା ହେଉଛି। ଏଦିଗରେ ଜିଲ୍ଲାର ମାଇନିଂଅଧିକାରୀ ଦୃଷ୍ଟି ଦେଉନାହାନ୍ତି। ନଦୀ ପଠାରୁ ମାଟି ଖୋଳାଯାଇ ଇଟା ତିଆରି କରାଯାଉଛି। ଭାଟିରେ ପୋଡିବା ଯୋଗୁ ପରିବେଶ ମଧ ବିଗିଡିବାରେ ଲାଗିଛି। ବାୟୁ ପ୍ରଦୂଷଣ ହେବା ସହ ଭାଟି ମାଲିକ ମାଲାମାଲ ହେଉଛନ୍ତି। ଏଣେ ରାଜସ୍ୱ ହରାଉଛନ୍ତି ରାଜ୍ୟ ସରକାର। ଦୀର୍ଘ ବର୍ଷ ହେଲା ଏହା ଚାଲିଥିବା ବେଳେ କେହି ଏଥିପ୍ରତି ଦୃଷ୍ଟି ଦେଉ ନଥିବା ଜଣାପଡିଛି। ଟ୍ରକ ଓ ଟ୍ରାକ୍ଟର ଯୋଗେ ଇଟା ବୁହା ହେଉଥିବାବେଳେ ଏଥିପ୍ରତି ପ୍ରଶାସନର

## ପ୍ରଶାସନ ନିରବଦ୍ରଷ୍ଟା

ନଜର ନପଡ଼ିବା ପରିତାପର ବିଷୟ ହୋଇଛି। ପରିବେଶ ସୁରକ୍ଷା ପାଇଁ ମାଟି ଇଟା ତିଆରି ଓ ବ୍ୟବହାର ଉପରେ କଟକଣା କେବଳ କାଗଜ କଲମରେ ସୀମିତ ହୋଇ ରହିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବେଆଇନ ମାଟି ଇଟା ଭାଟିଗୁଡିକୁ ତୁରନ୍ତ ଚିହ୍ନଟ କରି ସମ୍ପୃକ୍ତ ମାଲିକମାନଙ୍କୁ ନୋଟିସ ଜାରି କରିବା ପାଇଁ ରାଜସ୍ୱ ନିରୀକ୍ଷକମାନଙ୍କୁ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ଏ ଦିଗରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଏରସମା ନୂତନ ତହସିଲଦାର ନେବେ ବୋଲି ଅଞ୍ଚଳବାସୀଙ୍କ ଆଶା ରହିଛି।

## ଦୁଇଟି କିଡ୍‌ନୀ ଫେଲ୍, ଆର୍ଥିକ ସାହାଯ୍ୟ ପାଇଁ ନିବେଦନ



**ଏରସମା,୩।୫ (ସମିସ):** ଏରସମା ବ୍ଲକ ଅଧୀନ ଆମ୍ବିକି ପଞ୍ଚାୟତର କିଆଦା ଗ୍ରାମର ମନୋରଞ୍ଜନ ଟାଙ୍ଗୁରୁ ଓ ବିନତା ଟାଙ୍ଗୁରୁଙ୍କ ଝିଅ ସୁବାଶୀନି ଟାଙ୍ଗୁରୁ(୧୯)ଙ୍କ ଦୁଇଟି କିଡନୀ ଫେଲ ମାରିଛି। ଯାହାଦ୍ୱାରା ତାଙ୍କର ଡାଏଲିସିସ୍ ଚାଲିଛି। ବାପା ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାଇଥାନ୍ତି। ଆର୍ଥିକ ଅଭାବରୁ ମେଡିସିନ୍ କିଣିବା ଏବଂ ମେଡିକାଲ ଯିବା ଆସିବା କରିବା ପାଇଁ ମଧ ବର୍ତ୍ତମାନ ତାଙ୍କ ପାଖରେ ଟଙ୍କା ନାହିଁ। ସରକାରୀ ସହାୟତା କିଛି ମିଳିନାହିଁ। ସରକାରୀ,ବେସରକାରୀ, ସ୍ୱେଚ୍ଛାସେବୀ ସଂଗଠନ,ସ୍ୱହୃଦୟ ବ୍ୟକ୍ତି ଆର୍ଥିକ ସହାୟତା କରିବା ପାଇଁ ତାଙ୍କ ବାପା ନିବେଦନ କରିଛନ୍ତି ।

## ଜଗତସିଂହପୁର ବ୍ଲକ ବିଜୁ ଜନତା ଦଳ କର୍ମକର୍ତ୍ତା ସମ୍ମିଳନୀ

**ଜଗତସିଂହପୁର,୩।୫(ସମିସ):** ଜଗତସିଂହପୁର ବ୍ଲକ ବିଜୁ ଜନତା ଦଳ କର୍ମକର୍ତ୍ତା ସମ୍ମିଳନୀ ସ୍ଥାନୀୟ ସାରଦା ମଣ୍ଡପଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦର ସଭାପତି ମନୋଜ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଓ ପଞ୍ଚାୟତସ୍ତରରେ କମିଟି ଗଠନ ଉପରେ ନିଷ୍ପତ୍ତି ନିଆଯାଇଥିଲା।ଏହି ବୈଠକରେ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ସାଂସଦ ଡାକ୍ତର ରାଜଶ୍ରୀ ମଲ୍ଲିକ,ଜିଲ୍ଲା ସହକାରୀ ପର୍ଯ୍ୟବେକ୍ଷକ ଗିରିଶ ଦାଶ, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମନୋଜ ନାୟକ, ବିଜେଡି ଉପସଭାପତି ଦିପ୍ତୀ ରଞ୍ଜନ ଦାସ,ବ୍ଲକ ଅଧକ୍ଷା କନକ ପ୍ରଭା ଲେଙ୍କା,ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ଜିଲ୍ଲାପରିଷଦ ସଦସ୍ୟ ବିବେକାନନ୍ଦ ବେହେରା ଚିତ୍ତରଞ୍ଜନ ରାଉଳ, କନକ ସ୍ୱାଇଁ, ଅଦ୍ୱେତ ଚରଣ ଜେନା, ପ୍ରଶାନ୍ତ ମଲ୍ଲିକ, ଲିପକ ସାହୁ,ଜଗନ୍ନାଥ ମୁଦୁଲି,ଜିଲ୍ଲା ଛାତ୍ର ସଭାପତି ଇଂ ସମିତି ଲେଙ୍କା, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ରାଜୀବ ବେହେରା, ବ୍ଲକ ଯୁବ ସଭାପତି ସମ୍ବିତ ମହାନ୍ତି, ବ୍ଲକର ୨୮ଜଣ ସରପଞ୍ଚ,୩୦ଜଣ ସମିତି ସଭ୍ୟ, ସମସ୍ତ ପଞ୍ଚାୟତର ନେତୃମଣ୍ଡଳୀ, ପଞ୍ଚାୟତ ସଭାପତି ଓ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।

## ବନ୍ଦର କ୍ରୀଡା ସଂସଦ ପକ୍ଷରୁ ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର

**ପାରାଦୀପ, ୩।୫ (ସମିସ) :** ପାରାଦୀପ ବନ୍ଦର କ୍ରୀଡା ସଂସଦ ଆନୁକୂଲ୍ୟରେ ଏକ ଗ୍ରୀଷ୍ମ କାଳୀନ ସମର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଦିନ ଆରମ୍ଭ ହୋଇଛି । ଚଳିତ ମଇ ୧ ରୁ ୧୫ ତାରିଖ ଦୁଇ ସପ୍ତାହ ପର୍ଯ୍ୟନ୍ତ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଚାଲିବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ଦୁଇଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରଶିକ୍ଷଣ ଶିବିରରେ ଭଲିବଲ, ଫୁଟବଲ, ହକି, କ୍ରିକେଟ, ସନ୍ତରଣ, ଟେନିସ ଇତ୍ୟାଦି ପ୍ରଶିକ୍ଷଣ ଦିଆଯିବ । ଏହି ଶିବିରରେ ବରିଷ୍ଠ କ୍ରୀଡା ପ୍ରଶିକ୍ଷକ ସଞ୍ଜୟ ଦାସ, ରବି ଦାସ, ଦେବେନ୍ଦ୍ର ସାହୁ, ସଞ୍ଜୟ ନାୟକ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରୁଥିବା ବେଳେ ସଞ୍ଜିତ ଜେନା, ରାଜକିଶୋର ମଣ୍ଡଳ, ସେକ ଇମତାଜ, ଅଜିତ ଦାସ, ବିଜୟ ଦାସ (ଜୁନିଅର), ବିଜୟ ଦାସ (ସିନିଅର), ଲିଟାରାମ ହାଇବ୍ରୁ, ବିଭୁତି ବରାଳ ପ୍ରମୁଖ ସହକାରୀ ପ୍ରଶିକ୍ଷକ ଏହି ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରିବେ । ଏହି ଶିବିରକୁ ଗୋପବନ୍ଧୁ କ୍ରୀଡା ସଂସଦ ର ସଭାପତି ଡି.ଏନ. ସୋନ୍ଧି ଓ କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ ଆନୁଷ୍ଠାନିକ ଭାବେ ୧ ତାରିଖ ଦିନ ଉଦଘାଟନ କରିଥିଲେ ।

ରିଲ୍ସ କରିବା ନିଶା : କାଉଡିଆ ନଈକୁ ଡେଇଁଲା ନାବାଳକ :

## ୨୪ ଘଣ୍ଟା ପରେ ମୃତଦେହ ଉଦ୍ଧାର

**ପାରାଦୀପ, ୩।୫ (ସମିସ):** କାଉଡ଼ିଆ ନଦୀରେ ଘଟି ଯାଇଛି ଏକ ଅଘଟଣ।ଦଶମ ଶ୍ରେଣୀରେ ପଢୁଥିବା ୧୭ ବର୍ଷର ଜଣେ ନାବାଳକ ଗତ ବୁଧବାର ମଧ୍ୟାହ୍ନ ସମୟରେ ପାରାଦୀପ ଅଠରବାଙ୍କୀ ଫ୍ଲାଏ ଓଭର ବ୍ରିଜ୍ ଉପରେ ରିଲ୍ସ କରୁଥିବା ବେଳେ କାଉଡିଆ ନଈରେ ପଡିଯାଇଥିଲା। ଏହି ନାବାଳକ ଜଣଙ୍କୁ ବହୁ ଖୋଜାଖୋଜି ପରେ ଗୁରୁବାର ଦିନ ଏହି ନାବାଳକଙ୍କ ମୃତଦେହ ସେହି ସ୍ଥାନରେ ଉଦ୍ଧାର ହୋଇଛି। ପ୍ରକାଶଯେ, ପାରାଦୀପ ଉପକଣ୍ଠ ଅଠରବାଙ୍କି ଅମ୍ବିକା ସ୍କୁଲ ନିକଟସ୍ଥ ଗୋପିନାଥ କଲୋନୀରେ ରହୁଥିବା ଉଲ୍ଲାସ ଲେଙ୍କାଙ୍କ ଏକ ମାତ୍ର ପୁଅ ତ୍ରିଲୋଚନ ଲେଙ୍କା ବୁଧବାର ମଧ୍ୟାହ୍ନରେ ଅଠରବାଙ୍କୀ ଫ୍ଲାଏ ଓଭର ବ୍ରିଜ୍ ଉପରେ ରିଲ୍ସ କରୁଥିଲେ। କୌଣସି କାରଣରୁ ତ୍ରିଲୋଚନ କାଉଡିଆ ନଈରେ ପଡି ନିଖୋଜ ହୋଇଯାଇଥିଲେ। ଖବର ପାଇ ପାରାଦୀପ ପୁଲିସ୍, ଦମକଳ ବାହିନୀ, ମାଛଧରା ଡଙ୍ଗା ସାହାଯ୍ୟରେ ଦିନ ତମାମ ଖୋଜାଖୋଜି କରି ନିରାଶ ହୋଇଥିଲେ। ଗୁରୁବାର ମଧ୍ୟାହ୍ନ ସମୟରେ ତ୍ରିଲୋଚନର ମୃତ ଦେହ ଉଦ୍ଧାର ହେବା ପରେ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ପୁଲିସ୍। ପୋଲ ଉପରେ ଥୁଆ ହୋଇଥିବା ନାବାଳକର ସାର୍ଟ, ମୋବାଇଲ୍ ଓ ଚପଲକୁ ଜବତ କରିଛି ପୁଲିସ।

● ମାଣିଆସାହି ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟ

## ଏସ୍ ଏନ୍ ସ୍ପୋର୍ଟିଂ ଚାମ୍ପିଅନ

**ଜଗତସିଂହପୁର,୩।୫(ସମିସ) :** ଜଗତସିଂହପୁର ପୌରାଞ୍ଚଳ ଆନ୍ତର୍ଗତ ସ୍ଥାନୀୟ ଅତାମଳାଠାରେ ମାଣିଆସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସାଇଲେଣ୍ଟ କିଲର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୨ ରନ୍ ସଂଗ୍ରହ କରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏସ ଏନ୍ ସ୍ପୋଟିଂ ବ୍ୟାଟିଂ କରି ୪ ଓଭର ୪ ଟା ବଲରେ ୨୩ ରନ୍ କରି ବିଜୟ ଲାଭ କରିଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଅମରେନ୍ଦ୍ର ଦାସ ଯୋଗ ଦେଇ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌କୁ ଅମ୍ପାୟର ପିଣ୍ଟୁ ଓ ଚିନ୍ନୁ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ରୟାଲ ଇଲେଭେନ୍ କ୍ରିକେଟ କ୍ଲବ୍ ର ସଭାପତି ଦେବାଶିଷ ମାଣିଆ, ଭଗବତୀ ମହାନ୍ତି, ସୋମନାଥ ରାହୁଳ, ସୁନୀଲ ସାହୁ, ମିକୁ ମାଣିଆ ସୂର୍ଯ୍ୟକାନ୍ତ ମହାନ୍ତି, ପ୍ରଳୟ ଭୂୟାଁ, ପ୍ରମୁଖ ଆୟୋଜନ କରିଥିବା ଜଣାପଡିଛି ।

## ଦିନ ମଜୁରିଆ ଓ ଅସହାୟଙ୍କୁ ଛତା ବଣ୍ଟନ

**ଜଗତସିଂହପୁର,୩।୫(ସମିସ ):** ସାରା ରାଜ୍ୟ ସମେତ ଜଗତସିଂହପୁରରେ ଗ୍ରୀଷ୍ମ ପ୍ରବାହ ବଢିଚାଲିଛି । ପ୍ରବଳ ଖରା ତାତିରେ ଲୋକମାନେ ଡହଳ ବିକଳ ହେଉଛନ୍ତି। ସେହିପରି ଗରିବ ଖଟିଖିଆ ଦିନ ମଜୁରିଆମାନେ ଏହିସମୟରେ ଖରାରେ କାମ କରିବାକୁ ବାଧ ହେଉଛନ୍ତି । ରିକ୍ସା, ଟଲି ଚାଳକ ଓ ଭିକ୍ଷା ବୃତ୍ତି କରୁଥିବା ଲୋକମାନେ ପେଟକୁ ଦାନା ମୁଠାଏ ପାଇଁ ଏହି ଉତ୍ତପ୍ତ ଖରାରେ ପ୍ରତ୍ୟେକ ଦିନ ଘର ଛାଡି ଖରାରେ ବୁଲୁଛନ୍ତି। ଏହି ଅବସରରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶୀର୍ବାଦ ସେବା ସଂଗଠନ ପକ୍ଷରୁ ସଭାପତି ଜଗନ୍ନାଥ ବେହେରାଙ୍କ ନେତୃତ୍ୱରେ ରଶ୍ମୀ ରଞ୍ଜନ ମହାନ୍ତି, ଦୈତାରୀ ଭୋଇ, ସୌମ୍ୟକାନ୍ତ ଦାସ, ପ୍ରଦୀପ ଦାସ, ସନ୍ତୋଷ କରଣ,ସରୋଜ ସ୍ୱାଇଁ ପ୍ରମୁଖ ସହରରେ ବୁଲି ବୁଲି ଗରିବ ଦିନ ମଜୁରିଆ ଟଲି, ରିକ୍ସା ଚାଳକ ଏବଂ ବୃଦ୍ଧ ବୃଦ୍ଧା ମାନଙ୍କୁ ଖରାରୁ ରକ୍ଷା ପାଇବା ପାଇଁ ଛତା ବଣ୍ଟନ କରିଥିଲେ।

## ବିଶ୍ୱ ଶ୍ରମିକ ଦିବସରେ ଶ୍ରମିକଙ୍କ ପରିବାରକୁ ସହାୟତା ପ୍ରଦାନ



**ପାରାଦୀପ,୩।୫ (ସମିସ) :** ପାରାଦୀପ ପୋର୍ଟ ଡ଼ିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ୱାର୍କମେନ ଆସୋସିଏସନ ର ସଦସ୍ୟ ତଥା ପାରାଦୀପ ବନ୍ଦରରେ କାର୍ଯ୍ୟରତ ଥିବା ଡ଼ିଏଲଆର ସ୍ୱର୍ଗତ ଗଣେଶ୍ୱର ଲେଙ୍କାଙ୍କର ଆରଏଲ ସିକ୍ୟୁରିଟି ଆଣ୍ଡ ମ୍ୟାନ ପାୱାର ସର୍ଭିସ ସଂସ୍ଥାରେ କାର୍ଯ୍ୟରତ ଅବସ୍ଥାରେ ନେହେରୁବଙ୍ଗଳା ଠାରେ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଥିଲା।ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କର ଶ୍ରମିକଙ୍କ ସୁରକ୍ଷା ଏବଂ ବଳିଷ୍ଠ ପଦକ୍ଷେପ ଯୋଗୁଁ ଆଜି ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା ମିଳି ପାରିଛି।ବିଶ୍ୱ ଶ୍ରମିକ ଦିବସ ଅବସରରେ ଗତ ମେ ୧ ରେ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ କାର୍ଯ୍ୟାଳୟରେ ସିକ୍ୟୁରିଟି ସଂସ୍ଥାର ମାଲିକ ରାକେଶ ଦାସ ଓ ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲଙ୍କ ଉପସ୍ଥିତିରେ ସ୍ୱର୍ଗତ ଗଣେଶ୍ୱର ଲେଙ୍କାଙ୍କ ସହଧର୍ମିଣୀ ସୁଲୋହନା ଲେଙ୍କା ଙ୍କୁ ବୀମାରାଶି ବାବଦ ନଗଦ ୧୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

## ବିଜେଡିର ନିର୍ବାଚନୀ ବୈଠକ



**ବାଲିକୁଦା,୩।୫ (ସମିସ) :**ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ବାଲିକୁଦା ବ୍ଲକ ବଡଙ୍ଗା ପଞ୍ଚାୟତ ନୂଆଗାଁ ସ୍ଥିତ କରକେଇ ପୀଠରେ ବିଜେଡିର ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ବାଲିକୁଦା ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ବାଲିକୁଦା ଏରସମା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟକ ପ୍ରାର୍ଥୀ ସାରଦା ପ୍ରସନ୍ନ ଜେନା, ସାଂସଦ ପ୍ରାର୍ଥି ଡ଼ ରାଜଶ୍ରୀ ମଲ୍ଲିକ, ଜିଲ୍ଲା ପ୍ରର୍ଯ୍ୟବେକ୍ଷକ ଗିରିଶ ଦାସ, ନିର୍ବାଚନ ମଣ୍ଡଳୀ ପ୍ରର୍ଯ୍ୟବେକ୍ଷକ ମୀନକେତନ ଅମାତ, ନିର୍ବାଚନ ମଣ୍ଡଳୀ ସଂଯୋଜକ ତନ୍ମୟ ସ୍ୱାଇଁ,କଟକ ସମବାୟ ବ୍ୟାଙ୍କ ପରିଚାଳକ ସରୋଜ କୁମାର ମହାପାତ୍ର,ଜିଲ୍ଲା ବିଜେଡି ଯୁବ ସଭାପତି ସୌମ୍ୟାଜିତ ମହାପାତ୍ର,ବିଜେଡି ଜିଲ୍ଲା ଉପଦେଷ୍ଟା ଇଂ ଜ୍ୟୋତିରଞ୍ଜନ ପରିଡା,ଜିଲ୍ଲାପରିଷଦ ସଭ୍ୟ ଜଟାଧାରୀ ଦାସ, ତଟିନା ସ୍ୱାଇଁ, ଡଲି ପଣ୍ଡା, ରୁନିଲତା ବେହେରା,ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ବ୍ଲକ ସଭା ନେତ୍ରୀ ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ବ୍ଲକ ଯୁବ ସଭାପତି ଶୁଭେନ୍ଦ୍ର କୁମାର ଦାସ,କମଳାକାନ୍ତ ମହାପାତ୍ର,ପ୍ରମୁଖ ଯୋଗ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ଶପଥ ନେଇଥିଲେ।ଏହି କାର୍ଯ୍ୟକ୍ରମରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ୨୦୦୦ରୁ ଅଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମକୁ ବଡଙ୍ଗା ସରପଞ୍ଚ ଟୁନିଲତା ବେହେରା, ସମିତି ସଭ୍ୟା ରତ୍ନ ପ୍ରିୟା ଶାସମଲ,ପଞ୍ଚାୟତ ସଭାପତି କାହ୍ନୁ ବିଶ୍ୱାଳ, କେଦାର ନାୟକ, ସଞ୍ଜୟ ବାରିକ, ଦିଲୀପ ଲେଙ୍କା, ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ତିର୍ତ୍ତୋଲ, ୩।୫(ସମିସ)** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମୁନି ସାରଳାଦାସ ସରକାରୀ ବିଦ୍ୟାଳୟର ଅବସର ନେଇଥିବା ପ୍ରଧାନଶିକ୍ଷକ ହିମାଂଶୁ ମୋହନ ସ୍ୱାଇଁ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶିଶିର କୁମାର ଦାଶଙ୍କୁ ବିଦ୍ୟାଳୟ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ନୂତନ ପ୍ରଧାନଶିକ୍ଷକ ପିୟସବିନ୍ଦୁ ଦାଶଙ୍କ ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଶିକ୍ଷକ ଦେବରାଜ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶିକ୍ଷାବିତ ଦିଗମ୍ବର ରାଉତ, ମୁଖ୍ୟବକ୍ତା ଆଲୁମଜିକମିଟର ସମ୍ପାଦକ ଯଦୁମଣି ସ୍ୱାଇଁ, ସମ୍ମାନିତ ଅତିଥି ପ୍ରଦୀପ୍ତ କୁମାର ମିଶ୍ର, ବିଦ୍ୟାଳୟର ସମ୍ପାଦକ ଅର୍ନିମେଶ ଦାସ, ପ୍ରାକ୍ତନ ଶିକ୍ଷକ ଶରତ ଚନ୍ଦ୍ର ସାହୁ, ଚମ୍ପେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ତାପସ କୁମାର ମହାନ୍ତି, ବାବାଜୀ ଚରଣ ନାୟକ, ସୁବାଷ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷକଙ୍କ ଛାତ୍ରବତ୍ସଳତା, ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟ ନିଷ୍ଠାର ଉଚ୍ଚ ପ୍ରଶଂସା କରିବା ସହ ତାଙ୍କର ଅବସରକାଳୀନ ଜୀବନ ନିରୋଗ ଓ ସୁଖପ୍ରଦ କାମନା କରିଥିଲେ। ଶେଷରେ ବିଦାୟୀ ପ୍ରଧାନଶିକ୍ଷକ ଓ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ଦେବାଶିଷ ନାୟକ, ରାଜୀବ ସେଠୀ, ଜୀବନ ଶବର, ରଶ୍ମିରଞ୍ଜନ ଶତପଥିଙ୍କ ସମେତ ଛାତ୍ରଛାତ୍ରୀ ଅଭିଭାବକ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ନବଜ୍ୟୋତି ନାଟକ ମହୋତ୍ସବ ଉଦ୍‌ଘାଟିତ

**ପାରାଦୀପ, ୩।୫ (ସମିସ) :** ଜିଲ୍ଲାର ଜଣାଶୁଣା ସାଂସ୍କୃତିକ ଅନୁଷ୍ଠାନ ନବଜ୍ୟୋତି ୟୁଥ୍ କ୍ଲବ୍ ବିଶ୍ୱାଳୀ ଆନୁକୂଲ୍ୟରେ ଗୁରୁବାରଠାରୁ ୨୭ ତମ ନବଜ୍ୟୋତି ନାଟକ ମହୋତ୍ସବ ତଥା ସପ୍ତମ ପ୍ରଫୁଲ୍ଲ ସ୍ମାରକୀ ମୁକ୍ତମଞ୍ଚ ନାଟକ ପ୍ରତିଯୋଗୀତା ଆରମ୍ଭ ହୋଇଛି।ପାରାଦୀପ ଉପକଣ୍ଠ ବିଶ୍ୱାଳୀ ପଞ୍ଚାୟତର ଡ୍ରାମା ପଡ଼ିଆରେ ଏହି ନାଟକ ମହୋତ୍ସବ ଛଅରାତି ଧରି ଅନୁଷ୍ଠିତ ହେବ।ଉଦଘାଟନୀ ରାତିରେ ତୁଷାରକାନ୍ତ ପଟ୍ଟନାୟକଙ୍କ ନିର୍ଦ୍ଦେଶନା ରେ 'ସମୟ ବଡ ବଳବାନ' ନାଟକ ନବଜ୍ୟୋତି ୟୁଥ୍ କ୍ଲବ୍ ବିଶ୍ୱାଳି ପକ୍ଷରୁ ମଞ୍ଚସ୍ଥ ହୋଇଥିଲା। କ୍ଲବ୍ ର ସଦସ୍ୟ ମାନଙ୍କ ଅଦମ୍ୟ ଇଚ୍ଛାଶକ୍ତି ଓ ସାଙ୍ଗଠନିକ କାର୍ଯ୍ୟ ଦକ୍ଷତା ଆଜି ନବଜ୍ୟୋତି ୟୁଥ କ୍ଲବ୍ କୁ ଦେଇଛି ଏକ ଭିନ୍ନ ପରିଚୟ। ପ୍ରତ୍ୟେକ ବର୍ଷ ଚୈତ୍ର ପୂର୍ଣ୍ଣିମା ପରେ ନବଜ୍ୟୋତି ୟୁଥ କ୍ଲବ୍ ତରଫରୁ ଆୟୋଜିତ ହୋଇଥିବା ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ରେ ଓଡିଶା ର କୋଣ ଅନୁକୋଣ ରୁ ବିଭିନ୍ନ ନାଟ୍ୟସଂସ୍ଥା ମାନେ ଏହି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ରେ ଭାଗ ନେଇଥାନ୍ତି ।ଏଠି ନ ଥାଏ ଜଜ ମାନଙ୍କର ମନମୁଖୀ କାର୍ଯ୍ୟଶୈଳୀ କିମ୍ବା ଏକଚାଟିଆ ରାୟ। ଏଠି ଦର୍ଶକ ମାନଙ୍କର ରାୟ କୁ ଦିଆଯାଇଥାଏ ପ୍ରାଧାନ୍ୟ।ଯାହାକୁ ନେଇ ନିରପେକ୍ଷ ରାୟ ଏବଂ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ଦର୍ଶକଙ୍କ କରତାଳିକୁ ଦୃଷ୍ଟିରେ ରଖି ଏହି ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଆଜି ଓଡିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ମଧ୍ୟରେ ନବଜ୍ୟୋତି ୟୁଥ କ୍ଲବ୍‌ର ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନ୍ୟତମ ବୋଲି ପ୍ରତିଯୋଗୀମାନେ ପ୍ରକାଶ କରିଛନ୍ତି ।ଚଳିତ ବର୍ଷର ନାଟକ ପ୍ରତିଯୋଗିତା ରେ ପ୍ରଥମ ରଜନୀ ରେ ନବଜ୍ୟୋତି ୟୁଥ କ୍ଲବ୍ ତରଫରୁ ସମୟ ବଡ଼ ବଳବାନ ନାଟକ ପରିବେଷଣ କରାଯାଇଥିଲା ।ଯାହା ଦର୍ଶକଙ୍କ ମନ ଜିଣିଥିଲା ଚଳିତ ବର୍ଷର ନାଟକ ପ୍ରତିଯୋଗିତା ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ।କିଭଳି ଯୁବକ ମାନଙ୍କ ନିଷ୍ଠା ପାଖରେ ସବୁକିଛି ହାର ମାନିଥାଏ ଯାହାର ପ୍ରମୁଖ ଉଦାହରଣ ନବାଜ୍ୟୋତି ୟୁଥ କ୍ଲବ୍ ର ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ବୋଲି କହିଥିଲେ ବିଧାୟକ ଶ୍ରୀ ରାଉତରାୟ।ମୁଖ୍ୟ ବକ୍ତା ଭାବରେ ବିଜୁ ଜନତା ଦଳ କୁଜଙ୍ଗ ବ୍ଲକର ସଭାପତି ସୁବଳ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଉପସଭାପତି ବାଳକୃଷ୍ଣ ଜେନା, ଆର ଏଲ୍ ସିକୁରୋଟୀର ପ୍ରୋପାଇଟର ରାଜେନ୍ଦ୍ର କୁମାର ଦାସ, ବିଶ୍ୱାଳି ସରପଞ୍ଚ ମନୋରମା ମଲ୍ଲ, ସମିତି ସଭ୍ୟା ସତ୍ୟଭାମା ସାମଲ ଓ କୁଜଙ୍ଗ ବ୍ଲକ ଯୁବ ବିଜେଡି ସଭାପତି ଅରୂପ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।କ୍ଲବ୍ ର ସଭାପତି ହିମାଂଶୁ ଶେଖର ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ପୂର୍ବତନ ସରପଞ୍ଚ ନୃସିଂହ ସାମଲ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

● ଉଦୟ ବିହାର ଅଞ୍ଚଳରେ ମୋବାଇଲ ଚୋରି ବୃଦ୍ଧି

## ଘରେ ପଶି ନେଇଯାଉଛନ୍ତି ଦାମୀ ମୋବାଇଲ

**ପାରାଦୀପ, ୩।୫ (ସମିସ) :** ପାରାଦୀପ ଉଦୟ ବିହାର ଅଞ୍ଚଳରେ ଏବେ ମୋବାଇଲ ଚୋରଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢିଚାଲିଛି।ଦିନ କିମ୍ବା ରାତି ହେଉ ଘର କବାଟ ଖୋଲା ଥିଲେ କୌଶଳ କ୍ରମେ ଘରୁ ଝାମ୍ପି ନେଉଛନ୍ତି ଦାମୀ ମୋବାଇଲ ସେଟ।ଏଭଳି ଅଭିଯୋଗ ସାମ୍ନାକୁ ଆସିଛି ଉଦୟ ବିହାର ଫେଜ-୧ ଅଞ୍ଚଳରେ।ଏନେଇ ଲକଥାନାର ମଧ ଏଇ ସପ୍ତାହକ ମଧରେ ୩ଟି ଅଭିଯୋଗ ହୋଇଥିବା ଜଣାପଡିଛି। ଉଦୟ ବିହାର ଫେଜ-୧ ରେ ଭଡା ନେଇ ରହୁଥିବା ଆଇଓସିଏଲ ର କିଛି ଶ୍ରମିକ ଙ୍କ ଗେଷ୍ଟ ହାଉସରୁ ଦିନ ବେଳେ ଗତ ୨୪ ତାରିଖରେ ୩ ଟି ମୋବାଇଲ ଦୁର୍ବୃତ୍ତମାନେ ନେଇ ଯାଇଥିଲେ।ସେହିପରି ଦୁଇ ଦିନ ପରେ ସେହି ପାଖ ଆଖ ଅଞ୍ଚଳରୁ ମଧ ୨ଟି ମୋବାଇଲ ଓ ଗତ ବୁଧବାର ରାତିରେ ଘରେ ପଶି ଗୋଟିଏ ଆଇ ଫୋନ ସହ ଦୁଇଟି ଦାମୀ ମୋବାଇଲ ଚୋରି ହୋଇଥିବା ନେଇ କମ୍ପାନୀ କର୍ମଚାରୀ ରମେଶ ବେରା ଓ ଅନ୍ୟମାନେ ଥାନାରେ ଅଭିଯୋଗ କରିଥିଲେ।ଅଭିଯୋଗ ଅନୁଯାୟୀ ଥାନା ଅଧିକାରୀ କୃଳମଣି ସେଠୀ ପହଞ୍ଚି ନିକଟରେ ଥିବା ସିସିଟିଭିକୁ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛନ୍ତି।ତେବେ ସୂଚନା ଥାଉକି ଉକ୍ତ ଉଦୟ ବିହାର-୧ ଓ ତାରିଣୀ ଗଡା ଅଞ୍ଚଳରେ ଏଭଳି ମୋବାଇଲ ଚୋରିର ଆତଙ୍କ ସୃଷ୍ଟି ହୋଇଛି ଯେ ଲୋକେ ଘର କବାଟ ଖୋଲିବାକୁ ଉଚିତ ମଣୁନାହାନ୍ତି।ଏଥି ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବୀ ଜଣାଇଛନ୍ତି।ଚୋରୀ ମୋବାଇଲକୁ ଉଦ୍ଧାର କରିବା ପାଇଁ ଅଭିଯୋଗକାରୀ ଥାନା ଅଧିକାରୀଙ୍କୁ ନିବେଦନ କରିଛନ୍ତି।ତେବେ ଟ୍ରାକିଂ କରି ମୋବାଇଲ ଚୋରଙ୍କୁ ଧରିବା ପାଇଁ ଥାନା ପକ୍ଷରୁ ତଦନ୍ତ ଜାରି ରହିଛି।

● ରକ୍ଷଣାବେକ୍ଷଣ ଅଭାବ

## ରାସ୍ତା ଫାଟି ଆଁ, ଘଟୁଛି ଦୁର୍ଘଟଣା



**ଏରସମା, ୩।୫(ସମିସ):** ୨୦୧୪ରୁ ଏରସମା ରାସ୍ତାର ପ୍ରଶସ୍ତୀକରଣ ପାଇଁ ଫଳକ ବସିଥିଲା । ୯ ବର୍ଷ ବିତି ଯାଇଥିଲେ ମଧ୍ୟ ତାହା ହୋଇ ପାରିଲା ନାହିଁ ।। ପୂର୍ତ୍ତ ବିଭାଗ ତରଫରୁ ମଣିଜଙ୍ଗା-ଏରସମା ବିଭାଗ ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏମିତି କି ଦିନକୁ ଦିନ ରାସ୍ତା ଉପରକୁ ଘାସ ମାଡ଼ିଗଲାଣି । ଯାହାକୁ ନେଇ ରାସ୍ତା ଜଣାନପଡିବାରୁ ଦୁର୍ଘଟଣା ବଢୁଛି ବୋଲି ଜଣାପଡ଼ିଛି । ସେପଟେ ଏରସମାର ମୁଖ୍ୟ ରାସ୍ତା ଫାଟି ଆଁ କଲାଣି ଦେଖାଦେଇଛି । ତେବେ ଏରସମା ସଦରମହକୁମାସ୍ଥିତ ବଜାର ଉପରେ ଉଠା ଦେକାନୀଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି । ଏରସମାରେ ମେଡ଼ିକାଲଠାରୁ ଆରମ୍ଭ କରି ବ୍ଲକ୍, ତହସିଲ ଓ ଅନ୍ୟ ସରକାରୀ କାର୍ଯ୍ୟାଳୟ ରହିଛି । ଏହାକୁ ଆଖି ଆଗରେ ରଖି ଉଠା ଦେକାନୀମାନଙ୍କୁ ସ୍ଥାୟୀ ଥଇଥାନର ଆବଶ୍ୟକତା ଅଛି । ଦେକାନୀମାନଙ୍କ ତରଫରୁ ବାରମ୍ବାର ସରକାରଙ୍କ ଦୃଷ୍ଟି ଆର୍କଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ସ୍ଥାୟୀ ଗ୍ରହଣ କରାଯାଇ ନାହିଁ। ଆହୁରି ପାର୍କିଂର କୌଣସି ବ୍ୟବସ୍ଥା ନଥିବାରୁ ପରିସ୍ଥିତି ଜଟିଳ ହୋଇପଡୁଛି ।। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି ।

## ଅଂଶୁଘାତରେ ମୃତ୍ୟୁ ; ଅଭିଯୋଗ କଲେ ଗ୍ରାମବାସୀ

ପଟ୍ଟାମୁଣ୍ଡାଇ, ୩।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ପଡା ପଞ୍ଚାୟତ ସାହୁପଡା ଗ୍ରାମର ଜନୈକ ବୃଦ୍ଧଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ ଗତକାଲି ଦିନ ୧୨ଟା ବେଳେ ବଡପଡା ପଞ୍ଚାୟତ ସାହୁପଡ଼ା ଗ୍ରାମର କୁଞ୍ଜ ବିହାରୀ ଜେନା (୭୦) ଘର ପାଖ ବିଲରୁ ଗାଇ ଆଣିବାକୁ ଯାଉଥିବା ସମୟରେ ହଠାତ ମୁଣ୍ଡ ବୁଲାଇବାରୁ ତଳେ ଚେତାଶୂନ୍ୟ ହୋଇ ପଡିଯାଇଥିଲେ । ତତ୍କାଳ ଚିକିତ୍ସା ପାଇଁ ପରିବାର ଲୋକମାନେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପଟ୍ଟାମୁଣ୍ଡାଇ ମେଡିକାଲକୁ ନେଇ ଯାଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅଂଶୁଘାତର ପରୀକ୍ଷା ନିରୀକ୍ଷାର ଆବଶ୍ୟକତାକୁ ଲକ୍ଷ୍ୟ କରି ଗ୍ରାମବାସୀ ଓ ପରିବାର ପକ୍ଷରୁ କୁଞ୍ଜ ବିହାରୀଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ କରାଯାଇଛି । ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ବିଧିବଦ୍ଧ ତଦନ୍ତ କରି ମୃତ ପରିବାରକୁ ସହାୟତା କରିବା ପାଇଁ ସାଧାରଣରେ ଦାବୀ ହୋଇଛି ।

## ଖବରକାଗଜ ବିତରକ ସଂଘର ବାର୍ଷିକ ଉତ୍ସବ



**ପାରାଦୀପ, ୩।୫ (ସମିସ):** ପାରାଦୀପ ନୂଆବଜାରସ୍ଥିତ ପୋର୍ଟ କ୍ଲବ ପରିସରରେ ଶ୍ରମିକ ଦିବସ ଦିନ ପାରାଦୀପ ଖବରକାଗଜ ବିତରକ ସଂଘର ୧୦ମ ବାର୍ଷିକ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବନ୍ଦର ଚିକିତ୍ସାଳୟର ଉପ-ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଦୁର୍ଗାପ୍ରସାଦ ସେଠୀ ଓ ଅଠରବାଙ୍କୀ ମେଡ଼ିକାଲର ବରିଷ୍ଠ ଡାକ୍ତର ପ୍ରସନ୍ନ କୁମାର ସାମଲ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ନୃସିଂହ ଚରଣ ଦାସ ଯୋଗ ଦେଇ ଖବରକାଗଜ ଶିଳ୍ପରେ ବିତରକ ଭାଇ ମାନଙ୍କ ଭୂମିକା ଓ ଗୁରୁତ୍ୱ ସମେତ ସେମାନଙ୍କ ପାଇଁ ରହିଥିବା ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ ।ପାରାଦୀପ ଶିଳ୍ପାଞ୍ଚଳ ରେ ବିତରକ ଭାଇମାନଙ୍କ ନିମନ୍ତେ ଗୋଟିଏ ଗୋଟିଏ ଜାଗା କିମ୍ବା ଘର ଯୋଗାଇ ଦେବାକୁ ବରିଷ୍ଠ ସାମ୍ବାଦିକ ଶ୍ରୀ ଦାସ ପୌରାଧ୍ୟକ୍ଷଙ୍କୁ ନିବେଦନ କରିଥିଲେ ।ବନ୍ଦରାଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଗୋଟିଏ ଛାତ ତଳେ ରହିବାକୁ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ ।ବିଶିଷ୍ଟ ପରିବେଶବିତ ଇଂ. ଅମରେଶ ନରେଶ ସାମନ୍ତ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ରେ ସଂଘର ସଭାପତି ପ୍ରଦୀପ କୁମାର ଜେନା ଙ୍କ ସମେତ ସମ୍ପାଦକ ବାଳକୃଷ୍ଣ ସୁତାର, କୋଷାଧ୍ୟକ୍ଷ ଆନିମେଶ ମଣ୍ଡଳ, ନିମାଇଁ ଚରଣ ମହାପାତ୍ର, ନବ ପ୍ରସାଦ ଦାସ, ସୁଶାନ୍ତ କୁମାର ନାଥ, ସୁଶାନ୍ତ କୁମାର ସାମଲ, ସୁରେଶ ପ୍ରଧାନ, ଦୀପକ କୁମାର ସାହୁ, ବାବୁଲି ନାଉରି, ବଳରାମ ବେହେରା, ଅର୍ଜୁନ ବାରିକ, ଅଜୟ ସାହୁ ଓ ଶୁଭ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।ସମ୍ପାଦକ ବାଳକୃଷ୍ଣ ସୁତାର ସଭା ପରିଚାଳନା କରିଥିବାବେଳେ କବି ନୃସିଂହ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରାଦୀପଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ଶ୍ରମିକ ଦିବସ




**ପାରାଦୀପ, ୩।୫ (ସମିସ):** ଅନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ତାଲୁକ୍ ଆଇନ୍ ସେବା ପ୍ରାଧିକରଣ ତରଫରୁ ପାରାଦୀପ ଗଡ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତୀୟ "ଶ୍ରମିକ ଦିବସ" ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ବୈଠକରେ କୁଜଙ୍ଗ ତାଲୁକ୍ ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ପାର୍ଥ ସାରଥୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଓ ଦେଶରେ ଶ୍ରମିକ ମାନଙ୍କ ପାଇଁ ଥିବା ଆଇନ୍ ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ କୁଜଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ବିଶ୍ୱଭୂଷଣ ନାୟକ, ବରିଷ୍ଠ ଆଇନଜୀବୀ ଅମୃତ ଦାସ, ଅନ୍ତର୍ଯ୍ୟାମୀ ନାରାୟଣ ଯାଦବ ଯୋଗ ଦେଇ ଦେଶ ଓ ବିଦେଶରେ ଶ୍ରମିକ ମାନଙ୍କ ପାଇଁ ଥିବା ଆଇନ୍ ଓ ସେମାନଙ୍କର ସୁରକ୍ଷା ପାଇଁ ସମ୍ବିଧାନରେ ଥିବା ପ୍ରାବଧାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।ଏଥିରେ ୧୦୦ରୁ ଅଧିକ ମହିଳା ଓ ପୁରୁଷ ଶ୍ରମିକ ଯୋଗଦେଇଥିଲେ ।ଏହି କାର୍ଯ୍ୟକ୍ରମକୁ ରମେଶ ଚନ୍ଦ୍ର ବେହେରା, ସତ୍ୟନାରାୟଣ ମହାପାତ୍ର, ଆଇନଜୀବୀ ରୋଜାଲିନ ନାୟକ, ରାକେଶ ଦଳାଇ, ଅଲେଖ ମହରଥା, ତନ୍ମୟ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ ।

# ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ସମୀକ୍ଷା ବୈଠକ






**କେନ୍ଦ୍ରାପଡ଼ା,୩।୫(ସମିସ)**

ସାଧାରଣ ନିର୍ବାଚନ ପାଇଁ ଜିଲ୍ଲାରେ ଆରମ୍ଭ ହୋଇଯାଇଛି କାଉଣ୍ଟ ଡାଉନ୍ । ମୁକ୍ତ, ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଓ ପ୍ରଲୋଭନମୁକ୍ତ ନିର୍ବାଚନ ପରିଚାଳନା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଆଜି ଏକ ମିଳିତ ସମୀକ୍ଷା ବୈଠକ କରିଛନ୍ତି । ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ଏଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ ଓ କ୍ଷମାସାଗର ପଣ୍ଡା, ଡିଆଇବି ଡିଏସ୍‌ପି ଲକ୍ଷ୍ମୀ ନାରାୟଣ ତିୱାରୀ, ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ, ସମସ୍ତ ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର, ସମସ୍ତ ବିଡିଓ, ତହସିଲଦାର, ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ସମସ୍ତ ଥାନାର ଆଇଆଇସି, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ନିର୍ବାଚନ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରୁଟିଶୂନ୍ୟ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱାରୋପ କରି ସମସ୍ତଙ୍କ ସହଯୋଗ ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ ଆହ୍ୱାନ ଜଣାଇଥିଲେ। ମେ ୭ ତାରିଖରୁ ନାମାଙ୍କନ ଦାଖଲ ଆରମ୍ଭ ହେଉଥିବା ବେଳେ ଫାଷ୍ଟ କମ୍ ଫାଷ୍ଟ ସର୍ଭିସ୍ ନ୍ୟାୟରେ ପ୍ରଥମେ ରାଲି ପାଇଁ ଆବେଦନ କରିଥିବା ବ୍ୟକ୍ତିଙ୍କୁ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଛନ୍ତି । ନାମାଙ୍କନ ଦାଖଲ ସମୟରେ ଭିଡ଼କୁ ଏଡ଼ାଇବା ପାଇଁ ଟ୍ରାଫିକ୍ ମ୍ୟାନେଜମେଣ୍ଟକୁ ଗୁରୁତ୍ୱାରୋପ କରାଯାଇଛି । ରିଟର୍ଣ୍ଣିଂ ଅଫିସରଙ୍କ କକ୍ଷକୁ ପ୍ରାର୍ଥୀଙ୍କୁ ମିଶାଇ ମୋଟ୍ ୫ଜଣ ଯାଇପାରିବେ । ୧୦୦ ମିଟର ପରିସର ମଧ୍ୟକୁ ୩ଟି ଗାଡ଼ି ଆସିପାରିବ । ନିର୍ବାଚନ ସମୟରେ ଦ୍ରବ୍ୟ, ଟଙ୍କା ଓ ମଦ ବଣ୍ଟନକୁ ରୋକିବା ପାଇଁ ନିୟମିତ ଯାଞ୍ଚ ସହ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍ପର୍ଶକାତର ବୁଥମାନଙ୍କୁ ବାରମ୍ବାର ପରିଦର୍ଶନ କରି ସମସ୍ୟା ସମାଧାନ ଓ ଲୋକଙ୍କ ବିଶ୍ୱାସ ଜିତିବାକୁ କୁହାଯାଇଛି । ତା ସହ ସମସ୍ତ ସ୍ପର୍ଶକାତର ବୁଥରେ କଡ଼ା ସୁରକ୍ଷା ସହ ୱେବ୍‌କାଷ୍ଟିଂ କରାଯିବ। ଗଣମାଧ୍ୟମରେ ଫେକ୍ ନ୍ୟୁଜ୍ ଅଥବା ସୋସିଆଲ ମିଡିଆରେ ମିଛ ଗୁଜବକୁ ରୋକିବା ପାଇଁ ୨୪ଘଣ୍ଟା ସତର୍କ ରହିବାକୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ଦିନ ସ୍ଥାନୀୟ ଆଇଆଇସି, ବିଡିଓ, ତହସିଲଦାର, ଫ୍ଲାଇଙ୍ଗ୍ ସ୍କ୍ୱାଡର୍, ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍, ଭିଡିଓ ସର୍ଭେଲାନ୍ସ ଟିମ୍ ଆଦି ଏକତ୍ରିତ ହୋଇ ଯୋଜନା ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଛି । ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ମହିଳା ଅଥବା ପୁରୁଷ କର୍ମଚାରୀଙ୍କ ପୂର୍ଣ୍ଣ ସୁରକ୍ଷା ପାଇଁ ବ୍ୟାପକ ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶା ଇଭିଏମ୍ ଟ୍ରାକିଂ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ ଦ୍ୱାରା ସମସ୍ତ ଇଭିଏମ୍‌କୁ ଟ୍ରାକ୍ କରାଯିବ। ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ବେଳେ ଜୁନ୍ ୧ ତାରିଖରେ ଶତପ୍ରତିଶତ ଭୋଟ୍‌ଦାନ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ନିବେଦନ କରିଛନ୍ତି ।

# ବିଜେଡିର ବିଜୟ ସଂକଳ୍ପ ସମାବେଶ



**ପଟ୍ଟାମୁଣ୍ଡାଇ,୩।୫(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର ପଞ୍ଚାୟତର ସ୍ୱତନ୍ତ୍ର ରାଜନୈତିକ ଗୁରୁତ୍ୱ ରହିଛି ଓ ଦୀର୍ଘ ବର୍ଷ ଧରି ଅଣକଂଗ୍ରେସ ରାଜନୀତିର ଗଡ଼ ଭାବେ ଖ୍ୟାତି ଲାଭ କରିଥିବା ଏହି ପଞ୍ଚାୟତ ବହୁ ପ୍ରଭାବଶାଳୀ ନେତୃତ୍ୱ ସୃଷ୍ଟି କରି ପାରିଛି । ଶ୍ରୀରାମପୁର ପଞ୍ଚାୟତରେ ଆଗାମୀ ସାଧାରଣ ନିର୍ବାଚନରେ ରେକର୍ଡ ବିଜୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି ବିଜେଡି ।ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ବୃହତ ବିଜୟ ବ୍ୟବଧାନ ପାଇଁ ଦଳ ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି ।ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ମିଶ୍ରଣ ସମାବେଶରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସବୁବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନା ଓ କୋଟି କୋଟି ଟଙ୍କା ବ୍ୟୟରେ ପଟ୍ଟାମୁଣ୍ଡାଇ -ରାଜନଗର ବିକାଶ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇ ଆଗାମୀ ଦିନରେ ବିକାଶଧାରାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଉଭୟ ଲୋକସଭା ଓ ବିଧାନସଭା ବିଜେଡି ପ୍ରାର୍ଥୀଙ୍କୁ ଯୋଡି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଅଣକଂଗ୍ରେସ ରାଜନୀତିର ଗଡ଼ ଶ୍ରୀରାମପୁର ଅତୀତରେ ଜନତାଦଳ ଓ ବିଜୁ ଜନତାଦଳ ବିଧାନସଭା ଓ ଲୋକସଭା ପ୍ରାର୍ଥୀଙ୍କୁ ସର୍ବାଧିକ ଭୋଟ ଦେଇ ବିଜୟର ଶ୍ରେୟ ନେଇଆସିଛି । ବିଭିନ୍ନ ବର୍ଗର କଲ୍ୟାଣ ଓ ଆଞ୍ଚଳିକ ବିକାଶ ବିଜେଡିର ଏକମାତ୍ର ପରିଚୟ ହୋଇଥିବାରୁ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ଡବଲ ଶଙ୍ଖରେ ଭୋଟ ଦେଇ କେନ୍ଦ୍ରାପଡ଼ା ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ରେକର୍ଡ ବ୍ୟବଧାନରେ ବିଜୟୀ କରି ଇତିହାସ ସୃଷ୍ଟି କରିବାକୁ ନିବେଦନ କରିଥିଲେ । ୧୭ ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ପଞ୍ଚାୟତ ବିଜେଡି ସଭାପତି କ୍ଷୀରୋଦ ସାମନ୍ତରାୟ, ସରପଞ୍ଚ ସସ୍ମିତା ସେଠୀ, ବରିଷ୍ଠ ନେତା ନିମାଇ କର, ଜିଲ୍ଲା ବିଜେଡି ଉପସଭାପତି ସୁବାଷ ଦାସ, ବରିଷ୍ଠ ନେତା ପଞ୍ଚାନନ ଧଳ, ସରପଞ୍ଚ ପ୍ରତିନିଧି ପ୍ରତାପ ସେଠୀ, ଯୁବନେତା ବିରଞ୍ଚି ଦାଶ , ଶିକ୍ଷାବିତ ବିଭୁତିଭୂଷଣ ପଣ୍ଡା, ନାଏବ ସରପଞ୍ଚ ଦିଲ୍ଲୀପ ସାମନ୍ତରାୟ, ବରିଷ୍ଠ ନେତା ଘନଶ୍ୟାମ ବିଶ୍ୱାଳ, ଉତ୍ସବ ମଲିକ ନଟବର ସେଠୀ, ପ୍ରସନ୍ନ ରାଉତ, ପ୍ରେମାନନ୍ଦ ସେଠୀ, ରମେଶ ନାୟକ, ପ୍ରକାଶ କୁଣ୍ଡ, ଅଭିରାମ ଭୂୟାଁ, ସୁବାଷ ରାଉତ, ପର୍ଶୁରାମ ସାହୁ ସୁଧୀର ସେଠୀ, କାଳନ୍ଦୀ ପଣ୍ଡା ସୁଦର୍ଶନ ପରିଡା ଓ ସୁବାଷ ମହାନ୍ତି ପ୍ରମୁଖ ଭାଷଣ ଦେଇ ଉଭୟ ଲୋକସଭା ଓ ବିଧାନସଭା ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାତମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ ।ଶେଷରେ କ୍ଷୀରୋଦ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ ।ଏଥିରେ କଂଗ୍ରେସ ସମେତ ବିଭିନ୍ନ ଦଳର ନେତା ଓ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରାଯାଇ ବିଜେଡିରେ ସାମିଲ କରାଯାଇଥିଲା ।

## ବିଜୟ କେତନ ସ୍ୱାଇଁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ



**ପଟ୍ଟାମୁଣ୍ଡାଇ,୩।୫(ସମିସ):** ରାଜ୍ୟ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦ୍ୟ ବିଜେଡିରେ ଯୋଗ ଦେଇଥିବା ରାଜନଗର ଆସନର ପୂର୍ବତନ ବିଜେପି ପ୍ରାର୍ଥୀ, ପଟ୍ଟାମୁଣ୍ଡାଇ -ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବର୍ଷିଆନ ନେତା ବିଜୟକେତନ ସ୍ୱାଇଁଙ୍କୁ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ଏ ନେଇ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ବିଧାୟକ ପ୍ରଣବ ପ୍ରକାଶ ଦାସ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ୧୯୭୨ମସିହାରେ ଛାତ୍ରନେତା ଭାବେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିବା ବିଜୟ କେତନ ୧୯୭୭ ମସିହାରେ କଟକ ଜିଲ୍ଲା ଜନତା ପାର୍ଟି ସାଧାରଣ ସମ୍ପାଦକ,୧୯୯୩ ମସିହାରେ ତତ୍କାଳୀନ ଜନତା ଦଳ ସଭାପତି ଓ ବିଜେଡି ଗଠନ ଆରମ୍ଭରେ ୧୯୯୮ ମସିହାରେ ଜିଲ୍ଲା ବିଜେଡି ସଭାପତି ଭାବେ କାର୍ଯ୍ୟ କରି ନିଜର ସାଙ୍ଗଠନିକ ଦକ୍ଷତା ଓ ରାଜନୈତିକ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ଶ୍ରୀ ସ୍ୱାଇଁ ଓଡିଶା ଗଣ ପରିଷଦ ଓ ଏନ ସି ପି ରାଜ୍ୟ ଉପସଭାପତି ଭାବେ କାର୍ଯ୍ୟ କରି ରାଜ୍ୟ ରାଜନୀତିରେ ନିଜର ପରିଚୟ ସୃଷ୍ଟି କରିଥିଲେ। ୨୦୦୯ ମସିହା ନିର୍ବାଚନରେ ରାଜନଗର ବିଧାନସଭା ଆସନ ପାଇଁ ସେ ବିଜେପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ।ପରବର୍ତୀ ସମୟରେ ୨୦୧୧ ମସିହାରେ ପଟ୍ଟାମୁଣ୍ଡାଇ -ରାଜନଗର ବିକାଶ ପରିଷଦ ପ୍ରତିଷ୍ଠା କରି ପଟ୍ଟାମୁଣ୍ଡାଇ କୋର୍ଟ, ହସ୍ପିଟାଲ ଓ ସବଡିଭିଜନ ଆଦି ଦାବୀ ନେଇ ଶ୍ରୀ ସ୍ୱାଇଁ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସିଛନ୍ତି ।ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଥିବାରୁ ବରିଷ୍ଠ ରାଜନେତା ଶ୍ରୀ ସ୍ୱାଇଁ ରାଜ୍ୟ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ, ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପୂର୍ବତନମନ୍ତ୍ରୀ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ନୂତନ ନିଯୁକ୍ତି ପାଇଁ ରାଜନଗର ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ତଥା ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ପୌର ଅଧ୍ୟକ୍ଷ ହେମନ୍ତ ସାହୁ ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା, ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରୀ ସ୍ୱାଇଁଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

## ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା,୩।୫(ସମିସ):** ନିଜର ସରକାରୀ କର୍ତ୍ତବ୍ୟକୁ ନିଷ୍ଠାର ସହ ସମ୍ପାଦନ କରିଥିବା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଚାକିରି ଜୀବନରୁ ଗତ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ପୁରୁଣା ଡାକ୍ତରଖାନାସ୍ଥିତ ଡିଡିଆର୍‌ସି ସଭାଗୃହରେ ତାଙ୍କ ପାଇଁ ଏକ ଭବ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲି ପ୍ରିୟଦର୍ଶିନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗ ଦେଇ କହିଥିଲେ ପ୍ରଭାସ ବାବୁଙ୍କ ଉତ୍ସର୍ଗିକୃତ ସେବା ନିଶ୍ଚିତରୂପେ ଉଦାହରଣଯୋଗ୍ୟ ବୋଲି କହିବା ସହିତ ସାମାଜିକ ସୁରକ୍ଷା ଦିଗରେ ତାଙ୍କ ଭଳି ନୀତିନିଷ୍ଠ ସେବା କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ନିମନ୍ତ୍ରିତ ଅତିଥିମାନେ ତାଙ୍କ ହୃଦୟଖୋଲା ହସ, ସହନଶୀଳତା, ମିଷ୍ଟଭାଷୀ, ଉତ୍ତମ ବ୍ୟବହାର, ଉତ୍ସର୍ଗିକୃତ ମାନବସେବା, ସମୟାନୁବର୍ତ୍ତିତା ଆଦି ଗୁଣର ସ୍ମୃତିଚାରଣ କରି ତାଙ୍କ ଅବସରକାଳୀନ ଜୀବନର ସୁଖ ସମୃଦ୍ଧି କାମନା କରିଥିଲେ । ଶ୍ରୀ ଦାସ ତାଙ୍କ ବିଦାୟକାଳୀନ ବକ୍ତବ୍ୟରେ ଜିଲ୍ଲା ପ୍ରଶାସନ ଓ କେନ୍ଦ୍ରାପଡ଼ାବାସୀଙ୍କୁ ସେମାନଙ୍କ ସହଯୋଗ ପାଇଁ ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ । ୩୬ବର୍ଷ କାଳ ନିରନ୍ତର ସରକାରୀ ସେବା ପ୍ରଦାନ କରିଥିବା ଶ୍ରୀ ଦାସଙ୍କୁ ବିଦାୟକାଳୀନ ସଭାରେ ଶ୍ରୀ ବଳଦେବ ଜୀୟୁଙ୍କ ଫଟୋଚିତ୍ର, ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ମାନିତ କରାଯାଇଥିଲା । ପୌରସଂସ୍ଥା ଦୃଷ୍ଟିହୀନ ବିଦ୍ୟାଳୟର ସଙ୍ଗୀତଗୁରୁ କଳାକାର ପଣ୍ଡା ଓ ସସ୍ମିତା ରାଉତ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଡିପିସି (ମମତା) ମନୋରଞ୍ଜନ ଦାସ । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଜିଲ୍ଲା କାର୍ଯ୍ୟାଳୟର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା । ଏହି କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଡାକ୍ତର ଅନୀତା ପଟ୍ଟନାୟକ, ଏଡିଏମ୍‌ଓ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡିଏସ୍‌ଡବ୍ଲୁଓ ସତ୍ୟଭାମା ସେଠୀ, ସିଡିପିଓ ବିଜୟ କେତନ ସାହୁ, ସାହିତ୍ୟିକ ଜଗଦାନନ୍ଦ ଜେନା, ଅବସରପ୍ରାପ୍ତ ଅଧ୍ୟାପକ ଅଜୟ କୁମାର ସାମଲ, ଶିକ୍ଷାବିତ୍ ନାରାୟଣ ପତି, ଶୁଭ୍ରାଂଶୁ କୁମାର ଦାଶ, ଶ୍ରୀଧର ଭୋଳ, ଅଧ୍ୟାପକ ଗିରିଜାକାନ୍ତ ଦାସ, ଅଶୋକ କୁମାର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ ।

# ଏଆଇଟିୟୁସି ପକ୍ଷରୁ ଆଲୋଚନାଚକ୍ର




**କେନ୍ଦ୍ରାପଡ଼ା,୩।୫(ସମିସ):** ମଇ ପହିଲା ହେଉଛି ବିଶ୍ୱ ଶ୍ରମଜୀବୀ ଜନତାର ଅଧିକାର ଓ ମହୋତ୍ସବର ଦିବସ । ଏହି ଦିନଟି ଶ୍ରମିକ ଶ୍ରେଣୀକୁ ନିଜର ଅଧିକାର ଓ ବିଶ୍ୱବ୍ୟାପୀ ଜୟଯାତ୍ରା ପଥରେ ଥିବା ଗୌରବମୟ ଇତିହାସ ସମ୍ପର୍କରେ ସ୍ମରଣ କରାଇ ଦେଇଥାଏ । ବିଶେଷକରି ନୂତନ ଶ୍ରମକୋଡ ପ୍ରଚଳନ ପରେ ଦୀର୍ଘ ଲଢେଇ ଫଳରେ ଭାରତବର୍ଷର ଶ୍ରମିକମାନେ ହାସଲ କରିଥିବା ଯତକିଞ୍ଚି ଅଧିକାରକୁ କେନ୍ଦ୍ର ସରକାର ମାଲିକ ଶ୍ରେଣୀ ହାତରେ ସମର୍ପି ଦେଇଛନ୍ତି ଓ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲକ୍ଷ ଲକ୍ଷ ଶ୍ରମିକଙ୍କ ସାମାଜିକ ସୁରକ୍ଷାକୁ ବିପନ୍ନ କରିଛନ୍ତି ବୋଲି ଆନ୍ତର୍ଜାତିକ ଶ୍ରମିକ ଦିବସ ଉପଲକ୍ଷେ ଅଖିଳ ଭାରତ ଶ୍ରମିକ ସଂଘ ଜିଲ୍ଲା କମିଟି ଆନୁକୂଲ୍ୟରେ ସହର ଉପକଣ୍ଠ ଗୋପସ୍ଥିତ ଶିକ୍ଷା ଓ ସମ୍ଭାବନା ସଭାଗୃହରେ ଆୟୋଜିତ "ନୂତନ ଶ୍ରମକୋଡ ଓ ଶ୍ରମିକ ଅଧିକାର' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଆଲୋଚକମାନେ ମତ ପ୍ରକାଶ କରିବା ସହ ଏହା ବିରୋଧରେ ଶ୍ରମିକ ଶ୍ରେଣୀର ଐକବଦ୍ଧ ସଂଗ୍ରାମ ନିମନ୍ତେ ଆହ୍ୱାନ ଦେଇଛନ୍ତି । ସଂଗଠନର ଜିଲ୍ଲା ସଂପାଦକ ବିକାଶ ଚନ୍ଦ୍ର ବେଉରାଙ୍କ ପରିଚାଳନାରେ ହୋଇଥିବା ଏହି ଆଲୋଚନାଚକ୍ରରେ ବିଶିଷ୍ଟ ପ୍ରଗତିଶୀଳ ସାହିତ୍ୟିକ ନିରାକାର ଦାସ ମୁଖ୍ୟ ଆଲୋଚକ ଓ ଶିକ୍ଷକନେତା ଅଧ୍ୟାପକ ଅଜୟ ସାମଲ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସିପିଆଇ ଜିଲ୍ଲା ସଂପାଦକ ରମଣୀ ରଞ୍ଜନ ରାଉତରାୟ, ସହସମ୍ପାଦକ ଆଦିକନ୍ଦ ରାଉଳ, ଶିକ୍ଷା ଓ ସମ୍ଭାବନା ପରିଚାଳକ ପ୍ରଶାନ୍ତ ସାମନ୍ତରାୟ, ଗାଳ୍ପିକା ଅବନ୍ତୀ ବେହେରା, ଡ. ରମେଶ ଚନ୍ଦ୍ର ନାୟକ, ସମାଜସେବୀ ରଣଧୀର ଜେନା ପ୍ରମୁଖ ସମ୍ମାନିତ ଅତିଥିରୂପେ ଯୋଗ ଦେଇଥିଲେ । ସୀତାକାନ୍ତ ନାୟକ ଉଦଘାଟନୀ ସଙ୍ଗୀତ ଗାନ କରିଥିଲେ ଓ ମାଳତୀ ବେହେରା ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ କରୁଣାକର ଦାସ, ଶରତ କୁମାର ରାଉତ, ଅକ୍ଷୟ ମଲିକ, ନନ୍ଦିନୀ ସ୍ୱାଇଁ, ଭଜହରି ପ୍ରଧାନ, ନିରଞ୍ଜନ ଦାସ, ଜୟନ୍ତୀ ବାରିକ ପ୍ରମୁଖ ଶତାଧିକ ଶ୍ରମିକ କର୍ମଚାରୀ ଏଥିରେ ଯୋଗ ଦେଇଥିଲେ ।

## ଢେଙ୍କାନାଳରେ ବିଜେଡିକୁ ଅପୂର୍ବ ଜନସମର୍ଥନ

# ବିଜେଡି ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

ଢେଙ୍କାନାଳ, ୩।୫ (ସମିସ)



ଚଳିତ ସାଧାରଣ ନିର୍ବାଚନ ପାଇଁ ଶୁକ୍ରବାର ଦିନ ବିଜେଡିର ଅପୂର୍ବ ଜନସମର୍ଥକକୁ ନେଇ ଏଠାରେ ରାଜନୈତିକ ମହଲରେ ବେଶ ଚର୍ଚ୍ଚା ହେଉଛି । ଢେଙ୍କାନାଳ ସହରର ପ୍ରାୟ ୨୫ ହଜାରରୁ ଅଧିକ କର୍ମୀ ଏବଂ ନେତାଙ୍କ ଗହଣରେ ସହର ସମ୍ପୂର୍ଣ୍ଣ ଭାବରେ ଜନସମୁଦ୍ର ପାଲଟିଯାଇଥିଲା । ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଅବିନାଶ ସାମଲ ଏବଂ ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ନାମାଙ୍କନପତ୍ର ଦାଖଲ କରିଛନ୍ତି ।

ବାଜିଚୌକ ସ୍ଥିତ ବ୍ରାହ୍ମଣୀ ଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହିତ ହଜାର ହଜାର ସମର୍ଥକଙ୍କ ଗହଣରେ ସାଂସଦ ଏବଂ ବିଧାୟକ ପ୍ରାର୍ଥୀ ସହର ପରିକ୍ରମା କରି ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ । ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ଢେଙ୍କାନାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ନିକଟରେ ତାଙ୍କର ନାମାଙ୍କନ ପତ୍ର ଦାଖଲକରିଛନ୍ତି । ତାଙ୍କ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଏବଂ ବିଧାୟକଙ୍କର ଲୋକପ୍ରିୟତା ଆଜିର ଜନସମାବେଶକୁ ବୁଝାଉଛି । ଢେଙ୍କାନାଳବାସୀ ଏକ ହେବାକୁ କହିବା ସହିତ ସେ ଜଣେ ଯୁବକ ବୋଲି କହିବା ସହିତ ଯୁବକ ଯୁବତୀମାନଙ୍କ ପାଇଁ ଆଗାମୀ ଦିନରେ କିଛି କରିବା ପାଇଁ ବିଶ୍ୱାସ ରଖିବା ଉଚିତ । ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ଖେଳ, ଆଇଟି ହବ, ନିଯୁକ୍ତି ସହିତ ଜିଲ୍ଲାର ବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ କହିଥିଲେ । ସମସ୍ତେ ବିଶ୍ୱାସର ସହିତ କାନ୍ଧରେ କାନ୍ଧ ମିଶାଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହିତ ହାତରେ ହାତ ମିଶାଇ ଚାଲିବାକୁ କହିଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କର କାର୍ଯ୍ୟକୁ ଟାର୍ଗେଟ ଭିତ୍ତିରେ କରିବା ସହିତ ୧୦ ବର୍ଷର କାମକୁ ଆମେ ୫ବର୍ଷରେ କରିବାକୁ କହିଥିବା ବେଳେ ଢେଙ୍କାନାଳବାସୀ ଏକ ହୋଇ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ କହିଥିଲେ । ପ୍ରକାଶଥାଉ କି, ଚଳିତ ନିର୍ବାଚନରେ ସାଂସଦ ପ୍ରାର୍ଥୀ ଭାବରେ ବିଜେଡିର ଅବିନାଶ ସାମଲ, ବିଜେପିର ରୁଦ୍ରନାରାୟଣ ପାଣି ଓ କଂଗ୍ରେସର ସସ୍ମିତା ବେହେରା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେହିପରି ବିଧାୟକ ପ୍ରାର୍ଥୀ ଭାବରେ ସୁଧୀର କୁମାର ସାମଲ ନିଜର ନାମାଙ୍କନ ପତ୍ର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ଯୋଡ଼ି ଶଙ୍ଖରେ ଭୋଟଦେବାକୁ ଆହ୍ୱାନ ଦେଇଛନ୍ତି । ପ୍ରବଳ ଗରମ ଏବଂ ଗୁଳୁଗୁଳି ମଧ୍ୟରେ ଲୋକଙ୍କ ପାଇଁ ପାନୀୟ ଜଳ ସହିତ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରାଯାଇଥିଲା । ଏଭଳି ସମର୍ଥନକୁ ନେଇ ବିଜେଡିର ଲୋକପ୍ରିୟତା ସମସ୍ତଙ୍କଠାରୁ ଅଧିକ ରହିଥିବା ଦେଖିବାକୁ ମିଳିଛି ।

## ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ ସାହୁଙ୍କ ନାମାଙ୍କନ ଦାଖଲ



**ତାଳଚେର ସଦର, ୩।୫(ସମିସ):** ତାଳଚେର ଓକିଲ ସଂଘର ପୂର୍ବତନ ସଭାପତି ସନ୍ତୋଷ ସାହୁ ତାଳଚେର ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ତାଙ୍କର ବହୁ ସମର୍ଥକଙ୍କ ସହିତ ଏକ ବିରାଟ ଶୋଭାଯାତ୍ରାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ମନୋଜ କୁମାର ତ୍ରୀପାଠୀଙ୍କ ଠାରେ ନାମାଙ୍କନପତ୍ର ଦାଖଲ କରିଥିଲେ । ଏହି ଅବସରରେ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ଶ୍ରୀ ସାହୁ କହିଲେ ଯେ, ତାଳଚେର ଏକ କୋଇଲା ନଗରୀ ଓ ଶିଳ୍ପ ସମୃଦ୍ଧ ଅଞ୍ଚଳ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଳଚେରବାସୀ ବିଭିନ୍ନ ସମସ୍ୟା ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଗମନାଗମନ, ନିଯୁକ୍ତି, ବିସ୍ଥାପନ ଓ ପରିବେଶ ସମସ୍ୟା ଅବହେଳିତ ହୋଇଛି । ତାଙ୍କର ଇଚ୍ଛା ଓ ବିଶ୍ୱାସ ଯେ ତାଳଚେରବାସୀ ତାଙ୍କୁ ଗ୍ରହଣ କରି ବିପୁଳ ମାତ୍ରାରେ ଭୋଟ ଦେଇ ବିଧାୟକ ଭାବରେ ନିର୍ବାଚିତ କରିବେ ବୋଲି ଆଶା ରଖିଛନ୍ତି ଏବଂ ସେ ତାଳଚେରବାସୀଙ୍କ ସେବା କରି ଉପରୋକ୍ତ ସମସ୍ୟାକୁ ସମାଧାନ କରିବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି ।

## କର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଢେଙ୍କାନାଳ, ୩।୫ (ସମିସ) :** ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ କାର୍ଯ୍ୟରତ ବୈଷୟିକ ଉଚ୍ଚ ବିଦ୍ୟାପୀଠ ମୋଟଙ୍ଗାର ଚତୁର୍ଥ ଶ୍ରେଣୀ କର୍ମଚାରୀ ମୋହନ ଚରଣ ଧୀର ଏବଂ ନିହଲପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ମହେଶ୍ୱର ନାୟକଙ୍କୁ ଅବସରୀକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲା ଶିକ୍ଷାଧିକାରୀ ବିନୀତା ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଯୋଗଦେଇ ତାଙ୍କର ନିରାମୟ ଜୀବନ କାମନାକରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସସ୍ମିତା ସାହୁ, ସେକସନ ଅଫିସର ସୁଶୀଳା ମଲ୍ଲିକ, ସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟଦର୍ଶୀ ମିଶ୍ର, ପ୍ରତାପ କୁମାରମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ସଭାରେ କଂଟ୍ରୋଲର ଅଫ ଆକାଉଟାଣ୍ଟସ୍ ଭୁବନେଶ୍ୱର କାର୍ଯ୍ୟାଳୟର କଣ୍ଟ୍ରୋଲର ଜ୍ୟୋତିରେଖା ଦାଶ, ସେକସନ ଅଫିସର ସୌମ୍ୟରଞ୍ଜନ ମୁଳିଆଙ୍କ ନିଷ୍ପାପର ପ୍ରଚେଷ୍ଟାରେ କର୍ମଚାରୀଙ୍କ ଫାଇନାଲ ପେନସନ ମଞ୍ଜୁର କରାଯାଇଛି ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଗଁଦିଆ, ୩।୫ (ସମିସ) :** ବିଶିଷ୍ଟ ପରିବେଶବିତ୍ ତଥା ବାଲିକୁଦିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମଲ୍ଲଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଶିଷ୍ଟ ଶିକ୍ଷାବିତ୍ ଧ୍ରୁବଚରଣ ରାଉତଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଧର୍ମଶାଳା ବ୍ଲକର ପ୍ରାକ୍ତନ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ମିଶ୍ର, ମୁଖ୍ୟ ବକ୍ତାଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ, ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ମମିତା ମହାନ୍ତି, ରାଜ୍ୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଘୁନାଥ ମିଶ୍ର, ଧର୍ମଶାଳା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଯୁଗଳ କିଶୋର ଦାଶ, ପୂର୍ବତନ ବ୍ଲକ ଶିକ୍ଷକ ସଂଘ ସଭାପତି ଅକ୍ଷୟ କୁମାର ମଲ୍ଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଛମନ ବାରିକ୍, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନିଖିଳ ନାରାୟଣ ଦେ, ପ୍ରକାଶ କୁମାର ନାୟକ, ବିଦ୍ୟାଧର ବେହେରା, ଦେବେନ୍ଦ୍ର କୁମାର ସାମନ୍ତ, ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୌରଭ ସ୍ନିଗ୍ଧ ପଟ୍ଟନାୟକ, ବୀରବର ନାୟକ ଉପସ୍ଥିତ ହୋଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ପ୍ରଶଂସା କରିଥିଲେ । ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି, ସହକାରୀ ଶିକ୍ଷୟିତ୍ରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ହୋଇ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ମଲ୍ଲଙ୍କୁ ମାନପତ୍ର ଉପଢୌକନ ଓ ପୁଷ୍ପଗୁଚ୍ଛ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।




## ବିଶ୍ୱ ଶ୍ରମିକ ଦିବସ ପାଳିତ




**କାମାକ୍ଷାନଗର, ୩।୫ (ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ତାଲୁକ ଆଇନ ସେବା କମିଟି ତରଫରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ କାମାକ୍ଷାନଗର କୋର୍ଟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କାମାକ୍ଷାନଗର ସବଜଜ୍ ଶ୍ରଦ୍ଧାଞ୍ଜଳି ରାୟ, ଏସଡିଜେଏମ ସରୋଜିନୀ ସାହୁ, ଓକିଲ ସଙ୍ଘ ସଭାପତି ଧର୍ମାନନ୍ଦ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ କାମାକ୍ଷାନଗର କୋର୍ଟର କର୍ମଚାରୀଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଯୋଗ ଦେଇଥିଲେ ।

## ପ୍ରତାପ ପ୍ରଧାନ ଓ ଅଗସ୍ତି ବେହେରାଙ୍କ ପ୍ରାର୍ଥିପତ୍ର ଦାଖଲ





**ଅନୁଗୋଳ, ୩।୫(ସମିସ):** ଅନୁଗୋଳ ଉପ-ଜିଲ୍ଲାପାଳ ତଥା ଅନୁଗୋଳ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର, ଅତିରିକ୍ତ ରିଟର୍ଣ୍ଣିଂ ଅଫିସର ଓ ଉପସ୍ଥିତ ବିଭିନ୍ନ ବିଭାଗର କର୍ମଚାରୀ, ଅନୁଗୋଳ କୋର୍ଟର ବରିଷ୍ଠ ଓକିଲ, ଅନୁଗୋଳ ନଗରର ବରିଷ୍ଠ ବ୍ୟୋଜେଷ୍ଠ ବ୍ୟକ୍ତି, ବିଭିନ୍ନ ପଞ୍ଚାୟତବାସୀଙ୍କ ଉପସ୍ଥିତିରେ ଭାରତୀୟ ଜନତା ପାର୍ଟୀର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଓବିସି ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଓ ଅନୁଗୋଳ ନିର୍ବାଚନ ମଣ୍ଡଳୀର ବିଜେପି ନେତା ପ୍ରତାପ ଚନ୍ଦ୍ର ପ୍ରଧାନ ଅନୁଗୋଳ ବିଧାନସଭାରୁ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଶ୍ରୀଯୁକ୍ତ ପ୍ରଧାନ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ସକାଳ ୯ ଘଣ୍ଟିକା ସମୟରେ ପ୍ରଭୁ ଶ୍ରୀ ଜଗନ୍ନାଥ ଓ ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା' ବୁଢୀ ଠାକୁରାଣୀଙ୍କ ଆଶୀର୍ବାଦ ଭିକ୍ଷାକରି ନିଜର ବହୁ ସମର୍ଥକଙ୍କ ସହିତ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବଜାର ଛକ, ଲକ୍ଷ୍ମୀ ବଜାର, ମେଡିକାଲ ଛକ ଓ ରାଜା ଛକ ଦେଇ ଜିଲ୍ଲା କଲେକ୍ଟରଙ୍କ କାର୍ଯ୍ୟାଳୟ ସ୍ଥିତ ଫାଟକରେ ପହଞ୍ଚିଥିଲେ । ଶୋଭାଯାତ୍ରାରେ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନୁଗୋଳର ବରିଷ୍ଠ ନେତା ଭକ୍ତି ପ୍ରସାଦ



ଦାସ, ବିଶିଷ୍ଟ ବ୍ୟବସାୟୀ ଓ ଓକିଲ ସୁନୀଲ ସାହୁ, ନିମିତା ଦଳବେହେରା, ଅନୁଗୋଳ ମ୍ୟୁନିସିପାଲିଟିର ଉପ ନଗରପାଳ ଅନୁପମା ସାହୁ, ଦିଲ୍ଲୀପ ଦାସ, ଦିଲ୍ଲୀପ ପ୍ରଧାନ ଓ ଦୁଖବନ୍ଧୁ ସାହୁଙ୍କ ସମେତ ଅନୁଗୋଳ ନଗର ଓ ବିଭିନ୍ନ ଗ୍ରାମପଞ୍ଚାୟତରୁ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ । ସେହିପରି ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା ମଧ୍ୟ ନିଜ ସମର୍ଥକଙ୍କ ଗହଣରେ ଅନୁଗୋଳ ବିଜେପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସହ ପ୍ରଭୁ ଶ୍ରୀ ଜଗନ୍ନାଥ ଓ ଅନୁଗୋଳର ଅଧିଷ୍ଠାତ୍ରୀ ଦେବୀ ମା' ବୁଢୀ ଠାକୁରାଣୀଙ୍କ ଆଶୀର୍ବାଦ ଭିକ୍ଷାକରି ଏକ ଶୋଭାଯାତ୍ରାରେ ଜିଲ୍ଲା କଲେକ୍ଟରଙ୍କ କାର୍ଯ୍ୟାଳୟ କୁ ଆସି ରିଟର୍ଣ୍ଣିଂ ଅଫିସର ତଥା ନିର୍ବାଚନ ଅଧିକାରୀଙ୍କ ନିକଟରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଥିଲେ ।

## ଶିକ୍ଷାଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ପାଲଲହଡା, ୩।୫(ସମିସ):** ପାଲଲହଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଂଘ, ପାଲଲହଡା ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଶୁକ୍ରବାର ଅୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦାୟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ବେହେରା ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁରଲୀଧର ପ୍ରଧାନ ମୁଖ୍ୟଅତିଥି ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଶୈଳେନ୍ଦ୍ର ସିଂ, ବସନ୍ତ କୁମାର ଶାସନି ଏବଂ ସାରଙ୍ଗଧର ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ସମସ୍ତ ୨୦ ଜଣ ସାଧନ କେନ୍ଦ୍ର ସଂଯୋଜକ ସଭାରେ ଉପସ୍ଥିତ ରହି ଦୁଇ ବିଦାୟୀ ଶିକ୍ଷା ଅଧିକାରୀଙ୍କୁ ପାଲଲହଡାର ଶିକ୍ଷା କ୍ଷେତ୍ରରେ ଅବଦାନ ସମ୍ବନ୍ଧରେ ଧନ୍ୟବାଦ୍ ଦେବା ସହ ଅବସର ଜୀବନ ନିରାମୟ, ସୁଖମୟ ହେବା ପାଇଁ କାମନା କରିଥିଲେ । ସଂଘ ସଭାପତି ଜମ୍ବେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିବା ବେଳେ ବିମଳ ମାଟିଆରୀ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ।



## ୫୫ ନଂ. ଜାତୀୟ ରାଜପଥରେ ଦୁର୍ଘଟଣା



# ଗ୍ୟାସ୍ କଟରରେ କାଟି ଟ୍ରକ୍ ଡ୍ରାଇଭରକୁ ଉଦ୍ଧାର କରାଗଲା

ଢେଙ୍କାନାଳ, ୩।୫(ସମିସ)

ସଦର ଥାନାର ଝାରଗାଡିଆ ଫାଣ୍ଡି ଅନ୍ତର୍ଗତ ୫୫ ନଂ ଜାତୀୟ ରାଜପଥର ଝାରଗାଡିଆ ବାଇପାସରେ ଏକ ପେଟ୍ରୋଲ ଟ୍ୟାଙ୍କର ଏବଂ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ଡ୍ରାଇଭର ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଏକ ଗ୍ୟାସ କଟରରେ କାଟି ଉଦ୍ଧାର କରିଥିଲେ ।

ଝାରଗାଡିଆ ବାଇବାସ ଶ୍ରୀରାମ ଧର୍ମକଣ୍ଟା ସମ୍ମୁଖରେ ୫୫ ନଂ ଜାତୀୟ ରାଜପଥରେ ଅପରାହ୍ନ ୧ଟା ୪୫ ମିନିଟ ସମୟରେ ଅନୁଗୋଳ ଯାଉଥିବା ଏକ ୧୨ ହଜାର ଲିଟର କ୍ଷମତା ବିଶିଷ୍ଟ ପେଟ୍ରୋଲ ଟ୍ୟାଙ୍କର ସହିତ ଏକ ଟ୍ରକର ମୁହାଁମୁହିଁ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ଟ୍ରକ ଡ୍ରାଇଭର କ୍ୟାବିନ ମଧ୍ୟରେ ଚାପି ହୋଇ ରହିଯାଇଥିଲେ । ଖବର ପାଇ ଜିଲ୍ଲା ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ କାଟି ଡ୍ରାଇଭରକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଖବର ପାଇ ଏଚପିସିଏଲର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଥିବାରଜଣାପଡ଼ିଛି । ଝାରଗାଡିଆ ପୁଲିସ ଅଧିକାରୀ ମାଧବ ଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହିତ ଅଧିକ ତଦନ୍ତ ଚଳାଇଛନ୍ତି ।

## 'ଶ୍ରମିକମାନେ ସଂଗଠିତ ହେଲେ ନ୍ୟାଯ୍ୟ ଦାବି ହାସଲ ସମ୍ଭବ'




**ଭୁବନ, ୩।୫ (ସମିସ):** ଢେଙ୍କାନାଳ ଜିଲ୍ଲାର ଭୁବନ ଏନ୍ଏସି ଅନ୍ତର୍ଗତ ଯାତ୍ରା ପଡ଼ିଆରେ ହିନ୍ଦ୍ ମଜଦୁର ସଭା ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଶ୍ରମିକ ସଂଗଠନ ସଂଯୋଜକ ବାସୁଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଜେଡି ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଶ୍ରମିକମାନେ ହିଁ ଦେଶର ମେରୁଦଣ୍ଡ । ଶ୍ରମିକମାନେ ସଂଗଠିତ ହେଲେ ସେମାନଙ୍କ ନାର୍ଯ୍ୟ ଦାବି ହାସଲ କରିପାରିବେ । ମୁଖ୍ୟବକ୍ତା ଭାବେ ସାଂସଦ ପ୍ରାର୍ଥୀ ଡ଼ଃ ଅବିନାଶ ସାମଲ ଯୋଗଦେଇ କହିଥିଲେ ଯେ, ନିର୍ମାଣ ଶ୍ରମିକଙ୍କ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି । ସେମାନଙ୍କ ପିଲାମାନଙ୍କ ଉଚ୍ଚ ଶିକ୍ଷା ଏବଂ ଝିଅ ବାହାଘର ପାଇଁ ସରକାର ବ୍ୟବସ୍ଥା କରିଛନ୍ତି । ରାଜ୍ୟ ସରକାରଙ୍କ ଏହି ଯୁଗାନ୍ତକାରୀ ଯୋଜନା ସାରା ଦେଶରେ ରୋଲ୍ ମଡେଲ ସାଜିଛି । ସମ୍ମାନିତ ଅତିଥି ଭାବେ ନଗରପାଳ ଶୁଭେନ୍ଦୁ ସାହୁ, ଏନ୍ଏସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ, ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ଯୋଗଦେଇଥିଲେ । ଶ୍ରମିକ ନେତା ଅଜୟ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଏବଂ ଏନ୍ଏସିରୁ ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଯୋଗଦେଇଥିଲେ ।

## ନିର୍ବାଚନୀ ପାଣିପାଗ

# ଗାନ୍ଧୀ ପରିବାରର ଗଡ଼ ଜଗିଲେ ରାହୁଲ



ପିତାମହ ଫିରୋଜ ଗାନ୍ଧୀ, ମାତାମହ ଇନ୍ଦିରା ଗାନ୍ଧୀ, ମା' ସୋନିଆ ଗାନ୍ଧୀଙ୍କ ପରେ ଏବେ ରାଏବରେଲୀରେ ନିର୍ବାଚନ ଲଢ଼ିବେ ରାହୁଲ ଗାନ୍ଧୀ। ଆଜି ଅପରାହ୍ନରେ ରାହୁଲ ରାଏବରେଲୀରେ କଂଗ୍ରେସ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ୧୯୫୨ରେ ରାହୁଲଙ୍କ ପିତାମହ ଫିରୋଜ ଗାନ୍ଧୀ ରାଏବରେଲୀ ଲୋକସଭା ଆସନରୁ ସଂସଦକୁ ନିର୍ବାଚିତ ହୋଇଥିଲେ। ସେ ୧୯୫୭ ଲୋକସଭା ନିର୍ବାଚନରେ ମଧ୍ୟ ଏହି ଆସନରୁ ସଂସଦକୁ ପୁନଃନିର୍ବାଚିତ ହୋଇଥିଲେ। ରାହୁଲଙ୍କ ମାତାମହ ଭୂତପୂର୍ବ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୬୭ରୁ ୧୯୭୭ଯାଏ ରାଏବରେଲୀ ସାଂସଦ ରହିଥିଲେ। ଇନ୍ଦିରା ୧୯୭୭ରେ ଏମର୍ଜେନ୍ସି ପରବର୍ତ୍ତୀ ଲୋକସଭା ନିର୍ବାଚନରେ ରାଜ ନାରାୟଣଙ୍କଠାରୁ ହାରିଥିଲେ, କିନ୍ତୁ ୧୯୮୦ରେ ସଂସଦକୁ ପ୍ରତ୍ୟାବର୍ତ୍ତନ କରିବାକୁ ସକ୍ଷମ ହୋଇଥିଲେ। ୧୯୮୦ ଲୋକସଭା ନିର୍ବାଚନରେ ଇନ୍ଦିରା ରାଏବରେଲୀ ଓ ସେତେବେଳର ଆନ୍ଧ୍ର ତଥା ବର୍ତ୍ତମାନ ତେଲଙ୍ଗାନାର ମେଡକ- ଏହି ଦୁଇ ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ଲଢ଼ି ଉଭୟ ଆସନରୁ ଜିତିଥିଲେ। ସେ ମେଡକ ଆସନଟି ରଖି ରାଏବରେଲୀ ଆସନ ଛାଡ଼ିଥିଲେ। ୨୦୦୪ରୁ ରାହୁଲଙ୍କ ମା' ସୋନିଆ ଗାନ୍ଧୀ ରାଏବରେଲୀ ଆସନରୁ ସଂସଦକୁ ନିର୍ବାଚିତ ହୋଇଥିଲେ। ୨୦୦୪ରୁ ଏବେଯାଏଁ ସୋନିଆ ରାଏବରେଲୀ ସାଂସଦ ଅଛନ୍ତି। ଏବେ ୨୦୨୪ରେ ସୋନିଆ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ରାଏବରେଲୀ ଆସନରେ କଂଗ୍ରେସ ରାହୁଲଙ୍କୁ ପ୍ରାର୍ଥୀ କରିଛି। ରାହୁଲ କେରଳର ୱାୟନାଡର ସାଂସଦ ଅଛନ୍ତି। ଏଥର ମଧ୍ୟ ରାହୁଲ ୱାୟନାଡର କଂଗ୍ରେସ ପ୍ରାର୍ଥୀ ଭାବେ ଲଢ଼ିଛନ୍ତି। ସେଠାରେ ଲୋକସଭା ନିର୍ବାଚନ ଦ୍ୱିତୀୟ ପର୍ଯ୍ୟାୟରେ ଗତ ୨୬ ତାରିଖରେ ମତଦାନ ସରିଛି। କଂଗ୍ରେସର ରଣନୀତିକାରମାନେ ରାହୁଲଙ୍କୁ ରାଏବରେଲୀରୁ ମଧ୍ୟ ନିର୍ବାଚନ ଲଢ଼ିବାକୁ ପରାମର୍ଶ ଦେଇଥିଲେ, ଯାହା ରାହୁଲ ଗ୍ରହଣ କରିଛନ୍ତି। କଂଗ୍ରେସର ରଣନୀତିକାରମାନେ ଚାହୁଁଥିଲେ ପ୍ରିୟଙ୍କା ଗାନ୍ଧୀ ଆମେଥି ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥୀ ଭାବେ ଲଢ଼ନ୍ତୁ ଓ ସ୍ମୃତି ଇରାନୀଙ୍କର ମୁକାବିଲା କରନ୍ତୁ। କିନ୍ତୁ ପ୍ରିୟଙ୍କା ନିର୍ବାଚନ ଲଢ଼ିବାକୁ ଚାହିଁନାହାନ୍ତି, କାରଣ ସେ ଦେଶ ବ୍ୟାପୀ କଂଗ୍ରେସ ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର ଅଭିଯାନ ଚଳାଇବା ଦାୟିତ୍ୱ ବହନ କରିଛନ୍ତି। ରାହୁଲଙ୍କ ପାଇଁ ଆମେଥି ଅପେକ୍ଷା ରାଏବରେଲୀ ଆସନଟି ଅଧିକ ନିରାପଦ। ୨୦୧୯ ନିର୍ବାଚନରେ ଆମେଥିରେ ରାହୁଲଙ୍କୁ ବିଜେପି ପ୍ରାର୍ଥୀ ସ୍ମୃତି ଇରାନୀ ହରାଇଥିଲେ। ରାହୁଲ କିନ୍ତୁ ସେତେବେଳେ ୱେୟନାଡରୁ ମଧ୍ୟ ନିର୍ବାଚନ ଲଢ଼ିଥିଲେ। ରାହୁଲ ଆମେଥିରେ ହାରିଥିଲେ ବି ୱାୟନାଡ ଆସନରେ ଜିତିଥିଲେ। ଦୁଇଟି ଆସନରୁ ନିର୍ବାଚନ ଲଢ଼ିବାର ରଣନୀତି ସୁଫଳ ଦେଇଥିଲା। ୨୦୧୯ ଲୋକସଭା ନିର୍ବାଚନରେ ଉତ୍ତରପ୍ରଦେଶରେ କଂଗ୍ରେସ ରାଏବରେଲୀ ଛଡ଼ା ଅନ୍ୟ କୌଣସି ଆସନରେ ତିଷ୍ଠି ନଥିଲା। ରାଏବରେଲୀରେ ହିଁ କଂଗ୍ରେସର ସୋନିଆ ଗାନ୍ଧୀ ୫୫.୮% ଭୋଟ ପାଇ ଜିତିଥିଲେ। ରାଏବରେଲୀ ହିଁ ଗାନ୍ଧୀ ପରିବାର ପାଇଁ ସବୁଠାରୁ ନିରାପଦ ଆସନ। ତେଣୁ ରାହୁଲଙ୍କୁ ରାଏବରେଲୀରୁ ପ୍ରାର୍ଥୀ କରାଯାଇଛି। ପୁଣି କଂଗ୍ରେସ ନେତୃ ମହଲ ଚାହିଁଛନ୍ତି ଯେ ସୋନିଆ ଗାନ୍ଧୀ ରାଜ୍ୟସଭାକୁ ଯିବା ପରେ ଦଳର କେହି ବରିଷ୍ଠ ନେତା ଉତ୍ତର ଭାରତକୁ ପ୍ରତିନିଧିତ୍ୱ ଦିଅନ୍ତୁ। ଏବେ କଂଗ୍ରେସର ସଭାପତି ମଲ୍ଲିକାର୍ଜୁନ ଖଡଗେ କର୍ଣ୍ଣାଟକର, ଦଳର ସଂଗଠନ ଦାୟିତ୍ୱ ବୁଝୁଥିବା ସାଧାରଣ ସମ୍ପାଦକ କେ ସି ବେଣୁଗୋପାଳ କେରଳର ଓ ମୁଖ୍ୟ ମୁଖପାତ୍ର ଜୟରାମ ରମେଶ କର୍ଣ୍ଣାଟକର ହୋଇଥିବାରୁ ଦକ୍ଷିଣ ଭାରତ ଓ ଉତ୍ତର ଭାରତ ମଧ୍ୟରେ ସନ୍ତୁଳନ ରକ୍ଷା ନିମନ୍ତେ ଉତ୍ତର ଭାରତରୁ ଦଳର କେହି ଉଚ୍ଚ କାର୍ଯ୍ୟକର୍ତ୍ତା ରହିବା ଦରକାର ପଡୁଛି। ସେଥିପାଇଁ ରାହୁଲଙ୍କୁ ରାଏବରେଲୀରୁ ଲଢ଼ିବାକୁ କୁହାଯାଇଛି ବୋଲି ରାଜନୈତିକ ବିଶ୍ଳେଷକମାନେ କହିଛନ୍ତି। ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ଦୁଇ ଦକ୍ଷିଣ ରାଜ୍ୟ କର୍ଣ୍ଣାଟକ ଓ ତେଲଙ୍ଗାନାରେ ଜିତିଛି କିନ୍ତୁ ରାଜସ୍ଥାନ ଓ ଛତିଶଗଡ଼ରେ ହାରିଛି। ବିଜେପିର ସଫଳ ମୁକାବିଲା କରିବା ନିମନ୍ତେ କଂଗ୍ରେସକୁ ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ଭଲ ପ୍ରଦର୍ଶନ ଦରକାର ହେଉଛି। ଉତ୍ତର ଭାରତରେ କଂଗ୍ରେସ କେବଳ ହିମାଚଳ ପ୍ରଦେଶରେ ସରକାର ଗଢ଼ିଛି ଓ ଝାଡଖଣ୍ଡରେ ସରକାରର ଅଂଶୀଦାର ଦଳ ଭାବେ ରହିଛି। ରାଏବରେଲୀ ଓ ଆମେଥିରେ ନିର୍ବାଚନର ପଞ୍ଚମ ପର୍ଯ୍ୟାୟରେ ମେ '୨୦ରେ ମତଦାନ ହେବ।

## ଡରୋ ମତ୍ ଭାଗୋ ମତ୍

କଂଗ୍ରେସ ନେତା ରାହୁଲ ଗାନ୍ଧୀ କେରଳର ୱେୟନାଡ ଲୋକସଭା ଆସନରୁ ଲଢ଼ିଥିବା ସତ୍ତ୍ୱେ ରାଏବରେଲୀ ଆସନରୁ ପୁଣି ପ୍ରାର୍ଥୀ ହେବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ନିର୍ବାଚନ ପ୍ରଚାର ସଭାରେ ରାହୁଲଙ୍କ ନାମ ନନେଇ କହିଛନ୍ତି, ଡେରୋ ମତ୍ ଭାଗୋ ମତ୍ ଅର୍ଥାତ୍ ଭୟଭୀତ ହୁଅନାହିଁ, ପଳାୟନ କରନାହିଁ। ବିରୋଧୀଙ୍କୁ ଡ଼ରି ବିଜେପି ସେମାନଙ୍କ ପଛରେ କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସିଙ୍କୁ ଲଗାଉଛି ବୋଲି କହିବା ବେଳେ ରାହୁଲ ପ୍ରାୟତଃ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଇସାରା କରି କହିଥାନ୍ତି, ଡରୋ ମତ୍। ତେଣୁ ଏବେ ରାହୁଲ ପରାଜୟ ଭୟରେ ଦୁଇଟି ଆସନରୁ ଲଢ଼ିବାକୁ ନିଷ୍ପତ୍ତି ନେଇଥିବାରୁ ପ୍ରଧାନମନ୍ତ୍ରୀ ମୋଦୀ ପ୍ରତ୍ୟୁତ୍ତରରେ ରାହୁଲଙ୍କୁ ତାଙ୍କ ନିଜ ଭାଷାରେ ଡରୋ ମତ୍, ଭାଗୋ ମତ୍ ବୋଲି ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କଂଗ୍ରେସ ନେତା ରାହୁଲଙ୍କୁ ଡରୋ ମତ୍, ଭାଗୋ ମତ୍ କହିଥିବାରୁ ପ୍ରତିକ୍ରିୟାରେ କଂଗ୍ରେସ ସଭାପତି ମଲ୍ଲୀକାର୍ଜୁନ ଖଡଗେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ କାହିଁକି ଭୁଲିଯାଉଛନ୍ତି ଯେ ଏକଦା ସେ ନିଜେ ଭୟଭୀତ ହୋଇ ଗୁଜରାଟର ବଡୋଦରାରୁ ଉତ୍ତରପ୍ରଦେଶର ବାରଣାସୀକୁ ପଳାୟନ କରିଥିଲେ।




**● ସମାନ ନାମ ପାଇଁ କେହି ନିର୍ବାଚନ ଲଢ଼ିବାରୁ ବଞ୍ଚିତ ହେବେନି: ସୁପ୍ରିମକୋର୍ଟ**

## ରାହୁଲ ଗାନ୍ଧି କିମ୍ବା ଲାଲୁ ଯାଦବ ନାମ ଥିଲେ ବି କଟକଣା ଲାଗିବନି

ଜଣେ ଜଣାଶୁଣା ନେତାଙ୍କ ନାମ ସହ ସମାନ ନାମ ଥିବା କୌଣସି ବ୍ୟକ୍ତିଙ୍କୁ ଉକ୍ତ ନେତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଖୋଜନ୍ତି ଓ ତାଙ୍କୁ ପ୍ରାର୍ଥୀ ହେବାକୁ ପ୍ରବର୍ତ୍ତାନ୍ତି। କାରଣ କିଛି ଭୋଟର ଅଛନ୍ତି ଯିଏ ନେତାଙ୍କ ସପକ୍ଷରେ ଭୋଟ ଦେଇଥାନ୍ତେ ସେମାନେ କେବଳ ନାମ ଦେଖି ଅନ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେବା ସମ୍ଭାବନା ରହୁଛି। ଏଥିରେ ନେତାଙ୍କ ଭୋଟ ସଂଖ୍ୟା କମିଥାଏ ଓ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତାହାର ଫାଇଦା ଉଠାଏ। ତେଣୁ ଏହିଭଳି ଡମି ବା ନାମ ମେଳ ଖାଉଥିବା ଆରୋପିତ ପ୍ରାର୍ଥୀଙ୍କୁ ନିର୍ବାଚନ ଲଢ଼ିବାରୁ ରୋକାଯିବା ନିମନ୍ତେ ସାବୁ ଷ୍ଟିଫେନ ନାମକ ବ୍ୟକ୍ତି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ଯାଚିକା ଦାଖଲ କରିଥିଲେ। ସୁପ୍ରିମକୋର୍ଟ କିନ୍ତୁ କହିଥିଲେ ଯେ ନେତାଙ୍କ ନାମ ସହ ସମାନ ନାମ ଥିବା ବ୍ୟକ୍ତିଙ୍କୁ ନିର୍ବାଚନ ଲଢ଼ିବାରୁ ବଞ୍ଚିତ କରିହେବ ନାହିଁ। ଜଣଙ୍କୁ ନାମ ତାଙ୍କ ପିତାମାତା ଦେଇଥାନ୍ତି। ଉଦାହରଣ ଦେଇ ସୁପ୍ରିମକୋର୍ଟ କହିଛନ୍ତି, ଜଣଙ୍କର ନାମ ରାହୁଲ ଗାନ୍ଧୀ। ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିପକ୍ଷରେ ପ୍ରାର୍ଥୀ ହୋଇପାରିବେ ନାହିଁ କାହିଁକି? ନିର୍ବାଚନ ଲଢ଼ିବା ଅଧିକାର ପ୍ରତ୍ୟେକ ନାଗରିକଙ୍କର ରହିଛି। ଯାଚିକା ବିଚାର ଯୋଗ୍ୟ ହୋଇନଥିବାରୁ ତାହାକୁ ପ୍ରତ୍ୟାହାର କରିନେବାକୁ ଅନୁମତି ଦିଆଯାଉଛି।






## ଭୋଟ ଦେଲେ ରେସ୍ତୋରାଁରେ ମିଳିବ ୧୦% ରିଆତି

ବିଳାସପୁର ଲୋକସଭା ଆସନରେ ଶତ ପ୍ରତିଶତ ମତଦାନକୁ ପ୍ରୋତ୍ସାହନ ଦେବା ପାଇଁ ଜିଲ୍ଲା ହୋଟେଲ ଏବଂ ରେସ୍ତୋରାଁ ସଂଘ ଭୋଟରଙ୍କୁ ରିଆତି ଦେବାକୁ ନିଷ୍ପତ୍ତି ନେଇଛି। ଏଠାରେ ୭ ତାରିଖରେ ମତଦାନ ହେବାକୁ ଯାଉଛି। ଏଥିରେ ମତଦାନ କରୁଥିବା ଲୋକଙ୍କୁ ଆସୋସିଏସନ ୧୦ ପ୍ରତିଶତ ରିଆତି ଦେବ ବୋଲି ଘୋଷଣା କରିଛି। ବିଳାସପୁର ହୋଟେଲ ଏବଂ ରେସ୍ତୋରାଁ ସଂଘର ପ୍ରତିନିଧିମଣ୍ଡଳ ଜିଲ୍ଲାପାଳ ଅବନୀଶ ଶରଣଙ୍କୁ ଭେଟି ଏହି ନିଷ୍ପତ୍ତି ବିଷୟରେ ସୂଚନା ଦେଇଛନ୍ତି। ଜିଲ୍ଲାପାଳ ଏହି ନିଷ୍ପତ୍ତିକୁ ଭୂୟସୀ ପ୍ରଶଂସା କରିଛନ୍ତି ଏବଂ ସଂଘକୁ ଧନ୍ୟବାଦ ଦେଇଛନ୍ତି। ଏହି ଲାଭ ପାଇବା ପାଇଁ ଭୋଟରଙ୍କୁ ସ୍ୟାହି ଲାଗିଥିବା ଆଙ୍ଗୁଠି ଦେଖାଇବାକୁ ହେବ। ସଂଘର ନିଷ୍ପତ୍ତି ଅନୁଯାୟୀ ରେସ୍ତୋରାଁରେ ବସି ଭୋଜନ କରୁଥିବା ବ୍ୟକ୍ତିଙ୍କୁ କେବଳ ରିଆତି ମିଳିବ। ଘରକୁ ଖାଦ୍ୟ ନେଇ ଯାଉଥିବା ଲୋକଙ୍କୁ ଏହି ରିଆତି ଦିଆଯିବ ନାହିଁ। ନିଗମର ଆୟୁକ୍ତ ଅମିତ କୁମାର, ହୋଟେଲ ସଂଘର ଅଧ୍ୟକ୍ଷ ସନି ଆଜମାନୀ, ସଚିବ ପ୍ରତୀକ ଉପବେଜା, ଉପାଧ୍ୟକ୍ଷ ଅଙ୍କିତା ଛାବଡ଼ା, ଅନିଲ କଞ୍ଜାନୀଙ୍କ ସହିତ ଅନ୍ୟ ପଦାଧିକାରୀ ଏବଂ ସଦସ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏମାନେ ମତଦାନ ପାଇଁ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି।

## ଶିବ ସେନାରେ ମିଶିଲେ ସଞ୍ଜୟ ନିରୁପମ

ଶୃଙ୍ଖଳା ଭଙ୍ଗ ଓ ଦଳ ବିରୋଧୀ ମନ୍ତବ୍ୟ ଦେବାରୁ କଂଗ୍ରେସରୁ ବହିଷ୍କୃତ ହୋଇଥିବା ସଞ୍ଜୟ ନିରୁପମ ଏବେ ଶିବ ସେନା(ସିନ୍ଦେ ଗୋଷ୍ଠୀ)ରେ ସାମିଲ ହୋଇଛନ୍ତି। ଏହା ଘୋଷଣା କରି ନିରୁପମ କହିଛନ୍ତି, ୨୦ ବର୍ଷ ପରେ ଘରୱାପସି କରୁଛି। ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଉପସ୍ଥିତିରେ ସେ ଶିବ ସେନା(ସିନ୍ଦେ)ରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ କଂଗ୍ରେସରେ ବର୍ତ୍ତମାନ ଚାଲିଥିବା ଥିବା ବିବିଧ ବିଭ୍ରାଟ ସମ୍ପର୍କରେ ଟିପ୍ପଣୀ କରିଛନ୍ତି।



## ହିମାଚଳ ପ୍ରଦେଶ: ସରକାରଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିବ ଉପନିର୍ବାଚନ

ହିମାଚଳ ପ୍ରଦେଶର କଂଗ୍ରେସ ସରକାରର ଭାଗ୍ୟ ଓ ଭବିଷତ ନିର୍ଭର କରୁଛି ଆସନ୍ତା ଜୁନ୍ ପହିଲାର ବିଧାନସଭା ଉପନିର୍ବାଚନ ଉପରେ। କଂଗ୍ରେସର ଅଯୋଗ୍ୟଘୋଷିତ ୬ ବିଦ୍ରୋହୀ ବିଧାୟକଙ୍କ ଆସନ ଖାଲିହେବାରୁ ସେହି ୬ ବିଧାନସଭା ଆସନରେ ଜୁନ୍ ୧ ତାରିଖରେ ଉପନିର୍ବାଚନ ହେବ। ଜୁନ୍ ୧ରେ ରାଜ୍ୟର ସମସ୍ତ ୪ ଲୋକସଭା ଆସନ ପାଇଁ ଭୋଟ ଗ୍ରହଣ ମଧ୍ୟ ହେବ। ହିମାଚଳ ପ୍ରଦେଶର ୬୮ ଆସନବିଶିଷ୍ଟ ବିଧାନସଭାରେ ଏବେ କଂଗ୍ରେସର ବାଚସ୍ପତିଙ୍କୁ ଛାଡ଼ି ୩୩ ଓ ବିଜେପିର ୨୫ ବିଧାୟକ ଅଛନ୍ତି। କଂଗ୍ରେସର ଅଯୋଗ୍ୟଘୋଷିତ ୬ ବିଧାୟକ ଓ ଇସ୍ତଫା ଦେଇଥିବା ୩ ସ୍ୱାଧୀନ ବିଧାୟକ ବିଜେପିରେ ଯୋଗ ଦେଇଛନ୍ତି। ଆହୁରି କେତେଜଣ ବିଧାୟକ କଂଗ୍ରେସ ଛାଡ଼ି ବିଜେପିରେ ଯୋଗଦେବାକୁ ପ୍ରସ୍ତୁତ ବୋଲି ବିଜେପିରେ ଯୋଗଦେଇଥିବା ଅଯୋଗ୍ୟଘୋଷିତ କଂଗ୍ରେସ ବିଧାୟକ ରାଜିନ୍ଦର ରାଣା କହିଛନ୍ତି।

## ଏକଛତ୍ରବାଦ ବିରୋଧରେ ଏକାଠି ଲଢ଼ିବେ

# ସୁନିତା କେଜ୍ରିୱାଲଙ୍କୁ ଭେଟିଲେ କହ୍ନେୟା



ଉତ୍ତର-ପୂର୍ବ ଦିଲ୍ଲୀ ସଂସଦୀୟ କ୍ଷେତ୍ରର କଂଗ୍ରେସ ପ୍ରାର୍ଥୀ କହ୍ନେୟା କୁମାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପତ୍ନୀ ସୁନିତା କେଜ୍ରିୱାଲଙ୍କୁ ଭେଟି ଆମ୍ ଆଦମୀ ପାର୍ଟି(ଆପ୍) ଓ କଂଗ୍ରେସ ଲୋକସଭା ନିର୍ବାଚନରେ କିପରି ମିଳିତ ଭାବେ ପ୍ରଚାର କରିବେ ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ସୁନିତାଙ୍କ ଆଲୋଚନା ପରେ କହ୍ନେୟା କୁମାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି, ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା। ସାକ୍ଷାତ ଅବସରରେ ବିଜେପିର ଏକଛତ୍ରବାଦୀ ଚିନ୍ତନ ଓ କାର୍ଯ୍ୟକଳାପର କିଭଳି ଦମ୍ଭର ସହ ମୁକାବିଲା କରିବେ ସେ ସମ୍ପର୍କରେ ଆଲୋଚନା ହୋଇଛି। ଯେକୌଣସି ମୂଲ୍ୟ ଦେଇ ଗଣତନ୍ତ୍ର ଓ ସମ୍ବିଧାନକୁ ରକ୍ଷା କରିବା ପାଇଁ ଉଭୟେ ପ୍ରତିବଦ୍ଧ ହୋଇଛନ୍ତି। ବିଜେପି ସରକାର ଯେତେବେଳେ ଯାହାକୁ ଚାହିଁଲେ ଜେଲରେ ଭର୍ତ୍ତି କରିଦେଉଛି ବୋଲି କହ୍ନେୟା କହିଛନ୍ତି। ଦିଲ୍ଲୀରେ ମେ' ୨୬ରେ ମତଦାନ ହେବ। ଦିଲ୍ଲୀର ମୋଟ ୭ ଲୋକସଭା ଆସନରୁ କଂଗ୍ରେସ ୩ଟିରେ ଓ ଆମ୍ ଆଦମୀ ପାର୍ଟି ୪ଟିରେ ପ୍ରାର୍ଥୀ ଦେଇଛନ୍ତି। ସୁନିତା କେଜ୍ରିୱାଲଙ୍କୁ ଆମ୍ ଆଦମୀ ପାର୍ଟି ତାରକା ପ୍ରଚାରକ କରିଛି। ସେ ଦିଲ୍ଲୀ, ପଞ୍ଜାବ ଓ ଗୁଜରାଟରେ ଆପ୍ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ପ୍ରଚାର କରୁଛନ୍ତି। ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଏବେ ଜେଲରେ ଥିବାରୁ ଲୋକସଭା ନିର୍ବାଚନ ବେଳେ ଆପ୍ ପାଇଁ ଓ ଇଣ୍ଡି ମେଣ୍ଟ ପାଇଁ ପ୍ରଚାର କରିବା ସୁଯୋଗ ହରାଇଛନ୍ତି। ତେଣୁ ସୁନିତାଙ୍କୁ ପ୍ରଚାର ଦାୟିତ୍ୱ ଦେବାକୁ ଆପ୍ ସ୍ଥିର କରିଛି। ୨୦୨୦ ଦିଲ୍ଲୀ ବିଧାନସଭା ନିର୍ବାଚନ ବେଳେ ସୁନିତା ନୂଆଦିଲ୍ଲୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଘରକୁ ଘର ବୁଲି ସ୍ୱାମୀ ଅରବିନ୍ଦ କେଜ୍ରିୱାଲଙ୍କ ପାଇଁ ସମର୍ଥନ ମାଗିଥିଲେ। ଏବେ କେଜ୍ରିୱାଲ ଜେଲରେ ଥିବାରୁ ସୁନିତା ଆପ୍ ମନ୍ତ୍ରୀ, ନେତା, କାର୍ଯ୍ୟକର୍ତ୍ତା ଓ କର୍ମୀ ତଥା ସମର୍ଥକଙ୍କୁ ଭେଟୁଛନ୍ତି, ଇଣ୍ଡି ମେଣ୍ଟର ନେତାମାନଙ୍କ ସହ ଯେ ଯୋଗାଯୋଗ କରୁଛନ୍ତି ଓ ଜେଲରୁ କେଜ୍ରିୱାଲ ପଠାଉଥିବା ବାର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ବାସଭବନରୁ ମୁଖ୍ୟମନ୍ତ୍ରୀଙ୍କ ଚୌକିରେ ବସି ଜନତାଙ୍କୁ ପଢ଼ି ଶୁଣାଉଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ଆପ୍ ଦିଲ୍ଲୀର ୪, ପଞ୍ଜାବର ୧୩, ହରିୟାଣାର ୧, ଗୁଜରାଟର ୨ ଓ ଆସାମର ୨ଟି ଆସନରେ ପ୍ରାର୍ଥୀ ଦେଇଛି। ଆପ୍ ହେଉଛି ବିଜେପି ବିପକ୍ଷ ଇଣ୍ଡି ମେଣ୍ଟର ଅଂଶୀଦାର ଦଳ।

# ପ୍ରଚାର ଜୋର୍‌ଦାର୍ କଲେ ଦୁଷ୍ୟନ୍ତ ଚୌତାଲା

ଜନନାୟକ ଜନତା ପାର୍ଟି(ଜେଜେପି) ମୁଖ୍ୟ ଦୁଷ୍ୟନ୍ତ ଚୌତାଲା ହରିୟାଣାର ସମସ୍ତ ୧୦ ଲୋକସଭା ନିର୍ବାଚନମଣ୍ଡଳୀକୁ ତୋଫାନୀ ଗସ୍ତ କରି ନିର୍ବାଚନ ପ୍ରଚାର ଜୋରଦାର କରିଛନ୍ତି। ହରିୟାଣାର ସମସ୍ତ ୧୦ ଆସନରେ ଜେଜେପି ପ୍ରାର୍ଥୀ ଦେଇଛି। ରାଜ୍ୟରେ ବିଜେପି-ଜେଜେପିର ମେଣ୍ଟ ସରକାର ଥିଲା। ସରକାରର ଅଂଶୀଦାର ଦଳର ନେତା ଭାବେ ଦୁଷ୍ୟନ୍ତ ଉପମୁଖ୍ୟମନ୍ତ୍ରୀ ଥିଲେ। ତେବେ ଲୋକସଭା ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଆସନ ବଣ୍ଟନକୁ ନେଇ ଦୁଇ ଦଳ ମଧ୍ୟରେ ଫାଟ ଦେଖାଦେଲା ଓ ବିଜେପିଠାରୁ ଜେଜେପି ଦୂରେଇ ଯାଇଥିଲା। ଦୁଷ୍ୟନ୍ତଙ୍କ ଜେଜେପି କୌଣସି ଦଳ ସହ ମେଣ୍ଟ ନକରି ଏକାକୀ ରାଜ୍ୟର ସମସ୍ତ ୧୦ ଲୋକସଭା ଆସନରେ ଲଢୁଛି। ୨୦୧୯ରେ ହରିୟାଣାର ସମସ୍ତ ୧୦ ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ଜିତିଥିଲେ। ଲୋକସଭା ନିର୍ବାଚନ ପାଇଁ ହରିୟାଣାରେ ମେ' ୨୫ ତାରିଖରେ ମତଦାନ ହେବ ଓ ଜୁନ୍ ୪ରେ ଫଳାଫଳ ପ୍ରକାଶ ପାଇବ।



# ‘ରାକ୍ଷସ’ରେ ରଣବୀର

ବଲିଉଡ୍ ଅଭିନେତା ରଣବୀର ସିଂହ ଅନେକ ଦିନରୁ ଏକ ହିଟ୍ ଫିଲ୍ମ ଅପେକ୍ଷାରେ ଅଛନ୍ତି । ଏବେ ସେ ଦେଖିଚାହିଁ ଫିଲ୍ମ ସାଇନ୍ କରୁଛନ୍ତି । ସାଉଥ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ପ୍ରଶାନ୍ତ ବର୍ମାଙ୍କ ଆଗାମୀ ଫିଲ୍ମରେ ରଣବୀର ଲିଡ୍ ରୋଲରେ ନଜର ଆସିବେ ବୋଲି ନିକଟରେ ଖବର ପ୍ରକାଶ ପାଇଥିଲା । ପ୍ରଶାନ୍ତ ତାଙ୍କ ବ୍ଲକବଷ୍ଟର୍ ଚଳଚ୍ଚିତ୍ର ‘ହନୁମାନ’ ପାଇଁ ଚର୍ଚ୍ଚାରେ ରହିଛନ୍ତି । ୨୦ କୋଟିରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୨୫୦ କୋଟି ଆୟ କରିଥିଲା । ଏବେ ସେ ଏହାର ସିକ୍ୱେଲ ‘ଜୟ ହନୁମାନ’ ନିର୍ମାଣରେ ବ୍ୟସ୍ତ ଅଛନ୍ତି । ତେବେ ରଣବୀର ପ୍ରଶାନ୍ତଙ୍କ ଏକ ପିରିୟଡିକ୍ ଫିଲ୍ମରେ ଦେଖାଯିବେ । ଫିଲ୍ମର ଟାଇଟଲ୍ ରହିଛି ‘ରାକ୍ଷସ’ । ଏଥିରେ ଖଳନାୟକ ଭୂମିକାରେ ଦେଖାଯିବେ ରଣବୀର । ଫିଲ୍ମର କାହାଣୀ ସ୍ୱାଧୀନତା ପୂର୍ବୋତ୍ତର ପୌରାଣିକ ପୃଷ୍ଠଭୂମି ଉପରେ ଆଧାରିତ ହେବ । ଚଳିତବର୍ଷ ଶେଷ ଆଡ଼କୁ ଏହାର ସୁଟିଂ ଆରମ୍ଭ ହେବ । ରଣବୀରଙ୍କ କାମ କଥା କହିବାକୁ ଗଲେ ସେ ରୋହିତ୍ ସେଟ୍ଟୀଙ୍କ ଫିଲ୍ମ ‘ସିଂଘମ୍ ଏଗେନ୍’ରେ ଦେଖାଯିବେ । ଏହାବାଦ୍ ସେ ଫରହାନ୍ ଅଖତର୍‌ଙ୍କ ଫିଲ୍ମ ‘ଡନ୍-୩’ରେ ମଧ୍ୟ ନଜର ଆସିବେ ।



## ଆଜିର ଇତିହାସ

- ୧୮୫୪- ଭାରତର ପ୍ରଥମ ଡାକଟିକଟ୍ ଔପଚାରିକ ଭାବେ ଜାରି କରାଗଲା ।
- ୧୮୯୬- ଲଣ୍ଡନରେ ଡେଲିମେଲ୍‌ର ପ୍ରଥମ ସଂସ୍କରଣ ପ୍ରକାଶିତ ।
- ୧୯୨୪-ପ୍ୟାରିସ୍‌ରେ ଅଷ୍ଟମ ଅଲିମ୍ପିକ୍ ଖେଳର ଶୁଭାରମ୍ଭ ।
- ୧୯୫୯-ପ୍ରଥମ ଗ୍ରାମୀ ପୁରସ୍କାରର ଆୟୋଜନ ।
- ୧୯୭୯-ମାର୍ଗାରେଟ୍ ଥାଚର ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ହେଲେ ।
- ୧୯୮୩-ଚୀନ୍‌ରେ ପରମାଣୁ ପରୀକ୍ଷା କରାଗଲା ।
- ୨୦୦୭- ବ୍ୟାଙ୍କକ୍‌ରେ ଗ୍ଲୋବାଲ ୱାର୍ମିଂ ଉପରେ ବୈଠକ ଶେଷ ହେଲା ।

# ଲମ୍ବା ପାଦରେ ପ୍ରଥମ

## ପିନ୍ଧନ୍ତି ୧୮ ନଂ ଜୋତା

ମଣିଷ ଶରୀରର ସମସ୍ତ ଭାର ବହନ କରିଥାଏ ପାଦ । ଜଣକର ପାଦ ଅନ୍ୟ ଜଣକ ଠାରୁ ଭିନ୍ନ ହୋଇଥାଏ । ଆମେରିକାର ଟେକ୍ସାସ୍‌ରେ ରହୁଥିବା ୩୯ ବର୍ଷୀୟା ତାନ୍ୟା ହବର୍ଟଙ୍କ ପାଦ ତାଙ୍କୁ ଏବେ ସ୍ୱତନ୍ତ୍ର ପରିଚୟ ଦେଇଛି । ତାଙ୍କର ଲମ୍ବା ପାଦ ଯୋଗୁ ସେ ଏବେ ଗିନିଜ୍



ବିଶ୍ୱରେକର୍ଡରେ ସ୍ଥାନ ପାଇଛନ୍ତି । ସେ ଏବେ ବିଶ୍ୱର ସବୁଠୁ ଲମ୍ବା ପାଦ ଯୁକ୍ତ ମହିଳା ଭାବେ ଏହି ରେକର୍ଡ କରିଛନ୍ତି । ତାନ୍ୟାଙ୍କ ଉଚ୍ଚତା ୬ଫୁଟ ୯ ଇଞ୍ଚ । ବିଶ୍ୱର ସବୁଠୁ ଡେଙ୍ଗୀ ମହିଳା ଭାବେ ତୁର୍କୀର ରୁମେସା ଗେଲ୍‌ଗି ଗିନିଜ୍ ବିଶ୍ୱ ରେକର୍ଡ କରିଛନ୍ତି । ତାଙ୍କର ଉଚ୍ଚତା ୭ ଫୁଟ ୭ ଇଞ୍ଚ । ତାନ୍ୟା ତାଙ୍କଠାରୁ ମାତ୍ର ୩ ଇଞ୍ଚ ଛୋଟ । ତାନ୍ୟାଙ୍କର ଡାହାଣ ପାଦର ଲମ୍ବ ୧୩.୦୩ଇଞ୍ଚ ହୋଇଥିବାବେଳେ ବାମପାଦର ଲମ୍ବ ୧୨.୭୯ ଇଞ୍ଚ । ହାଇସ୍କୁଲ ପଢ଼ିବା ସମୟରେ ତାଙ୍କ ପାଦର ସାଇଜ୍ ସମସ୍ତଙ୍କୁ ଚକିତ କରିଥିଲା । ବଡ଼ ପାଦ ଯୋଗୁଁ ତାନ୍ୟାଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ତାଙ୍କ ଜୋତାର ସାଇଜ୍ ୧୮ । ଏହି ସାଇଜ୍‌ର ଜୋତା ମିଳିବାରେ ତାଙ୍କୁ ସମସ୍ୟା ହୋଇଥାଏ । ତେଣୁ ତାନ୍ୟା ଅନେକ ସମୟରେ ଟେନିସ୍ ଜୋତା କିମ୍ବା ମେନ୍ ଲୋଫର୍ସ ପିନ୍ଧନ୍ତି । ବଡ଼ ପାଦ ପାଇଁ ତାଙ୍କୁ ଅନେକ ସମୟରେ ଲୋକେ ଥଟ୍ଟା ପରିହାସ କରିଥାନ୍ତି । ତାନ୍ୟା ଏହାକୁ କେବେ ଶୁଣନ୍ତିନି । ବରଂ ଏହାକୁ ସକାରାତ୍ମକ ଭାବେ ନେଇ ସେ ଆଗକୁ ବଢ଼ିଥିବା କହିଛନ୍ତି ।

# ସୁପ୍ରାସ୍ପାଇନାଟ୍ସ ଟେଣ୍ଡିନାଇଟିସ୍

**ସୁପ୍ରାସ୍ପାଇନାଟ୍ସ ଟେଣ୍ଡିନାଇଟିସ୍ ହେଉଛି କାନ୍ଧ ଖଞ୍ଜାରେ ଦେଖାଯାଉଥିବା ଏକ ଯନ୍ତ୍ରଣାଦାୟକ ରୋଗ । ଏହା ମୁଖ୍ୟତଃ ୫୦ ବର୍ଷ ବୟସ ପରେ ଏବଂ ମଧୁମେହ ରୋଗୀଙ୍କଠାରେ ଅଧିକ ଦେଖାଯାଏ । ଏହା ବ୍ୟତୀତ ଖଞ୍ଜା ଉପରେ ବେଶୀ ଭାର ପଡ଼ିଲେ କିମ୍ବା ଜାଭଲିନ୍, ଡିସ୍କସ୍ ଥ୍ରୋ, ବ୍ୟାଡ୍‌ମିଣ୍ଟନ, ସନ୍ତରଣ, ଭଲିବଲ, ବାସ୍କେଟ୍‌ବଲ୍ ଖେଳିବା ଯୋଗୁ ମଧ୍ୟ ହୋଇଥାଏ ।**

ଡା. ସୁଜିତ୍ କୁମାର ସ୍ୱାଇଁ



### ଲକ୍ଷଣ

ଏହି ରୋଗ ହେଲେ ରୋଗୀଟି ହାତ ଉପରକୁ କିମ୍ବା ହାତ ପିଠି ପଛକୁ ନେବା ସମୟରେ କାନ୍ଧ ଏବଂ କାନ୍ଧର ଠିକ୍ ତଳ ଭାଗରେ ଯନ୍ତ୍ରଣା ଅନୁଭବ କରିଥାଏ । ଏହାବାଦ୍ ଦାନ୍ତ ଘଷିବା, ମୁଣ୍ଡ କୁଣ୍ଡାଇବା, ପୋଷାକ ପିନ୍ଧିବା ସମୟରେ ମଧ୍ୟ ଯନ୍ତ୍ରଣା ଅନୁଭବ କରିଥାଏ । ପରେ କ୍ରମଶଃ ଯନ୍ତ୍ରଣା ବଢ଼ିବା ସହିତ ରୋଗୀଟି ବିଶ୍ରାମ ନେବା ସମୟରେ ଯନ୍ତ୍ରଣା ଅନୁଭବ କରିଥାଏ ଏବଂ ହାତକୁ ପିଠିର ପଛ ଭାଗକୁ କିମ୍ବା ପ୍ୟାଣ୍ଟର ପଛ ପକେଟ୍ ପାଖକୁ ନେବାରେ ବହୁତ କଷ୍ଟ ହୁଏ । ଯେଉଁ କାନ୍ଧରେ ରୋଗୀର ଯନ୍ତ୍ରଣା ହେଉଥାଏ, ସେହି କାନ୍ଧରେ ଶୋଇବା ଦ୍ୱାରା ଯନ୍ତ୍ରଣା ଆହୁରି ବଢ଼ିଯାଇଥାଏ ।

### ଉପଚାର

ଏଥିରୁ ମୁକ୍ତି ପାଇବା ପାଇଁ ପ୍ରଥମେ ରୋଗୀକୁ ଯେଉଁ କାନ୍ଧରେ ଯନ୍ତ୍ରଣା ହେଉଛି ତାକୁ ବିଶ୍ରାମ ଦେବାକୁ କୁହାଯାଏ । ଯଥା-

- କାନ୍ଧକୁ ମୁଣ୍ଡ ଉପରକୁ ନ ନେବା, ସେହି କାନ୍ଧରେ ନ ଶୋଇବା ଇତ୍ୟାଦି ।
- ପ୍ରାଥମିକ ଅବସ୍ଥାରେ କାନ୍ଧରେ ବରଫ ମାରିବା ଉଚିତ ।
- କିଛି ବ୍ୟାୟାମ ଦ୍ୱାରା ରୋଗୀଟି ଏହି ଯନ୍ତ୍ରଣାରୁ ଉପଶମ ପାଇଥାଏ । ଯେପରିକି ହାତକୁ ପିଠି ପଛକୁ ନେବା ( ଯେଉଁ ହାତରେ ଯନ୍ତ୍ରଣା ଥିବ) ଏବଂ ଭଲ ହାତ ମୁଣ୍ଡ ଉପର ଭାଗକୁ ନେବା ଉଚିତ ଏବଂ ଗୋଟିଏ କପଡ଼ା ବା ବେଡ୍‌ସିଟ୍ ଧରିପାରିବ । ମୁଣ୍ଡ ହାତ ଉପରେ ଥିବା କପଡ଼ାକୁ ଉପରକୁ ନେବା ଉଚିତ, ଯେପରିକି ତଳ ପାର୍ଶ୍ୱରେ ଥିବା ହାତଟିକୁ ଉପରକୁ ଯିବ । ଏହିପରି ୨-୩ ମିନିଟ୍ କରିବା ଉଚିତ ।
- ହାତକୁ ପିଠି ପଛରେ ରଖି କାନ୍ଧର ଆଗଭାଗରେ, ଯେଉଁଠାରେ ଯନ୍ତ୍ରଣା ଅନୁଭବ ହୁଏ ସେହି ଜାଗାକୁ ମାଲିସ୍ କଲେ ଯନ୍ତ୍ରଣା କମିଯାଏ ।
- ହାତ ପିଠି ପଛପଟେ ରଖି ବେକ ପାଖରୁ କାନ୍ଧ ପାଖକୁ ମାଲିସ୍ କରିବା ଦ୍ୱାରା ଯନ୍ତ୍ରଣା କମିଥାଏ ଏବଂ ଦୈନନ୍ଦିନ କାର୍ଯ୍ୟ ସହଜ ହୁଏ ।
- ପରେ ରେଜିଷ୍ଟାନ୍ସ୍ ବ୍ୟାଣ୍ଡ ଦ୍ୱାରା ସୁପ୍ରାସ୍ପାଇନାଟ୍ସ ମାଂସପେଶୀକୁ ଦୃଢ଼ ଏବଂ ସଶକ୍ତ କରିବା ଉଚିତ । ରେଜିଷ୍ଟାନ୍ସ ବ୍ୟାଣ୍ଡର ଗୋଟିଏ ପାର୍ଶ୍ୱ ଝରକାରେ ବନ୍ଧାଯାଇ ଏବଂ ଅପରପାର୍ଶ୍ୱଟି ହାତରେ ଧରିବାକୁ ହେବ । ଯେପରିକି ହାତ ଦେହକୁ ଲାଗିକି ଏବଂ କହୁଣିଟି ୯୦ ଡିଗ୍ରୀରେ ଥିବ । ଏହି ସମୟରେ ହାତକୁ ବାହାରକୁ ଟାଣିବା ଏବଂ ୧-୧୦ ଗଣି ପୁଣି ୨୦-୩୦ ଥର କରିବା ଦରକାର । ପରେ ବୁଲିଯାଇ ହାତଟିକୁ ଭିତରପାର୍ଶ୍ୱକୁ ଟାଣିବା ଏବଂ ୧୦-୧୦ ଗଣି ପୁଣି ୨୦-୩୦ ଥର କରିବା ଦରକାର ।
- ରୋଗୀଟି ସୁସ୍ଥ ଥିବା କାନ୍ଧରେ ଶୋଇ ରହିବ, ଯେପରିକି ଯନ୍ତ୍ରଣା ଥିବା କାନ୍ଧଟି ଉପର ଆଡ଼କୁ ରହିବ । କହୁଣିକୁ ୯୦ ଡିଗ୍ରୀ ଭାଙ୍ଗିବ ଏବଂ ହାତରେ କିଛି ଓଜନ ଯଥା – ପାଣି ଭର୍ତ୍ତି ବୋତଲ ଧରି ହାତଟିକୁ ଉପରକୁ ଉଠାଇବ । ଏପରି ୨୦ -୩୦ ଥର କରିବା ଉଚିତ୍ ।
- ତେବେ ଏହି ବ୍ୟାୟାମଗୁଡ଼ିକୁ ଦିନକୁ ୩-୪ ଥର କରିବା ଦରକାର । ଏହାବାଦ୍ ଫିଜିଓଥେରାପିଷ୍ଟଙ୍କ ଦ୍ୱାରା ଡିଟିଏଫେମ୍, ଷ୍ଟ୍ରେଚିଙ୍ଗ, ସଫ୍ଟ ଟିସୁ ରିଲିଜ୍, ଆଏଫଟି, ଅଲଟ୍ରାସାଉଣ୍ଡ ଏବଂ ଲେଜର ଚିକିତ୍ସା କରାଗଲେ ରୋଗୀଟି ଶୀଘ୍ର ଉପଶମ ପାଇଥାଏ ।

- ସିନିୟର ଫିଜିଓଥେରାପିଷ୍ଟ, କଳିଙ୍ଗ ଷ୍ଟାଡିୟମ୍

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ନିବେଶରୁ ଦୂରେଇ ରହିବେ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହେବେ । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ଉଧାର ଧନ ଫେରିପାଇବେ । ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟପ୍ରତି ଯତ୍ନଶୀଳ ରୁହନ୍ତୁ । ଉଧାର ଦେଇ ସମସ୍ୟାରେ ପଡ଼ିପାରନ୍ତି । ଧନପ୍ରାପ୍ତି ଯୋଗ ରହିଛି । ମନ ପ୍ରସନ୍ନ ରହିବ ।

**କର୍କଟ:** ଅଫିସ୍‌ରେ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ପଡ଼ିପାରେ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ଚାକିରିରେ ପଦୋନ୍ନତି ହୋଇପାରେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଘରକୁ ଅତିଥିଙ୍କ ଆଗମନ ହେବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍‌ଫୁଲ୍ଲିତ ରହିବେ । ସରକାରୀ କାମ ସମସ୍ୟା ସମାଧାନ ହେବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଯୋଗାଯୋଗର ମାଧ୍ୟମ ବୃଦ୍ଧିପାଇବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ ।

**ମକର:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ପରିବାର ଲୋକଙ୍କ ପାଇଁ ସମୟ ବାହାର କରନ୍ତୁ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ମଧୁରବଚନରେ ବିରୋଧିଙ୍କ ମନ କିଣିବେ । ଘର-ପରିବାରରେ ହସଖୁସି ବୃଦ୍ଧି ପାଇବ ।

**ମୀନ:** ଧନପ୍ରାପ୍ତି ଯୋଗ ରହିଛି । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଜୀବନସାଥିଙ୍କ ସହ ଭଲ ସମୟ ଅତିବାହିତ କରିପାରନ୍ତି । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ମନ୍ଦିରରେ ଦାନ କରିବେ ।

# ସୁମନ



## ବାଇଚଢ଼େଇରେ ବାଇଚଢ଼େଇ

ବାଇଚଢ଼େଇରେ ବାଇଚଢ଼େଇ
ଦେବୁକି ମୋ' ପାଇଁ ଘର ଗଢ଼େଇ
ଖୋଜି ଆଣି କୁଟା କାଠି ପତର
ଯତନେ ଗଢ଼ିଛୁ ଘର ତୋହର ।
ଝଡ଼ ତୋଫାନକୁ ନାହିଁ ତୋ ଡର
ଆସୁ ଖରା ବର୍ଷା ଶୀତ କାକର
ହଳଦିଆ ବେକ ମଥା ତୋହର
କଳା ଥଣ୍ଟ ଦେହ ରଙ୍ଗ ଧୂସର ।
ବାଇଚଢ଼େଇରେ ଦିଶୁ ସୁନ୍ଦର
ଝୁଲିଲେ ଲାଗଇ କି ମନୋହର
କେତେ ପରିଶ୍ରମ ନିତି ତୁ କରୁ
ଖୋଜି ଆଣି ଖାଦ୍ୟ ଉଦର ଭରୁ ।
ତୋ ଟିକି ଛୁଆଙ୍କୁ ରଖି ବସାରେ
ଆଣିଥାଉ ଖାଦ୍ୟ ଧରି ଥଣ୍ଟରେ
ଦୂରବାଟ ନିତି ଯାଉତୁ ଉଡ଼ି
ଭୋକରେ ଛୁଆ ତୋ ଛାଡ଼ନ୍ତି ରଡ଼ି ।
ଟିକି ଡେଣା ଝାଡି ଉଡ଼ିତୁ ଯାଉ
ବାଟେ ସହି କେତେ କଷଣ ଦାଉ
ଝଡଝଞ୍ଜା ଯେତେ ଆସେ ଜୀବନେ
ତଥାପି ହାରିନୁ ଚଢ଼େଇ ଦିନେ ।
ଶିଶୁମାନେ ବାଇଚଢ଼େଇ ପରି
କାମ କରୁଥିବ ହେଳା ନ କରି
ବିପଦ ପଡ଼ିଲେ ଯିବନି ଡରି
ସାହସର ସହ ଯିବରେ କରି ।■



ନଳିନୀ ଦାଶ

ଭିକାରିପଡ଼ା, ନୟାଗଡ଼
ମୋ- ୯୨୩୮୯୯୬୭୪୯

## ପହେଲି

- ରଖିଥିଲେ କିଛି ଖାଏ ସେ କାଟି
  ଆପଣା ଘରକୁ ନିଅଇ ଲୁଟି
  ସୁଡ଼ଙ୍ଗ ଅଟଇ ଘରଟି ତା'ର
  ଗଣେଶ ବାହନ ଅଟେ ସେ ବୀର
  ନାମଟି ତାହାର କହିବ ଯିଏ
  ସୁନାପିଲା ନିଶ୍ଚେ ହୋଇବ ସିଏ

  ଉ-ମୂଷା

- ଧୋବ ଫରଫର ରୂପଟି ତା'ର
  ଦେଖିବାକୁ ସିଏ ଭାରି ସୁନ୍ଦର
  କଅଁଳ ଘାସରେ ହୁଅଇ ଖୁସି
  ଗାଜର ପାଇଲେ ଖାଏ ସେ ବସି
  ସବୁଠୁଁ କୋମଳ ପଶୁଟେ ସେହି
  ତା' ନାମ କିଏ ସେ ପାରିବ କହି

  ଉ-ଠେକୁଆ

- କଥା କହିବାକୁ ଯାହାର ଲୋଡ଼ା
  ସ୍ୱାଦ ବାରିବାକୁ ଯା'ଦେହ ଗଢ଼ା
  ଆମ ଶରୀରର ଅଟେ ସେ ଅଙ୍ଗ
  ଗୋଲାପି ଦିଶଇ ତାହାରି ରଙ୍ଗ
  ସଭିଙ୍କ ସାଥିରେ ଥାଏ ସେ ରହି
  ଏବେ ଦିଅ ତୁମେ ତା'ନାମ କହି

  ଉ-ଜିଭ



ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୮୯୨୩୦୧୧୪୩

## ବାଣୁଆ ଓ କୁହୁକ ପାତ୍ର



ମଧୁପୁର ବୋଲି ଗାଁ ଟିଏ । ସେଇ ଗାଁରେ ଜଣେ ବାଣୁଆ ରହୁଥିଲା । ଥରେ ସେ ଗାଁରେ ମରୁଡ଼ି ପଡ଼ିଲା । ବାଣୁଆ ଓ ଗାଁ ଲୋକେ ଜଙ୍ଗଲକୁ ଖାଦ୍ୟ ଅନ୍ୱେଷଣରେ ବାହାରି ପଡ଼ିଲେ । ଗାଁରୁ ଜଙ୍ଗଲକୁ ଯିବା ପାଇଁ ଦୁଇଟି ରାସ୍ତା ଥିଲା । ଥରେ ଶିକାର କରିବା ପାଇଁ ବାଣୁଆ ଗୋଟିଏ ରାସ୍ତାରେ ଗଲା । ବାଣୁଆ ସାଥିରେ ନେଇଥାଏ ଧନୁ ତୀର । ବାଣୁଆ ଜଙ୍ଗଲ ଭିତରକୁ କିଛି ବାଟ ଯିବା ପରେ ସେ ଗୋଟିଏ ଗଛ ଦେଖିଲା । ଗଛ ଉପରେ କିଛି ଚଢ଼େଇ ବସିଥିଲେ । ବାଣୁଆ ସେଇ ଚଢ଼େଇମାନଙ୍କୁ ମାରିବା ପାଇଁ ଭାବିଲା । ଏହାପରେ ସେ ଚଢ଼େଇମାନଙ୍କୁ ତୀର ମାରିଲା । କିନ୍ତୁ ଚଢ଼େଇମାନଙ୍କ ଉପରେ ତାହା ବାଜିଲା ନାହିଁ । ସେ ହତାଶ ହୋଇ ଆଗକୁ ଆଗକୁ ମାଡ଼ି ଚାଲିଲା, କିନ୍ତୁ କୌଣସି ଖାଦ୍ୟ ପାଇଲା ନାହିଁ । ଶେଷରେ ସେ ନିରାଶ ହୋଇ ଘରକୁ ଫେରି ଆସିଲା । ତା' ପରଦିନ ପୁଣି ମୁଣିରେ କିଛି ଖୁଦ ଓ ଜାଲ ଧରି ବଣକୁ ବାହାରିଲା । କିଛି ଦୂରରୁ ଦେଖିଲା ଚଢ଼େଇମାନେ ଆସୁଛନ୍ତି । ସେ ଶୀଘ୍ର ଜାଲ ଉପରେ ଖୁଦ ଦେଇ ପଥର ପାଖରେ ଛପି ରହିଲା । ଚଢ଼େଇମାନେ ଖୁଦ ଖାଇବା ପାଇଁ ଲୋଭରେ ଜାଲ ଉପରେ ବସି ପଡ଼ିଲେ । ଜାଲରେ ସେମାନଙ୍କ ଗୋଡ଼ ଛନ୍ଦି ହୋଇଗଲା । ସେମାନେ ଆଉ ଯାଇ ପାରିଲେ ନାହିଁ । ବାଣୁଆ ଚଢ଼େଇମାନଙ୍କୁ ଦେଖି ଖୁସି ହୋଇଗଲା । ସେମାନଙ୍କୁ ଧରି ଘରକୁ ଆସିଲା ଓ ମାରିବାକୁ ମନସ୍ଥ କଲା । ଗୋଟିଏ କଟୁରି ଆଣିଲା । ଚଢ଼େଇମାନେ ଏ ସବୁ ଦେଖୁଥାନ୍ତି । ସେମାନଙ୍କ ମଧ୍ୟରୁ ଗୋଟିଏ ଚଢ଼େଇ କହିଲା– ବାଣୁଆ ଭାଇ, ଯଦି ତୁମେ ଆମମାନଙ୍କୁ ଛାଡ଼ିଦେବ, ତା' ହେଲେ ଆମେ ତମକୁ ଗୋଟିଏ କୁହୁକ ପାତ୍ର ଦେବୁ । ତୁମେ ସେ ପାତ୍ର ଆଗରେ ଯେଉଁ ପଦାର୍ଥର ନାମ କହିବ, ସେହି ପଦାର୍ଥରେ ତାହା ଭରିଯିବ । ଚଢ଼େଇଠାରୁ ବାଣୁଆ ଏପରି କଥା ଶୁଣି 'ହଁ' ମାରିଲା । ବାଣୁଆ ଚଢ଼େଇମାନଙ୍କୁ ମନ ଖୁସିରେ ଛାଡ଼ିଦେଲା ଓ ସେହି କୁହୁକ ପାତ୍ରଟିକୁ ଆଣିଲା । ସେ ଯାହା କହିଲା କୁହୁକ ପାତ୍ରଟି ପୂରଣ ହୋଇ ଯାଉଥିଲା । ସୁନା, ରୁପା ଆଦି ପଦାର୍ଥରେ ଭରପୂର ହୋଇଯାଉଥିଲା ପାତ୍ରଟି । ଏମିତି ବାଣୁଆ ଧୀରେଧୀରେ ଧନୀ ହେବାକୁ ଲାଗିଲା । ଗାଁର ଲୋକମାନେ ତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ବାଣୁଆକୁ ପଚାରିଲେ - ତୁମେ କେମିତି ଗରିବରୁ ଧନୀ ହୋଇଗଲ, ଆମକୁ ଟିକେ କହିବ? ବାଣୁଆ କିଛି ନ ଭାବି ସବୁ ସତକଥା ସେମାନଙ୍କ ଆଗରେ କହିଦେଲା । ଲୋକମାନେ ବାଣୁଆ କଥାରେ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନଙ୍କ ମଧ୍ୟରୁ ଜଣେ ଲୋକର ବହୁତ ଲୋଭ ହେଲା । ଥରେ ସେ ଲୋକ ବାଣୁଆ ଶୋଇଥିବାବେଳେ ରାତିରେ ସେ କୁହୁକ ପାତ୍ରକୁ ଚୋରି କରିବାକୁ ଗଲା । ଏତିକିବେଳେ ବାଣୁଆ ତାକୁ ଧରିପକାଇଲା। ପରଦିନ ସକାଳେ ଗାଁ ଲୋକଙ୍କ ସାହାଯ୍ୟରେ ଚୋରକୁ ଗାଁର ମୁଖିଆ ପାଖକୁ ନେଲା । ମୁଖିଆ ବାଣୁଆଠାରୁ ସବୁ କଥା ଶୁଣି ଚୋରକୁ ଉଚିତ ଦଣ୍ଡ ଦେଲେ । ଚୋର ବିଚରା ସେଇ ଦିନ ଠାରୁ ଆଉ ଚୋରି କରିବି ନାହିଁ ବୋଲି ଶପଥ କଲା । ବାଣୁଆ ଖୁସିରେ ରହିଲା । ସେଇଦିନ ଠାରୁ ଆଉ ପକ୍ଷୀ ଶିକାର କରିବାକୁ ଇଚ୍ଛା କଲା ନାହିଁ । ମନରେ ତା'ର ପକ୍ଷୀମାନଙ୍କ ପ୍ରତି ଦୟାଭାବ ଜାଗ୍ରତ ହେଲା ।■



କନ୍ଦର୍ପ ବେହେରା

ଡଙ୍ଗାଁ, ସମ୍ବଲପୁର,
ମୋ-୭୦୭୭୫୭୯୩୧୭

## ସକାଳ ଶିଶୁ କୁଇଜ୍-୧୧୬

(୧)ଆଫଗାନିସ୍ତାନର ରାଜଧାନୀର ନାମ କ'ଣ?
ଉତ୍ତର : ________

(୨) ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳକୁ କ'ଣ କୁହାଯାଏ?
ଉତ୍ତର : ________

(୩) ସାନ ଘାଗରା ଓ ବଡ଼ ଘାଗରା ଜଳପ୍ରପାତ ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ?
ଉତ୍ତର : ________

(୪) 'ଲାବଣ୍ୟବତୀ' କାବ୍ୟର ରଚୟିତା କିଏ?
ଉତ୍ତର : ________

(୫) ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହୁଏ?
ଉତ୍ତର : ________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

**ଗତ ସପ୍ତାହର କୁଇଜ୍ ବିଜେତା**
- ଆଶୁତୋଷ ପଣ୍ଡା, ପାତ୍ରପଡ଼ା, ଭୁବନେଶ୍ୱର
- ସ୍ନେହଧାରା ସାହୁ, ଅସୁରାଳି, ଭଦ୍ରକ
- ରାଜେଶ କୁମାର ପ୍ରଧାନ, ଅନୁଗୋଳ

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯











ଅନ୍ୱେଷ ଆର୍ଯ୍ୟ ସାହୁ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ ହାଇସ୍କୁଲ
ଖଣ୍ଡଗିରି, ଭୁବନେଶ୍ୱର



ତନ୍ମୟ ଦାସ
ନବମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ୍
ନିମାପଡ଼ା



ଆୟୁଷ୍ମାନ ମିଶ୍ର
ତୃତୀୟ ଶ୍ରେଣୀ
ନାରାୟଣ ସ୍କୁଲ
ପଟିଆ, ଭୁବନେଶ୍ୱର



ନବ୍ୟା ନବେଲି ମହାନ୍ତି
ନବମ ଶ୍ରେଣୀ
ସଲ୍ଟ ଲେକ୍ ଶିକ୍ଷା ନିକେତନ
କଲିକତା

ଟି-୨୦ ବିଶ୍ୱକପ୍‌ରେ ଭାରତୀୟ ଦଳର ସାମର୍ଥ୍ୟ ଓ ଦୁର୍ବଳତା

# ୭ ବ୍ୟାଟରଙ୍କ ଷ୍ଟ୍ରାଇକ୍‌ରେଟ୍ ୧୪୦ ପ୍ଲସ୍, ବୁମ୍‌ରାଙ୍କ ସାଥୀ ଦୁର୍ବଳ

ନୂଆଦିଲ୍ଲୀ, ୩।୫(ଏଜେନ୍ସି)

ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜନ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏକ ୧୫ ଜଣିଆ ପୂର୍ଣ୍ଣ ସାମର୍ଥ୍ୟ ବିଶିଷ୍ଟ ଦଳ ଘୋଷଣା କରିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରେ ଟି-୨୦ ସ୍ପେଶାଲିଷ୍ଟ ତଥା ଯୁବ ବ୍ୟାଟର ରିଙ୍କୁ ସିଂ, ଅଭିଜ୍ଞ ୱିକେଟରକ୍ଷକ ବ୍ୟାଟର ଲୋକେଶ ରାହୁଲଙ୍କୁ ସ୍ଥାନ ମିଳିନାହିଁ। ଅନ୍ୟପଟେ ୱିକେଟରକ୍ଷକ ବ୍ୟାଟର ସଞ୍ଜୁ ସାମସନ ଓ ଦ୍ରୁତ ବୋଲିଂ ଅଲରାଉଣ୍ଡର ଶିବମ୍ ଦୁବେ ଓ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କୁ ଦଳରେ ନିଆଯାଇଛି। ଭଲ ପ୍ରଦର୍ଶନକୁ ପାଥେୟ କରି ଏହି ଖେଳାଳିମାନଙ୍କୁ ଦଳରେ ନିଆଯାଇଛି। ଦଳ ଚୟନ ନେଇ କ୍ରିକେଟ ପଣ୍ଡିତ ଓ ପ୍ରଶଂସକ ମାନେ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଦଳରେ ୬ ବ୍ୟାଟର, ୫ ବୋଲର ଓ ୪ଜଣ ଅଲରାଉଣ୍ଡରଙ୍କୁ ସ୍ଥାନ ମିଳିଛି। ବ୍ୟାଟିଂରେ ଦମ୍ ଥିବା ମନେ ହେଉଥିଲେ ମଧ୍ୟ ଭାରତର ବୋଲିଂ ବିଭାଗ ସେତେଟା ପ୍ରଭାବୀ ମନେ ହେଉ ନାହିଁ। ଯଶପ୍ରୀତ ବୁମ୍‌ରାଙ୍କୁ ସହଯୋଗ କରିବାକୁ ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂଙ୍କ ଭଳି ଦ୍ରୁତ ବୋଲରଙ୍କୁ ସାମିଲ କରାଯାଇଛି। କିନ୍ତୁ ଏହି ଦୁଇ ବୋଲର ପ୍ରଭାବୀ ସାବ୍ୟସ୍ତ ହେବେ ବୋଲି କେତେକ ମନେ କରୁନାହାନ୍ତି। ଘୋଷିତ ଭାରତୀୟ ଦଳର ସାମର୍ଥ୍ୟ ଓ ଦୁର୍ବଳତା ନେଇ ଆଲୋଚନା କରିବା।


ସୂର୍ଯ୍ୟକୁମାର ଯାଦବ


ବିରାଟ କୋହଲି
ରୋହିତ ଶର୍ମା


ଯଶପ୍ରୀତ ବୁମ୍‌ରା

## ଦଳର ସାମର୍ଥ୍ୟ

### ଟି-୨୦ରେ ସବୁଠୁ ସଫଳ ବ୍ୟାଟର ଦଳରେ ସାମିଲ

ସୁପରଷ୍ଟାର ବିରାଟ କୋହଲି ଓ ଅଧିନାୟକ ରୋହିତ ଶର୍ମା ଟି-୨୦ରେ ସବୁଠୁ ସଫଳ ଓ ଅଭିଜ୍ଞ ବ୍ୟାଟର ବିବେଚିତ ହେଉଛନ୍ତି। ଏହି ଦୁଇ ବ୍ୟାଟର ଅନ୍ତର୍ଜାତୀୟ ଟି-୨୦ରେ ସବୁଠାରୁ ଅଧିକ ରନ ସଂଗ୍ରହ କରିଛନ୍ତି।

### ଟି-୨୦ ଶ୍ରେଷ୍ଠ ବୋଲର ଓ ବ୍ୟାଟର ଦଳରେ ରହିଛନ୍ତି

ଯଶପ୍ରୀତ ବୁମ୍‌ରା ଓ ସୂର୍ଯ୍ୟକୁମାର ଯାଦବ ବର୍ତ୍ତମାନ ଟି-୨୦ ଫର୍ମାଟ୍‌ର ଶ୍ରେଷ୍ଠ ବୋଲର ଓ ବ୍ୟାଟର ବିବେଚିତ ହେଉଛନ୍ତି। ଟି-୨୦ ମାନ୍ୟତାରେ ସୂର୍ଯ୍ୟ ନଂ ୧ ସ୍ଥାନରେ ରହିଛନ୍ତି। ସେହିପରି ଏହି ଫର୍ମାଟ୍‌ରେ ବୁମ୍‌ରା ବିଶ୍ୱ ସବୁଠାରୁ ପ୍ରଭାବୀ ଦ୍ରୁତ ବୋଲର ବିବେଚିତ ହେଉଛନ୍ତି। ଚାଇନାମ୍ୟାନ ସ୍ପିନର ଯୁଜବେନ୍ଦ୍ର ଚହଲ ଟି-୨୦ରେ ଅନ୍ୟତମ ଶ୍ରେଷ୍ଠ ସ୍ପିନର ବିବେଚିତ ହେଉଛନ୍ତି।

### ୪ ଅଲରାଉଣ୍ଡର ଦଳରେ ସନ୍ତୁଳନକୁ ଦୃଢ଼ କରିଛନ୍ତି

ଉପ- ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ୍ ଦୁବେ, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କ ଭଳି ବିଶ୍ୱସ୍ତରୀୟ ଅଲରାଉଣ୍ଡର ଦଳରେ ସନ୍ତୁଳନ ଆଣିବା ସହ ଶକ୍ତି ବୃଦ୍ଧି କରିଛନ୍ତି। ଅନ୍ତିମ ଏକାଦଶରେ ଏମାନଙ୍କ ମଧ୍ୟରୁ ୩ଜଣ ସାମିଲ ହେଲେ ଅଧିନାୟକ ରୋହିତଙ୍କୁ ବୋଲିଂ ଓ ବ୍ୟାଟିଂରେ ଅଧିକ ବିକଳ୍ପ ମିଳିପାରିବ।

### ଆଶା ସଞ୍ଚାର କରିଛି ୭ ବ୍ୟାଟରଙ୍କ ଷ୍ଟ୍ରାଇକ୍‌ରେଟ୍

ଦଳରେ ୬ଜଣ କ୍ୱାଲିଟି ବ୍ୟାଟର ଓ ୪ ଜଣ ଅଲରାଉଣ୍ଡର ସାମିଲ ରହିଛନ୍ତି। ଦଳର ୭ ବ୍ୟାଟରଙ୍କ ଷ୍ଟ୍ରାଇକ୍‌ରେଟ୍ ଗତ ଦୁଇବର୍ଷ ମଧ୍ୟରେ ୧୪୦ରୁ ଅଧିକ ରହିଛି। ଏହା ହିଁ ଦଳର ମୁଖ୍ୟ ତାକତ୍ ବା ସାମର୍ଥ୍ୟ। ଏମାନଙ୍କ ମଧ୍ୟରେ ହାର୍ଦ୍ଦିକ, ଜାଡେଜା, ଋଷଭ ପନ୍ତଙ୍କ ଷ୍ଟ୍ରାଇକରେଟ୍ କମ୍ ରହିଥିବା ବେଳେ ଅନ୍ୟମାନଙ୍କର ଅଧିକ ରହିଛି।

## ଦଳର ଦୁର୍ବଳତା

### ପାର୍ଟଟାଇମ ବୋଲର ନାହାନ୍ତି

ଦଳରେ ୪ ବ୍ୟାଟର ଓ ଦୁଇଜଣ ୱିକେଟରକ୍ଷକ ରହିଛନ୍ତି। ୪ଜଣ ବ୍ୟାଟରଙ୍କ ମଧ୍ୟରୁ ଜଣେ ମଧ୍ୟ ପାର୍ଟଟାଇମ ବୋଲିଂ କରିପାରୁନାହାନ୍ତି। ଯଶସ୍ୱୀ ଜୟସ୍ୱାଲ, କୋହଲି ଓ ରୋହିତ ଗତ କିଛିବର୍ଷ ହେବ ଅନ୍ତର୍ଜାତୀୟ କ୍ରିକେଟରେ ବୋଲିଂ କରିନାହାନ୍ତି। କିନ୍ତୁ ଗତଥରର ଚାମ୍ପିଅନ ଇଂଲଣ୍ଡ ଦଳରେ ୭ ଅଲରାଉଣ୍ଡର ସାମିଲ ରହିଛନ୍ତି।

### ଇନ୍-ଫର୍ମ ଫିନିଶରଙ୍କ ଅଭାବ ରହିଛି

ଦଳରେ ମହେନ୍ଦ୍ର ସିଂ ଧୋନିଙ୍କ ଭଳି ଇନ୍‌ଫର୍ମ ଫିନିଶରଙ୍କ ଅଭାବ ରହିଛି। ପନ୍ତ, ହାର୍ଦ୍ଦିକ, ଦୁବେ, ଅକ୍ଷର ଓ ଜାଡେଜାଙ୍କ ମଧ୍ୟରୁ ୩ କିମ୍ବା ୪ଜଣ ଫିନିଶର ଭୂମିକାରେ ଅବତୀର୍ଣ୍ଣ ହେବେ। ବର୍ତ୍ତମାନ ଏମାନଙ୍କ ମଧ୍ୟରୁ କେବଳ ଦୁବେଙ୍କର ଷ୍ଟ୍ରାଇକ୍‌ରେଟ୍ ୧୭୦ରୁ ଅଧିକ ରହିଛି। ବାକି ୪ଜଣଙ୍କ ପ୍ରଦର୍ଶନ ଖାସ୍ ରହିନାହିଁ। ରିଙ୍କୁ ସିଂଙ୍କୁ ଦଳରୁ ବାଦ୍ ଦିଆଯାଇଛି ଓ ଏହାକୁ ନେଇ ଆଲୋଚନା ଚାଲିଛି। ସେ ୧୭୫ରୁ ଅଧିକ ଷ୍ଟ୍ରାଇକ୍‌ରେଟ୍‌ରେ ରନ୍ ସଂଗ୍ରହ କରିଛନ୍ତି।

### ଭାରତର ନିମ୍ନକ୍ରମ ବ୍ୟାଟିଂ ଅର୍ଡର ସବୁଠୁ ଦୁର୍ବଳ

ଭାରତର ନିମ୍ନକ୍ରମ ବ୍ୟାଟିଂ ଅର୍ଡର ସବୁଠୁ ମାମୁଲି ମନେ ହେଉଛି। ଯଦି ଜାଡେଜା ନଂ ୮ରେ ବ୍ୟାଟିଂ କରନ୍ତି ତେବେ କୁଲଦୀପ, ବୁମ୍‌ରା ଓ ଅର୍ଶଦୀପ ଯଥାକ୍ରମେ ୯, ୧୦ ଓ ୧୧ ନଂରେ ବ୍ୟାଟିଂ କରିବେ। ଏହି ୩ ଖେଳାଳିଙ୍କ ବ୍ୟାଟିଂ ଅତ୍ୟନ୍ତ ନିମ୍ନମାନର। ପୁଣି ଟି-୨୦ରେ ଜାଡେଜା ମନ୍ଥର ବ୍ୟାଟିଂ କରିଥାନ୍ତି ଓ ଗୋଟିଏ ଛକା ମାରିବାକୁ ୩୦ଟି ବଲ୍ ଖେଳିଥାନ୍ତି। ପୁଣି ଯଦି ଜାଡେଜା ନଂ ୭ରେ ବ୍ୟାଟିଂ କରନ୍ତି ତେବେ ୫ ଜଣ ନିମ୍ନକ୍ରମ ବ୍ୟାଟର ୧୨ ବଲରୁ ୨୫ ରନ କରିବା ଆଶା ବହୁତ କମ୍।

### ଦ୍ରୁତ ବୋଲିଂରେ ବିକଳ୍ପର ଅଭାବ

ଦ୍ରୁତ ବୋଲିଂରେ ବୁମ୍‌ରାଙ୍କ ସହ ଅର୍ଶଦୀପ ଓ ମହମ୍ମଦ ସିରାଜଙ୍କ ଉପରେ ଗୁରୁ ଦାୟିତ୍ୱ ରହିଛି। ତେଣୁ ଦ୍ରୁତ ବୋଲିଂରେ ପାଣ୍ଡ୍ୟା ହିଁ ଏକମାତ୍ର ବିକଳ୍ପ କହିଲେ ଭୁଲ ହେବ ନାହିଁ। ଅର୍ଶଦୀପ, ପାଣ୍ଡ୍ୟା ଓ ସିରାଜଙ୍କ ଇକୋନୋମୀ ରେଟ୍ ୮ରୁ ଅଧିକ ରହିଛି। ସିରାଜ ଏପର୍ଯ୍ୟନ୍ତ ୧୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ଅଭିଜ୍ଞତା ରହିଛି। ଫଳରେ ବୁମ୍‌ରାଙ୍କୁ ଉପଯୁକ୍ତ ସହାୟତା ଦେବାକୁ ପ୍ରଭାବୀ ବୋଲରଙ୍କ ଅଭାବ ରହିବ।

### ଜୁନ୍ ୨ରୁ ଆରମ୍ଭ ହେବ ବିଶ୍ୱକପ୍

ଆଗାମୀ ଜୁନ୍ ମାସ ୨ ତାରିଖରୁ ଟି-୨୦ ବିଶ୍ୱକପ୍‌ର ଏହି ୯ମ ସଂସ୍କରଣ ଆରମ୍ଭ ହୋଇ ୨୯ରେ ଶେଷ ହେବ। ଜୁନ୍ ୫ରେ ଆୟର୍ଲାଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ୯ ତାରିଖରେ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ସେହିପରି ୧୨ରେ ଆମେରିକା ଓ ୧୫ରେ କାନାଡାକୁ ଭାରତ ଭେଟିବ।

---

ମାଦ୍ରିଦ୍ ଓପନ୍ ଟେନିସ୍

# ସ୍ୱିଆଟେକ୍-ସାବାଲେଙ୍କା ଫାଇନାଲ



ମାଦ୍ରିଦ୍, ୩।୫(ଏଜେନ୍ସି): ଏଠାରେ ଚାଲିଥିବା ମାଦ୍ରିଦ୍ ଓପନ୍ ଏଟିପି ଟୁର ମାଷ୍ଟର୍ସ ୧୦୦୦ ପୁରୁଷ ଓ ଡବ୍ଲ୍ୟୁଟିଏ ୧୦୦୦ ମହିଳା ଟୁର୍ଣ୍ଣାମେଣ୍ଟର ମହିଳା ଏକକ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଶନିବାର ଟାଇଟଲ ପାଇଁ ଫାଇନାଲରେ ଶ୍ରେଷ୍ଠ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ ଓ ଦ୍ୱିତୀୟ ସିଡ୍ ତଥା ଡିଫେଣ୍ଡିଂ ଚାମ୍ପିଅନ ବେଲାରୁଷର ଅରିନା ସାବାଲେଙ୍କା ପରସ୍ପରକୁ ଭେଟିବେ। ଗତବର୍ଷ ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲାରେ ସ୍ୱିଆଟେକ ଓ ସାବାଲେଙ୍କା ମୁହାଁମୁହିଁ ହୋଇଥିଲେ ଓ ଏଥିରେ ବିଜୟୀ ହୋଇ ସାବାଲେଙ୍କା ଟାଇଟଲ ଜିତିଥିଲେ। ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିଅନ ସାବାଲେଙ୍କା ୧-୬, ୭-୫, ୭-୬ ସେଟ୍‌ରେ ଚତୁର୍ଥ ସିଡ୍ ତଥା ଅନ୍ୟତମ ଫେବରାଇଟ୍ ଖେଳାଳି କାଜାଖସ୍ତାନର ଏଲିନା ରିବାକିନାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ପୂର୍ବରୁ ପ୍ରଥମ ସେମି ଫାଇନାଲରେ ସ୍ୱିଆଟେକ ୬-୧, ୬-୩ ସିଧାସଳଖ ସେଟ୍‌ରେ ଆମେରିକାର ୧୮ତମ ସିଡ୍ ମାଡିନସନ କିଜ୍‌ଙ୍କୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ପାଇଁ ଫାଇନାଲ ଟିକଟ୍ ହାସଲ କରିଥିଲେ।

### ଫାଇନାଲରେ ରୁବଲେଭ

ପୁରୁଷ ଏକକରେ ୭ମ ସିଡ୍ ମାନ୍ୟତା ପାଇଥିବା ରୁଷିଆର ଆନ୍ଦ୍ରେ ରୁବଲେଭ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମି ଫାଇନାଲରେ ସେ ୬-୪, ୬-୩ ସିଧାସଳଖ ସେଟ୍‌ରେ ଆମେରିକାର ଦ୍ୱାଦଶ ସିଡ୍ ଖେଳାଳି ଟେଲର ଫ୍ରିଜ୍‌ଙ୍କୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ରବିବାର ଟାଇଟଲ ପାଇଁ ସେ ଫାଇନାଲରେ ଦ୍ୱିତୀୟ ସେମିର ବିଜେତା ୩୦ତମ ସିଡ୍ ଚେକ ଗଣରାଜ୍ୟର ଜିରି ଲେହେକା କିମ୍ବା କାନାଡାର ଫେଲିକ୍ସ ଅଗୁର ଆଲିଆଜିମଙ୍କୁ ଭେଟିବେ। ଡାନିଲ ମେଦଭେଦେଭ ଆଘାତ ସମସ୍ୟା କାରଣରୁ ଓହରିଯିବା ଫଳରେ ଲେହେକା ୱାକ ଓଭର ପାଇଁ ସେମିକୁ ଉଠିଥିଲେ। ଇଟାଲୀର ଜାନିକ ସିନର ହିପ୍ ଇଞ୍ଜୁରି କାରଣରୁ କ୍ୱାର୍ଟରରୁ ଓହରିଯିବା ଫଳରେ ଫେଲିକ୍ସ ୱାକ୍‌ଓଭର ପାଇଁ ସେମିକୁ ଉଠିଥିଲେ।

---

ଜାତୀୟ ମହିଳା ହକି ଲିଗ୍

# ହରିୟାଣା, ମହାରାଷ୍ଟ୍ରର ବିଜୟ

ଭୁବନେଶ୍ୱର, ୩।୫(ସମିସ)




ରାଞ୍ଚିରେ ଚାଲିଥିବା ପ୍ରଥମ ମହିଳା ହକି ଲିଗ୍‌ରେ ଶୁକ୍ରବାର ଖେଳାଯାଇଥିବା ପ୍ରଥମ ଦୁଇଟି ମ୍ୟାଚ୍‌ରେ ହକି ହରିୟାଣା ଓ ହକି ମହାରାଷ୍ଟ୍ର ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ହକି ହରିୟାଣା ୨-୧ ଗୋଲରେ ହକି ମିଜୋରାମକୁ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ହକି ମହାରାଷ୍ଟ୍ର ମଧ୍ୟ ୨-୧ ଗୋଲ ବ୍ୟବଧାନରେ ହକି ବେଙ୍ଗଲକୁ ପରାସ୍ତ କରିଛି। ଏହା ଫଳରେ ଉଭୟ ଦଳ ପୂରା ପଏଣ୍ଟ ପାଇବାରେ ସମର୍ଥ ହୋଇଛି। ସୁଟ୍‌ଆଉଟରେ ମ୍ୟାଚ୍‌ରେ ବିଜେତା ଦଳକୁ ୨ ଓ ପରାଜିତ ଦଳକୁ ଗୋଟିଏ ପଏଣ୍ଟ ମିଳିଥାଏ। ବିଜେତା ଦଳକୁ ପୂରା ୩ ପଏଣ୍ଟ ମିଳିଥିଲାବେଳେ ପରାଜିତ ଦଳକୁ କୌଣସ ପଏଣ୍ଟ ମିଳି ନ ଥାଏ।

ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ମୁକାବିଲାରେ ଓଡ଼ିଶା ନିକଟରୁ ପରାଜିତ ହୋଇଥିବା ହରିୟାଣା ୨-୧ ଗୋଲରେ ମିଜୋରାମକୁ ହରାଇ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ହରିୟାଣା ଅଧିନାୟକ ନୀଲମ ପ୍ରଥମ ଗୋଲଟି ସ୍କୋର କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ପରେ ଭାନଲାଲରିହ୍ଲୁ ମିଜୋରାମ ପକ୍ଷରୁ ଗୋଲଟି ଶୁଝାଇଦେଇଥିଲେ। ଖେଳର ୪୩ତମ ମିନିଟ୍‌ରେ ପିଙ୍କି ଏକ ଫିଲ୍ଡ ଗୋଲ ଦେଇ ଦଳକୁ ୨-୧ରେ ଜିତାଇଥିଲେ। ବେଙ୍ଗଲ ବିପକ୍ଷରେ ମଧ୍ୟ ମହାରାଷ୍ଟ୍ର ଐଶ୍ୱର୍ଯ୍ୟ ଦୁବେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଜମୁନା ଏକ୍କା ଏହାକୁ ଶୁଝାଇଦେଇଥିଲେ। ଖେଳର ୫୪ତମ ମିନିଟ୍‌ରେ ତନୁଶ୍ରୀ ଦିନେଶ କାଦୁ ଫିଲ୍ଡ ଗୋଲ ଦେଇ ଦଳକୁ ଜିତାଇଥିଲେ। ହକି ଇଣ୍ଡିଆ ଆନୁକୂଲ୍ୟରେ ଚାଲିଥିବା ଏହି ହକି ଲିଗ୍ (୨୧ ବର୍ଷରୁ କମ୍)ରେ ଓଡ଼ିଶା ତାହାର ତୃତୀୟ ମ୍ୟାଚ୍ ମଣିପୁର ସହ ଖେଳିଛି। ଏହା ପୂର୍ବରୁ ଦଳ ପ୍ରଥମ ମ୍ୟାଚ୍‌ରେ ଶକ୍ତିଶାଳୀ ହରିୟାଣାକୁ ୪-୧ ଗୋଲରେ ପରାସ୍ତ କରିଥିଲାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ନିକଟରୁ ୩-୨ ସୁଟଆଉଟ ଗୋଲରେ ହାରିଯାଇଥିଲା।

---

ଆଇସିସି ଟେଷ୍ଟ ମାନ୍ୟତା ଅଷ୍ଟ୍ରେଲିଆ ନଂ-୧

# ଦିନିକିଆ ଓ ଟି-୨୦ରେ ଶୀର୍ଷରେ ଭାରତ ସ୍ଥିର

ଦୁବାଇ, ୩।୫(ଏଜେନ୍ସି)




ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ମାନ୍ୟତାରେ ଭାରତକୁ ହଟାଇ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନ ଦଖଲ କରିଛି। ଅଷ୍ଟ୍ରେଲିଆ ଏବେ ୧୨୪ ରେଟିଂ ପଏଣ୍ଟ ହାସଲ କରି ଟେଷ୍ଟ ମାନ୍ୟତାର ୧ ନଂ ସ୍ଥାନ ହାସଲ କରିଛି। ଅନ୍ୟପଟେ ଭାରତ ୧୨୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଇଂଲଣ୍ଡ ୧୦୫ ଓ ଦକ୍ଷିଣ ଆଫ୍ରିକା ୧୦୩ ପଏଣ୍ଟ ସହ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛି। ନ୍ୟୁଜିଲାଣ୍ଡ ୯୬ ପଏଣ୍ଟ ସହ ୫ମ ଓ ପାକିସ୍ତାନ ୮୯ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି। ୨୦୨୦-୨୧ରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ସିରିଜରେ ଭାରତ ୨-୧ରେ ବିଜୟୀ ହୋଇଥିଲା। କିନ୍ତୁ ମାନ୍ୟତାରୁ ଏହି ସିରିଜକୁ ବାଦ୍ ଦେବା ଫଳରେ ଭାରତର ଅବନତୀ ହୋଇଛି। ବାର୍ଷିକ ଅପଡେଟ୍ ପରେ ଭାରତ କିନ୍ତୁ ଦିନିକିଆ ଓ ଟି-୨୦ ମାନ୍ୟତାରେ ପୂର୍ବପରି ଶୀର୍ଷସ୍ଥାନ ବଜାୟ ରଖିଛି।

### ୩ୟରୁ ୯ମ ସ୍ଥାନ ପର୍ଯ୍ୟନ୍ତ ସ୍ଥାନ ଅପରିବର୍ତ୍ତିତ

ଟେଷ୍ଟ ମାନ୍ୟତାରେ ତୃତୀୟରୁ ୯ମ ସ୍ଥାନ ପର୍ଯ୍ୟନ୍ତ କୌଣସି ପରିବର୍ତ୍ତନ ହୋଇନାହିଁ। ଟେଷ୍ଟରେ ଶ୍ରେଷ୍ଠ ୯ଟି ଦଳକୁ ମାନ୍ୟତା ମିଳିଛି। କାରଣ ଆଫଗାନିସ୍ତାନ ଓ ଆୟର୍ଲାଣ୍ଡ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପରିମାଣରେ ଟେଷ୍ଟ ଖେଳି ନ ପାରିବା କାରଣରୁ ଯଥାକ୍ରମେ ୧୧ ଓ ୧୨ତମ ସ୍ଥାନରେ ରହିଛନ୍ତି। ସେହିପରି ଜିମ୍ବାୱେ ଶ୍ରେଷ୍ଠ-୯ରୁ ବାଦ୍ ପଡ଼ିଛନ୍ତି। କାରଣ ଜିମ୍ବାୱେ ଗତ ୩ ବର୍ଷ ମଧ୍ୟରେ କେବଳ ୩ଟି ଟେଷ୍ଟ ହିଁ ଖେଳିଛି। ର୍‌ୟାକିଙ୍ଗ୍ ତାଲିକାରେ ସାମିଲ ହେବାକୁ ହେଲେ ଦଳଗୁଡିକୁ ୩ ବର୍ଷ ମଧ୍ୟରେ ଅତିକମ୍‌ରେ ୮ଟି ଟେଷ୍ଟ ଖେଳିବାକୁ ପଡ଼ିଥାଏ। ୨୦୨୩ ମେ ପୂର୍ବରୁ ଖେଳାଯାଇଥିବା ମ୍ୟାଚଗୁଡିକର ୫୦ ପ୍ରତିଶତ ଓ ପରେ ଖେଳାଯାଇଥିବା ମ୍ୟାଚ୍‌ଗୁଡିକୁ ର୍‌ୟାଙ୍କିଂରେ ସାମିଲ କରାଯାଇଥାଏ।

### ଦିନିକିଆ ମାନ୍ୟତାରେ ଭାରତକୁ ଅଧିକ ୩ ଅଙ୍କ

ଗତ ଦିନିକିଆ ବିଶ୍ୱକପ୍‌ର ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲେ ମଧ୍ୟ ଭାରତର ଅଙ୍କ ସଂଖ୍ୟା ୩ରୁ ୬ ଅଙ୍କକୁ ବୃଦ୍ଧି କରିଛି। ଅର୍ଥାତ ଭାରତ ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆଠାରୁ ଅଧିକ ୬ ପଏଣ୍ଟ ହାସଲ କରି ୧୨୨ ପଏଣ୍ଟ ସହ ଶୀର୍ଷରେ ରହିଛି। ଅଷ୍ଟ୍ରେଲିଆ ୧୧୬ ଅଙ୍କ ସହ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକା ୧୧୨ ଅଙ୍କ ସହ ତୃତୀୟ, ପାକିସ୍ତାନ ୧୦୬ ଅଙ୍କ ସହ ଚତୁର୍ଥ ଓ ନ୍ୟୁଜିଲାଣ୍ଡ ୧୦୧ ପଏଣ୍ଟ ସହ ୫ମ ସ୍ଥାନରେ ରହିଛି। ସେହିପରି ଇଂଲଣ୍ଡ ୯୫ ପଏଣ୍ଟ ସହ ଷଷ୍ଠ, ଶ୍ରୀଲଙ୍କା ୯୩ ପଏଣ୍ଟ ସହ ୭ମ, ବାଂଲାଦେଶ ୮୬ ପଏଣ୍ଟ ସହ ୮ମ, ଆଫଗାନିସ୍ତାନ ୮୦ ପଏଣ୍ଟ ସହ ୯ମ ଓ ୱେଷ୍ଟଇଣ୍ଡିଜ ୬୯ ପଏଣ୍ଟ ସହ ୧୦ମ ସ୍ଥାନରେ ରହିଛି।

### ଟି-୨୦ ମାନ୍ୟତାରେ ଅଷ୍ଟ୍ରେଲିଆ ଦ୍ୱିତୀୟ

ଟି-୨୦ ମାନ୍ୟତାରେ ଭାରତ ୨୬୪ ପଏଣ୍ଟ ପାଇ ଶୀର୍ଷରେ ରହିଥିବା ବେଳେ ଅଷ୍ଟ୍ରେଲିଆ ୨୫୭ ପଏଣ୍ଟ ସହ ଦ୍ୱିତୀୟ, ଇଂଲଣ୍ଡ ୨୫୨ ପଏଣ୍ଟ ସହ ତୃତୀୟ, ଦକ୍ଷିଣ ଆଫ୍ରିକା ୨୫୦ ପଏଣ୍ଟ ସହ ୪ର୍ଥ, ନ୍ୟୁଜିଲାଣ୍ଡ ୨୫୦ ସହ ୫ମ, ୱେଷ୍ଟଇଣ୍ଡିଜ ୨୪୯ ସହ ୬ଷ୍ଠ, ପାକିସ୍ତାନ ୨୪୭ ସହ ୭ମ, ଶ୍ରୀଲଙ୍କା ୨୩୨ ସହ ୮ମ, ବାଂଲାଦେଶ ୨୩୧ ସହ ୯ମ ଓ ଆଫଗାନିସ୍ତାନ ୨୧୭ ପଏଣ୍ଟ ସହ ୧୦ମ ସ୍ଥାନରେ ରହିଛି।

---

# ଇଣ୍ଡିଆନ ଗ୍ରାଁ ପ୍ରି'ରେ ଆଥ୍‌ଲେଟିକ୍ସ ଏଚ୍‌ପିସିର ସଫଳତା


ଲକ୍ଷ୍ମୀପ୍ରିୟା କିଶାନ


ଅନିମେଶ କୁଜୁର


ଲାଲୁପ୍ରସାଦ ଭୋଇ

ଭୁବନେଶ୍ୱର, ୩।୫(ସମିସ)

ବେଙ୍ଗାଲୁରୁରେ ଚାଲିଥିବା ଇଣ୍ଡିଆନ ଗ୍ରାଁ ପ୍ରି'ରେ ଭୁବନେଶ୍ୱରସ୍ଥିତ ରିଲାଏନ୍ସ ଆଥଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ପ୍ରତିଯୋଗୀମାନେ ବିଭିନ୍ନ କାଟାଗୋରୀରେ ସଫଳତା ପାଇଛନ୍ତି। ପ୍ରଥମ ଦିନରେ ୩ଜଣ ସ୍ୱର୍ଣ୍ଣ ଆଉ ଜଣେ କାଂସ୍ୟପଦକ ସହ ୪ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସ୍ୱର୍ଣ୍ଣପଦକ ବିଜେତାମାନେ ହେଲେ ଅନିମେଶ କୁଜୁର, ଲାଲୁପ୍ରସାଦ ଭୋଇ ଓ ଲକ୍ଷ୍ମୀପ୍ରିୟା କିଶାନ। କେବଳ ସୁସ୍ମିତା ଟିଗ୍‌ଗାଙ୍କୁ କାଂସ୍ୟ ପଦକ ମିଳିଛି। କାଟାଗୋରୀ ରେସ୍-ସି'ର ୧୦୦ ମିଟର ଦୌଡ଼ରେ ଅନିମେଶ ୧୦.୫୧ ସେକେଣ୍ଡରେ ଅତିକ୍ରମ କରି ସ୍ୱର୍ଣ୍ଣପଦକ ଜିତିବାରେ ସମର୍ଥ ହୋଇଥିଲେ। ସେହିପରି କାଟାଗୋରୀ-ଏ'ରେ ଲାଲୁପ୍ରସାଦ ଭୋଇ ମଧ୍ୟ ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତ। ଏହା ଛଡ଼ା ମହିଳା ୮୦୦ ମିଟର ଦୌଡ଼ରେ ଲକ୍ଷ୍ମୀପ୍ରିୟା କିଶାନ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଏହି ଦୂରତାକୁ ସେ ୨ମିନିଟ୍ ୧୦.୮୮ ସେକେଣ୍ଡରେ ପୂରଣ କରିଥିଲେ। ଯାହା ଫଳରେ ଆଥଲେଟିକ୍ସ ଏଚ୍‌ପିସିକୁ ୩ଟି ସ୍ୱର୍ଣ୍ଣ ମିଳିଥିଲା। ଏହା ବ୍ୟତୀତ ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ସୁସ୍ମିତା ଟିଗ୍‌ଗା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେ ଏହି ଦୂରତାକୁ ୧୧ ମିନିଟ୍ ୩୧.୪୦ ସେକେଣ୍ଡରେ ଅତିକ୍ରମ କରିଥିଲେ।

# ୧୨ ବର୍ଷ ପରେ ମୁମ୍ବାଇକୁ ହରାଇଲା କୋଲକାତା


ନୁୱାନ ତୁଷାରା


ଯଶପ୍ରୀତ୍ ବୁମ୍ରା

ମୁମ୍ବଇ, ୩।୫(ଏଜେନ୍ସି)

ମିଡିୟମ୍ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ (୪/୩୩)ଙ୍କ ଘାତକ ବୋଲିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍ ଲିଗ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୨୪ ରନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହା ଫଳରେ ୧୨ ବର୍ଷ ପରେ ୱାଙ୍ଖେଡେରେ ଜିତିଥିବା କୋଲକାତା ୭ମ ବିଜୟ (୧୪ପଏଣ୍ଟ) ସହ ପ୍ଲେ ଅଫ୍ ଖେଳିବା ଆଶା ଦୃଢ଼ କରିଛି। ଅନ୍ୟପକ୍ଷରେ ୧୧ଶ ମ୍ୟାଚ୍‌ରୁ ୮ମ ପରାଜୟ ସହ ମୁମ୍ବାଇ ଏକପ୍ରକାର ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି। ମୁମ୍ବାଇରର ଅନୁଷ୍ଠିତ ଏହି ମ୍ୟାଚଟି ବୋଲରଙ୍କ କବ୍‌ଜାରେ ରହିଥିଲା। ଯାହା ଫଳରେ ଚଳିତ ଆଇପିଏଲ୍‌ରେ ପ୍ରଥମର ଉଭୟ ଦଳ ଅଲଆଉଟ ହୋଇଥିଲେ। ଏହି ମ୍ୟାଚ୍‌ରେ ଯଶପ୍ରୀତ୍ ବୁମ୍‌ରା ଓ ନୁୱାନ ତୁଷାରା ୩ଟି ଲେଖାଏଁ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ୱିକେଟ ଅକ୍ତିଆର କରିବା ଫଳରେ ପ୍ରଥମେ ବ୍ୟାଟିଂ କରି କୋଲକାତା ଗୋଟିଏ ବଲ ବାକିଥାଇ ୧୬୯ ରନ୍‌ରେ ଅଲଆଉଟ ହୋଇଥିଲା। କୋଲକାତାର ଭେଙ୍କଟେଶ ଆୟର ୭୦ ଓ ମନୀଷ ପାଣ୍ଡେ ୪୨ ରନ୍ କରିଥିଲେ।

ଜବାବରେ ୧୭୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ଅନୁରୂପ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୮.୫ ଓଭରରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ ୩୫ ବଲ୍‌ରେ ୫୬, ଟିମ୍ ଡେଭିଡ ୨୪, ଇଶାନ କିଶାନ ୧୩ ଓ ରୋହିତ ଶର୍ମା ୧୧ ରନ୍‌ରେ ଆଉଟ ହୋଇଥିଲେ। କୋଲକାତାର ଷ୍ଟାର୍କ ୩୩ ରନ୍‌ରେ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ବରୁଣ ଚକ୍ରବର୍ତ୍ତୀ, ସୁନୀଲ ନାରିନ୍ ଓ ଆନ୍ଦ୍ରେ ରସେଲଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା।

### ସମ୍ମାନ ରଖିଲେ ଭେଙ୍କଟେଶ, ମନୀଷ

ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି କୋଲକାତା ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଥିଲା। ୱାଙ୍ଖେଡେ ପିଚ୍ ପ୍ରଥମଥର ବୋଲରଙ୍କୁ ସହାୟତା ଦେବା ଫଳରେ କୋଲକାତା ପ୍ରଥମ ୩ ଓଭରରେ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ୩ଜଣ ଖେଳାଳି ଯଥା ଫିଲିପ ସଲ୍ଟ (୫), ଅଙ୍ଗକ୍ରିସ୍ ରଘୁବଂଶୀ (୧୩) ଓ ଶ୍ରେୟସ ଆୟର (୬)ଙ୍କ ୱିକେଟ ହରାଇଥିଲା। ଏହି ୩ଜଣ ଖେଳାଳିଙ୍କୁ ତୁଷାରା ଆଉଟ କରିଥିଲେ। ପଞ୍ଚମ ଓଭରରେ ସୁନୀଲ ନାରିନ୍ (୮)ଙ୍କୁ ହାର୍ଦ୍ଦିକ ପାଣ୍ଡ୍ୟା ଓ ୭ମ ଓଭରରେ ରିଙ୍କୁ ସିଂ (୯)ଙ୍କୁ ପୀୟୁଷ ଚାୱଲା ଆଉଟ କରିଥିଲେ। ଦଳ ୫୭ ରନ୍‌ରେ ୫ଜଣ ଖେଳାଳିଙ୍କୁ ହରାଇବା ପରେ ବିପଦରେ ପଡ଼ିଥିଲା। ଏହି ସମୟରେ ଭେଙ୍କଟେଶ ଆୟରଙ୍କୁ ସହାୟତା ଦେବା ଲାଗି ଆଉଜଣେ ବ୍ୟାଟର ମନୀଷ ପାଣ୍ଡେଙ୍କୁ ଇମ୍ପାକ୍ଟ ଖେଳାଳିମାନେ କୋଲକାତା ଆଣିବାକୁ ବାଧ ହୋଇଥିଲା। ପ୍ରଥମଥର ଲାଗି ଖେଳୁଥିବା ମନୀଷ ଓ ଭେଙ୍କଟେଶ ଧୈର୍ଯ୍ୟର ସହ ବ୍ୟାଟିଂ କରି ୬୨ବଲରୁ ୮୩ ରନ୍ ଉଠାଇଥିଲେ। ୧୭ତମ ଓଭରରେ ଚଳିତ ସିଜନରେ ପ୍ରଥମ ମ୍ୟାଚ୍ ଖେଳୁଥିବା ମନୀଷ ୩୧ ବଲ୍‌ରୁ ୨ ଚୌକା ଓ ୨ଛକା ସହ ୪୨ ରନ୍‌ରେ ଆଉଟ ହେବା ପରେ ଦଳ ପୁଣି ବିପଦରେ ପଡ଼ିଥିଲା। ଏପରିକି ଦଳ ଖେଳିଥିବା ଶେଷ ୨୨ଟିବଲରୁ ୨୯ ରନ୍ ଉଠାଇ ଆନ୍ଦ୍ରେ ରସେଲ (୭)ଙ୍କ ସମେତ ଅବଶିଷ୍ଟ ୫ଟି ୱିକେଟ ହରାଇଥିଲା। ଏହା ଫଳରେ କୋଲକାତା ଗୋଟିଏ ବଲ ବାକିଥାଇ ୧୬୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଶେଷ ଖେଳାଳିଭାବେ ଆଉଟ ହୋଇଥିବା ଭେଙ୍କଟେଶ ଆୟର ସର୍ବାଧିକ ୫୨ ବଲ୍ ଖେଳି ୬ ଚୌକା ଓ ୩ ଛକା ସହ ସର୍ବାଧିକ ୭୦ ରନ୍ କରିଥିଲେ। ମୁମ୍ବାଇ ପକ୍ଷରୁ ନୁୱାନ ତୁଷାରା ଓ ଯଶପ୍ରୀତ୍ ବୁମ୍‌ରା ଘାତକ ବୋଲିଂ କରି ୩ଟି ଲେଖାଏଁ ୱିକେଟ ହାସଲ କରିଥିଲେ। ତୁଷାରା ପ୍ରଥମ ୩ଟି ୱିକେଟ ନେବା ପରେ ହାର୍ଦ୍ଦିକ ପାଣ୍ଡ୍ୟା ଆଉ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ଶେଷଭାଗରେ ବୁମ୍‌ରା ଆଉ ୩ଜଣ ଖେଳାଳିଙ୍କୁ ଆଉଟ କରି କୋଲକାତାକୁ ବ୍ୟାକ୍‌ଫୁଟକୁ ଠେଲିଦେଇଥିଲେ।

### ଆଇପିଏଲ୍-୧୭
## ଆଜିର ମ୍ୟାଚ୍

**ବେଙ୍ଗାଲୁରୁ-ଗୁଜରାଟ**

ସ୍ଥାନ- ବେଙ୍ଗାଲୁରୁ, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

## ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୧୦ | ୮ | ୨ | ୧୬ | +୦.୬୨୨ |
| କୋଲକାତା | ୧୦ | ୭ | ୩ | ୧୪ | +୧.୦୯୮ |
| ଲକ୍ଷ୍ନୌ | ୧୦ | ୬ | ୪ | ୧୨ | +୦.୦୯୪ |
| ହାଇଦ୍ରାବାଦ | ୧୦ | ୬ | ୪ | ୧୨ | +୦.୦୭୨ |
| ଚେନ୍ନାଇ | ୧୦ | ୫ | ୫ | ୧୦ | +୦.୬୨୭ |
| ଦିଲ୍ଲୀ | ୧୧ | ୫ | ୬ | ୧୦ | -୦.୪୪୨ |
| ପଞ୍ଜାବ | ୧୦ | ୪ | ୬ | ୮ | -୦.୦୬୨ |
| ଗୁଜରାଟ | ୧୦ | ୪ | ୬ | ୮ | -୧.୧୧୩ |
| ମୁମ୍ବାଇ | ୧୧ | ୩ | ୮ | ୬ | -୦.୩୫୬ |
| ବେଙ୍ଗାଲୁରୁ | ୧୦ | ୩ | ୭ | ୬ | -୦.୪୧୫ |

## ଚେନ୍ନାଇ ଛାଡ଼ିଲେ ମୁସ୍ତାଫିଜୁର

**ଚେନ୍ନାଇ, ୩।୫(ଏଜେନ୍ସି):** ଚେନ୍ନାଇ ସୁପର କିଙ୍ଗସର ଫାଷ୍ଟ ବୋଲର ମୁସ୍ତାଫିଜୁର ରହମନ ସ୍ୱଦେଶ ଫେରିଯାଇଛନ୍ତି। ଜିମ୍ବାୱେ ସହ ଖେଳାଯିବାକୁ ଥିବା ସୀମିତ ଓଭର ସିରିଜ୍‌ରେ ଖେଳିବା ଲାଗି ତାଙ୍କୁ ସ୍ୱଦେଶ ଫେରିବାକୁ ପଡ଼ିଛି। ଏଥିଲାଗି ମହେନ୍ଦ୍ର ସିଂ ଧୋନିଙ୍କ ସହ ଅନ୍ୟ ଖେଳାଳିମାନଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଜର୍ସି ତାଙ୍କୁ ଉପହାର ଭାବେ ପ୍ରଦାନ କରାଯାଇଛି। ଏହାଛଡ଼ା ଜିମ୍ବାୱେ ବିପକ୍ଷ ସିରିଜ୍‌ରେ ସଫଳତା ଲାଗି ଚେନ୍ନାଇ ପକ୍ଷରୁ ତାଙ୍କୁ ଶୁଭକାମନା ଦିଆଯାଇଛି। ଚଳିତ ପ୍ରତିଯୋଗିତାରେ ଚେନ୍ନାଇ ଲାଗି ମୁସ୍ତାଫିଜୁର ୯ଟି ମ୍ୟାଚ ଖେଳି ୧୪ଟି ୱିକେଟ ପାଇଥିଲେ। ସେ ସର୍ବଦା ପ୍ରଥମ ପସନ୍ଦର ଖେଳାଳିଭାବେ ଖେଳିଥିଲେ। ଏହି ଶୁଭେଚ୍ଛା ବାର୍ତ୍ତା ଲାଗି ମୁସ୍ତାଫିଜୁର ମାହୀ ଭାଇ ଓ ଚେନ୍ନାଇର ଅନ୍ୟ ଖେଳାଳିମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପାୱେଲ ୱେଷ୍ଟଇଣ୍ଡିଜ୍ ଅଧିନାୟକ

**ଜର୍ଜଟାଉନ୍, ୩।୫(ଏଜେନ୍ସି):** ଅଲରାଉଣ୍ଡର ରୋଭମାନ ପାୱେଲ ଘରୋଇ ମାଟିରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ୱେଷ୍ଟଇଣ୍ଡିଜ୍ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ଏହି ଦଳରେ ଅଧିକାଂଶ ଖେଳାଳି ଅଲରାଉଣ୍ଡର ଥିଲାବେଳେ କୌଣସି ନୂଆ ଖେଳାଳିଙ୍କୁ ସ୍ଥାନ ମିଳିନାହିଁ। ୨୦୧୨ ଓ ୨୦୧୬ରେ ଟାଇଟଲ ଜିତିଥିବା ୱେଷ୍ଟଇଣ୍ଡିଜ୍ ଗ୍ରୁପ୍-ସି’ରେ ଆଫଗାନିସ୍ତାନ, ନ୍ୟୁଜିଲାଣ୍ଡ ଓ ପାପୁଆ ନ୍ୟୁ ଗିନି ସହ ସ୍ଥାନ ପାଇଛି। ଜୁନ୍ ୨ରେ ପାପୁଆ ନ୍ୟୁ ଗିନି ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

**ଘୋଷିତ ଦଳ:** ରୋଭମାନ ପାୱେଲ (ଅଧିନାୟକ), ଆଲଜରି ଯୋଶେଫ, ଜନ୍‌ସନ ଚାର୍ଲସ, ରୋଷ୍ଟୋନ ଚେଜ୍, ସିମରନ ହେଟମାୟର, ଜେସନ ହୋଲ୍ଡର, ସାଇ ହୋପ୍, ଆକିଲ ହୋସେନ, ଶାମରା ଯୋଶେଫ୍, ବ୍ରାଣ୍ଡନ କିଙ୍ଗ୍, ଗୁଡକେଶ ମୋତି, ନିକୋଲସ ପୂରନ, ଆନ୍ଦ୍ରେ ରସେଲ, ଶେର୍ଫାନ ରଦରଫୋର୍ଡ ଓ ରୋମାରିଓ ସେଫର୍ଡ।

## ଫିକ୍ସିଂ: ଡେଭନ ଥୋମାସ ୫ ବର୍ଷ ବାସନ୍ଦ

**ଦୁବାଇ, ୩।୫(ଏଜେନ୍ସି):** ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ୱେଷ୍ଟଇଣ୍ଡିଜ କ୍ରିକେଟର ଡେଭନ ଥାମାସଙ୍କୁ ୫ ବର୍ଷ ବାସନ୍ଦ କରିଛି। ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ତାଙ୍କୁ ଆଇସିସି ଦଣ୍ଡିତ କରିଛି। ସେ ୱେଷ୍ଟଇଣ୍ଡି ପାଇଁ ୩ଟି ଫର୍ମାଟରେ ମ୍ୟାଚ୍ ଖେଳିଛନ୍ତି। ସେ ୱେଷ୍ଟଇଣ୍ଡିଜ ପାଇଁ ଗୋଟିଏ ଟେଷ୍ଟ, ୨୧ ଦିନିକିଆ ଓ ୧୨ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ ଓ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) କ୍ରିକେଟ ଲିଗ୍‌ରେ ଥୋମାସ ଫିକ୍ସିଂ କରିଥିବାର ଅଭିଯୋଗ ହୋଇଥିଲା। ୩୪ ବର୍ଷୀୟ ଥୋମାସ ମଧ୍ୟ ଏହି ଅଭିଯୋଗକୁ ସ୍ୱୀକାର କରିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର